# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ଅଗଷ୍ଟ ୨୦/୨୦୨୫ (୧୪ ପୃଷ୍ଠା) | Bhubaneswar, Wednesday, August 20/2025 | Page 14 | ₹ 7.00 | BALASORE

୫୧ଶ ଭାଗ ୨୬୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 265 | ମୂଲ୍ୟ₹୭/-








Celebrating
60
Years of
Anokha Swad
KP GROUP
DIAMOND JUBILEE
KAMLA PASAND ®
Celebrating
60
YEARS
अनोखा स्वाद
No Tobacco, No Nicotine
• Not recommended for minors
• Chewing of pan masala is injurious to health

ଧରିତ୍ରୀ 51 Years
ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ଅଗଷ୍ଟ ୨୦/୨୦୨୫ | Bhubaneswar, Wednesday, August 20/2025 | ପୃଷ୍ଠା-୧



**ଗିଲ୍ ଉପ-ଅଧିନାୟକ**
ଏସିଆ କପ୍ ଲାଗି ଭାରତୀୟ କ୍ରିକେଟ ଦଳର ଉପ-ଅଧିନାୟକ ଭାବେ ମନୋନୀତ ହୋଇଛନ୍ତି ଶୁବମନ ଗିଲ୍। ୧୨

୦୮ **‘ଥାମା’ରେ ଆୟୁଷ୍ମାନ-ରଶ୍ମିକା ରୋମାନ୍ସ**
ଅଭିନେତା ଆୟୁଷ୍ମାନ ଖୁରାନା ଓ ଅଭିନେତ୍ରୀ ରଶ୍ମିକା ମନ୍ଦାନାଙ୍କ ‘ଥାମା’ ଫିଲ୍ମର ଟିଜରକୁ ମଙ୍ଗଳବାର ଜାରି କରାଯାଇଛି।



# ଭୁବନେଶ୍ୱର ବାଇପାସ୍‌କୁ କେନ୍ଦ୍ରର ମଞ୍ଜୁରୀ

## ରାମେଶ୍ୱରରୁ ଟାଙ୍ଗୀ ୧୧୧ କି.ମି.ର ୬ ଲେନ୍ ରାସ୍ତା ପାଇଁ ୮,୩୦୮ କୋଟି

**ଖୋର୍ଦ୍ଧା ଜିଲା ରାମେଶ୍ୱରଠାରୁ କଟକ ଟାଙ୍ଗୀ ପର୍ଯ୍ୟନ୍ତ ପ୍ରସ୍ତାବିତ ୬ ଲେନ୍ ବିଶିଷ୍ଟ ଭୁବନେଶ୍ୱର ବାଇପାସ୍ ପ୍ରକଳ୍ପକୁ ମଙ୍ଗଳବାର କେନ୍ଦ୍ର କ୍ୟାବିନେଟ୍‌ର ମଞ୍ଜୁରୀ ମିଳିଛି। ନିର୍ମାଣ ହେବାକୁ ଥିବା ପ୍ରାୟ ୧୧୧ କି.ମି.ର ଏହି ରାସ୍ତା ପାଇଁ ୮,୩୦୮ କୋଟି ଟଙ୍କା ଖର୍ଚ୍ଚ ହେବ। ଏହି ପ୍ରକଳ୍ପ କଟକ, ଭୁବନେଶ୍ୱର ଓ ଖୋର୍ଦ୍ଧା ସହରରୁ ପୂର୍ବାଞ୍ଚଳର ଅନ୍ୟ ରାଜ୍ୟଗୁଡ଼ିକୁ ଭାରି ବାଣିଜ୍ୟିକ ଯାନ ଯାତାୟାତର ଦୂରତା ହ୍ରାସ କରିବ। ଏଥିସହ ଆଞ୍ଚଳିକ ଅର୍ଥନୈତିକ ଅଭିବୃଦ୍ଧିରେ ମଧ୍ୟ ଏହା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ଆଶା କରାଯାଉଛି।**



ଭୁବନେଶ୍ୱର ବାଇପାସ୍‌ର ପ୍ରସ୍ତାବିତ କରିଡର୍ ମାନଚିତ୍ର।

ନୂଆଦିଲ୍ଲୀ/ଭୁବନେଶ୍ୱର,୧୯।୮ (ପି.ଟି./ରବିନାରାୟଣ ଜେନା)

ଓଡ଼ିଶାରେ ୬ ଲେନ୍‌ବିଶିଷ୍ଟ ପ୍ରବେଶ-ନିୟନ୍ତ୍ରିତ ରାଜଧାନୀ ଅଞ୍ଚଳ ରିଂ ରୋଡ୍ (ଭୁବନେଶ୍ୱର ବାଇପାସ୍) ନିର୍ମାଣ ପ୍ରସ୍ତାବକୁ କେନ୍ଦ୍ର କ୍ୟାବିନେଟ୍ ମଞ୍ଜୁରୀ ପ୍ରଦାନ କରିଛି। ହାଇବ୍ରିଡ୍ ଆନୁଇଟି ମୋଡ୍ (ଏଚ୍ଏଏମ୍)ରେ ନିର୍ମାଣ ହେବାକୁଥିବା ଏହି ୧୧୦.୦୮୭୫ କି.ମି. ବାଇପାସ୍ ପ୍ରକଳ୍ପ ପାଇଁ ୮,୩୦୭.୭୪ କୋଟି ଟଙ୍କା ବ୍ୟୟ ହେବ ବୋଲି ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ମଙ୍ଗଳବାର ସୂଚନା ଦେଇଛନ୍ତି।

ମନ୍ତ୍ରୀ ବୈଷ୍ଣବଙ୍କ ସୂଚନା ଅନୁଯାୟୀ, ଏହି ବାଇପାସ୍ ନିର୍ମାଣ ହେଲେ କଟକ, ଭୁବନେଶ୍ୱର ଏବଂ ଖୋର୍ଦ୍ଧାରୁ ଓଜନ୍‌ଦାର ବ୍ୟବସାୟିକ ଯାନଗୁଡ଼ିକୁ ଉକ୍ତ ରୋଡ୍‌ରେ ଛଡ଼ାଯିବା ଦ୍ୱାରା ଗାଡ଼ିମୋଟର ଭିଡ଼ ଯଥେଷ୍ଟ ପରିମାଣରେ ହ୍ରାସ ପାଇବ ବୋଲି ଆଶା କରାଯାଉଛି। ଏଥିସହିତ ମାଲ୍ ପରିବହନ କ୍ଷମତା ବଢ଼ିବ ଏବଂ ଲଜିଷ୍ଟିକ୍ ଖର୍ଚ୍ଚ କମ୍ ହେବ। ପ୍ରସ୍ତାବିତ ପ୍ରକଳ୍ପ ସହ ୩ଟି ପ୍ରମୁଖ ଜାତୀୟ ରାଜପଥ (ଏନ୍ଏଚ୍-୫୫, ୫୭ ଏବଂ ୬୫୫) ଓ ଗୋଟିଏ ରାଜ୍ୟ ରାଜପଥ (ଏସ୍ଏଚ୍-୬୫) ସଂଯୋଗ ହେବ। ଫଳରେ ଓଡ଼ିଶାର ଗୁରୁତ୍ୱପୂର୍ଣ୍ଣ ଅର୍ଥନୈତିକ, ସାମାଜିକ ଓ ଲଜିଷ୍ଟିକ୍ ହବ୍‌କୁ ଏହା ଅବାଧ ସଂଯୋଗ ସୁନିଶ୍ଚିତ କରିବ।

ସମ୍ପ୍ରତି ରାମେଶ୍ୱରରୁ ଟାଙ୍ଗୀ ଜାତୀୟ ରାଜପଥରେ ଅତ୍ୟଧିକ ଟ୍ରାଫିକ୍ ଭିଡ଼ ହେଉଛି। ଏହି ସମସ୍ୟାର ସମାଧାନ ଲାଗି ୬ ଲେନ୍‌ବିଶିଷ୍ଟ ଭୁବନେଶ୍ୱର ବାଇପାସ୍ ନିର୍ମାଣ ପ୍ରସ୍ତାବ ରଖାଯାଇଥିଲା। ଏହି ଉନ୍ନତ କରିଡର ଏକ ବୃହତ୍ ରେଳଷ୍ଟେଶନ, ବିମାନବନ୍ଦର, ପ୍ରସ୍ତାବିତ ମଲ୍ଟିମୋଡାଲ ଲଜିଷ୍ଟିକ୍ ପାର୍କ (ଏମ୍ଏମ୍ଏଲ୍‌ପି) ଏବଂ ୨ଟି ବୃହତ୍ ବନ୍ଦରକୁ ସଂଯୋଗ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବ। ଏହାସହିତ ଉନ୍ନତ କରିଡର ୧୦ଟି ଅର୍ଥନୈତିକ ନୋଡ୍, ୪ଟି ସାମାଜିକ ନୋଡ୍ ଏବଂ ୫ଟି ଲଜିଷ୍ଟିକ୍ ନୋଡ୍‌କୁ ସଂଯୋଗ କରି ମଲ୍ଟି-ମୋଡାଲ୍ ସମନ୍ୱୟକୁ ବୃଦ୍ଧି କରିବ। ଫଳରେ ଉକ୍ତ ଅଞ୍ଚଳରେ ଦ୍ରବ୍ୟ ଓ ଯାତ୍ରୀ ପରିବହନ ତ୍ୱରାନ୍ୱିତ ହୋଇପାରିବ। ପ୍ରକଳ୍ପ ନିର୍ମାଣ ସମ୍ପୂର୍ଣ୍ଣ ହେଲେ ଆଞ୍ଚଳିକ ଅର୍ଥନୈତିକ ଅଭିବୃଦ୍ଧିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇବା ସହ ପ୍ରମୁଖ ଅଞ୍ଚଳ, ଅର୍ଥନୈତିକ କେନ୍ଦ୍ର ମଧ୍ୟ ସଂଯୋଗକୁ ସୁଦୃଢ଼ କରିବ। ଏହି ପ୍ରକଳ୍ପ କଟକ, ଭୁବନେଶ୍ୱର ଏବଂ ଖୋର୍ଦ୍ଧା ସହରରୁ ଭାରି ବାଣିଜ୍ୟିକ ଯାତାୟାତକୁ ଦୂରେଇ ନେଇ ଓଡ଼ିଶା ଏବଂ ଅନ୍ୟାନ୍ୟ ପୂର୍ବ ରାଜ୍ୟଗୁଡ଼ିକୁ ଗୁରୁତ୍ୱପୂର୍ଣ୍ଣ ଲାଭ ପ୍ରଦାନ କରିବ। ଏଥିସହିତ ବାଣିଜ୍ୟ ଓ ଶିଳ୍ପ ବିକାଶ ପାଇଁ ନୂଆ ମାର୍ଗ ଖୋଲିବ। ଏହି ପ୍ରକଳ୍ପ ଶେଷହେଲେ ଦିନକୁ ପ୍ରାୟ ୭୪.୪୩ ଲକ୍ଷ ପ୍ରତ୍ୟକ୍ଷ ଏବଂ ୯୩.୦୪ ଲକ୍ଷ ପରୋକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟିହେବ ଏବଂ ଆଖପାଖ ଅଞ୍ଚଳରେ ଅଭିବୃଦ୍ଧି, ବିକାଶ ଏବଂ ସମୃଦ୍ଧିର ନୂତନ ରାସ୍ତା ଖୋଲିବ ବୋଲି କେନ୍ଦ୍ର ସରକାରଙ୍କ ପକ୍ଷରୁ ଜାରି ବିବୃତିରେ କୁହାଯାଇଛି।

ଭୁବନେଶ୍ୱର ବାଇପାସ୍ ପ୍ରକଳ୍ପକୁ ମଞ୍ଜୁରୀ ପ୍ରଦାନ କରିଥିବାରୁ କେନ୍ଦ୍ର ସରକାରଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଧନ୍ୟବାଦ ଜଣାଇଛନ୍ତି। ଏହା ଏକ ଐତିହାସିକ ଭିତ୍ତିଭୂମି ଉପକ୍ରମ, ଯାହା ବୃହତ୍ ସହରାଞ୍ଚଳ କେନ୍ଦ୍ରଗୁଡ଼ିକୁ ଗହଳିମୁକ୍ତ କରିବା ସହ ଆର୍ଥିକ ଅଭିବୃଦ୍ଧିରେ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ୬ ଲେନ୍‌ବିଶିଷ୍ଟ ଭୁବନେଶ୍ୱର ବାଇପାସ୍ ନିର୍ମାଣକୁ ମଞ୍ଜୁରୀ ପ୍ରଦାନ କରାଯାଇଥିବାରୁ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ କେନ୍ଦ୍ର ସଡ଼କ ପରିବହନ ଓ ଜାତୀୟ ରାଜପଥ ମନ୍ତ୍ରୀ ନୀତୀନ ଗଡ଼କରୀଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ସୁଦର୍ଶନ ରେଡ୍ଡୀ ଇଣ୍ଡିଆ ବ୍ଲକ୍‌ର ଉପରାଷ୍ଟ୍ରପତି ପ୍ରାର୍ଥୀ


ବି. ସୁଦର୍ଶନ ରେଡ୍ଡୀ

ନୂଆଦିଲ୍ଲୀ,୧୯।୮(ପି.ଟି.)

ଶାସକ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ମହାରାଷ୍ଟ୍ର ରାଜ୍ୟପାଳ ତଥା ଭାଜପାର ବରିଷ୍ଠ ନେତା ସି.ପି. ରାଧାକ୍ରିଷ୍ଣନଙ୍କୁ ଉପରାଷ୍ଟ୍ରପତି ପ୍ରାର୍ଥୀ କରିବାର ୨ ଦିନ ପରେ ବିରୋଧୀ ଇଣ୍ଡିଆ ବ୍ଲକ୍ ପକ୍ଷରୁ ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ବି. ସୁଦର୍ଶନ ରେଡ୍ଡୀଙ୍କୁ ପ୍ରାର୍ଥୀ କରାଯାଇଛି। କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ମଙ୍ଗଳବାର ଏହା ଘୋଷଣା କରିଛନ୍ତି। ସେ ୨୧ ତାରିଖରେ ନାମାଙ୍କନପତ୍ର ଦାଖଲ କରିବେ। ଏହା ପୂର୍ବରୁ ମିଳିତ ବିରୋଧୀ ଦଳ ବୁଧବାର ଅପରାହ୍ଣରେ ସମ୍ବିଧାନ ସଦନର ସେଣ୍ଟ୍ରାଲ୍ ହଲ୍‌ରେ ଏକ ବୈଠକରେ ଯୋଗଦେବେ ବୋଲି ଜଣାପଡ଼ିଛି। ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ୍ ରେଡ୍ଡୀ ଗୋଆର ପ୍ରଥମ ଲୋକାୟୁକ୍ତ ହେବା ସହ ହାଇଦ୍ରାବାଦସ୍ଥିତ ଇଣ୍ଟରନ୍ୟାଶନାଲ ଆର୍ବିଟ୍ରେଶନ ଆଣ୍ଡ୍ ମିଡିଏଶନ ସେଣ୍ଟରର ଟ୍ରଷ୍ଟି ବୋର୍ଡରେ ରହିଥିଲେ। ବିରୋଧୀ ଦଳଗୁଡ଼ିକ ମିଳିତ ପ୍ରାର୍ଥୀ ଦେବା ପାଇଁ ପୂର୍ବରୁ ସର୍ବସମ୍ମତ ନିଷ୍ପତ୍ତି ନେଇଥିଲେ। ଜଷ୍ଟିସ୍ ସୁଦର୍ଶନଙ୍କୁ ପ୍ରାର୍ଥୀ କରିବା ପାଇଁ ସମସ୍ତ ବିରୋଧୀ ଦଳ ସହମତ ହୋଇଥିବାରୁ ଏହା ଗଣତନ୍ତ୍ର ପାଇଁ ଏକ ବଡ଼ ସଫଳତା ବୋଲି ଖାର୍ଗେ କହିଛନ୍ତି। ଯେତେବେଳେ ଗଣତନ୍ତ୍ର ଓ ସମ୍ବିଧାନ ଆକ୍ରମଣର ସମ୍ମୁଖୀନ ହୁଏ, ସେତେବେଳେ ବିରୋଧୀ ଦଳଗୁଡ଼ିକ ଏକାଠି ହୋଇ ଏହା ବିରୋଧରେ ଲଢ଼ିଥାନ୍ତି। ଉପରାଷ୍ଟ୍ରପତି ନିର୍ବାଚନରେ ଆମେ ଜଣେ ଭଲ ପ୍ରାର୍ଥୀ ଦେବାକୁ ନିଷ୍ପତ୍ତି ନେଇଥିଲୁ। ଜଷ୍ଟିସ୍ ରେଡ୍ଡୀ ଭାରତର ଅନ୍ୟତମ ସବୁଠୁ ପ୍ରତିଷ୍ଠିତ ଓ ପ୍ରଗତିଶୀଳ ନ୍ୟାୟବିତ୍ ବୋଲି କଂଗ୍ରେସ ନେତା କହିଛନ୍ତି। ସୂଚନାଯୋଗ୍ୟ, ଜୁଲାଇ ୨୧ରେ ସଂସଦର ମୌସୁମୀ ଅଧିବେଶନ ଆରମ୍ଭ ଦିନ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ** ଲିଭିଂ ଲାବ୍

# ଏସ୍‌ଆଇଆର୍: ବିକଳ୍ପ ହେବ ବିଏଲ୍‌ଓ ରିପୋର୍ଟ

ଭୁବନେଶ୍ୱର,୧୯।୮(ରବିନାରାୟଣ ଜେନା)

ଓଡ଼ିଶାରେ ଆସନ୍ତା ସେପ୍ଟେମ୍ବରରୁ ହେବାକୁ ଥିବା ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍)ବେଳେ ଏଥିରୁ ଯେମିତି ଜଣେ ହେଲେ ଯୋଗ୍ୟ ନାଗରିକ ବାଦ୍ ନ ପଡ଼ିବେ ତାକୁ ଗୁରୁତ୍ୱ ଦିଆଯିବ। ଭାରତର ନିର୍ବାଚନ ଆୟୋଗଙ୍କ ପକ୍ଷରୁ ପ୍ରଦତ୍ତ ୧୧ଟି ପରିଚୟ ପତ୍ରରୁ ଯେକୌଣସି ଗୋଟିଏ କିମ୍ବା ବୁଥ୍‌ସ୍ତରୀୟ ଅଧିକାରୀ(ବିଏଲ୍‌ଓ)ଙ୍କ ସୁପାରିସ ଏବଂ ଇଲେକ୍ସନ ରିଟର୍ନିଂ ଅଫିସର(ଇଆର୍‌ଓ) ସବ୍ କଲେକ୍ଟରଙ୍କ ରିପୋର୍ଟକୁ ଭୋଟର ସଂଶୋଧନ ବେଳେ ଗ୍ରହଣ କରାଯିବ ବୋଲି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଆର. ସନ୍ତ ଗୋପାଳନ ସ୍ପଷ୍ଟ କରିଛନ୍ତି।

ଆଗାମୀ ଦିନରେ ଏସ୍‌ଆଇଆର୍ ପାଇଁ ଓଡ଼ିଶା କିଭଳି ପ୍ରସ୍ତୁତ ରହିଛି ସେ ସମ୍ପର୍କରେ ସିଇଓ ଗୋପାଳନ କହିଛନ୍ତି, ନିର୍ବାଚନ ପ୍ରକ୍ରିୟା ସବୁବେଳେ ଜାରି ରହିଛି। କେତେବେଳେ ନୂତନ ଭୋଟର ସାମିଲ ହେଉଛନ୍ତି ତ ଆଉ କେତେବେଳେ ବିଭିନ୍ନ କାରଣ(ଯଥା ମୃତ୍ୟୁ କିମ୍ବା ଅନ୍ୟତ୍ର ଭୋଟର ତାଲିକାରେ ନାଁ ଥିଲେ)ରୁ ତାଲିକାରୁ ବାଦ୍ ପଡୁଛନ୍ତି। ପ୍ରତି ତିନିମାସରେ ଏହାର ରିପୋର୍ଟ ପ୍ରସ୍ତୁତ କରାଯାଇଥାଏ। ଓଡ଼ିଶାରେ ଦୀର୍ଘ ୨୪ବର୍ଷ ପରେ ହେବାକୁ ଯାଉଥିବା ଏସ୍‌ଆଇଆର୍ ଲାଗି ନିର୍ବାଚନ ଆୟୋଗଙ୍କ ପକ୍ଷରୁ ଏଯାବତ୍ ସ୍ୱତନ୍ତ୍ର ବିଜ୍ଞପ୍ତି ଜାରି ହୋଇନାହିଁ। ତେବେ ଆୟୋଗଙ୍କ ପୂର୍ବ ନିର୍ଦ୍ଦେଶ ଅନୁଯାୟୀ ୧୧ ପରିଚୟପତ୍ର ସହିତ ସିଇଓଙ୍କ କାର୍ଯ୍ୟାଳୟ ପକ୍ଷରୁ ଆଉ ୨ଟି ପ୍ରମାଣପତ୍ରକୁ ପରିଚୟପତ୍ର ତାଲିକାରେ ସଂଯୁକ୍ତ କରିବାକୁ ପ୍ରସ୍ତାବ ରହିଛି। ଏନେଇ ଜିଲାସ୍ତର ଅଧିକାରୀଙ୍କଠାରୁ ପ୍ରସ୍ତାବ ଲୋଡ଼ାଯାଇଛି। ସେଥିମଧ୍ୟରେ ସାମାଜିକ ଅର୍ଥନୈତିକ ପଛୁଆ ବର୍ଗ(ଏସ୍‌ଇବିସି) ଏବଂ ରାଜ୍ୟ ସରକାରଙ୍କ ଦ୍ୱାରା ଭୂମିହୀନଙ୍କୁ ପ୍ରଦତ୍ତ ଲିଜ୍ ପଟ୍ଟାକୁ ସାମିଲ କରାଯିବାକୁ ପ୍ରାଥମିକ ପର୍ଯ୍ୟାୟରେ ରହିଛି। ଏହି ପ୍ରସ୍ତାବକୁ ସିଇଓ କାର୍ଯ୍ୟାଳୟ ଅନୁଧ୍ୟାନ କରୁଛି। ଏହାବାଦ୍ ଜଣେ ଯୋଗ୍ୟ ନାଗରିକ କିଭଳି ବାଦ୍ ନ ପଡ଼ିବ(ଯାହାଙ୍କ ପାଖରେ ଘରଦ୍ୱାର କିମ୍ବା ଆୟୋଗଙ୍କ ପକ୍ଷରୁ ପ୍ରଦତ୍ତ ୧୧ଟି ପ୍ରମାଣପତ୍ରରୁ କିଛି ନଥିବ) ସେକ୍ଷେତ୍ରରେ ବୁଥ୍‌ସ୍ତରୀୟ ଅଧିକାରୀ(ବିଏଲ୍‌ଓ)ଙ୍କୁ ନିର୍ବାଚନ ଆଇନରେ ସ୍ୱତନ୍ତ୍ର ନିର୍ଦ୍ଦେଶ ରହିଛି। ବିଏଲ୍‌ଓମାନେ ସମ୍ପୃକ୍ତ ବ୍ୟକ୍ତିଙ୍କ ରହିବା ସ୍ଥାନ ପରିଦର୍ଶନ କରି ଇଆର୍‌ଓଙ୍କୁ ବିସ୍ତୃତ ରିପୋର୍ଟ ପ୍ରଦାନ କରିବେ। ଇଆର୍‌ଓ ଉକ୍ତ ରିପୋର୍ଟକୁ ଅନୁଧ୍ୟାନ କରି ସ୍ୱୀକୃତି ଦେଲେ ସମ୍ପୃକ୍ତ ବ୍ୟକ୍ତି ଭୋଟରତାଲିକାରେ ଯୋଡ଼ି ହୋଇପାରିବେ। ଏଥିପାଇଁ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଆଉ ଅନ୍ୟ କୌଣସି ଦସ୍ତାବିଜ୍ ପାଇଁ ହଇରାଣ ହରକତ ହେବାକୁ ପଡ଼ିବ ନାହିଁ। ତେବେ ଆବଶ୍ୟକସ୍ଥଳେ ନିର୍ବାଚନ ଆୟୋଗଙ୍କ ପକ୍ଷରୁ ପ୍ରଦତ୍ତ ୧୧ଟି ପରିଚୟପତ୍ର ମଧ୍ୟରୁ କେତେକ ପରିଚୟପତ୍ରକୁ ବାଦ୍ ଦେବାପାଇଁ ପ୍ରସ୍ତାବ ଦିଆଯାଇପାରେ। ତେବେ ଏସ୍‌ଆଇଆର୍ ବେଳେ ବାଂଲାଦେଶ କିମ୍ବା ଅନ୍ୟ ଦେଶରୁ ଆସି ଓଡ଼ିଶାରେ ବସବାସ କରୁଥିବା ଲୋକ କିମ୍ବା ରୋହିଙ୍ଗ୍ୟା ତଥା ☞ପୃଷ୍ଠା-୨

# ମନିକା ବିଶ୍ୱକର୍ମା ମିସ୍ ୟୁନିଭର୍ସ ଇଣ୍ଡିଆ




ଜୟପୁର, ୧୯।୮

ରାଜସ୍ଥାନର ମନିକା ବିଶ୍ୱକର୍ମା (୨୨) ‘ମିସ୍ ୟୁନିଭର୍ସ ଇଣ୍ଡିଆ ୨୦୨୫’ର ଟାଇଟଲ ହାସଲ କରିଛନ୍ତି। ସୋମବାର ରାତିରେ ଜୟପୁରରେ ଚାଲିଥିବା ଗ୍ରାଣ୍ଡ ଫିନାଲେ କାର୍ଯ୍ୟକ୍ରମରେ ୪୭ ଜଣ ଫାଇନାଲିଷ୍ଟଙ୍କୁ ପଛରେ ପକାଇ ମନିକା ବିଜେତା ଘୋଷିତ ହୋଇଛନ୍ତି। ଗତବର୍ଷର ଟାଇଟଲ ବିଜେତା ରିୟା ସିଂଘା ମନିକାଙ୍କୁ ମିସ୍ ୟୁନିଭର୍ସ ଇଣ୍ଡିଆ ମୁକୁଟ ପିନ୍ଧାଇଛନ୍ତି। ଆସନ୍ତା ନଭେମ୍ବର ୨୧ରେ ଥାଇଲାଣ୍ଡର ନନ୍ଥାବୁରିରେ ଅନୁଷ୍ଠିତ ହେବାକୁଥିବା ୭୪ତମ ମିସ୍ ୟୁନିଭର୍ସ ପ୍ରତିଯୋଗିତାରେ ମନିକା ଭାରତର ପ୍ରତିନିଧିତ୍ୱ କରିବେ। ‘ମିସ୍ ୟୁନିଭର୍ସ ଇଣ୍ଡିଆ ୨୦୨୫’ରେ ଉତ୍ତରପ୍ରଦେଶର ତାନ୍ୟା ଶର୍ମା ପ୍ରଥମ ରନରଅପ୍ ହୋଇଥିବାବେଳେ ହରିୟାଣାର ମେହକ୍ ଢିଙ୍ଗ୍ରା ଦ୍ୱିତୀୟ ରନରଅପ୍ ହୋଇଛନ୍ତି।

ମନିକା ରାଜସ୍ଥାନର ଶ୍ରୀ ଗଙ୍ଗାନଗର ନିବାସୀ ହୋଇଥିବାବେଳେ ସମ୍ପ୍ରତି ସେ ଦିଲ୍ଲୀରେ ରହି ମଡେଲିଂ କରିବା ସହ ରାଜନୀତି ବିଜ୍ଞାନ ଏବଂ ଅର୍ଥନୀତିରେ ଉଚ୍ଚଶିକ୍ଷା ଅଧ୍ୟୟନ କରୁଛନ୍ତି। ସେ ଗତବର୍ଷ ମିସ୍ ୟୁନିଭର୍ସ ରାଜସ୍ଥାନ ପ୍ରତିଯୋଗିତାର ବିଜେତା ହୋଇଥିଲେ। ବିଜୟୀ ହେବା ପରେ ମନିକା କହିଛନ୍ତି, ଏହି ଯାତ୍ରା ତାଙ୍କ ପାଇଁ ଅତ୍ୟନ୍ତ ଆଶ୍ଚର୍ଯ୍ୟଜନକ ଥିଲା। ଆତ୍ମବିଶ୍ୱାସ ଏବଂ ସାହସ ସଫଳତାର ଚାବିକାଠି, ତାହା ସେ ପ୍ରମାଣିତ କରିଛନ୍ତି। ମିସ୍ ୟୁନିଭର୍ସ ଟାଇଟଲ ହାସଲ କରି ଦେଶକୁ ☞ପୃଷ୍ଠା-୨

# ଅନ୍‌ଲାଇନ ଗେମିଂରେ ଲାଗିବ ଅଙ୍କୁଶ

**ବିଲ୍‌କୁ କ୍ୟାବିନେଟ୍ ମଞ୍ଜୁରୀ, ସଂସଦରେ ଆଜି ଆସିବ**

ନୂଆଦିଲ୍ଲୀ,୧୯।୮

କେନ୍ଦ୍ର କ୍ୟାବିନେଟ୍ ମଙ୍ଗଳବାର ଅନ୍‌ଲାଇନ ଗେମିଂ ବିଲ୍‌କୁ ମଞ୍ଜୁରୀ ପ୍ରଦାନ କରିଛି। ବେଟିଂ ଆପ୍‌ଗୁଡ଼ିକୁ ନିୟନ୍ତ୍ରିତ କରିବା ଏବଂ ଜୁଆକୁ କଡ଼ାକଡ଼ି ଭାବେ ରୋକିବା ଏହି ବିଲ୍‌ର ଉଦ୍ଦେଶ୍ୟ। ଏହି ବିଲ୍ ଅନୁଯାୟୀ ଅନ୍‌ଲାଇନ ଗେମିଂ ପ୍ଲାଟ୍‌ଫର୍ମଗୁଡ଼ିକୁ ଗୋଟିଏ ନ୍ୟାୟିକ ବ୍ୟବସ୍ଥା ଅଧୀନରେ ରଖାଯିବ ଓ ଡିଜିଟାଲ ଆପ୍ ଜରିଆରେ ଜୁଆ ଖେଳ ପାଇଁ କଠୋର ଦଣ୍ଡ ବ୍ୟବସ୍ଥା କରାଯିବ। ଏ ସମ୍ପର୍କିତ ବିଲ୍ ବୁଧବାର ସଂସଦରେ ବିତର୍କ ପାଇଁ ଆଗତ ହେବ ବୋଲି ପିଟି ସୂତ୍ରରୁ ପ୍ରକାଶ। ସରକାର କିଛି ବର୍ଷ ହେଲା ଏହି ସେକ୍ଟର ଉପରେ ତୀକ୍ଷ୍ଣ ଦୃଷ୍ଟି ରଖିଛନ୍ତି। ୨୦୨୩ ଅକ୍ଟୋବରରୁ ଅନ୍‌ଲାଇନ ଗେମିଂ ଉପରେ ୨୮ ପ୍ରତିଶତ ଜିଏସ୍‌ଟି ଲାଗୁ ହୋଇଥିବାବେଳେ ☞ପୃଷ୍ଠା-୨



# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- କଳିଙ୍ଗ ସେନାର ସାଙ୍ଗଠନିକ ନିର୍ବାଚନ, ସ୍ଥାନ: ଉତ୍କଳ ସମ୍ବାଦିକ ଭବନ, ସମୟ: ପୂର୍ବାହ୍ନ ୧୧ଟା।
- ବିଶ୍ୱ ହିନ୍ଦୁ ପରିଷଦ ପ୍ରତିଷ୍ଠା ଉତ୍ସବ, ସ୍ଥାନ: ହୋଟେଲ୍ ଆଡ୍‌ଭେଞ୍ଚର୍, ସମୟ: ଅପରାହ୍ନ ୪ଟା ୩୦।
- ଲୋଟସ୍‌ଫିଟ୍ ଫାଉଣ୍ଡେଶନ୍ ପକ୍ଷରୁ ଅଭିଯାତ ଉତ୍ସବ, ସ୍ଥାନ: ଉତ୍କଳ ରଙ୍ଗମଞ୍ଚ, ସମୟ: ସନ୍ଧ୍ୟା ୬ଟା ୩୦।

## କଟକ
- ମେଗା ଚକ୍ଷୁ ଚିକିତ୍ସା ଶିବିର, ସ୍ଥାନ: ଚୌଦ୍ୱାର ମହାବିଦ୍ୟାଳୟ ପରିସର, ଚୌଦ୍ୱାର, ସମୟ: ସକାଳ ୯ଟା।
- କଂଗ୍ରେସ ପକ୍ଷରୁ ଫ୍ରୋଜେନ ସିମେନ ବ୍ୟାଙ୍କ କାର୍ଯ୍ୟାଳୟ ପୁନର୍ନିର୍ଦ୍ଦେଶକଙ୍କୁ ଦାବିପତ୍ର ପ୍ରଦାନ, ସ୍ଥାନ: ଖପୁରିଆସ୍ଥିତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।

## ବାଲେଶ୍ୱର
- ଅମଲା ସଂଘର କାର୍ଯ୍ୟବନ୍ଦ ଆନ୍ଦୋଳନ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର, ବାଲେଶ୍ୱର, ସମୟ: ଦିବସବ୍ୟାପୀ।
- ସପ୍ତାହବ୍ୟାପୀ ଗଣଧାରଣାର ତୃତୀୟ ଦିବସ, ସ୍ଥାନ: ଜିଲାପାଳଙ୍କ ଦପ୍ତର ସମ୍ମୁଖ, ବାଲେଶ୍ୱର, ସମୟ: ଦିବସବ୍ୟାପୀ।
- ମୋହରିର ସଂଘର କାର୍ଯ୍ୟବନ୍ଦ ଆନ୍ଦୋଳନ, ସ୍ଥାନ: ସବ୍-ରେଜିଷ୍ଟ୍ରାର ଅଫିସ ସମ୍ମୁଖ, ବାଲେଶ୍ୱର, ସମୟ: ଦିବସବ୍ୟାପୀ।
- ଜାତୀୟ କର୍ମଶାଳାର ଦ୍ୱିତୀୟ ଦିବସ, ସ୍ଥାନ: ଫକୀରମୋହନ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।

## ଭଦ୍ରକ
- ବିଭିନ୍ନ ଉନ୍ନୟନ ଯୋଜନାର ସମୀକ୍ଷା କରିବେ ରାଜ୍ୟପାଳ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ଭଦ୍ରକ, ସମୟ: ସକାଳ ୯ଟା ୩୦।
- ଧୁଷୁରୀ ପୋଲିସ ପକ୍ଷରୁ ସଚେତନତା ଶିବିର, ସ୍ଥାନ: ଅସୁରାଳି ଆଞ୍ଚଳିକ ମହିଳା ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ବ୍ୟାଙ୍କ କର୍ତ୍ତୃପକ୍ଷ ଓ ମୁଦ୍ରା ଯୋଜନା ହିତାଧିକାରୀଙ୍କ ସହ ରାଜ୍ୟପାଳଙ୍କ ଆଲୋଚନା, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ଭଦ୍ରକ, ସମୟ: ଅପରାହ୍ନ ୧ଟା

## ମୟୂରଭଞ୍ଜ
- ହ୍ୟାଣ୍ଡଲୁମ ଫେବ ପ୍ରଦର୍ଶନୀ ମେଳା, ସ୍ଥାନ: ଛଉ ପଡ଼ିଆ, ବାରିପଦା, ସମୟ: ପୂର୍ବାହ୍ନ ୧୧ଟା।
- ଆନ୍ଦୋଳନ ଚଳଚ୍ଚିତ୍ରର ପ୍ରିମିୟର ଶୋ', ସ୍ଥାନ: ଶହୀଦ ସ୍ମୃତି ଭବନ, ବାରିପଦା,ସମୟ: ପୂର୍ବାହ୍ନ ୧୧ଟା।

## ବ୍ରହ୍ମପୁର
- ବିଇଏମସି ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପ,ସମୟ: ପୂର୍ବାହ୍ନ ୧୦ଟା।
- ବନ୍ଦେ ମାତରମ୍ ସାଂସ୍କୃତିକ ସମାରୋହ, ସ୍ଥାନ: ଗଞ୍ଜାମ କଳା ପରିଷଦ, ସମୟ: ସନ୍ଧ୍ୟା ୬ଟା ୩୦।

## ଗଞ୍ଜାମ
- ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ନିମଖଣ୍ଡି ପଞ୍ଚାୟତ ଗୃହ, ସମୟ: ପୂର୍ବାହ୍ନ ୧୧ଟା।

## କନ୍ଧମାଳ
- ସ୍ୱାସ୍ଥ୍ୟ କ୍ଷେତ୍ର ଉପରେ ସମୀକ୍ଷା ବୈଠକ, ସ୍ଥାନ: ଫୁଲବାଣୀ ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହ, ସମୟ: ଅପରାହ୍ନ ୫ଟା ୩୦।

## ଜଗତ୍‌ସିଂହପୁର
- ପରିବେଶ ପରିଚାଳନା ସମିତି (ଡିଏଲ୍‌ଇଏମ୍‌ସି) ଜିଲାସ୍ତରୀୟ ବୈଠକ: ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ଚାମ୍ବର, ଜଗତ୍‌ସିଂହପୁର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଆଇସିଡିଏସ୍ ଏବଂ ମିଶନ ଶକ୍ତି କାର୍ଯ୍ୟକ୍ରମ ଉପରେ ମାସିକିଆ ସମୀକ୍ଷା ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହ, ଜଗତ୍‌ସିଂହପୁର, ସମୟ: ପୂର୍ବାହ୍ନ ୧୧ଟା।
- ଜଗତ୍‌ସିଂହପୁର ଜିଲା ନିଗମାନନ୍ଦ ସାରସ୍ୱତ ସଂଘର ସାରସ୍ୱତ ବୈଠକ, ସ୍ଥାନ: ନିଗମାନନ୍ଦ ଆଶ୍ରମ, ନୂଆବଜାର, ପାରାଦୀପ, ସମୟ: ପୂର୍ବାହ୍ନ ୧୧ଟା।
- ଓଡ଼ିଆ ଲେଖିକା ସଂଘର ଜଣେ ଦିବଙ୍ଗତ କର୍ମକର୍ତ୍ତାଙ୍କ ପାଇଁ ଶ୍ରଦ୍ଧାଞ୍ଜଳି ସଭା, ସ୍ଥାନ: ସୂର୍ଯ୍ୟମୁଖୀ ଅନୁଷ୍ଠାନ ପରିସର, ନୂଆବଜାର, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦ୍ରାପଡ଼ା
- ନନ୍ଦୋତ୍ସବ, ସ୍ଥାନ: କଂସାର ଓ ଆୟେବା, ସମୟ: ପୂର୍ବାହ୍ନ ୧୦ଟା।
- ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ: ଟାଉନ ବଳରାମପୁର, କେନ୍ଦ୍ରାପଡ଼ା ସହର, ସମୟ: ପୂର୍ବାହ୍ନ ୧୦ଟା।

## ନୟାଗଡ଼
- ସପ୍ତପୁରୀ ଅମାବାସ୍ୟା ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: କଣ୍ଟିଲୋ ନୀଳମାଧବ ପୀଠ, ସମୟ: ସନ୍ଧ୍ୟା ୬ଟା।

## ରାୟଗଡ଼ା
- ମୁନିଗୁଡାକୁ ବିଜ୍ଞାପିତ ଅଞ୍ଚଳ ଘୋଷଣା ଦାବିରେ ୧୨ ଘଣ୍ଟିଆ ବନ୍ଦ ପାଳନ ଓ ଧାରଣା, ସ୍ଥାନ: ମୁନିଗୁଡା ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖ, ସମୟ: ସକାଳ ୬ଟା।

## ନବରଙ୍ଗପୁର
- ୟୁନିଫର୍ମ କିଟ୍ ଓ ବୀମା ପତ୍ର ପ୍ରଦାନ, ସ୍ଥାନ:ନବରଙ୍ଗପୁର ଦକ୍ଷତା ବିକାଶ କେନ୍ଦ୍ର, ସମୟ: ପୂର୍ବାହ୍ନ ୧୦ଟା ୧୦।
- ଜିଲା ନୋଡାଲ ଅଧିକାରୀ ତଥା କର୍ମ ନିଯୋଜନ ନିର୍ଦ୍ଦେଶକ ଦକ୍ଷତା ବିକାଶ ସିଇଓଙ୍କ ବର୍ଣ୍ଣମାଳା ଉଦ୍ୟାନ ପରିଦର୍ଶନ, ସ୍ଥାନ: ଫାର୍ଶାଗୁଡ଼ା, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଧାନରେ ପ୍ରସ୍ତୁତ ହସ୍ତ ଶିଳ୍ପ ପରିଦର୍ଶନ, ସ୍ଥାନ: ଲିମ୍ବୁଭଟ୍ଟା, ସମୟ: ମଧ୍ୟାହ୍ନ ୧୨ଟା ୩୦।
- ମକା ପ୍ରୋସେସିଂ ୟୁନିଟ୍ ପରିଦର୍ଶନ, ସ୍ଥାନ: ଭାମିନି, ସମୟ: ଅପରାହ୍ନ ୧ ଟା।

## କୋରାପୁଟ
- ଶିଶୁମାନଙ୍କ ଶିକ୍ଷା ଅଧିକାର ନେଇ କର୍ମଶାଳା, ସ୍ଥାନ: ଟାଉନ୍ ହଲ, କୋରାପୁଟ, ସମୟ: ପୂର୍ବାହ୍ନ ୧୦ଟା।
- ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ନେଇ ଜିଲାସ୍ତରୀୟ କମିଟି ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, କୋରାପୁଟ, ସମୟ: ଅପରାହ୍ନ ୫ଟା।

## ମାଲକାନଗିରି
- ପ୍ଲାଷ୍ଟିକ୍ ବର୍ଜନ କର୍ମଶାଳା, ସ୍ଥାନ: ଯବାନପାଲୀ ଉଚ୍ଚ ବିଦ୍ୟାଳୟ, କାଲିମେଲା, ସମୟ: ପୂର୍ବାହ୍ନ ୧୧ଟା।

## ସମ୍ବଲପୁର
- ସମ୍ବଲପୁର ଜିଲା କ୍ରିକେଟ ସଂଘ ଆୟୋଜିତ ଜୁନିୟର ବାଳକ କ୍ରିକେଟ ଟୁର୍ନାମେଣ୍ଟର ଇଷ୍ଟକୋଷ୍ଟ ରେଲୱେ ବନାମ ସମ୍ବଲପୁର କ୍ରିକେଟ କ୍ଲବ ମ୍ୟାଚ, ସ୍ଥାନ : ହାୱା ମଇଦାନ, ସମୟ : ସକାଳ ୯ଟା।
- ଜିଲା ସାମ୍ବାଦିକ ସଂଘ ଆୟୋଜନରେ ବିଶ୍ୱ ଫଟୋଗ୍ରାଫି ଦିବସ ଓ ଫଟୋ ପ୍ରଦର୍ଶନୀ କାର୍ଯ୍ୟକ୍ରମ, ସ୍ଥାନ: ସାମ୍ବାଦିକ ଭବନ, ସମୟ: ସକାଳ ୯ଟାରୁ ସନ୍ଧ୍ୟା ୫ଟା।
- ଜିଲା ବିଜୁ ଜନତା ଦଳର ବୈଠକ, ସ୍ଥାନ: ପାନ୍ଥ ନିବାସ ସଭାକକ୍ଷ, ସମୟ: ମଧ୍ୟାହ୍ନ ୧୨ଟା।
- ସମ୍ବର୍ଦ୍ଧନା ସମାରୋହ, ସ୍ଥାନ: କବରାପାଲି ବୀର ସୁରେନ୍ଦ୍ର ସାଏ ଉଚ୍ଚବିଦ୍ୟାଳୟ, ସମୟ: ମଧ୍ୟାହ୍ନ ୧୨ଟା।

## ବଲାଙ୍ଗୀର
- ରାଜସ୍ୱ ଅମଲା ସଂଘର ଧାରଣା , ସ୍ଥାନ: ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା ୩୦

## ରାଉରକେଲା
- ବାଣିଜ୍ୟିକ ଓ ଆବାସିକ ପ୍ରଶିକ୍ଷଣ କର୍ମଶାଳା, ସ୍ଥାନ: ଆର୍‌ଏମ୍‌ସି ପରିଷଦ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ମ୍ୟୁନିସିପାଲ କଲେଜରେ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଉଦିତ ନଗର, ସମୟ: ପୂର୍ବାହ୍ନ ୧୦ଟା।

## ସୁନ୍ଦରଗଡ଼
- ୮୦ତମ ରାଜ୍ୟ ପୋଲିସ ଫୁଟବଲ ଚାମ୍ପିୟନଶିପର ଉଦ୍‌ଘାଟନୀ ସମାରୋହ: ସ୍ଥାନ: ସୁନ୍ଦରଗଡ଼ ଷ୍ଟାଡିୟମ, ସମୟ: ସକାଳ ୮ଟା।

## ବରଗଡ଼
- ଟ୍ରାଫିକ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ସଂସ୍କାର ଇଣ୍ଟରନ୍ୟାଶନାଲ ସ୍କୁଲ, ବରଗଡ଼, ସମୟ: ସକାଳ ୯ଟା।
- ଏକକ ପ୍ଲାଷ୍ଟିକମୁକ୍ତ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଜନତା ହାଇସ୍କୁଲ, ଭୁକ୍ତା, ସମୟ: ମଧ୍ୟାହ୍ନ ୧୨ଟା।

## କଳାହାଣ୍ଡି
- ଅମଲା ସଂଘର କାର୍ଯ୍ୟବନ୍ଦ ପ୍ରତିବାଦ ସଭା, ସ୍ଥାନ: ଭବାନୀପାଟଣା ଅମଲା ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ରାଜସ୍ୱ ବିଭାଗର ସମୀକ୍ଷା ବୈଠକ, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।

## ଦେବଗଡ଼
- ପୁରୁଣା ମୁଖ୍ୟ ଚିକିତ୍ସାଳୟରେ ୨୪ ଘଣ୍ଟିଆ ସେବା ଦାବିରେ ଦେବଗଡ଼ ବନ୍ଦ ପାଳନ ପାଇଁ ଜିଲା ଯୁବ ଏକତା ମଞ୍ଚ ପକ୍ଷରୁ ପ୍ରସ୍ତୁତି ବୈଠକ, ସ୍ଥାନ: ଗୋପାଳଜୀ ମନ୍ଦିର, ସମୟ: ସନ୍ଧ୍ୟା ୬ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ଦେବଗଡ଼ ମଠସାହିସ୍ଥିତ ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର
- ଧାନବିକ୍ରି ଟଙ୍କା ପାଇବା ଦାବିରେ ମରାଢୁଗୋଛା ପାକ୍ସର ଚାଷୀଙ୍କ ଧାରଣା ଚତୁର୍ଥ ଦିନରେ, ସ୍ଥାନ: ତରଭା ବ୍ଲକ ସମ୍ମୁଖ, ସମୟ: ସକାଳ: ୬ଟା।
- ରାଜସ୍ୱ ଅମଲା ସଂଘର ଆନ୍ଦୋଳନ ୧୦ମ ଦିନରେ, ସ୍ଥାନ: ସୁବର୍ଣ୍ଣପୁର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।

## ନୂଆପଡ଼ା
- ଜିଲା ରାଜସ୍ୱ ଅମଲା ସଂଘ ଧାରଣା ୧୦ମ ଦିବସ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।
- ମାଗଣା ଚକ୍ଷୁ ପରୀକ୍ଷା ଶିବିର, ସ୍ଥାନ: କୋମନା ବ୍ଲକ ତରବୋଡ ଗୁଡାରାଜା ଅହିର ସମାଜ ଭବନ, ସମୟ: ସକାଳ ୯ଟା।
- ପୁରୁଷ ବହୁମୁଖୀ ସ୍ୱାସ୍ଥ୍ୟ କର୍ମୀଙ୍କ ଆନ୍ଦୋଳନ ଦ୍ୱିତୀୟ ଦିବସ, ସ୍ଥାନ: ଜିଲା ମୁଖ୍ୟ ଚିକିତ୍ସାଳୟ ନୂଆପଡ଼ା, ସମୟ: ସକାଳ ୮ଟା।
- ୧୭ ତମ ଇଣ୍ଡିପେଣ୍ଡେଣ୍ଟ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟ ଦ୍ୱିତୀୟ ସେମି ଫାଇନାଲ, ସ୍ଥାନ: କୋମନା ବ୍ଲକ ତରବୋଡ ରାଜୀବ ଗାନ୍ଧୀ ମିନି ଷ୍ଟାଡିୟମ, ସମୟ: ଅପରାହ୍ନ ୩ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** କର୍ମକ୍ଷେତ୍ରର ପ୍ରତ୍ୟେକ ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିପାରିବେ। ପାରିବାରିକ କ୍ଷେତ୍ରରେ ମଧ ପରୋକ୍ଷ ଶତ୍ରୁତା ସାମୟିକ ବାଧା ସୃଷ୍ଟି କରିପାରେ। ବ୍ୟବସାୟ ଓ ପରିବହନରେ ମଧ ଶିଥିଳତା ମାନସିକ ଅଶାନ୍ତିର କାରଣ ହେବ। ଅଶ୍ୱିନୀ ନକ୍ଷତ୍ର ହଜିଯାଇଥିବା ଜିନିଷ କିମ୍ବା ନିରୁଦ୍ଦିଷ୍ଟ ବ୍ୟକ୍ତିଙ୍କ ଖୋଜ ଖବର ପାଇପାରିବେ।

**ବୃଷ** କୃତ୍ତିକା ନକ୍ଷତ୍ର ସକାଶେ ସ୍ୱାସ୍ଥ୍ୟସମସ୍ୟା ଦୁଶ୍ଚିନ୍ତାର ମାତ୍ରାକୁ ବଢ଼ାଇଦେବ। ପଡ଼ୋଶୀ, ବନ୍ଧୁ ପରିଜନଙ୍କୁ ସାହାଯ୍ୟ କରି ଆତ୍ମସନ୍ତୋଷ ଲାଭ କରିବେ। ପରିବାରରେ ମତଭେଦ କାରଣରୁ ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି ଟଣାଓଟରା ଦେଖାଦେବ। ଦୀର୍ଘଦିନରୁ ଅପେକ୍ଷା କରିଥିବା ଖବରଟି ବନ୍ଧୁଙ୍କ ମାଧମରେ ପାଇ ଖୁସି ହେବେ।

**ମିଥୁନ** ବନ୍ଧୁଙ୍କ ପରାମର୍ଶକ୍ରମେ ନୂତନ କର୍ମସଂସ୍ଥାନ ପାଇଁ ମନ ବଳିବ ଓ ଆନୁସଙ୍ଗିକ ସହଯୋଗ ମଧ ପାଇବେ। ପୁନର୍ବସୁ ନକ୍ଷତ୍ର ସକାଶେ ବ୍ୟବସାୟ କ୍ଷେତ୍ରରେ ଉଚ୍ଚ ଫଳ ପ୍ରାପ୍ତି ହେବ। ସମ୍ପର୍କୀୟଙ୍କ ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ। କାମଗୁଡ଼ିକ ଠିକ୍ ଭାବରେ ସମ୍ପନ୍ନ ହେବାରେ ସାମାନ୍ୟ ହଇରାଣ ହରକତ ହେବାକୁ ପଡ଼ିପାରେ।

**କର୍କଟ** ଅଧସ୍ତନ କର୍ମଚାରୀଙ୍କ ସହଯୋଗରୁ ଦୀର୍ଘଦିନର ଆଶା ଫଳବତୀ ହେବ। ଅଶ୍ଳେଷା ନକ୍ଷତ୍ର ବନ୍ଧୁଙ୍କ ନିକଟରୁ କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିବେ। କଠିନ ଶ୍ରମ ହେତୁକ ଶାରୀରିକ ପରିଶ୍ରମଜନିତ କ୍ଳାନ୍ତି ଅନୁଭବ କରିପାରନ୍ତି। ରପ୍ତାନିବାଣିଜ୍ୟରେ ପ୍ରତିବନ୍ଧକର ସମ୍ମୁଖୀନ ହେଲେ ମଧ ପରକ୍ଷଣରେ ସବୁ ଠିକ୍ ହୋଇଯିବ।

**ସିଂହ** ପୂର୍ବାଫାଲ୍‌ଗୁନୀ ନକ୍ଷତ୍ର ଆଜି ପ୍ରତ୍ୟେକ କ୍ଷେତ୍ରରେ ଦୃଢ଼ ମନୋବଳ ନେଇ କାମ କରିପାରିବେ। ପାରିବାରିକ କ୍ଷେତ୍ରରେ ସ୍ତ୍ରୀଙ୍କ ସାହାଯ୍ୟରୁ ମନୋବଳ ବୃଦ୍ଧି ପାଇବ। କର୍ମକ୍ଷେତ୍ରରେ ଧୀରପାଣି ପଥର କାଟେ ନୀତିରେ କାମ ହାସଲ କରି ଉପକୃତ ହେବେ। ସଭାସମିତିର ଆଲୋଚନା ପରିସରରେ ଅପ୍ରିୟ ସତ କଥା କହି ବିରୋଧୀ ହୋଇପାରନ୍ତି।

**କନ୍ୟା** ପ୍ରତ୍ୟେକ କ୍ଷେତ୍ରରେ ସହମତିରେ କାମ କଲେ ଅପେକ୍ଷାକୃତ ସଫଳତା ପାଇବେ। ରୋଗ, ଋଣ ଓ ପରୋକ୍ଷ ଶତ୍ରୁତା ଯୋଗୁ ସାମୟିକ ବ୍ୟସ୍ତତା ବୃଦ୍ଧି ପାଇବ। ହସ୍ତା ନକ୍ଷତ୍ର ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ତର୍କବିତର୍କ ଜନିତ ସହକର୍ମୀଙ୍କ ସହ ମାନମନାନ୍ତର ଦେଖାଦେଇପାରେ।

**ତୁଳା** ଉନ୍ନତ ଚିନ୍ତା ଓ ପୂର୍ବପରିକଳ୍ପିତ ଯୋଜନା ତଥା ନୂତନ କର୍ମାରମ୍ଭ ଆଜିର ମୁଖ୍ୟ କାର୍ଯ୍ୟ ରହିବ। ସ୍ୱାତୀ ନକ୍ଷତ୍ର ପଡ଼ୋଶୀଙ୍କ ସହାୟତାରେ ପାରିବାରିକ ତିକ୍ତତାର ସମାପ୍ତି ଘଟାଇବେ। କର୍ମକ୍ଷେତ୍ରରେ ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। ବ୍ୟବସାୟିକ କ୍ଷେତ୍ରରେ ଭ୍ରାତୃ ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ।

**ବିଛା** ଅନୁରାଧା ନକ୍ଷତ୍ର ପରିଜନମାନଙ୍କ ସହ ଆନୁଷ୍ଠାନିକ କାର୍ଯ୍ୟ ସକାଶେ ଆଲୋଚନା କରିପାରନ୍ତି। ଦୂରଯାତ୍ରା ସମୟରେ ଅନ୍ୟମନସ୍କତା କାରଣରୁ କେତେକ ଭୁଲ୍ କରିପାରନ୍ତି। ସାମାଜିକ ସ୍ତରରେ ବିଳମ୍ବରେ ହେଲେ ମଧ ଅଭୀଷ୍ଟ ସିଦ୍ଧି ଘଟିବ। ବ୍ୟବସାୟ, ବାଣିଜ୍ୟ, କଳା, ସାହିତ୍ୟ, ନୃତ୍ୟ ଓ ସଙ୍ଗୀତ କ୍ଷେତ୍ରରେ ସମସ୍ୟା ସମାଧାନ ହୋଇଯିବ।

**ଧନୁ** ପୂର୍ବଷାଢ଼ା ନକ୍ଷତ୍ରର ମାନସିକ ଅବସାଦ ଯୋଗୁ କୌଣସି କାମ ଉତ୍ସାହପ୍ରଦ ହେବ ନାହିଁ। ପୁଣି ସ୍ୱାସ୍ଥ୍ୟ ସମସ୍ୟା ବୃଦ୍ଧି ପାଇବା ହେତୁ ମାନସିକ ସୁସ୍ଥତା ବ୍ୟାହତ ହେବ। ପ୍ରଶାସନିକ ସ୍ତରରେ ଅପରାହ୍ନରେ ସମସ୍ୟାର ସମାଧାନ ହୋଇଯିବ। ପାରିବାରିକ ସ୍ତରରେ ଅର୍ଥାଭାବ ଯୋଗୁ ବିଚଳିତ ହୋଇପାରନ୍ତି।

**ମକର** ପରିବାରରେ ଭୁଲ୍ ବୁଝାମଣାରୁ ଅଶାନ୍ତିକର ପରିବେଶ ସୃଷ୍ଟି ହେବ। ପ୍ରିୟଜନଙ୍କ ସହ ଆକସ୍ମିକ ଭାବରେ ଭ୍ରମଣ ସୁଯୋଗ ଲାଭ କରିବେ। ହିତୈଷୀମାନଙ୍କ ସହ ଆଳାପ ଆଲୋଚନାରେ ସମୟ କଟାଇବାର ଅବସର ପାଇବେ। ଶ୍ରବଣା ନକ୍ଷତ୍ରର ବ୍ୟବସାୟିକ ସ୍ଥିତି ସୁଦୃଢ଼ ରହିବା ସହ ଆର୍ଥିକ ଉନ୍ନତି ଘଟିପାରେ।

**କୁମ୍ଭ** କର୍ମଜଞ୍ଜାଳ ବୃଦ୍ଧି ପାଇବାଜନିତ ମନ ଭଲ ନ ଥିବା କାରଣରୁ ଉଦାସୀନ ରହିପାରନ୍ତି। ସାମାଜିକ ସ୍ତରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ। ଆଜି ଆକସ୍ମିକଭାବରେ ଦେବ ଦର୍ଶନ ସାଙ୍ଗକୁ ଭ୍ରମଣ ସୁଯୋଗ ଜୁଟିପାରେ। ଆନୁଷ୍ଠାନିକ କାମରେ ଦକ୍ଷତା ବୃଦ୍ଧି ହେତୁ ସାମାଜିକ ସ୍ତରରେ ପ୍ରଶଂସିତ ହେବେ।

**ମୀନ** କର୍ମକ୍ଷେତ୍ରରେ ମନ କଥା ମନରେ ରଖି କାମ କରିବାକୁ ବାଧ ହୋଇପାରନ୍ତି। ହାତପାହାନ୍ତାରେ ସୁଯୋଗ ପାଇଲେ ମଧ ତାହାର ସଦ୍ ବ୍ୟବହାର କରିପାରିବେ ନାହିଁ। ରେବତୀ ନକ୍ଷତ୍ର ରାଜନୈତିକ ସ୍ତରରେ ହଠାତ୍ ବିରୋଧୀ ପକ୍ଷ ସକ୍ରିୟ ହୋଇ ଉଠିବେ। ଶାରୀରିକ ଅବସ୍ଥାରେ ଉନ୍ନତି ଘଟିବାର ସାମୟିକ ଆଶ୍ୱସ୍ତି ଲାଭ କରିବେ।

ଆଜି ଅଗଷ୍ଟ ୨୦ ତାରିଖ, ବିଶ୍ୱ ମଶକ ଦିବସ, ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ଜୟନ୍ତୀ ଓ ସଦ୍‌ଭାବନା ଦିବସ, ଭାଦ୍ରବ କୃଷ୍ଣ ଦ୍ୱାଦଶୀ ବୁଧବାର। ଶ୍ରୀମନ୍ଦିରରେ ଶ୍ରୀମହାପ୍ରଭୁଙ୍କର ପ୍ରଳମ୍ବାସୁର ବଧ ବେଶ। ବୁଧିବାମନ ଓଷା ଦ୍ୱିତୀୟ ପାଳି। ରାଶି ନକ୍ଷତ୍ର-ପୁନର୍ବସୁ/ମିଥୁନ, ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଏବଂ ତ୍ରୟୋଦଶୀର ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୫.୩୧ମି. ଗତେ ଘ.୦୭.୧୨ମି. ମଧ୍ୟେ, ଘ.୧୦.୧୫ମି. ଗତେ ଘ.୧୧.୨୪ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୧.୪୯ମି. ଗତେ ଘ.୦୧.୨୪ମି. ମଧ୍ୟେ ରାହୁ କାଳ।

# ସଦ୍‌ଭାବନା ଦିବସ




ବିଭିନ୍ନ ଧର୍ମ ଏବଂ ସମ୍ପ୍ରଦାୟ ମଧ୍ୟରେ ଶାନ୍ତି, ଏକତା ସଦ୍‌ଭାବକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ତଥା ରାଜୀବ ଗାନ୍ଧୀଙ୍କ ଜୟନ୍ତୀ ଅବସରରେ ୨୦ ଅଗଷ୍ଟରେ ପାଳନ କରାଯାଉଛି ସଦ୍‌ଭାବନା ଦିବସ। ଏହି ଦିବସ ଏକ ବିବିଧ ସମାଜରେ ସାମ୍ପ୍ରଦାୟିକ ସଦ୍‌ଭାବନା ଏବଂ ଜାତୀୟ ସଂହତି ବଜାୟ ରଖିବାର ଭାବନାକୁ ସମ୍ମାନ କରେ। ଏହି ଅବସରରେ ନାଗରିକମାନଙ୍କୁ ବିଭିନ୍ନ ସାଂସ୍କୃତିକ-ଧାର୍ମିକ ଗୋଷ୍ଠୀ ମଧ୍ୟରେ ପାରସ୍ପରିକ ସମ୍ମାନ, ବୁଝାମଣା ଏବଂ ଗ୍ରହଣୀୟତାର ସ୍ମରଣ କରାଏ। ତେବେ ଜାତୀୟ ସଦ୍‌ଭାବର ଅର୍ଥ ହେଉଛି ଦେଶର ସମସ୍ତ ନାଗରିକଙ୍କ ମଧ୍ୟରେ ପାରସ୍ପରିକ ପ୍ରେମ, ଭାଇଚାରା ଏବଂ ଏକତାର ଭାବନା। ଏହା ଏପରି ଏକ ସ୍ଥିତି ଯେଉଁଠାରେ ବିଭିନ୍ନ ଧର୍ମ, ଜାତି ଏବଂ ସଂସ୍କୃତିର ଲୋକମାନେ କୌଣସି ଭେଦଭାବ ବିନା ଏକାଠି ରୁହନ୍ତି, ପରସ୍ପରକୁ ସମ୍ମାନ କରନ୍ତି ଏବଂ ଦେଶର ପ୍ରଗତିରେ ଯୋଗଦାନ ଦିଅନ୍ତି।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ରଙ୍କୁଣୀ ପାଇଚି ଇଲିଶି,**
**କଣ୍ଟାମଣ୍ଟା କରି ଗିଳୁଛି।**

ଅତି ଲୋଭରୁ ମୃତ୍ୟୁ। ଲୋଭ ପରବଶ ହୋଇ ଅଧିକ ଜିନିଷ ପ୍ରତି ଆକୃଷ୍ଟ ହେଲେ ପରିଶେଷରେ ବିଷମ ଦଶା ଭୋଗିବାକୁ ପଡିଥାଏ, ଯାହାକି ଏଠାରେ ବ୍ୟଙ୍ଗୋକ୍ତି ଶୈଳୀରେ ପ୍ରକାଶ କରାଯାଇଛି।

**ରଜା ପୁଅ ଯୋଗୀ ହେଲେ**
**ତା' ରାଜା ବୁଦ୍ଧି ଛାଡ଼େ ନାହିଁ**
**ଯୋଗୀ ପୁଅ ରାଜା ହେଲେ**
**ତା' ଯୋଗୀ ବୁଦ୍ଧି ଛାଡ଼େ ନାହିଁ।**

ସାଧାରଣତଃ ମନୁଷ୍ୟ ନିଜ ବୁଦ୍ଧି ବା ସହଜାତ ପ୍ରକୃତିକୁ ସହଜରେ ଛାଡ଼ିପାରି ନଥାଏ। ମନୁଷ୍ୟ ଯେତେ ଉଚ୍ଚ ବା ନୀଚ ସ୍ତରର ବ୍ୟକ୍ତି ହେଲେ ମଧ ନିଜ ଚରିତ୍ରଗତ ଅଭ୍ୟାସରୁ ନିଜକୁ ବଦଳାଇ ପାରୁନଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ




ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ୨୪ ପର୍ଯ୍ୟନ୍ତ ବର୍ଷା ସମ୍ଭାବନା

ଭୁବନେଶ୍ୱର,୧୯।୮ (ଅନୁରାଧା ମହାରଣା)

ଦକ୍ଷିଣ ଆଭ୍ୟନ୍ତରୀଣ ଓଡ଼ିଶାରେ ଅବପାତ ଫଳରେ ଆଗାମୀ ୨୪ ତାରିଖ ପର୍ଯ୍ୟନ୍ତ ବର୍ଷା ସମ୍ଭାବନା ରହିଛି। ବୁଧବାର ପ୍ରବଳ ବର୍ଷା ହେବା ନେଇ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି। ନବରଙ୍ଗପୁର ଓ କଳାହାଣ୍ଡିରେ ପ୍ରବଳ ବର୍ଷା ନେଇ ଅରେଞ୍ଜ ୱାର୍ନିଂ ରହିଛି। ସେହିପରି ୧୧ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ଏହିସବୁ ଜିଲା ମଧ୍ୟରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, କେନ୍ଦୁଝର, ମୟୂରଭଞ୍ଜ ଆଦି ରହିଛି। ବଜ୍ରପାତ ସହ ପ୍ରବଳ ବର୍ଷା ହେବା ନେଇ ପାଣିପାଗ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି।

# ଶିଶୁ ବାଟିକା ପିଲାଙ୍କୁ ମିଳିବ ମାଗଣା ୟୁନିଫର୍ମ

ଭୁବନେଶ୍ୱର,୧୯।୮ (ସୁଚିସ୍ମିତା ସାହୁ)

ସରକାରୀ ବିଦ୍ୟାଳୟ ପ୍ରତି ପିଲାଙ୍କୁ ଆକୃଷ୍ଟ କରିବା ପାଇଁ ରାଜ୍ୟ ସରକାର ନୂଆ ପଦକ୍ଷେପ ଗ୍ରହଣ କରିଛନ୍ତି। ରାଜ୍ୟରେ ଡ୍ରପ୍‌ଆଉଟ ହାର ରୋକିବା ସହ ପିଲାଙ୍କୁ ବିଦ୍ୟାଳୟମୁହାଁ କରିବା ପାଇଁ ଗଣଶିକ୍ଷା ବିଭାଗ ପକ୍ଷରୁ ଶିଶୁ ବାଟିକା ଛାତ୍ରୀଛାତ୍ରଙ୍କୁ ମାଗଣାରେ ୟୁନିଫର୍ମ ପ୍ରଦାନ କରାଯିବ। ରାଜ୍ୟର ୪୫ ହଜାର ପ୍ରାଥମିକ ସ୍କୁଲରେ ଶିଶୁ ବାଟିକାରେ ନାମ ଲେଖାଇଥିବା ପିଲାଙ୍କୁ ୟୁନିଫର୍ମ ଓ ଅନ୍ୟାନ୍ୟ ଉପକରଣ ମାଗଣାରେ ଦିଆଯିବ। ଏ ବାବଦରେ ପ୍ରତ୍ୟେକ ପିଲାଙ୍କ ପିଛା ୧୦୦୦ ଟଙ୍କା ଲେଖାଏ ଖର୍ଚ୍ଚ ହେବ। ଏଥିଲାଗି ଆବଶ୍ୟକ ସମସ୍ତ ଖର୍ଚ୍ଚ ରାଜ୍ୟ ସରକାର ବହନ କରିବେ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମଙ୍ଗଳବାର ସୂଚନା ଦେଇଛନ୍ତି।

## ପ୍ରତ୍ୟେକ ପିଲା ପିଛା ଖର୍ଚ୍ଚ ହେବ ୧୦୦୦ ଟଙ୍କା

ମନ୍ତ୍ରୀ କହିଛନ୍ତି, ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୪୫ ହଜାର ପ୍ରାଥମିକ ସ୍କୁଲରେ ଶିଶୁ ବାଟିକା ଖୋଲାଯାଇଛି। ଏବେ ପିଲାଙ୍କୁ ସ୍କୁଲ ୟୁନିଫର୍ମ ସହିତ ଜୋତା, ମୋଜା, ଟ୍ରାକ୍ ପ୍ୟାଣ୍ଟ ମଧ ଦିଆଯିବ। ୩ ଲକ୍ଷ ୧୦ ହଜାର ୮୪୯ ପିଲାଙ୍କୁ ୟୁନିଫର୍ମ ଦିଆଯିବ। ପ୍ରତ୍ୟେକ ପିଲାଙ୍କ ସମସ୍ତ ଖର୍ଚ୍ଚ ବାବଦ ୧ ହଜାର ଟଙ୍କାର ବ୍ୟବସ୍ଥା କରାଯାଇଛି। ଏନେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଯୋଜନା ପ୍ରସ୍ତୁତ ହୋଇଛି। ଏହା ଦ୍ୱାରା ପିଲାମାନେ ସ୍କୁଲ ଛାଡ଼ିବାକୁ ମନା କରିବେ ନାହିଁ, ଯଦ୍ୱାରା ଡ୍ରପ୍‌ଆଉଟ ହାର ବଢ଼ିବ ନାହିଁ।

# ଘରୁ ଆରମ୍ଭ ନିରାକରଣ

ପ୍ରତିବର୍ଷ ୨୦ ଅଗଷ୍ଟରେ ବିଶ୍ୱ ମଶା ଦିବସ ପାଳନ କରାଯାଇଆସୁଛି। ପ୍ରଖ୍ୟାତ ଚିକିତ୍ସା ବିଜ୍ଞାନୀ ସାର୍ ରୋନାଲ୍ଡ ରସ ଏହି ଦିନ ମାଈ ଆନୋଫିଲିସ ମଶା ମଣିଷ ମଧ୍ୟରେ ମ୍ୟାଲେରିଆ ସଂକ୍ରମଣ କରନ୍ତି ବୋଲି ଆବିଷ୍କାର କରିଥିଲେ। ରୋନାଲ୍ଡ ରସ ଭାରତୀୟ ଚିକିତ୍ସା ସେବାରେ କାର୍ଯ୍ୟ କରିବା ବେଳେ ୧୮୯୭ ଅଗଷ୍ଟ ୨୦ରେ ସିକନ୍ଦରାବାଦଠାରେ ଏକ ମାଈ ଆନୋଫିଲିସ ମଶାର ପାକସ୍ଥଳୀରେ ମ୍ୟାଲେରିଆ ପରଜୀବୀର ଆବିଷ୍କାର କରିବାରେ ସକ୍ଷମ ହୋଇଥିଲେ। ରସଙ୍କ ଏହି ଆବିଷ୍କାର ମ୍ୟାଲେରିଆର ପ୍ରତିରୋଧ ବ୍ୟବସ୍ଥା ଲାଗି ସୂତ୍ରପାତ କରିଥିଲା। ତେବେ ଏହି ଆବିଷ୍କାର ପାଇଁ ୧୯୦୨ ମସିହାରେ ରସଙ୍କୁ ପ୍ରଥମ ବ୍ରିଟିଶ ବ୍ୟକ୍ତି ଭାବେ ମେଡିସିନ କ୍ଷେତ୍ରରେ ନୋବେଲ ପୁରସ୍କାର ମିଳିଥିଲା। ତେବେ ଚଳିତ ବର୍ଷ ଏହି ଦିବସ ଅବସରରେ ବାର୍ତ୍ତା ରହିଛି ଘରୁ ଆରମ୍ଭ ହୁଏ ନିରାକରଣ। ପରିଷ୍କାର ପରିଚ୍ଛନ୍ନତା ବଜାୟ ରଖି, ଜମି ରହିଥିବା ପାଣିକୁ ଦୂର କରି ଏବଂ ସରଳ ସତର୍କତା ସହିତ ନିଜକୁ ସୁରକ୍ଷା ଦେଇ, ଆମେ ମଶା ବାହିତ ରୋଗର ବିପଦକୁ ଯଥେଷ୍ଟ ପରିମାଣରେ ହ୍ରାସ କରିପାରିବା।

## ଆଜି ବିଶ୍ୱ ମଶା ଦିବସ



# ନବୀକରଣୀୟ ଶକ୍ତିର ଗୁରୁତ୍ୱ

ଭାରତରେ ନବୀକରଣୀୟ ଶକ୍ତିର ଗୁରୁତ୍ୱ ଏବଂ ବ୍ୟବହାରକୁ ପ୍ରୋତ୍ସାହିତ କରିବା ପାଇଁ ପ୍ରତିବର୍ଷ ଅଗଷ୍ଟ ୨୦ରେ ପାଳନ କରାଯାଉଛି ଅକ୍ଷୟ ଉର୍ଜା ଦିବସ। ନୂତନ ଏବଂ ନବୀକରଣୀୟ ଶକ୍ତି ମନ୍ତ୍ରଣାଳୟ ୨୦୦୪ ମସିହାରେ ଅକ୍ଷୟ ଉର୍ଜା ଦିବସ ଆରମ୍ଭ କରିଥିଲା। ଅକ୍ଷୟ ଉର୍ଜା ଦିବସ ହେଉଛି ଭାରତରେ ନବୀକରଣୀୟ ଶକ୍ତିର ବିକାଶ ବିଷୟରେ ଏକ ସଚେତନତା ଅଭିଯାନ। ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ଜନ୍ମଦିନକୁ ମନେ ପକାଇବା ପାଇଁ ଏହି ଦିନ ପାଳନ କରାଯାଏ। ଏହା ରାଜୀବ ଗାନ୍ଧୀ ଅକ୍ଷୟ ଉର୍ଜା ଦିବସ ଭାବରେ ମଧ ଜଣାଶୁଣା। ତେବେ ଅକ୍ଷୟ ଉର୍ଜା ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ ଲୋକମାନଙ୍କୁ ସଚେତନ କରାଇବା ଯେ, ପାରମ୍ପରିକ ଶକ୍ତି(ସୌର, ପବନ ଏବଂ ଜଳ) ବ୍ୟତୀତ ଅକ୍ଷୟ ଉର୍ଜା (ନବୀକରଣୀୟ ଶକ୍ତି) ବିଷୟରେ ମଧ ଚିନ୍ତା କରିବାକୁ ପଡ଼ିବ।

## ଅକ୍ଷୟ ଉର୍ଜା ଦିବସ



## ପ୍ରଥମ ପୃଷ୍ଠାରୁ...

### ସୁଦର୍ଶନ ରେଡ୍ଡୀ ଇଣ୍ଡିଆ...

ପୂର୍ବତନ ଉପରାଷ୍ଟ୍ରପତି ଜଗଦୀପ୍ ଧନ୍‌କର ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ହଠାତ ନିଜ ପଦରୁ ଇସ୍ତଫା ଦେଇଥିଲେ। ଫଳରେ ଏହି ପଦବୀ ପାଇଁ ନିର୍ବାଚନ ଆବଶ୍ୟକ ପଡ଼ିଥିଲା। ସେପ୍ଟେମ୍ବର ୯ରେ ଉପରାଷ୍ଟ୍ରପତି ନିର୍ବାଚନ ହେବାକୁ ଥିବାବେଳେ ନାମାଙ୍କନପତ୍ର ଦାଖଲର ଶେଷ ତାରିଖ ଅଗଷ୍ଟ ୨୨ ରଖାଯାଇଛି।

### ଏସ୍‌ଆଇଆର୍: ବିକଳ୍ପ...

ଗଜପତିର ଚନ୍ଦ୍ରଗିରିରେ ବାସ କରୁଥିବା ଲୋକଙ୍କ ନାଗରିକତ୍ୱ ବୈଧତାକୁ ବିଧିବଦ୍ଧ ଭାବେ ଯାଞ୍ଚ କରାଯିବ ବୋଲି ଜଣାଯାଇଛି। ସୂଚନାଯୋଗ୍ୟ, ଆୟୋଗଙ୍କ ପକ୍ଷରୁ ୩ଟି ପ୍ରମୁଖ ପରିଚୟ ପତ୍ର ଯଥା, ଭୋଟର କାର୍ଡ, ଆଧାର କାର୍ଡ ଏବଂ ରାଶନ କାର୍ଡକୁ ବାଦ୍‌ଦେଇ ୧୧ଟି ପରିଚୟପତ୍ରକୁ ପ୍ରଥମ ପର୍ଯ୍ୟାୟରେ ଗ୍ରହଣ କରାଯିବାକୁ କୁହାଯାଇଛି। ସେଥିମଧ୍ୟରେ ପେନ୍‌ସନ ପ୍ରମାଣପତ୍ର କିମ୍ବା କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପ୍ରଦତ୍ତ ଚାକିରି ସମ୍ପର୍କିତ ପ୍ରମାଣପତ୍ର ସହିତ ଜୁଲାଇ ପହିଲା ୧୯୮୭ ସୁଦ୍ଧା କେନ୍ଦ୍ର ସରକାରଙ୍କ ଅଧୀନ ବ୍ୟାଙ୍କ, ପୋଷ୍ଟ ଅଫିସ୍, ଏଲ୍‌ଆଇସି କିମ୍ବା ପିଏସ୍‌ୟୁର ପରିଚୟପତ୍ର(ଏହି ଅବଧି ମଧ୍ୟରେ ସମ୍ପୃକ୍ତ ସଂସ୍ଥାର ପରିଚୟପତ୍ର କିମ୍ବା ସଂସ୍ଥାର ସ୍ୱୀକୃତିପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ପ୍ରଦତ୍ତ ଡକ୍ୟୁମେଣ୍ଟ), ଜନ୍ମ ପ୍ରମାଣପତ୍ର, ପାସ୍‌ପୋର୍ଟ, ସ୍ୱୀକୃତିପ୍ରାପ୍ତ ଅନୁଷ୍ଠାନରୁ ମାଟ୍ରିକ୍ କିମ୍ବା ଶିକ୍ଷା ସାର୍ଟିଫିକେଟ୍, ତହସିଲଦାରଙ୍କ ଦ୍ୱାରା ପ୍ରଦତ୍ତ ସ୍ଥାୟୀ ଆବାସିକ ପ୍ରମାଣପତ୍ର, ଜଙ୍ଗଲ ଜମି ଅଧିକାର ପ୍ରମାଣପତ୍ର, ଜାତିଗତ ପ୍ରମାଣପତ୍ର, ଜାତୀୟ ନାଗରିକତ୍ୱ ପ୍ରମାଣପତ୍ର (ଏନ୍‌ଆର୍‌ସି) (ଯାହାକି ଓଡ଼ିଶାରେ ହୋଇନାହିଁ), ରାଜ୍ୟ ସରକାର କିମ୍ବା ସ୍ଥାନୀୟ ପ୍ରଶାସନ ପକ୍ଷରୁ ପ୍ରସ୍ତୁତ ପରିବାର ପଞ୍ଜୀକରଣ ଏବଂ ଜମି କିମ୍ବା ଘର ଆବଣ୍ଟନ ପ୍ରମାଣପତ୍ରକୁ ବିବେଚନା କରାଯିବ। ଏହି ଡକ୍ୟୁମେଣ୍ଟ ନ ଥିବାର ଯଦି କୌଣସି ଅଭିଯୋଗ ଆସେ ତାକୁ ମଧ ବିଏଲ୍‌ଓସ୍ତରରେ ଯାଞ୍ଚ କରାଯିବ ବୋଲି ସିଇଓ ଗୋପାଳନ କହିଛନ୍ତି।

ଉଲ୍ଲେଖଯୋଗ୍ୟ, ଭାରତର ନିର୍ବାଚନ ଆୟୋଗଙ୍କ ପକ୍ଷରୁ ବିହାରରେ ଆରମ୍ଭ ହୋଇଥିବା ଏସ୍‌ଆଇଆର୍‌କୁ ବିରୋଧୀ ଦଳଗୁଡ଼ିକ ପକ୍ଷରୁ ତୀବ୍ର ବିରୋଧ କରାଯାଉଛି। ଏହାକୁ ନେଇ କଥା ସୁପ୍ରିମକୋର୍ଟ ପର୍ଯ୍ୟନ୍ତ ଗଲାଣି। ଆଗାମୀ ଦିନରେ ଓଡ଼ିଶାରେ ଏସ୍‌ଆଇଆର୍ କିଭଳି ଶୃଙ୍ଖଳିତ ହେବ ତାହା ଉପରେ ସମସ୍ତଙ୍କ ନଜର।

### ମନିକା ବିଶ୍ୱକର୍ମା...

ଗୌରବାନ୍ୱିତ କରିବା ତାଙ୍କର ଆଗାମୀ ଲକ୍ଷ୍ୟ ବୋଲି ମନିକା କହିଛନ୍ତି। ପ୍ରକାଶ ଯେ, ମିସ୍ ୟୁନିଭର୍ସ ପ୍ରତିଯୋଗିତାରେ ଭାରତର ଟ୍ରାକ୍ ରେକର୍ଡ ଉଲ୍ଲେଖନୀୟ ରହିଛି। ବର୍ତ୍ତମାନ ସୁଦ୍ଧା ୩ ଭାରତୀୟ ଏହି ସମ୍ମାନଜନକ ବିଶ୍ୱସ୍ତରୀୟ ଟାଇଟଲକୁ ହାସଲ କରିଛନ୍ତି। ୧୯୯୪ରେ ଅଭିନେତ୍ରୀ ସୁସ୍ମିତା ସେନ୍ ପ୍ରଥମ ଭାରତୀୟ ଭାବେ ମିସ୍ ୟୁନିଭର୍ସ ହୋଇଥିଲେ। ସେହିପରି ୨୦୦୦ରେ ଅଭିନେତ୍ରୀ ଲାରା ଦତ୍ତା ଏବଂ ୨୦୨୧ରେ ହରନାଜ୍ ସାନ୍ଧୁ ମିସ୍ ୟୁନିଭର୍ସ ଟାଇଟଲ ହାସଲ କରି ଦେଶକୁ ଗୌରବାନ୍ୱିତ କରିଥିଲେ।

### ଅନ୍‌ଲାଇନ ଗେମିଂରେ...

ଏଥିରେ ବିଜୟୀ ହେଉଥିବା ବ୍ୟକ୍ତି ବା ସଂସ୍ଥା ଉପରେ ୨୦୨୪-୨୫ ଆର୍ଥିକ ବର୍ଷରୁ ୩୦% ଟ୍ୟାକ୍ସ ଲଗାଯାଇଛି। ଦରିଆପାରି ଗେମିଂ ପ୍ଲାଟ୍‌ଫର୍ମଗୁଡ଼ିକୁ ଟିକସଭୁକ୍ତ କରାଯିବା ସହ ପଞ୍ଜୀକୃତ ହୋଇ ନ ଥିବା କିମ୍ବା ବେଆଇନ ସାଇଟ୍‌ଗୁଡ଼ିକୁ ବ୍ଲକ୍ କରିବା କ୍ଷମତା ଆଇନ ପ୍ରବର୍ତ୍ତନକାରୀ ସଂସ୍ଥାକୁ ଦିଆଯାଇଛି। ୨୦୨୨ରୁ ୨୦୨୫ ଫେବୃଆରୀ ମଧ୍ୟରେ କେନ୍ଦ୍ର ସରକାର ୧,୪୦୦ରୁ ଊର୍ଦ୍ଧ୍ୱ ବେଟିଂ ଆପ୍ ଏବଂ ଗେମ୍ବଲିଂ ୱେବ୍‌ସାଇଟ୍ ଓ ଆପ୍‌କୁ ବ୍ଲକ୍ କରିଛନ୍ତି।



କୋଲ୍‌କାତାରେ ଅବସ୍ଥାପିତ ବ୍ରିଟେନ୍ ଉପ ଉଚ୍ଚାୟୁକ୍ତ ଆଣ୍ଡ୍ରୁ ଫ୍ଲେମିଂ ଓଡ଼ିଶା ଗସ୍ତରେ ଆସିଥିବାବେଳେ ମଙ୍ଗଳବାର ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ କାର୍ଯ୍ୟାଳୟକୁ ସୌଜନ୍ୟମୂଳକ ପରିଦର୍ଶନ ଅବସରରେ ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ସମ୍ପାଦକ ତଥାଗତ ସତପଥୀ, ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ, କୋଲକାତା ବ୍ରିଟିଶ୍ ଡେପୁଟି ହାଇକମିଶନ୍‌ର ଆସିଷ୍ଟାଣ୍ଟ କମ୍ୟୁନିକେଶନ, ଇଭେଣ୍ଟ୍ସ ଆଣ୍ଡ ଭିଜିଟ୍‌ସ ଅଫିସର ସ୍ୱର୍ଣ୍ଣମୟୀ ଶତପଥୀ ଏବଂ ଧରିତ୍ରୀ ପରିବାରର ସଦସ୍ୟାସଦସ୍ୟ।

# ୨୫ରୁ ଯୁକ୍ତ୨ ଦ୍ୱିତୀୟ ପର୍ଯ୍ୟାୟ ପ୍ରଥମ ଚୟନ ନାମଲେଖା ଆବେଦନ

ଭୁବନେଶ୍ୱର,୧୯।୮(ସୁଚିସ୍ମିତା ସାହୁ)

ଯୁକ୍ତ୨ ଦ୍ୱିତୀୟ ପର୍ଯ୍ୟାୟ ପ୍ରଥମ ଚୟନ ନାମଲେଖା ବିଜ୍ଞପ୍ତି ମଙ୍ଗଳବାର ପ୍ରକାଶ ପାଇଛି। ଛାତ୍ରୀଛାତ୍ରମାନେ ଆସନ୍ତା ୨୫ ତାରିଖଠାରୁ ନାମଲେଖା ପାଇଁ ଆବେଦନ କରିପାରିବେ। ଯେଉଁ ବିଦ୍ୟାର୍ଥୀମାନେ ପ୍ରଥମ ପର୍ଯ୍ୟାୟ-୧ ଇ-ଆଡ୍‌ମିଶନ ୨୦୨୫-୨୬ରେ ଆବେଦନ କରିଥିଲେ, କିନ୍ତୁ କୌଣସି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନାମ ଲେଖାଇବା ପାଇଁ ମନୋନୀତ ହୋଇ ନ ଥିଲେ, ସେମାନେ କୌଣସି ଅତିରିକ୍ତ ସିଏଏଫ୍ ଫି' ବିନା ସେମାନଙ୍କର ବିଦ୍ୟମାନ ଲଗ୍-ଇନ୍ ବ୍ୟବହାର କରି ପୁନଃ ଆବେଦନ କରିପାରିବେ। ସେହିପରି ଯେଉଁ ବିଦ୍ୟାର୍ଥୀମାନେ ପ୍ରଥମ ପର୍ଯ୍ୟାୟରେ ପ୍ରବେଶ ପାଇ ନ ଥିଲେ ଅଥବା ସିଏଏଫରେ ଆବେଦନ କରି ନ ଥିଲେ କିମ୍ବା ଟିସି ଅଗଷ୍ଟ ୩୧ ସୁଦ୍ଧା କିମ୍ବା ପୂର୍ବରୁ ନେଇଥିଲେ, ସେମାନଙ୍କୁ ପର୍ଯ୍ୟାୟ-୨ ପ୍ରଥମ

## ସେପ୍ଟେମ୍ବର ୪ରେ ମେଧା ତାଲିକା

ଚୟନ ଫି ପ୍ରଦାନ ସହିତ ଏକ ନୂତନ ସିଏଏଫ୍ ଦାଖଲ କରିବାକୁ ପଡ଼ିବ। ଆବେଦନକାରୀମାନେ ସେମାନଙ୍କ ସାଧାରଣ ଆବେଦନ ଫର୍ମ ୪ଥର ପର୍ଯ୍ୟନ୍ତ ଏଡିଟ କରିପାରିବେ ବୋଲି ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଫର୍ମ ଆବେଦନ କରିବାର ଶେଷ ତାରିଖ ଅଗଷ୍ଟ ୩୧ ରହିଛି। ସେପ୍ଟେମ୍ବର ୪ରେ ଦ୍ୱିତୀୟ ପର୍ଯ୍ୟାୟ ମେଧା ତାଲିକା ପ୍ରକାଶ ପାଇବା ସହିତ ୬ରୁ ୧୦ତାରିଖ ଭିତରେ ଆଡ୍‌ମିଶନ ପାଇଁ ଉକ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ରିପୋର୍ଟିଂ କରିବେ। ନାମଲେଖା ଫର୍ମ ଏଡିଟ କରିବାର ଶେଷ ତାରିଖ ୧୧ ପର୍ଯ୍ୟନ୍ତ ରହିଛି। ସ୍ପଟ୍ ନାମଲେଖା ପାଇଁ ଚଏସ୍ ଲକିଂ ୧୨ ଓ ୧୩ ତାରିଖ ପର୍ଯ୍ୟନ୍ତ କରିପାରିବେ। ସେହିପରି ୧୭ ତାରିଖରେ ସ୍ପଟ୍ ନାମଲେଖାର ମେଧା ତାଲିକା ପ୍ରକାଶ ପାଇବ।

# ୨% ଅର୍ଥ ଖର୍ଚ୍ଚ କରିପାରୁନି କ୍ରୀଡ଼ା ବିଭାଗ

ଭୁବନେଶ୍ୱର,୧୯।୮
(ରବିନାରାୟଣ ଜେନା)

## ୭ ବିଭାଗର ନୈରାଶ୍ୟଜନକ ସ୍ଥିତି

କ୍ରୀଡ଼ା ଭିତ୍ତିଭୂମିକୁ ସୁଦୃଢ଼ କରି ଯୁବବର୍ଗଙ୍କୁ ଉତ୍ସାହିତ କରିବା ପାଇଁ ରାଜ୍ୟରେ କ୍ରୀଡ଼ା ଓ ଯୁବବ୍ୟାପାର ବିଭାଗ କାର୍ଯ୍ୟକାରୀ ହେଉଛି। ହେଲେ ବିଭାଗ ଚଳିତ ଆର୍ଥିକବର୍ଷ ପାଇଁ ଯେଉଁ ଯୋଜନା ଓ ଆଭିମୁଖ୍ୟ ରଖିଥିଲା, ତାହା ଏବେ ବାଟବଣା ହେଲାଭଳି ପରିଲକ୍ଷିତ ହେଉଛି। ରାଜ୍ୟ ସରକାରଙ୍କ ୨୦୨୫-୨୬ ଆର୍ଥିକବର୍ଷ ବଜେଟକୁ ଇତିମଧ୍ୟରେ ୫ ମାସ ବିତିବାକୁ ବସିଲାଣି। ହେଲେ ଏପର୍ଯ୍ୟନ୍ତ ବିଭାଗ ୨ ପ୍ରତିଶତ ଅର୍ଥ ଖର୍ଚ୍ଚ କରିବାକୁ ସକ୍ଷମ ହୋଇପାରିନାହିଁ। ଏଥିପାଇଁ କିଏ ବାଟ ଓଗାଳିଛି ବୋଲି ଅଗଷ୍ଟ ୧୧ରୁ ୧୩ ତାରିଖ ମଧ୍ୟରେ ଉନ୍ନୟନ ଆୟୁକ୍ତ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରୁ ଜଣାଯାଇଛି।

ଉନ୍ନୟନ ଆୟୁକ୍ତ ଗର୍ଗଙ୍କ ଅଧ୍ୟକ୍ଷତାରେ ସମସ୍ତ ବିଭାଗର ବଜେଟ ଖର୍ଚ୍ଚ ସମୀକ୍ଷା ଚଳିତମାସ ୧୧ରୁ ୧୩ ପର୍ଯ୍ୟନ୍ତ ହୋଇଥିଲା। ଏହି ଅବସରରେ କ୍ରୀଡ଼ା ଓ ଯୁବବ୍ୟାପାର ବିଭାଗ ପକ୍ଷରୁ ଯେଉଁ ଖର୍ଚ୍ଚ ପ୍ରଦର୍ଶନ କରାଯାଇଥିଲା, ତାହା ଅତ୍ୟନ୍ତ ନଗଣ୍ୟ ରହିଥିଲା। ବିଭାଗୀୟ ସଚିବ ସମୀକ୍ଷା ବେଳେ ଦର୍ଶାଇଥିଲେ ଯେ, ବିଭାଗ ପକ୍ଷରୁ ଚଳିତବର୍ଷ ୧୧୨୦ କୋଟି ଟଙ୍କାର ବଜେଟ ବ୍ୟବସ୍ଥା ହୋଇଛି। ଜୁଲାଇ ଶେଷ ସୁଦ୍ଧା ୧.୭୬ % ଅର୍ଥ ଖର୍ଚ୍ଚ ହୋଇଛି। ସଚିବଙ୍କ ଏହି ହିସାବକୁ ନେଇ ଅନ୍ୟ ସମସ୍ତ ବିଭାଗର ଅଧିକାରୀ ଓ ନିଜେ ଉନ୍ନୟନ ଆୟୁକ୍ତ ଆଶ୍ଚର୍ଯ୍ୟଚକିତ ହୋଇଥିଲେ। କେଉଁ କାରଣ ପାଇଁ ବିଭାଗର ଖର୍ଚ୍ଚ ନୈରାଶ୍ୟଜନକ ରହିଛି ବୋଲି ପ୍ରଶ୍ନ କରିବା ସହିତ ଏହା କିଭଳି ବିଭିନ୍ନ ପ୍ରକାର କ୍ରୀଡ଼ା ଭିତ୍ତିଭୂମିର ସୁଦୃଢ଼ ଏବଂ ଯୁବବର୍ଗଙ୍କୁ ପ୍ରୋତ୍ସାହନ କ୍ଷେତ୍ରରେ ଖର୍ଚ୍ଚ ହୋଇପାରିବ ସେନେଇ ନିର୍ଦ୍ଦେଶ ଦେଇଥିଲେ। ଏପରିକି ଯଦି ଖର୍ଚ୍ଚ କରିପାରୁନାହଁ ତେବେ ଅତିରିକ୍ତ ବଜେଟ ପ୍ରସ୍ତାବ ପ୍ରସ୍ତୁତକରି ସରକାରଙ୍କୁ ତୁରନ୍ତ ଅବଗତ କରାଇବାକୁ ଉନ୍ନୟନ ଆୟୁକ୍ତ ବିଭାଗକୁ ନିର୍ଦ୍ଦେଶ ଦେଇଥିବା ସରକାରଙ୍କ ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେବା ସହ ଯୋଜନା ଓ ସଂଯୋଜନ ବିଭାଗ ଓଏସ୍‌ଡି ତଥା ସ୍ୱତନ୍ତ୍ର ସଚିବ ଡି.କେ. ଜେନାଙ୍କ ପତ୍ରରୁ ଜଣାଯାଇଛି।

ଓଏସ୍‌ଡି ଡି.କେ. ଜେନା ଚଳିତମାସ ୧୬ରେ ସମସ୍ତ ବିଭାଗକୁ ପ୍ରଦାନ କରିଥିବା ବିବରଣୀରୁ ଜଣାଯାଇଛି, କେବଳ ଯେ କ୍ରୀଡ଼ା ଓ ଯୁବବ୍ୟାପାର ବିଭାଗ ବଜେଟ ଅର୍ଥ ଖର୍ଚ୍ଚ କରିବାରେ ଅସମର୍ଥ ରହିଛି ତାହା ନୁହେଁ, ନଗର ଉନ୍ନୟନ ବିଭାଗ, ବାଣିଜ୍ୟ ଓ ପରିବହନ ବିଭାଗ, ଶକ୍ତି ବିଭାଗ, ଉଚ୍ଚଶିକ୍ଷା, ଅନୁସୂଚିତ ଜାତି, ଜନଜାତି, ସଂଖ୍ୟାଲଘୁ ଓ ପଛୁଆବର୍ଗ, ଗ୍ରାମ୍ୟ ଉନ୍ନୟନ ଭଳି ବିଭାଗର ଖର୍ଚ୍ଚ ମଧ୍ୟ ନିରୁତ୍ସାହଜନକ ରହିଛି। ଏହି ପରିପ୍ରେକ୍ଷୀରେ ମହିଳା ଓ ଶିଶୁ କଲ୍ୟାଣ ବିଭାଗର ବଜେଟ ଖର୍ଚ୍ଚ ଅତ୍ୟନ୍ତ ଉତ୍ସାହଜନକ ରହିଛି। ଚଳିତମାସ ୧୦ ସୁଦ୍ଧା ମହିଳା ଓ ଶିଶୁ କଲ୍ୟାଣ ବିଭାଗ ପ୍ରାୟ ୫୦ପ୍ରତିଶତ ଅର୍ଥ ଖର୍ଚ୍ଚ କରିବାରେ ସକ୍ଷମ ହୋଇଛି। ତେଣୁ ବିଭାଗୀୟ ସଚିବ ଶୁଭା ଶର୍ମାଙ୍କୁ ରାଜ୍ୟ ସରକାରଙ୍କ ଜନହିତକର ଯୋଜନାର ସମୀକ୍ଷା କରିବାକୁ କୁହାଯାଇଛି। ସେଥିମଧ୍ୟରେ ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୁଷ୍ଟି ଯୋଜନା, ଓଡ଼ିଶା ପୁଷ୍ଟି ମିଶନ, ଆଦିକା, ଆମେ ପଢ଼ିବା ଆମ ଭାଷାରେ, ମମତା, ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା, ସୁଭଦ୍ରା ଓ ପୋଷଣ ଅଭିଯାନ ପ୍ରଭୃତି ରହିଛି। ଏହାସହିତ ସଂପୃକ୍ତ ବିଭାଗ ପକ୍ଷରୁ ଏହିସବୁ ଯୋଜନାକୁ ତୃତୀୟପକ୍ଷ ମୂଲ୍ୟାୟନ କମିଟି ମାଧ୍ୟମରେ ସମୀକ୍ଷା କରିବାକୁ କୁହାଯାଇଛି।

ଅନ୍ୟପକ୍ଷରେ ନଗର ଉନ୍ନୟନ ବିଭାଗ ଜୁଲାଇ ଶେଷ ସୁଦ୍ଧା ୧୯.୩୯ ପ୍ରତିଶତ ବଜେଟ ଅର୍ଥ ଖର୍ଚ୍ଚ କରିଛି। ତେବେ ସ୍ୱଚ୍ଛ ଭାରତ ମିଶନ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଅମୃତ, ପିଏମ୍-ଇ-ବସ୍ ସେବା, ଏନ୍‌ୟୁଏଲ୍‌ଏମ୍ ଭଳି କେନ୍ଦ୍ରୀୟ ପ୍ରବର୍ତ୍ତିତ ଯୋଜନାଗୁଡ଼ିକର ସମୀକ୍ଷା କରିବାକୁ କୁହାଯାଇଛି। ସେହିପରି ବାଣିଜ୍ୟ ଓ ପରିବହନ ବିଭାଗ ଅଗଷ୍ଟ ୭ ସୁଦ୍ଧା ୨୩.୬୬ ପ୍ରତିଶତ ବଜେଟ ଅର୍ଥ ଖର୍ଚ୍ଚ କରିଥିବାବେଳେ ଶକ୍ତି ବିଭାଗ ଅଗଷ୍ଟ ୮ ମାତ୍ର ୬.୯୩ ପ୍ରତିଶତ ଅର୍ଥ ଖର୍ଚ୍ଚ କରିଛି। ଉଚ୍ଚଶିକ୍ଷା ବିଭାଗ ୧୨ ଅଗଷ୍ଟ ସୁଦ୍ଧା ୧୬.୧, ଅନୁସୂଚିତ ଜାତି, ଜନଜାତି ବିଭାଗ ୧୩.୦୧, ଗ୍ରାମ୍ୟ ଉନ୍ନୟନ ବିଭାଗ ୨୨.୨୩ ଏବଂ ନିର୍ମାଣ ବିଭାଗ ୩୨.୫୩ ପ୍ରତିଶତ ଅର୍ଥ ଖର୍ଚ୍ଚ କରିଥିବା ଜଣାପଡ଼ିଛି।

# ମଣିଷମରା ହାତୀକୁ ବିଦା କର

- ଜି.ଉଦୟଗିରି, କଳିଙ୍ଗାରେ ବନ୍ଦ ପାଳନ
- ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ

ଜି.ଉଦୟଗିରି,୧୯।୮ (ଶିଶିର ପଟ୍ଟନାୟକ/ ଚିନ୍ମୟ କୁମାର ସେଠୀ)

କନ୍ଧମାଳ ଜିଲା ଜି.ଉଦୟଗିରି ଅଞ୍ଚଳରେ ଦୀର୍ଘ ୩ ବର୍ଷ ହେବ ହାତୀ ଉପଦ୍ରବ ଜାରି ରହିଛି। ହିଂସ୍ର ହୋଇ ଉଠିଥିବା ଦନ୍ତାହାତୀ ଆକ୍ରମଣରେ ମଣିଷ ଓ ଗୃହପାଳିତ ପ୍ରାଣୀଙ୍କ ମୃତ୍ୟୁ ହୋଇଛି। ଉକ୍ତ ଦନ୍ତାକୁ ସ୍ଥାନୀୟ ଅଞ୍ଚଳରୁ ଅନ୍ୟତ୍ର ସ୍ଥାନାନ୍ତର କରିବା ସହ ୪ ଦଫା ଦାବି ନେଇ ଅଞ୍ଚଳବାସୀଙ୍କ ତରଫରୁ ମଙ୍ଗଳବାର ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଜି.ଉଦୟଗିରି, କଳିଙ୍ଗାରେ ବନ୍ଦ ପାଳନ କରାଯାଇଛି। ବନ୍ଦ ଡାକରା ଯୋଗୁ ସହରର ସମସ୍ତ ଦୋକାନ ବଜାର, ସରକାରୀ ବେସରକାରୀ ଅନୁଷ୍ଠାନ ଓ ଯାନବାହନ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା। ଶତାଧିକ ମହିଳା, ପୁରୁଷ ସ୍ଥାନୀୟ ହାଟପଦାଠାରୁ ଶାନ୍ତିପୂର୍ଣ୍ଣ ଭାବେ ରାଲିରେ ଯାଇ ୪ ଦଫା ସମ୍ବଳିତ ଦାବିପତ୍ର ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ଥାନୀୟ ତହସିଲଦାର ରଞ୍ଜନ କୁମାର ସାହୁ ଓ ବିଡିଓ ଶରତ ଚନ୍ଦ୍ର ମଲ୍ଲିକଙ୍କୁ ପ୍ରଦାନ କରିଥିଲେ। ଦାବି ମଧ୍ୟରେ ହିଂସ୍ର ଦନ୍ତାକୁ ଅନ୍ୟତ୍ର ସ୍ଥାନାନ୍ତର କରିବା, ହାତୀ ଉପଦ୍ରବ ଯୋଗୁ ସମସ୍ତ ଗ୍ରାମରେ ସୋଲାର ଲାଇଟ୍ ଲଗାଇବା, ହାତୀ ଦ୍ୱାରା କ୍ଷତିଗ୍ରସ୍ତ ହୋଇଥିବା ସମସ୍ତ ପରିବାରଙ୍କୁ ତୁରନ୍ତ କ୍ଷତପୂରଣ ପ୍ରଦାନ କରିବା ଓ କନ୍ଧମାଳ ଜିଲାରେ ତୁରନ୍ତ ସ୍ଥାୟୀ ରକ୍ଷକ ଦଳ ବା ରାପିଡ୍ ରେସପନସ ଟିମ୍ ନିଯୁକ୍ତି କରିବା ଆଦି ରହିଛି। ସୂଚନାଯୋଗ୍ୟ, ହିଂସ୍ର ଦନ୍ତା ଗତ ୨ ମାସ ହେଲା ଦନ୍ତା ଲୋକଙ୍କ ବାଡ଼ି ବଗିଚାରେ ପଶି ଫସଲ ନଷ୍ଟ କରିବା ସହ ଘରଦ୍ୱାର ଭାଙ୍ଗୁଛି। ଏପରିକି ସ୍ଥାନୀୟ ଅଞ୍ଚଳର ୩ ଜଣ ଲୋକଙ୍କୁ ଦଳିଚକଟି ମାରିଦେଇଥିବା ବେଳେ ପ୍ରାୟ ୯ଟି ଗାଈ ଜୀବନ ନେଇଛି। ଉକ୍ତ ଦନ୍ତାକୁ ଏଠାରୁ ଅନ୍ୟତ୍ର ସ୍ଥାନାନ୍ତର କରିବା ପାଇଁ ବନ ବିଭାଗ ଓ ଜିଲାପାଳଙ୍କୁ ଲୋକେ ଅନୁରୋଧ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିପାରିନାହିଁ। ଏହାର ପ୍ରତିକାର ପାଇଁ ସ୍ଥାନୀୟ ଅଞ୍ଚଳବାସୀ ବନ୍ଦ ଡାକରାରେ ସାମିଲ ହୋଇଥିଲେ। ସ୍ଥାନୀୟ ଥାନା ଆଇଆଇସି ବିଜୟ କୁମାର ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ମହିଳା ଓ ପୁରୁଷ ପୋଲିସ କର୍ମଚାରୀ ସହରର ବିଭିନ୍ନ ସ୍ଥାନରେ ରହି ଆଇନଶୃଙ୍ଖଳା ପରିସ୍ଥିତି ଉପରେ ନଜର ରଖିଥିଲେ। ଶାନ୍ତି ଶୃଙ୍ଖଳାର ସହ ବନ୍ଦ ପାଳନ ହୋଇଛି।

## ଭୁବନେଶ୍ୱର ବାଇପାସ୍‌କୁ କେନ୍ଦ୍ର କ୍ୟାବିନେଟ୍‌ର ମଞ୍ଜୁରୀ




# ବଜ୍ରପାତରେ ଚାଷୀ ମୃତ

ବନ୍ତ,୧୯।୮
(ହରିନାରାୟଣ ମହାନ୍ତି)

ଭଦ୍ରକ ଜିଲା ବନ୍ତ ବ୍ଲକ ଅଧୀନ କ୍ଷେଣ୍ଡତିରା ପଞ୍ଚାୟତର ଚାରିପୋଖରୀଆ ଗ୍ରାମରେ ମଙ୍ଗଳବାର ବିଲରେ କାମ କରୁଥିବା ବେଳେ ବଜ୍ରପାତରେ ଜଣେ ଚାଷୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଗ୍ରାମର ଗୌରା ମୁଣ୍ଡା(୨୮)। ସୂଚନା ଅନୁଯାୟୀ, ଗୌରା ତାଙ୍କ ବିଲରେ କାମ କରୁଥିବା ବେଳେ ଅପରାହ୍ନ ୨ଟା ୩୦ ବେଳେ ପ୍ରବଳ ବର୍ଷା ସହ ବଜ୍ରପାତ ହୋଇଥିଲା। ବଜ୍ରପାତରେ ସେ ବିଲରେ ଟଳି ପଡ଼ିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କର ଗୋଟିଏ ପୁଅ ଓ ଝିଅ ଥିବାବେଳେ ପରିବାର ବେସାହାରା ହୋଇଯାଇଛି। ତାଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

# ବଜ୍ରପାତରେ ୨ ଯୁବକଙ୍କ ମୃତ୍ୟୁ

କୋଲାବିରା,୧୯।୮(ଚିନ୍ମୟ କୁମାର ବହିଦାର)

ଝାରସୁଗୁଡ଼ା ଜିଲା କୋଲାବିରା ଥାନା ପରମାଣପୁର ପଞ୍ଚାୟତ ଅଧୀନ କାଲିବାହାଲ ଗ୍ରାମରେ ମଙ୍ଗଳବାର ବଜ୍ରପାତ ହେବାରୁ ୨ ଜଣ ଯୁବକଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ କାଲିବାହାଲ ଗ୍ରାମର ବୀର କିଷାନ ଓ ଦୁଃଖବନ୍ଧୁ ମାଝୀ। ବୀର ନିଜ ଚାଷଜମିରେ ଔଷଧ ପକାଇବାକୁ ଯାଇଥିଲେ। ଅପରପକ୍ଷରେ ହେଲ୍‌ପର କାମ କରୁଥିବା ଦୁଃଖବନ୍ଧୁ ଟ୍ରାକ୍ଟରରେ ଜମି କାଦୁଅ କରିବା ପାଇଁ ଯାଇଥିଲେ। ଅପରାହ୍ନ ପ୍ରାୟ ୩ଟାରେ ବର୍ଷା, ଘଡ଼ଘଡି ହେବାରୁ ସେମାନେ ଗ୍ରାମର ଏକ ମହୁଲ ଗଛମୂଳରେ ଛିଡା ହୋଇଥିଲେ। ହଠାତ୍ ବଜ୍ରପାତ ହେବାରୁ ସେମାନେ ଟଳି ପଡ଼ିଥିଲେ। ଚିକିତ୍ସା ପାଇଁ ସେମାନଙ୍କୁ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି।

# ମା'ଙ୍କୁ ମୁଖାଗ୍ନି ଦେଲେ ଝିଅ



ଲୋପାମୁଦ୍ରା ମା'ଙ୍କୁ ମୁଖାଗ୍ନି ଦେଉଛନ୍ତି।

ଉମରକୋଟ, ୧୯।୮(ସନ୍ତୋଷ ଶତପଥୀ)

ସାଧାରଣତଃ ଘରେ ଝିଅ ଜନ୍ମ ହେଲେ ଅନେକେ ନାପସନ୍ଦ ଓ ଦୁଃଖ ପ୍ରକାଶ କରନ୍ତି। ଏବେବି ସେ ପୁରାତନ କାଳର ଧାରଣା ଲୋକଙ୍କ ମନରେ ରହିଛି ଯେ ଝିଅ ଜନ୍ମ କେବଳ ପରଘରକୁ। ପୁଅ ଥିଲେ ମୃତ୍ୟୁ ସମୟରେ ମୁଖାଗ୍ନି ଓ ପିଣ୍ଡଦାନ କରିବ। କିନ୍ତୁ ମଙ୍ଗଳବାର ନବରଙ୍ଗପୁର ଜିଲା ଉମରକୋଟ ପୌରାଞ୍ଚଳରେ ଜଣେ ଝିଅ ତାଙ୍କ ମା'ଙ୍କ ମୃତ୍ୟୁ ପରେ ମୁଖାଗ୍ନି ଦେଇଛନ୍ତି। ଉମରକୋଟର ଖବରଦାତା ହରିହର ଶତପଥୀଙ୍କ ସ୍ତ୍ରୀ କୁନ୍ତଳାଙ୍କ ମଙ୍ଗଳବାର ମୃତ୍ୟୁ ହୋଇଥିଲା। ସାନ ଝିଅ ଲୋପାମୁଦ୍ରା ମୁଖାଗ୍ନି ଦେଇଥିଲେ। ସୂଚନାନୁଯାୟୀ କୁନ୍ତଳା ଶତପଥୀ ୮ ବର୍ଷ ହେଲା ବ୍ରେନ୍ ଟ୍ୟୁମରରେ ପୀଡ଼ିତ ହେବା ସହ ଶଯ୍ୟାଶାୟୀ ଥିଲେ। ତାଙ୍କର ୨ଟି ଝିଅ। କିଛିଦିନ ଆଗରୁ ବଡ଼ ଝିଅଙ୍କ ବିବାହ ହୋଇଥିଲା। ମଙ୍ଗଳବାର କୁନ୍ତଳାଙ୍କର ମୃତ୍ୟୁ ହୋଇଥିଲା। ତାଙ୍କର କେହି ପୁଅ ନ ଥିବାରୁ ସାନ ଝିଅ ହିଁ ମୁଖାଗ୍ନି ଦେବେ ବୋଲି ସ୍ଥିର ହୋଇଥିଲା। ଉମରକୋଟ ଶ୍ମଶାନରେ କୁନ୍ତଳାଙ୍କ ସତ୍କାର କରାଯାଇଥିଲା। ଲୋପାମୁଦ୍ରା ମୁଖାଗ୍ନି ଦେଇଥିଲେ। ପରମ୍ପରା ଓ ପୁରୁଣା ପ୍ରଥା ଅନୁଯାୟୀ ପୁରୁଷ ଲୋକ ହିଁ ପରିବାର ପରିଜନଙ୍କୁ ମୁଖାଗ୍ନି ଦେଇଥାନ୍ତି। କିନ୍ତୁ ଆମ ବଂଶରେ କେହି ପୁଅ ନାହାନ୍ତି ତେଣୁ ମା'ଙ୍କ ଶେଷକୃତ୍ୟ ସମୟରେ ପିଣ୍ଡଦାନ ସହ ଓ ମୁଖାଗ୍ନି ଦେଇଛି। ଆଗାମୀ ସମସ୍ତ କାର୍ଯ୍ୟ କରିବେ ବୋଲି ଲୋପାମୁଦ୍ରା କହିଛନ୍ତି। ପୂର୍ବ କାଳର ପ୍ରଥାକୁ ବଦଳାଇବାକୁ ଏହିଭଳି ନିଷ୍ପତ୍ତି ନେଇଛନ୍ତି ବୋଲି ସେ କହିଥିଲେ। ଝିଅ ଆଜି ଯାହା କରିଛି ତାହା ସମାଜ ପାଇଁ ଉଦାହରଣ ବୋଲି ଲୋପାମୁଦ୍ରାଙ୍କ ଦାଦା କହିଛନ୍ତି।





New Seltos
Tech is now badass
It's not only badass to look at, but also to look out of. Enjoy the great view offered by the dual pane panoramic sunroof, now at an unbeatable price. Rush to the nearest dealership now!

Badass. Technology. Redefines the segment, yet again

Dual Pane Panoramic Sunroof — gives you a mesmerising view.
Cruise Control — allows you to maintain a set speed.
R16 - 40.56 cm (16") Hyper Metallic Alloy Wheels — are absolute showstoppers.
20.32 cm (8.0") Touchscreen Navigation — for an engaging, intuitive display experience.
Smart Key with Push Button Start — for the power of convenience at your fingertips.



Host of other Badass Features: Full Digital Cluster with 10.5 cm (4.2") Color TFT MID | 20.32 cm (8.0") Touchscreen with Wireless Android Auto & Apple CarPlay | Steering Mounted Audio Controls, All Door Speakers, Front Tweeters, Bluetooth | USB Type-A Port | Type-C USB Charger (Front x1 and Rear x2) | Front 12V Power Outlet | All Door Power Windows | Illuminated Window Button (All Doors) | Electric Adjustable Outside Rear View Mirror with Turn Signal Indicator | Smart Key with Push Button Start/ Stop | Smart Key Remote Engine Start/ Stop | Motion Sensor in Smart Key | Shark Fin Antenna | Star Map LED DRLs | Sound Mood Lamp | Ambient Lighting

Kia Service | 3 Years Unlimited km Warranty | Extended Warranty** Up to 5 Years | My Convenience Plus# Best-in-class Cost of Ownership | IoT Based Smart Services`` | 24x7 | 3 Years Nationwide RSA°

For more information, visit our dealership or contact:
1800 108 5000 | 093195 91407 | www.kia.com | Book Kia Seltos | Look for "Kia India" @

^ Terms & Conditions Apply. *Ex-showroom price of Seltos G1.5 HTK (O) 6MT. The product & feature images shown in this ad is for representation purpose only. Features and specifications as shown may not be part of standard fitment and may vary. The color shown are subject to availability and may not be available across all variants and may differ slightly from those shown in this ad. Segment is defined as Mid SUV whose length lies between 4 220 - 4 390 mm and width between 1 760 - 1 810 mm.**3 Years standard warranty and 2 years extended warranty. ``IoT based workshops for live vehicle tracking for digital experience. °RSA coverage across India except Andaman & Nicobar Islands and Lakshadweep. #My Convenience Plus, the most unique comprehensive peace of mind program. The specifications and features may vary depending on models/ variants. Kia India Pvt. Ltd. (Formerly known as Kia Motors India Private Limited) reserves the right to make any changes with respect to the trims colors, specifications and other details of any model as mentioned in this ad or to discontinue any model without prior notice. For more details visit your local Kia dealership. Kia India Pvt. Ltd. (Formerly known as Kia Motors India Private Limited) urges you to follow traffic rules these are meant to keep you safe on roads.

Basanti Kia
Balasore, Tel: 7077732182

ଯେଉଁ ଲୋକ ତୁମ ଉପରେ ରାଗୁଛି ବା ତୁମକୁ ଅପମାନ କରୁଛି-ତୁମର ଆଗ ବୁଝିବା ଉଚିତ ଯେ, ସେ ଗୋଟିଏ ଦୁର୍ବଳ ଲୋକ। ଏଣୁ ସେ ଏତେ ରାଗୁଛି। କିନ୍ତୁ ତୁମେ ଯଦି ତା'ର ଏହି ରାଗ ଓ ହିଂସାର ପ୍ରତ୍ୟୁତ୍ତର ଦିଅ ବା ପ୍ରତିକ୍ରିୟା ଦେଖାଅ- ତେବେ ଏ କଥା ନିଶ୍ଚୟ ଜାଣିବ ଯେ, ତୁମେ ମଧ୍ୟ ତା'ଭଳି ଏକ ଦୁର୍ବଳ ବ୍ୟକ୍ତିତ୍ୱ। -ଶ୍ରୀମା



# ଲିଭିଂ ଲାବ୍

ଜଳବାୟୁ ପରିବର୍ତ୍ତନ ଯୋଗୁ ଏବେ ବନ୍ୟା, ବାତ୍ୟା, ଭୂସ୍ଖଳନ ଓ ଜଙ୍ଗଲ ନିଆଁର ପ୍ରାବଲ୍ୟତା ଯେଉଁଭଳି ବୃଦ୍ଧି ପାଉଛି, ତାହା ଏବେ ଦେଶବ୍ୟାପୀ ସମସ୍ତେ ହୃଦ୍‌ବୋଧ କରୁଛନ୍ତି। ଓଡ଼ିଶାରେ ପୂର୍ବରୁ ମଧ୍ୟ ଏହିଭଳି ବାତ୍ୟା, ବନ୍ୟା ଓ ଠାଏ ଠାଏରେ ମରୁଡ଼ି ହୋଇ ଆସୁଛି। ସେ ସମ୍ପର୍କରେ ଆମେ ସମସ୍ତେ ଅଙ୍ଗେ ନିଭାଇ ଚାଲିଛୁ। ବିଶେଷକରି ସହରରେ ବର୍ଷାଜନିତ ବନ୍ୟା ସାଙ୍ଗକୁ ପାହାଡ଼ିଆ ଅଞ୍ଚଳରେ ଭୂସ୍ଖଳନ ମନୁଷ୍ୟକୃତ ବିପର୍ଯ୍ୟୟର ଭୟାବହତାକୁ ସୂଚିତ କରିଛି। ନିକଟ ଅତୀତରୁ କେରଳଠାରୁ ଆରମ୍ଭ କରି ହିମାଚଳପ୍ରଦେଶ, ଉତ୍ତରାଖଣ୍ଡ, ନାଗାଲାଣ୍ଡ, ମଣିପୁର ଭଳି ରାଜ୍ୟ ଏବଂ ଜମ୍ମୁ ଓ କଶ୍ମୀରରେ ନିୟମିତ ଭୂସ୍ଖଳନ ଯୋଗୁ ବ୍ୟାପକ ଧନଜୀବନ ହାନି ହେଉଛି। ଚଳିତ ମାସର ବିଗତ ୧୫ ଦିନକୁ ଦେଖିଲେ ୫ ଅଗଷ୍ଟରେ ଉତ୍ତରାଖଣ୍ଡର ଧରାଳି ପରେ ଜମ୍ମୁ ଓ କଶ୍ମୀରରେ ଗତ ସପ୍ତାହରେ ଦୁଇଥର ଭୂସ୍ଖଳନ ଘଟି ବ୍ୟାପକ କ୍ଷୟକ୍ଷତି ଘଟାଇଛି। ତେବେ ପ୍ରାକୃତିକ ବିପର୍ଯ୍ୟୟ ନେଇ ଆଗୁଆ ସୂଚନା ଦେବା ସହିତ ଜନସଚେତନତା ସୃଷ୍ଟି ଲକ୍ଷ୍ୟରେ କେରଳର କୁନ୍ନୁର ଜିଲା କାନିଚାର ଗ୍ରାମ ପଞ୍ଚାୟତ ପକ୍ଷରୁ ଏବେ ନିଆଯାଇଥିବା ଏକ ଅଭିନବ ପ୍ରୟାସ ଅନେକଙ୍କ ଦୃଷ୍ଟି ଆକର୍ଷଣ କରିଛି। ଭାରତରେ ପ୍ରଥମେ ଏହି ଗ୍ରାମ ପଞ୍ଚାୟତରେ 'ଲିଭିଂ ଲାବ୍' ବ୍ୟବସ୍ଥା କରାଯାଇଛି। ଉଲ୍ଲେଖଯୋଗ୍ୟ ଯେ, ୨୦୨୨ରେ ଘଟିଥିବା ଭୂସ୍ଖଳନରେ ଏହି ଗ୍ରାମ ପଞ୍ଚାୟତର ୩ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଅନେକ ଶହ ଏକର ଚାଷଜମି ଉପରେ ପଥର ଓ ମାଟି ମାଡ଼ିଯାଇ ଲୋକଙ୍କ ଜୀବିକାକୁ ଘୋର ପ୍ରଭାବିତ କରିଥିଲା। ତେବେ ଜଳବାୟୁ ସମ୍ବେଦନଶୀଳତା ଓ ପ୍ରାକୃତିକ ବିପର୍ଯ୍ୟୟଜନିତ ଜଟିଳ ସ୍ଥିତିକୁ ମୁକାବିଲା କରିବା ସକାଶେ ଲୋକଙ୍କୁ ପୂର୍ବରୁ ସତର୍କ ସୂଚନା ଦେବାରେ ଲିଭିଂ ଲାବ୍ ବିଶେଷ ସହାୟକ ହେବ। ଗବେଷଣା ଓ ଅନୁଧ୍ୟାନ ଆଧାରରେ ନିର୍ଦ୍ଦିଷ୍ଟ ଅଞ୍ଚଳର ଭୌଗୋଳିକ ଓ ପାଣିପାଗଜନିତ ସ୍ଥିତି ସମ୍ପର୍କିତ ତଥ୍ୟ ସ୍ଥାନୀୟ ଅଧିବାସୀଙ୍କୁ ଜଣାଇବା ସହିତ ଅସ୍ୱାଭାବିକତାକୁ କିଭଳି ମୁକାବିଲା କରାଯାଇପାରିବ, ସେ ସଂକ୍ରାନ୍ତରେ ଲିଭିଂ ଲାବ୍ କାମ କରୁଥିବା ଜଣାପଡ଼ିଛି। ନେଦରଲାଣ୍ଡ୍‌ସରେ ଏହି ବ୍ୟବସ୍ଥା ପ୍ରଥମେ ବିକଶିତ କରାଯାଇଥିଲା। ସେହି ଅନୁଯାୟୀ କେରଳ ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ (କେଏସ୍‌ଡିଏମ୍‌ଏ) ଲିଭିଂ ଲାବ୍‌କୁ କାର୍ଯ୍ୟକାରୀ କରୁଛି। ଏଥିରେ ସରକାରୀ ସଂସ୍ଥା, ବିଶେଷଜ୍ଞ, ଘରୋଇ ସଙ୍ଗଠନ ଓ ଭଦ୍ର ସମାଜକୁ ସାମିଲ କରାଯାଇଛି। ଫଳରେ ଗ୍ରାମ ପଞ୍ଚାୟତରେ ସ୍ଥାପିତ ଏହି ସ୍ୱୟଂଚାଳିତ ପାଣିପାଗ କେନ୍ଦ୍ରରୁ ସମ୍ପୃକ୍ତ ଅଞ୍ଚଳର ଲୋକେ ପ୍ରତ୍ୟେକ ଦିନ ବର୍ଷା ଓ ପବନର ବେଗ ସମ୍ପର୍କରେ ତଥ୍ୟ ଜାଣିପାରୁଛନ୍ତି। ଭାରତ ପାଣିପାଗ କେନ୍ଦ୍ର (ଆଇଏମ୍‌ଡି)ର ଆଞ୍ଚଳିକ କାର୍ଯ୍ୟାଳୟ କେରଳରେ ଥିଲେ ମଧ୍ୟ ପଞ୍ଚାୟତ ସ୍ତରରେ ଏଭଳି ଅଭିନବ ପଦକ୍ଷେପ ନିଶ୍ଚିତ ଭାବେ ନିର୍ଦ୍ଦିଷ୍ଟ ଅଞ୍ଚଳର ଲୋକଙ୍କୁ ପାଣିପାଗଜନିତ ସଦ୍ୟତମ ସୂଚନା ଦେବାରେ ଅଧିକ ପ୍ରଭାବଶାଳୀ ହେଉଥିବା ଦେଖାଯାଉଛି। ବିଶେଷକରି ୬୦ ସଦସ୍ୟ ବିଶିଷ୍ଟ ଏକ ଟିମ୍‌କୁ ଜରୁରିକାଳୀନ ସ୍ଥିତିର ମୁକାବିଲା ପାଇଁ ସର୍ବଦା ଜାଗତିଆର ରଖାଯାଇଛି।

ଏଥିରୁ ବୁଝିବାକୁ ହେବ ଯେ, କେବଳ ପାଣିପାଗ ସୂଚନା ମିଳିଗଲେ ତାହାକୁ କିଭଳି ଭାବେ ବାସ୍ତବ ଜୀବନରେ ଉପଯୋଗ କରିହେବ, ସେ ସମ୍ପର୍କରେ ସାଧାରଣ ନାଗରିକ ସଚେତନ ନାହାନ୍ତି। ତେଣୁ ଖାଲି ସୂଚନା ନୁହେଁ, ତାହାର ବ୍ୟବହାରିକତା ଅଧିକ ଗୁରୁତ୍ୱ ବହନ କରୁଛି। ଏଥିସହିତ ଯେଉଁ ଅଞ୍ଚଳ ପ୍ରାକୃତିକ ବିପର୍ଯ୍ୟୟ ପ୍ରବଣ ରହିଛି, ସେସବୁ ସ୍ଥାନରେ ଯେଭଳି ମନୁଷ୍ୟକୃତ ବିପଦ ସୃଷ୍ଟି ନ ହେବ ସେହି ଦିଗରେ ସ୍ଥାନୀୟ ଅଧିବାସୀଙ୍କୁ ସମ୍ପୃକ୍ତ କରାଇବାର ସମୟ ଆସିଲାଣି। ଏକ ପରିସଂଖ୍ୟାନ କୁହେ, ୨୦୧୫ରୁ ୨୦୨୨ ମଧ୍ୟରେ ସମଗ୍ର ଭାରତରେ ଦେଖାଦେଇଥିବା ଭୂସ୍ଖଳନର ପାଖାପାଖି ୬୦ ପ୍ରତିଶତ କେରଳରେ ଘଟିଥିଲା। ମନେପକାଇ ଦିଆଯାଇପାରେ ଯେ, ୨୦୨୪ ଜୁଲାଇ ୩୦ରେ କେରଳର ୱାୟନାଡ଼ର ବିଭିନ୍ନ ସ୍ଥାନରେ ଭୂସ୍ଖଳନ ଘଟି ୨୫୪ ଜଣଙ୍କ ମୃତ୍ୟୁ ହେବା ସହ ୧୧୮ ଲୋକ ନିଖୋଜ ହୋଇଥିଲେ। ଏଥିରେ ୩୯୭ ଆହତ ହୋଇଥିଲେ। ଏଭଳି ଭୂସ୍ଖଳନର କାରଣ ଖୋଜାଯିବା ପରେ ଜଣାପଡ଼ିଥିଲା ପଶ୍ଚିମଘାଟ ପର୍ବତମାଳା ଅଞ୍ଚଳରେ ପ୍ରଚୁର ବର୍ଷାଜନିତ ବନ୍ୟାକୁ ରୋକିବା ପାଇଁ ଥିବା ଜଙ୍ଗଲ ସମୟକ୍ରମେ ମନୁଷ୍ୟକୃତ କ୍ଷତିକାରକ କାର୍ଯ୍ୟ ଯୋଗୁ ହ୍ରାସ ପାଇବାରେ ଲାଗିଛି। ଏଥିସହିତ ଯେଉଁଠିପାରେ ସେଇଠି ଅନିୟନ୍ତ୍ରିତ ନିର୍ମାଣ ଯୋଗୁ ପ୍ରାକୃତିକ ଜଳଉତ୍ସ ସଙ୍କୁଚିତ ହୋଇଯାଉଥିବା ବେଳେ ବର୍ଷା ଜଳ ଠିକ୍ ଭାବେ ନିଷ୍କାସନ ନ ହୋଇ ବିପର୍ଯ୍ୟୟ ସୃଷ୍ଟି କରୁଛି। ସେହିପରି ପର୍ବତର କଠିନ ସ୍ତର ଦୁର୍ବଳ ହୋଇଯିବାରୁ ମାଟି ଅତଡ଼ା ଧସି ଜନଜୀବନକୁ ବିପଦରେ ପକାଉଛି। ଏହିଭଳି ବହୁବିଧ କାରଣ ଭୂସ୍ଖଳନ ସୃଷ୍ଟି କରୁଥିବାରୁ ସେଥିରୁ କିଭଳି ତ୍ରାହି ମିଳିବ, ସେଥିଲାଗି ସ୍ଥାନୀୟ ପ୍ରଶାସନ ନିର୍ଦ୍ଦିଷ୍ଟ ଅଞ୍ଚଳର ଅଧିବାସୀଙ୍କୁ ବିକାଶ ଯୋଜନାରେ ଯୋଡ଼ିବା ଦରକାର। ପ୍ରାକୃତିକ ଅବସ୍ଥିତି ବିଷୟରେ ସେହିମାନେ ହିଁ ଭଲ ଭାବେ ଅବଗତ ଥାଆନ୍ତି। ତେଣୁ ସେମାନେ ସେମାନଙ୍କ ଅଞ୍ଚଳରେ ପରିସଂସ୍ଥାନକୁ କ୍ଷତି ନ ପହଞ୍ଚାଇଲା ଭଳି କେଉଁଠି ସଡ଼କ, ଶିଳ୍ପ ତଥା ଅନ୍ୟାନ୍ୟ ନିର୍ମାଣ ହୋଇପାରିବ ସେହି ଦିଗରେ ପ୍ରସ୍ତାବ ଦେଇପାରନ୍ତେ। ସେଗୁଡ଼ିକୁ ବିଶେଷଜ୍ଞ ଓ ପ୍ରଶାସନ ତର୍ଜମା କରି ଆଗକୁ ବଢ଼ିଲେ ବିପର୍ଯ୍ୟୟ ହ୍ରାସ ପାଇପାରନ୍ତା। ବର୍ଷାଜନିତ ଭୂସ୍ଖଳନ ଓ ଅନ୍ୟାନ୍ୟ ବିପର୍ଯ୍ୟୟ ନେଇ କାନିଚାର ଗ୍ରାମ ପଞ୍ଚାୟତରେ ସ୍ଥାପନ କରାଯାଇଥିବା 'ଲିଭିଂ ଲାବ୍' ବ୍ୟବସ୍ଥା ଓଡ଼ିଶାରେ କାର୍ଯ୍ୟକାରୀ କରାଯାଇପାରନ୍ତା। ଭୂସ୍ଖଳନ ନ ହେଲେ ମଧ୍ୟ ଓଡ଼ିଶାରେ ଅନେକ ଅତ୍ୟନ୍ତ କ୍ଷତିକାରକ ପ୍ରାକୃତିକ ବିପର୍ଯ୍ୟୟ ଦୀର୍ଘବର୍ଷ ଧରି ଘଟିଆସୁଛି। ଏବେ ଆଇଏମ୍‌ଡି ତରଫରୁ ମିଳୁଥିବା ତଥ୍ୟ ପୂର୍ବାପେକ୍ଷା ପାଖାପାଖି ଠିକ୍ ଆସିଲାଣି। ଏଭଳି ସ୍ପଷ୍ଟ ତଥ୍ୟ ସହିତ 'ଲିଭିଂ ଲାବ୍' ବ୍ୟବସ୍ଥା ମାଧ୍ୟମରେ ଜନସାଧାରଣଙ୍କୁ ନିଜର ସୁରକ୍ଷା ପାଇଁ ସମ୍ପୃକ୍ତ କରାଯାଇପାରନ୍ତା, ତାହା ହେଲେ ଏହି ରାଜ୍ୟର ଅନେକ ମଙ୍ଗଳ ଘଟିପାରନ୍ତା। ଏଥିସହିତ ହିମାଳୟ ସଂଲଗ୍ନ ରାଜ୍ୟରେ ଏହି ବ୍ୟବସ୍ଥା କାର୍ଯ୍ୟକାରୀ କରାଯିବା ସହିତ ମନୁଷ୍ୟକୃତ ବିପଦ କିଭଳି ନ ହେବ ସେଥିଲାଗି ଆଗୁଆ ପଦକ୍ଷେପ ନେବାର ମଧ୍ୟ ସମୟ ଆସିଲାଣି। ଏଠାରେ ବିକାଶକୁ ବିରୋଧ କରାଯାଉ ନାହିଁ, କିନ୍ତୁ ପରିବେଶ ଅନୁକୂଳ ଉନ୍ନତି ଘଟିଲେ ପରିସଂସ୍ଥା ଅର୍ଥାତ୍ ଉଭୟ ଉଦ୍ଭିଦ ଓ ପ୍ରାଣିଜଗତ ତିଷ୍ଠି ରହନ୍ତା।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 8 | | 1 | | | | | | |
| | | | 6 | | | | 3 | 5 |
| | 7 | | | 8 | | | | |
| | 6 | 2 | | | | | 9 | |
| | | | | | 7 | | | |
| 9 | | | | 2 | 5 | 4 | | |
| | 2 | 9 | | | 4 | | 5 | |
| | | | | | | | | |
| | | | 7 | 1 | | 6 | | 4 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 2 | 1 | 4 | 9 | 6 | 8 | 5 | 7 |
| 5 | 7 | 6 | 2 | 8 | 3 | 9 | 1 | 4 |
| 9 | 8 | 4 | 7 | 5 | 1 | 6 | 3 | 2 |
| 8 | 5 | 3 | 6 | 7 | 4 | 2 | 9 | 1 |
| 1 | 6 | 9 | 5 | 3 | 2 | 4 | 7 | 8 |
| 2 | 4 | 7 | 8 | 1 | 9 | 3 | 6 | 5 |
| 4 | 1 | 2 | 3 | 6 | 7 | 5 | 8 | 9 |
| 7 | 3 | 8 | 9 | 2 | 5 | 1 | 4 | 6 |
| 6 | 9 | 5 | 1 | 4 | 8 | 7 | 2 | 3 |

ଗତକାଲିର ଉତ୍ତର



# ଜନସ୍ୱାର୍ଥ ପ୍ରତି ପ୍ରାଥମିକତା

ବୈକୁଣ୍ଠନାଥ ମିଶ୍ର

ବଡ଼ ବିଚିତ୍ର ଏ ରାଜନୀତି। ତା'ଠାରୁ ବିଚିତ୍ର ରାଜନେତାଙ୍କ ମତିଗତି। ବିରୋଧୀ ଦଳରେ ଥିବାବେଳେ ସରକାରର ସମସ୍ତ ଦୋଷ ଦୁର୍ବଳତାକୁ ନେଇ ବିଧାନସଭା ହୁଏ ରଣାଙ୍ଗନ। ବନ୍ଦ ପାଳନ, ଧର୍ମଘଟ ଓ ସତ୍ୟାଗ୍ରହ ମାଧ୍ୟମରେ ଜନତାଙ୍କ ମନରେ ପ୍ରତ୍ୟୟ ସୃଷ୍ଟିର ପ୍ରୟାସ କରାଯାଏ ଯେ ସରକାର ଅପାରଗ, ଜନସ୍ୱାର୍ଥ ବିରୋଧୀ, ଦୁର୍ନୀତିଗ୍ରସ୍ତ ଓ ଆଇନ ଶୃଙ୍ଖଳା ରକ୍ଷା କରିବାରେ ଅସମର୍ଥ। ଆମ ଦଳ କ୍ଷମତାକୁ ଆସିଲେ ରାଜ୍ୟ ତଥା ଜନତାଙ୍କ ସ୍ୱାର୍ଥକୁ ପ୍ରାଥମିକତା ଦିଆଯିବ। ଆଇନ ଶୃଙ୍ଖଳା ସହ ଦୁର୍ନୀତିର ଶୂନ୍ୟ ସହନଶୀଳତାକୁ ପ୍ରାଧାନ୍ୟ ଦିଆଯିବ। ସମୟ ଚକ୍ର ଘୂରିଯାଏ। କାଲି ଯେ ବିରୋଧୀ ଭାବେ ସରକାର ବିରୋଧରେ ବିଷୋଦ୍‌ଗାର କରୁଥିଲେ ଆଜି ସରକାରୀ ଆସନରେ। ଆମେ ଜାଣିଛେ ଯେ ବିକ୍ରମାଦିତ୍ୟଙ୍କ ବତ୍ରିଶ ସିଂହାସନର ବିଶେଷତ୍ୱ ଥିଲା ଏହାକୁ ଯେ ଆରୋହଣ କରୁଥିଲେ ସେ ଯେତେ ଅନ୍ୟାୟୀ ହୋଇ ଥିଲେ ମଧ୍ୟ କେବଳ ସତ୍ୟଧର୍ମ ଓ ନ୍ୟାୟ ହିଁ ଆଚରଣ କରୁଥିଲେ। କିନ୍ତୁ ଆଜିର ଯୁଗରେ ରାଜନୀତି ସିଂହାସନର ମାହାତ୍ମ୍ୟ ହେଉଛି, ଏହାକୁ ଯେ ଦଖଲ କରିବ ସତ୍ୟ, ଧର୍ମ ଓ ନ୍ୟାୟ ତା'ଠାରୁ ଅନ୍ତର୍ହିତ ହୋଇ ସମସ୍ତ ବିପରୀତ ଗୁଣର ଅଧିକାରୀ ହେବ।

ଓଡ଼ିଶା ପରିପ୍ରେକ୍ଷୀରେ ଆଲୋଚନା ପ୍ରାସଙ୍ଗିକ ମନେହୁଏ। ଓଡ଼ିଶାରେ କଂଗ୍ରେସ ସରକାର ଅମଳରେ ନିଶ୍ଚିତ ଭାବେ ଅନୁଗୋଳ ନାଲ୍‌କୋ ପ୍ରକଳ୍ପ, ତାପଜ ବିଦ୍ୟୁତ୍ ଶିଳ୍ପ ପରି ଅନେକ ଲୋକହିତକର କାର୍ଯ୍ୟ ହୋଇଛି। ସମତାଳରେ କିଛି ଅରୁଚିକର ଘଟଣା ମଧ୍ୟ ଘଟିଛି। ଆମ ଲୋକଚରିତ୍ର ବୈଶିଷ୍ଟ୍ୟ ହେଲା- ଆମେ ଶହେ ଭଲକାମକୁ ଭୁଲିଯାଉ ଓ ଗୋଟିଏ ମନ୍ଦ କାମକୁ ଗଣ୍ଠିକରି ଧରୁ। ବିରୋଧୀଙ୍କର ଲକ୍ଷ୍ୟ ହେଲା ସରକାରକୁ ସବୁ କାର୍ଯ୍ୟରେ ବିରୋଧ କରିବା। ନାରୀ ନିର୍ଯାତନା ସବୁ ସରକାର ଅମଳରେ ଘଟେ। ଘଟଣା ଘଟିଲା ପରେ କିଭଳି କାର୍ଯ୍ୟାନୁଷ୍ଠାନ ହେଉଛି ତା' ଉପରେ ସମସ୍ତଙ୍କର ନଜର। କଂଗ୍ରେସ ସରକାର ସମୟରେ ଛବିରାଣୀ ବଳାତ୍କାର ଓ ହତ୍ୟା ଘଟଣା ଚାରିଦଶନ୍ଧି ପରେ ମଧ୍ୟ ଲୋକ ସ୍ମୃତିରେ ଉଜ୍ଜୀବିତ ଅଛି। ସେହିପରି ଅଞ୍ଜନାଙ୍କ ପ୍ରତି ବର୍ବରତା ସବୁ ସୀମା ଟପିଗଲା, ଯାହା ସରକାରର ପତନ ଘଟାଇଲା। ପରେ ଦୀର୍ଘ ୨୪ ବର୍ଷ ବିଜୁ ଜନତା ଦଳ ଓଡ଼ିଶାରେ ଶାସନ କରିବା ପରେ ୨୦୨୪ ନିର୍ବାଚନରେ ପରାସ୍ତ ହୋଇ କ୍ଷମତାରୁ ଓହରି ଯାଇଛି। ବିଜୁ ଜନତା ଦଳର ଭଲ କାମଗୁଡ଼ିକର



ତାଲିକା ଯେତିକି ଲମ୍ବା ସମାଲୋଚନାର ଫର୍ଦ୍ଦ ମଧ୍ୟ ସେତିକି ଦୀର୍ଘ। କୁନ୍ଦୁଲି ପୀଡ଼ିତା, ଟିଙ୍କିରି ଘଟଣା, ବେବିନା, ଇତିଶ୍ରୀଙ୍କ ମାର୍ମିକ ବେଦନା, ପରୀ ନିଖୋଜ ଘଟଣା ଓ ସର୍ବୋପରି ମମିତା ମେହେରଙ୍କ ମର୍ମନ୍ତୁଦ ହତ୍ୟା ଘଟଣା ଗୋଟିଏ ଗୋଟିଏ କଳା ଫର୍ଦ୍ଦ। ଲୋକେ ଭୁଲିନାହାନ୍ତି ଫରେଷ୍ଟ ରେଞ୍ଜର ସୌମ୍ୟରଞ୍ଜନ ମହାପାତ୍ରଙ୍କୁ ହତ୍ୟା ଓ ମାହାଙ୍ଗା ଡବଲ ମର୍ଡର ଘଟଣା। ସବୁଠାରୁ ଚର୍ଚ୍ଚିତ ଘଟଣା ହେଲା ନବ ଦାସଙ୍କ ପରି ଜଣେ କ୍ୟାବିନେଟ ମନ୍ତ୍ରୀଙ୍କୁ ସ୍ପଷ୍ଟ ଦିବାଲୋକରେ ହତ୍ୟା କରାଯିବା। ସେତେବେଳର ପ୍ରମୁଖ ବିରୋଧୀ ଦଳ ଭାରତୀୟ ଜନତା ପାର୍ଟିର ସ୍ଲୋଗାନ ଥିଲା ଦଳ କ୍ଷମତାକୁ ଆସିଲେ ଏ ସମସ୍ତ ଘଟଣାର ପର୍ଦ୍ଦାଫାଶ କରାଯାଇ ଦୋଷୀଙ୍କୁ ଦଣ୍ଡ ଦିଆଯିବ ଯେପରି ଆଉ କେହି ଏପରି ଘଟଣା ଘଟାଇବାର ସାହସ କରିବେ ନାହିଁ। ଚକ୍ର ଘୂରିଛି। କାଲିର ବିରୋଧୀ ଆଜିର ସରକାର। ଇତି ମଧ୍ୟରେ ଓଡ଼ିଶାରେ ଭାଜପା ସରକାର ୧ବର୍ଷ ପୂର୍ତ୍ତି ପାଳନ କରିସାରିଛି। କିନ୍ତୁ ଶାସନ ବ୍ୟବସ୍ଥା ସବୁ ଅଧାପନ୍ତରିଆ। ମନ୍ତ୍ରିମଣ୍ଡଳ ପୂର୍ଣ୍ଣାଙ୍ଗ ପ୍ରାପ୍ତ ହୋଇପାରି ନାହିଁ, କର୍ପୋରେଶନଗୁଡ଼ିକର ପଦବୀ ପୂରଣ ହୋଇନାହିଁ। ଆଶା କରାଯାଏ ୨୦୨୫ ଶେଷ ସୁଦ୍ଧା ସେହିସବୁ ଗଠନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଗଲେ ସର୍ବାଦୌ ହିତକର ହେବ। ଅପର ପକ୍ଷେ ନୂତନ ସରକାର କିଛି ଜନକଲ୍ୟାଣ କାର୍ଯ୍ୟ ପ୍ରାକ୍ ନିର୍ବାଚନୀ ପ୍ରତିଶ୍ରୁତି ସ୍ୱରୂପ ସଫଳତାର ସହ କରିପାରିଛି। ଧାନର ବିକ୍ରିମୂଲ୍ୟ ଉପରେ ୮୦୦ଟଙ୍କାର ବୋନସ ପ୍ରଦାନ, ସୁଭଦ୍ରା ଯୋଜନାର ରୂପାୟନ, ୮୦ବର୍ଷରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ବର୍ଦ୍ଧିତ ହାରରେ ଭତ୍ତା ପ୍ରଦାନ, ଶ୍ରୀମନ୍ଦିର ୪ ଦ୍ୱାର ଖୋଲିବା ଓ ରତ୍ନଭଣ୍ଡାର ମରାମତି ଭଳି କାର୍ଯ୍ୟସମ୍ପନ୍ନ ହୋଇଛି। କିନ୍ତୁ ନୂତନ ସରକାରଠାରୁ ଲୋକେ ଆଶା କରୁଥିଲେ ଯେ ପୂର୍ବ ସରକାରର ଆର୍ଥିକ ଅନିୟମିତତା ଓ ଏଥିରେ ଜଡିତ ବ୍ୟକ୍ତି ବିଶେଷଙ୍କୁ ଲୋକଲୋଚନକୁ ଆଣିବା। ଅବଶ୍ୟ ମାଳ ମାଳ ଅସାଧୁ ସରକାରୀ ଅଧିକାରୀଙ୍କୁ ଦୁର୍ନୀତି ନିବାରଣ ବିଭାଗ ଦ୍ୱାରା ଧରାଯାଇ ବେଆଇନ ଓ ଆୟ ବହିର୍ଭୂତ ସମ୍ପତ୍ତିର ପର୍ଦ୍ଦାଫାଶ କରାଯାଉଛି। ମାତ୍ର ନାରୀ ନିର୍ଯାତନାର ଧାରା ଅବ୍ୟାହତ ରହିଛି। ଆଇନ ଶୃଙ୍ଖଳା ରକ୍ଷା ମଧ୍ୟ ସରକାରଙ୍କ ନିୟନ୍ତ୍ରଣାଧୀନ ଥିବା ପରି ଲୋକେ ଅନୁଭବ କରିପାରୁନାହାନ୍ତି। ପ୍ରତ୍ୟହ ନାରୀ ନିର୍ଯାତନାର କରୁଣ ଖବର ଗଣମାଧ୍ୟମରେ ପ୍ରକାଶ ପାଇ ଲୋକଙ୍କୁ ବ୍ୟଥିତ କରୁଛି। କିଟ୍‌ସ ବିଶ୍ୱବିଦ୍ୟାଳୟର ନେପାଳୀ ଛାତ୍ରୀ ଦୁହିଁଙ୍କର ଆତ୍ମହତ୍ୟା ବିଶ୍ୱରେ ଓଡ଼ିଶାର ଛବି ମଳିନ କରିଛି। ବାଲେଶ୍ୱର ଏଫ୍‌ଏମ୍ କଲେଜ ଛାତ୍ରୀ ଆତ୍ମଦାହ ହେଉ କିମ୍ବା ପୁରୀ ଜିଲା ବଳଙ୍ଗା ନାବାଳିକାଙ୍କୁ ଦହନ ଘଟଣା ପରି ମାଳମାଳ ହୃଦୟ ବିଦାରକ ଘଟଣା ସମାଜ ପ୍ରତି ଗୋଟିଏ ଗୋଟିଏ ଆହ୍ୱାନ।

ପୂର୍ବତନ ରାଜ୍ୟପାଳ ରଘୁବର ଦାସଙ୍କ ପୁଅ ପୁରୀ ରାଜଭବନର ବରିଷ୍ଠ କର୍ମଚାରୀଙ୍କୁ ମାଡମାରି ଲହୁଲୁହାଣ କରିବା ପରି ଘଟଣା ଲୋକଲୋଚନ ଅଗୋଚରରେ ରହିଗଲା। ସରକାର କେବଳ ତଦନ୍ତ ନିର୍ଦ୍ଦେଶ ଦେଇ ନୀରବ ରହୁଛନ୍ତି। ପୂର୍ବ ଅଭିଜ୍ଞତାରୁ ଆମେ ଜାଣୁ ଯେ ଓଡ଼ିଶାରେ ବିଭିନ୍ନ ସମୟରେ ଯେଉଁସବୁ ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି ତା'ର ରିପୋର୍ଟ କେବେହେଲେ ସାର୍ବଜନୀନ ହୋଇନାହିଁ। ତଦନ୍ତ ନିର୍ଦ୍ଦେଶ ଏକ ଏପରି ଜିନିଷ ଯାହା କୌଣସି ସରକାରକୁ ଆସନ୍ନ ପ୍ରତିକୂଳ ପରିସ୍ଥିତିରୁ ରକ୍ଷା କରିବାର ଏକ ଶାଣିତ ଅସ୍ତ୍ର। ସବୁ ସରକାର ସମୟରେ ଯେତେସବୁ ଅଘଟଣ ଘଟିଛି ସରକାର ପ୍ରତିରକ୍ଷାତ୍ମକ ବ୍ୟବସ୍ଥା ମୁତାବକ ତଦନ୍ତ ନିର୍ଦ୍ଦେଶ ଦେଇ ଲୋକମତକୁ ପ୍ରଶମିତ କରିବାକୁ ଉଦ୍ୟମ କରିଛନ୍ତି। ସେପରି କୌଣସି ତଦନ୍ତ ରିପୋର୍ଟ ପ୍ରାୟତଃ ସାର୍ବଜନୀନ ହୋଇନାହିଁ। ସତୁରି ଦଶକଠାରୁ ସାମ୍ପ୍ରତିକ ସମୟ ପର୍ଯ୍ୟନ୍ତ ପୁରୀ ଶ୍ରୀମନ୍ଦିର ସଂକ୍ରାନ୍ତରେ ୧୮ଟି ନ୍ୟାୟିକ କମିଶନ ବସାଯାଇଥିଲେ ମଧ୍ୟ ତା'ର ନିର୍ଯାସ ସାର୍ବଜନୀନ କରାଯାଇନାହିଁ। କିମ୍ବା କେହି ଦୋଷୀସାବ୍ୟସ୍ତ ହୋଇ ଦଣ୍ଡ ପାଇଥିବାର ସେପରି କୌଣସି ଉଦାହରଣ ସୃଷ୍ଟି କରାଯାଇନାହିଁ। ତତ୍କାଳୀନ ରାଜ୍ୟପାଳ ଭାଗବତ ଦୟାଲ ଶର୍ମାଙ୍କ ଅଧ୍ୟକ୍ଷତାରେ ଶ୍ରୀମନ୍ଦିର ନୀତି କାନ୍ତିକୁ ସୁବ୍ୟବସ୍ଥିତ କରିବା ପାଇଁ ଏକ ଉଚ୍ଚସ୍ତରୀୟ କମିଟି ଗଢ଼ାଯାଇଥିଲା, ଯାହାର ରିପୋର୍ଟ ମଧ୍ୟ ସାର୍ବଜନୀନ ହୋଇପାରିଲା ନାହିଁ। ଏଥିରୁ ସ୍ପଷ୍ଟ ଯେ କୌଣସି ଦୁର୍ଘଟଣା ବା ଅନିୟମିତ କାର୍ଯ୍ୟାବଳୀ ବିରୋଧରେ ଜନମତକୁ ବିଭ୍ରାନ୍ତ କରିବା ପାଇଁ ଏକମାତ୍ର ଅସ୍ତ୍ର ହେଲା ତଦନ୍ତ କମିଶନ ନିଯୁକ୍ତି। କିନ୍ତୁ ତଦନ୍ତ ରିପୋର୍ଟ କାଳେ କାଳେ ଅପ୍ରକାଶିତ। ତଦନ୍ତ ସମ୍ବନ୍ଧରେ ଓଡ଼ିଶାର ସୁପ୍ରତିଷ୍ଠିତ କବି ତଥା ସମାଲୋଚକ ଗୋଦାବରୀଶ ମହାପାତ୍ରଙ୍କ ଉକ୍ତି ପ୍ରଣିଧାନ ଯୋଗ୍ୟ - ଓଡ଼ିଶାର ଚାରିଆଡ଼େ ଚାଲିଛି ତଦନ୍ତ -ତଦନ୍ତ ରିପୋର୍ଟ କିନ୍ତୁ ବିଗଳିତ ଦନ୍ତ। କାମୁଡ଼ିଲେ କାଟୁ ନାହିଁ ସତେକି ଚୁମ୍ବନ - ଜନତା ଆଖିକୁ ଦିଶେ ମହାବିଡ଼ମ୍ବନ। ଫସଲର ବାଡ଼ ଏଠି ପାଲଟିଛି ଗୋରୁ - ଯେ ଜଗୁଛି ସେ ଚୋର ଚୋର ଧରୁ । ସବୁ ସରକାର ସମାନ। କିନ୍ତୁ ଜନମତ ପ୍ରତି ଉଦାସୀନ ନ ରହି ଗୋଟିଏ ଜନପ୍ରିୟ ସରକାରର ଦାୟିତ୍ୱ ହେଲା ଜନସ୍ୱାର୍ଥକୁ ପ୍ରାଥମିକତା ପ୍ରଦାନ। ସରକାର ଜନସ୍ୱାର୍ଥ ପ୍ରତି ସଚେତନ ହେଲେ ଦୀର୍ଘ ସ୍ଥାୟୀ ହେବ।

ସିଦ୍ଧଳ, ଜଗତ୍‌ସିଂହପୁର
ମୋ:୯୯୩୭୪୫୦୫୪୦

## ଏଇ ଭାରତରେ

ଗୁରୁଗ୍ରାମସ୍ଥିତ ଏକ ଆଶ୍ରୟସ୍ଥଳୀରେ ୧,୨୦୦ ଅସହାୟ ଲୋକଙ୍କୁ ରଖି ସେମାନଙ୍କ ଚିକିତ୍ସା ବ୍ୟବସ୍ଥା କରିଛନ୍ତି ଜାସ୍ କାଲ୍‌ରା। ଏହା ସହ ସେମାନଙ୍କର ଦୈନନ୍ଦିନ ଆବଶ୍ୟକତା ମଧ୍ୟ ସେ ପୂରଣ କରୁଛନ୍ତି। ବର୍ତ୍ତମାନ ଜାସ୍‌ଙ୍କ ବୟସ ୨୫। ସେ ରାସ୍ତାକଡ଼ରେ ଅସହାୟ ଭାବେ ଜୀବନ ବିତାଉଥିବା ଲୋକଙ୍କୁ ଉଦ୍ଧାର କରି ଆଶ୍ରୟସ୍ଥଳୀକୁ ଆଣୁଛନ୍ତି। ଏଠାରେ ୫,୦୦୦ ଲୋକ ରହିବା ଭଳି ବ୍ୟବସ୍ଥା ରହିଛି। ଏହା ବିଶ୍ୱର ସବୁଠୁ ବଡ଼ ମାଗଣାରେ ସେବା ଯୋଗାଉଥିବା ଆଶ୍ରୟସ୍ଥଳୀ। ଏହା 'ଆର୍ଥ ସର୍ଭାଇବର ଫାଉଣ୍ଡେଶନ' ଅଧୀନରେ ଚାଲୁଛି, ଯାହାର ମୁଖ୍ୟ ହେଉଛନ୍ତି ଜାସ୍। ଏହି ସଂସ୍ଥା ମାଧ୍ୟମରେ ମଧ୍ୟ ହସ୍ପିଟାଲ କିମ୍ବା ରାସ୍ତାରେ ମୃତ୍ୟୁ ଘଟୁଥିବା ପରିଚୟହୀନ ମୃତଦେହ ଦାହ କରାଯାଉଛି। ତେବେ ଜାସ୍ ଉଦ୍ଧାର କରୁଥିବା ବ୍ୟକ୍ତିଙ୍କ ପରିଚୟ ଖୋଜି ଅନେକଙ୍କୁ ସେମାନଙ୍କ ପରିବାରକୁ ହସ୍ତାନ୍ତର କରୁଛନ୍ତି। ଏବେ ସୁଦ୍ଧା ୩୦୦୦ରୁ ଅଧିକ ଲୋକଙ୍କୁ ସେମାନଙ୍କ ପରିବାରକୁ ହସ୍ତାନ୍ତର କରାଯାଇ ସାରିଲାଣି।

## ୫୦ ବର୍ଷ ତଳର ଧରିତ୍ରୀ

୨୦ ଅଗଷ୍ଟ ୧୯୭୬

- ଆନ୍ନା ଆର୍. ମାଲହୋତ୍ରାଙ୍କ କେନ୍ଦ୍ର କୃଷି ମନ୍ତ୍ରଣାଳୟର ପ୍ରଥମ ମହିଳା ଅତିରିକ୍ତ ଶାସନ ସଚିବ ରୂପେ ଦାୟିତ୍ୱ ଗ୍ରହଣ।
- ପ୍ରସିଦ୍ଧ ଉର୍ଦ୍ଦୁ କବି ତଥା ଚଳଚ୍ଚିତ୍ର ପ୍ରଯୋଜକ ଜାନ ନିସାର ଅଖତରଙ୍କ ପରଲୋକ।
- ଭୀଷଣ ବର୍ଷାରେ ନୂଆଦିଲ୍ଲୀର ଏକ କୋଠାଘର ଭୁଶୁଡ଼ି ପଡ଼ିବାରୁ ୧୧ ମୃତ।



# କଟକର ସାହିବାସିନ୍ଦା

ସୁଧାଂଶୁ ରଞ୍ଜନ ଦାସ

ଓଡ଼ିଶାର ସାଂସ୍କୃତିକ ଓ ବ୍ୟବସାୟିକ ରାଜଧାନୀ କଟକର ସାହିବାସିନ୍ଦାମାନେ ଆଜି ଅନେକ ସମସ୍ୟା ଭିତରେ ଗତିକରୁଛନ୍ତି। ଶହ ଶହ ବର୍ଷଧରି ଏହି ଏମାନେ କଟକର ଉନ୍ନତ ସାଂସ୍କୃତିକ ଓ ସାମାଜିକ ପରମ୍ପରାକୁ ବଞ୍ଚାଇ ରଖିବା ସହ କଟକରେ ବ୍ୟବସାୟ ପାଇଁ ଅନୁକୂଳ ବାତାବରଣ ସୃଷ୍ଟି କରିଆସିଛନ୍ତି। ତେବେ ଭେଜାଲ ଖାଦ୍ୟ, ଖୋଲା ଜାଗାର ଅଭାବ, ଖୋଲା ନାଳ, କଂକ୍ରିଟ ଜଙ୍ଗଲର ବୃଦ୍ଧି, ଯାନବାହନ ସଂଖ୍ୟାରେ ଅତ୍ୟଧିକ ବୃଦ୍ଧି, ଜଳାଶୟଗୁଡ଼ିକର ବିଲୁପ୍ତୀକରଣ, ଫୁଟ୍‌ପାଥ୍‌ଗୁଡ଼ିକର ଅବରୋଧ, ଲୋକସଂଖ୍ୟାରେ ବୃଦ୍ଧି, ଶିକ୍ଷା ଓ ସ୍ୱାସ୍ଥ୍ୟ ସେବାରେ ଅବନତି ଇତ୍ୟାଦି କଟକର ସ୍ଥାୟୀ ବାସିନ୍ଦାମାନଙ୍କୁ ହନ୍ତସନ୍ତ କରିଦେଲାଣି। ଯଦି ଏହି ସମସ୍ୟାଗୁଡ଼ିକର ସ୍ଥାୟୀ ସମାଧାନ ନ ହୁଏ କଟକ ଆଉ ମନୁଷ୍ୟ ରହିବା ଉପଯୋଗୀ ହେବନାହିଁ।

ଯଦିଓ କଟକରେ ଭେଜାଲ ଖାଦ୍ୟ ଓ ଅନ୍ୟାନ୍ୟ ଭେଜାଲ ବସ୍ତୁ ତିଆରି କରୁଥିବା କମ୍ପାନୀଗୁଡ଼ିକ ଉପରେ ସରକାର ମଝିରେ ମଝିରେ ଚଢ଼ାଉ କରୁଛନ୍ତି, କିନ୍ତୁ ଏହି ଭେଜାଲ ବସ୍ତୁଗୁଡ଼ିକର ବିକ୍ରି ଦିନକୁ ଦିନ ବଢ଼ି ଚାଲିଛି। ସାଧାରଣ ଲୋକ ଏହି ଭେଜାଲ ଖାଦ୍ୟ ଖାଇ ରୋଗରେ ପଡୁଛନ୍ତି। ଏଇସିଏମ୍‌ଆର୍‌ର ଏକ ସର୍ଭେ ଅନୁସାରେ ଭାରତର ସବୁ ସହର ମଧ୍ୟର କଟକର ଲୋକମାନେ ସର୍ବାଧିକ ଷ୍ଟ୍ରୋକ୍‌ର ଶିକାର ହୋଇଥାନ୍ତି। ଯକୃତ ଓ ବୃକ୍କ ରୋଗରେ କଟକର ଅନେକ ଲୋକ ମଧ୍ୟ ଆକ୍ରାନ୍ତ ହୋଇଥାନ୍ତି। କଟକକୁ ଭେଜାଲ ମୁକ୍ତ କରିବା ପାଇଁ ସରକାର ଦୃଢ଼ ପଦକ୍ଷେପ ନେବା ଉଚିତ।

କଟକର ବିଡ଼ାନାସୀ ଓ କ୍ୟାଣ୍ଟନମେଣ୍ଟ ରୋଡ୍ ଅଞ୍ଚଳଗୁଡ଼ିକ ଛାଡିଦେଲେ କଟକର ଅନ୍ୟ ସବୁ ସାହିରେ ଖୋଲା ଜାଗା, ଖେଳ ପଡ଼ିଆ, ଜଳାଶୟ ଓ ସବୁଜିମା ପ୍ରାୟ ଲୋପ ପାଇଗଲାଣି। ଫଳରେ ଯୁବପିଢ଼ି ଖେଳକୁଦର ସୁଯୋଗ ପାଇ ସ୍ମାର୍ଟ ଫୋନ, କମ୍ପ୍ୟୁଟର ଗେମ୍ ଓ ମାନସିକ ବ୍ୟାଧିର ଶିକାର ହେଉଛନ୍ତି। ଚିନ୍ତା, ମେଣ୍ଟାଲ ଷ୍ଟ୍ରେସ୍ ଓ ଶାରୀରିକ ବ୍ୟାୟାମର ଅଭାବ ମସ୍ତିଷ୍କ ଆଘାତର ଏକ ପ୍ରମୁଖ କାରଣ ବୋଲି କୁହାଯାଏ। କର୍ତ୍ତୃପକ୍ଷ ପୂର୍ବ ଓ ଉତ୍ତର କଟକରେ ପ୍ରତି ୨୦୦୦ ପରିବାର ପାଇଁ ଗୋଟିଏ ସାର୍ବଜନୀନ ଖେଳପଡିଆର ପ୍ରାବଧାନ କରିବା ଦରକାର।

ଦରଦାମ୍ ବୃଦ୍ଧି ଓ ବେରୋଜଗାର କଟକବାସୀଙ୍କ ପାଇଁ ଚିନ୍ତାର କାରଣ ହୋଇଛି। କଟକର ସ୍ଥାହିବାସିନ୍ଦା ଶହ ଶହ ବର୍ଷ ଧରି ନିଜ ଭିତରେ ଅନେକ କୌଶଳ ବିକାଶ କରିଛନ୍ତି। ରୁପା ତାରକସି କାମ, ମାଟି ମୂର୍ତ୍ତି କାମ, ଶିଙ୍ଗ କାମ ଓ ଅନେକ ସୁସ୍ୱାଦୁ ଖାଦ୍ୟ ତିଆରି କରିବାର କୌଶଳ



କଟକକୁ ସାରା ଭାରତରେ ପ୍ରସିଦ୍ଧ କରିଛି। ଏହି କୌଶଳଗୁଡ଼ିକର ସୁରକ୍ଷା କରିବା ସଙ୍ଗେ ସଙ୍ଗେ ଏହାର ବିକ୍ରି ପାଇଁ ଉପଯୁକ୍ତ ବାତାବରଣ ସୃଷ୍ଟି ହେଲେ ଅନେକ ରୋଜଗାର ସୃଷ୍ଟି ହେବ।

ସାହିବାସିନ୍ଦାଙ୍କ ଭିତରେ ବିଭିନ୍ନ କୌଶଳର ବିକାଶ, ଉନ୍ନତ କର୍ମ ସଂସ୍କୃତି, ଶୃଙ୍ଖଳା, ବ୍ୟବସାୟ କୌଶଳ ଓ ନିଜ ନିଜ ଭିତରେ ଭ୍ରାତୃଭାବ କଟକବାସୀଙ୍କ ପାଇଁ ଅନେକ ଆର୍ଥିକ ଗତିବିଧିର ସୁଯୋଗ ସୃଷ୍ଟି କରିବ। କଟକର ବିଭିନ୍ନ ସ୍ଥାନରେ ଥିବା ଜଳାଶୟଗୁଡିକର ସୁରକ୍ଷା କରାଯାଇ ସେଠାରେ ମାଛଚାଷ କରାଯିବା ସଙ୍ଗେ ସଙ୍ଗେ ପର୍ଯ୍ୟଟନର ବିକାଶ କରାଯାଇପାରିବ। ବାରବାଟୀ ଦୁର୍ଗର ଚାରିପାର୍ଶ୍ୱରେ ଥିବା ଗଡ଼ଖାଇ ଏକ ମନୋରମ ପର୍ଯ୍ୟଟନ ସ୍ଥଳ ହୋଇପାରିବ। ପର୍ଯ୍ୟଟନସ୍ଥଳଗୁଡ଼ିକର ବିକାଶ କଲାବେଳେ ଏହାର ପ୍ରାକୃତିକ ପରିବେଶକୁ ସୁରକ୍ଷିତ ରଖିବା ସହ ଏହି ସ୍ଥାନଗୁଡ଼ିକୁ ଅଦରକାରୀ କଂକ୍ରିଟ ଢାଞ୍ଚାରୁ ମୁକ୍ତ କରାଯିବା ଦରକାର। ସହରରେ ଥିବା ପୁରାତନ ମଠ ମନ୍ଦିରଗୁଡ଼ିର ପୁନରୁଦ୍ଧାର ହେବା ଉଚିତ ନୁହେଁ। କଟକର ସାମାଜିକ, ସାଂସ୍କୃତିକ ଓ ବ୍ୟବସାୟିକ ପରିବେଶର ବିକାଶ ପାଇଁ ସ୍ୱଚ୍ଛତାର ଆବଶ୍ୟକତା ଅଛି।

ପ୍ରଥମେ କର୍ତ୍ତୃପକ୍ଷ କଟକର ସାହିଗୁଡ଼ିକରେ ଥିବା ନାଳସବୁ ଠିକ୍ ଭାବରେ ମରାମତି କରି ଏହା ଉପରେ ସିମେଣ୍ଟ ସ୍ଲାବ ପକାଇବା ଦରକାର। ନିଜ ସାହିଗୁଡ଼ିକରେ କିପରି ଉତ୍ତମ ରାସ୍ତା ଓ ସ୍ୱଚ୍ଛ ପରିବେଶ ସୃଷ୍ଟିହେବ ସେଥିପାଇଁ ସାହିମୁରବିମାନେ କର୍ତ୍ତୃପକ୍ଷଙ୍କୁ ସହଯୋଗ କରିବା ସଙ୍ଗେ ସଙ୍ଗେ ସାହିବାସିନ୍ଦାମାନଙ୍କୁ ମାର୍ଗଦର୍ଶନ ଦେବା ଉଚିତ। ସାହିଗୁଡ଼ିକରେ ଥିବା ମନ୍ଦିର, ଖୋଲା ଜାଗା ଓ ଜଳାଶୟଗୁଡ଼ିକର ଯେପରି ଅପବ୍ୟବହାର ନ ହୁଏ ସେଥିପାଇଁ କର୍ତ୍ତୃପକ୍ଷ ଓ ସାହିମୁରବିମାନେ ସଜାଗ ରହିବା ଉଚିତ। ରାସ୍ତା ତିଆରି ବେଳେ ରାସ୍ତା ଉଚ୍ଚା କରାଯିବାରୁ ଅନେକ ସାହିରେ ଲୋକଙ୍କ ଘରେ ନଳା ପାଣି ପଶୁଛି। ରାସ୍ତା କଣ୍ଟ୍ରାକ୍ଟରମାନେ ରାସ୍ତା ଉଚ୍ଚା ନ କରି ପ୍ରଥମେ ରାସ୍ତାକୁ ଖୋଳି ଏହା ଉପରେ ପିଚୁ ରାସ୍ତା କରିବା ଉଚିତ। କେବଳ ଛୋଟ ଛୋଟ ଅଣଓସାରିଆ ଗଳିଗୁଡ଼ିକରେ ଟାଇଲ୍ ପକାଯାଇ ରାସ୍ତା କରାଯିବା ଦରକାର। କଟକରେ ଅନେକ ଟାଇଲ୍ ରାସ୍ତା ବର୍ଷେ ଭିତରେ ନଷ୍ଟ ହୋଇଯାଉଥିବାର ଦେଖାଯାଉଛି। ଟିକସଦାତାଙ୍କ ଅର୍ଥକୁ ଉପଯୁକ୍ତ ବିନିଯୋଗ କରିବା ସରକାରଙ୍କ ପ୍ରଥମ କର୍ତ୍ତବ୍ୟ। କଟକବାସୀଙ୍କ ସୁରକ୍ଷା ପାଇଁ କର୍ତ୍ତୃପକ୍ଷ ଏହି ଲୋକମାନଙ୍କର କାର୍ଯ୍ୟକଳାପ ଉପରେ ତୀକ୍ଷ୍ଣ ଦୃଷ୍ଟି ରଖିବା ଉଚିତ। ଓଡ଼ିଶାର ବିଭିନ୍ନ ଗାଁରୁ ଲୋକମାନେ କଟକକୁ ରୋଜଗାର ପାଇଁ ଅନେକ ହଜାର ସଂଖ୍ୟାରେ ଆସୁଥିବାର ଦେଖାଯାଉଛି। ଗାଁଗୁଡିକରେ ରୋଜଗାର ପାଇଁ ଅନୁକୂଳ ବାତାବରଣ ସୃଷ୍ଟି କରାଗଲେ ଲୋକେ ନିଜ ଗାଁ ଛାଡି ଆଉ ସହରମୁଖା ହେବେନାହିଁ।

ମୋ:୭୭୦୨୩୮୩୮୦

## ଚିରନ୍ତନୀ

ପଉଷ ଉଷା ଜିଣି ଶୀତ ତା'ର ପରଶଟି
କୁହେଳି ସମ ଛାୟା
ରଚି ମାୟା ଆସେ ଘୋଟି ।
ବହୁତ ସାଧନାର ଅଧରର ହାସ ଟିକ
ନିଭାଇ ଦେବା ପାଇଁ
ଆସେ ଧାଇଁ ସଜନି ଗୋ !
-(ମରଣ ପାଳି)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଭୋଟ ଚୋରି ଓ କ୍ଷମତା ରାଜନୀତି

ମହାଶୟ,

ଦେଶ ଓ ରାଜ୍ୟଗୁଡ଼ିକର ସାଧାରଣ ନିର୍ବାଚନ ସମୟରେ ପ୍ରାର୍ଥୀ ଓ ରାଜନୈତିକ ଦଳଗୁଡ଼ିକ ନିର୍ବାଚନରେ ବହୁମତ ହାସଲ କରି କ୍ଷମତା ସିଂହାସନ ଦଖଲ କରିବା ପାଇଁ କଳାଧନ ଓ ବାହୁବଳର ପ୍ରୟୋଗ କରିବା ସହିତ ଭୋଟ ଚୋରି ମଧ୍ୟ କରୁଛନ୍ତି। ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ସପ୍ରମାଣ କେନ୍ଦ୍ର ସରକାରଙ୍କ ବିରୋଧରେ ଭୋଟ ଚୋରିର ଅଭିଯୋଗ ଲଗାଇଛନ୍ତି, ଯାହାକି ଦେଶର ଗଣତାନ୍ତ୍ରିକ ବ୍ୟବସ୍ଥା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି। ଯଦି ଏହା ସତ୍ୟ ପ୍ରମାଣିତ ହୁଏ, ତେବେ ଦୁର୍ନୀତିଗ୍ରସ୍ତ ନେତ୍ରୀନେତାଙ୍କର ଅବସ୍ଥା ସାଂଘାତିକ ହୋଇଯିବ। ବର୍ତ୍ତମାନ ଦେଶର ବହୁଦେଶୀୟ କମ୍ପାନୀଗୁଡ଼ିକର ମାଲିକମାନେ କେତେକ ଜାତୀୟ ଓ ଆଞ୍ଚଳିକ ରାଜନୈତିକ ଦଳଗୁଡ଼ିକୁ ସାଧାରଣ ନିର୍ବାଚନ ସମୟରେ ଅନେକ ହଜାର କୋଟି ଟଙ୍କାର କଳାଧନ ଦେଇ କେନ୍ଦ୍ର ଓ ରାଜ୍ୟରେ ସରକାର ଗଠନ କରାଉଛନ୍ତି ଓ ସରକାର ଗଠନ ପରେ ଜନସାଧାରଣଙ୍କୁ ତତ୍କାଳୀନ ଶୋଷଣ କରୁଛନ୍ତି। ବର୍ତ୍ତମାନ ଦେଶର ନିର୍ବାଚନ କମିଶନ ସଂପୂର୍ଣ୍ଣ ନିରପେକ୍ଷ ଭାବେ କାର୍ଯ୍ୟ କରୁନାହିଁ ବୋଲି ଦେଶର ଜାତୀୟ କଂଗ୍ରେସ ଭାଜପା ସରକାର ବିରୋଧରେ ଅଭିଯୋଗ କରିବା ଉଦ୍‌ବେଗଜନକ। ସୁତରାଂ, ଦେଶର କେନ୍ଦ୍ର ସରକାର ଭାରତବର୍ଷର ସମସ୍ତ ଜନସାଧାରଣଙ୍କୁ ଏନେଇ ତୁରନ୍ତ ସ୍ପଷ୍ଟୀକରଣ ଦେବା ଉଚିତ। ଦେଶର ସର୍ବୋଚ୍ଚ ଅଦାଲତ ମଧ୍ୟ ଲୋକ ସଭାର ବିରୋଧୀ ଦଳ ନେତାଙ୍କ ଭୋଟ ଚୋରି ଅଭିଯୋଗର ତର୍ଜମା କରିବା ଦରକାର।

-ରାଇଚରଣ ବିଶ୍ୱାଳ, ସାମନ୍ତରାୟପୁର, ପିର୍‌ହାଟ, ଭଦ୍ରକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଅସ୍ୱାସ୍ଥ୍ୟକର ପରିବେଶ, ଚିନ୍ତାଶୂନ୍ୟ ପ୍ରଶାସନ

କେନ୍ଦୁଝର,୧୯।୮(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ମୁଖ୍ୟାଳୟରେ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟ ଓ ପରିମଳ ଅବସ୍ଥାକୁ ନେଇ ସହରବାସୀ ଚିନ୍ତିତ ହୋଇ ପଡ଼ିଛନ୍ତି। ଆଗକୁ ପାର୍ବଣ ଋତୁ ଆସୁଥିବାରୁ ସହର ଚାରିପାଖରେ ମଇଳା ଆବର୍ଜନା ତଥା ଅନାବନା ଜଙ୍ଗଲ ସଫେଇ ହେଉ ନ ଥିବାରୁ ରୋଗ ବ୍ୟାପିବା ଆଶଙ୍କା ରହଛି। ବିଶେଷ କରି ମୁଖ୍ୟମନ୍ତ୍ରୀଙ୍କ ଜିଲା ମୁଖ୍ୟାଳୟର ଏଭଳି ଅବସ୍ଥାକୁ ନେଇ ବିରୋଧୀମାନେ ସମାଲୋଚନା କରୁଥିବା ବେଳେ ଦଳୀୟ ରାଜନୈତିକ ଇଚ୍ଛା ଶକ୍ତିର ଅଭାବ ଏବଂ ପ୍ରଶାସନର ଅବହେଳା ଯୋଗୁ ସବୁଠାରୁ ସରସ ସୁନ୍ଦର ସହର ଭାବରେ ପରିଗଣିତ ହେବାକୁ ଥିବା କେନ୍ଦୁଝର ସହରର ଅବସ୍ଥାକୁ ନେଇ ବୁଦ୍ଧିଜୀବୀମାନେ ଚିନ୍ତା ବ୍ୟକ୍ତ କରୁଛନ୍ତି।

ଏହି ସହରର କେନ୍ଦ୍ରସ୍ଥଳୀ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ଓ ବାହାରେ ପରିବେଶର ସ୍ୱଚ୍ଛତା ଓ ଅବସ୍ଥାକୁ ଦେଖିଲେ ସହରର ସ୍ୱଚ୍ଛତା ଓ ପରିବେଶକୁ ଆକଳନ କରିହେବ। ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରକୁ ଲାଗି ଏବଂ ଜିଲାର ବିକାଶ ନିର୍ଦ୍ଧାରଣ କରୁଥିବା ଜିଲା ପରିଷଦ କାର୍ଯ୍ୟାଳୟ ସମ୍ମୁଖରେ ଥିବା ଏକ ପରିତ୍ୟକ୍ତ ପୋଖରୀ ଏବଂ ଏହାର ପାର୍ଶ୍ୱରେ ଥିବା ବସ୍ତିର ଅବସ୍ଥାକୁ ଦେଖିଲେ ସହରର ଅବସ୍ଥା ବେଶ ଅନୁମାନ କରିହେବ। ଏହି ପୋଖରୀଟି ଅନାବନା ଗଛ ଓ ଆବର୍ଜନା ପୂର୍ଣ୍ଣ ହୋଇ ରହିଥିଲେ ହେଁ ସଫେଇ ହେଉନାହିଁ । ଫଳରେ ଏହାର ମଇଳା ଆବର୍ଜନା ପାଣିକୁ ଏହା ନିକଟରେ ରହୁଥିବା ବସ୍ତିର କେତେକ ପରିବାର ବ୍ୟବହାର କରିବାକୁ ବାଧ ହେଉଛନ୍ତି। ଏପରିକି ସହରରେ ପୋଖରୀ ସୌନ୍ଦର୍ଯ୍ୟକରଣ ଯୋଜନା କାର୍ଯ୍ୟକ୍ରମରେ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଉଛି କିନ୍ତୁ ଏହାର ସୌନ୍ଦର୍ଯ୍ୟକରଣ ତ ଦୂରର କଥା ପୁନରୁଦ୍ଧାର ମଧ୍ୟ ହେଉନାହିଁ । ଫଳରେ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛ। ଏଥିରେ ନା ଜିଲା ପ୍ରଶାସନ ନା ପୌର ପ୍ରଶାସନ କାହାରି ଆନ୍ତରିକତା ପ୍ରଦର୍ଶିତ ହେଉନାହିଁ ।


ସହରରେ ଥିବା ପରିତ୍ୟକ୍ତ ପୋଖରୀ।

ଏପରିକି ଦଳୀୟ ନେତା ଓ ପ୍ରତିନିଧିମାନେ ମଧ୍ୟ ଏଦିଗରେ ଆଖି ବୁଜି ଦେଉଥିବାରୁ ପ୍ରଦୂଷିତ ପରିବେଶ ମଧ୍ୟରେ ଲୋକେ ରହିବାକୁ ବାଧ ହେଉଛନ୍ତି । ମଶାମାଛିଙ୍କ ପ୍ରାଦୁର୍ଭାବ ବଢୁଥିବାବେଳେ ଡେଙ୍ଗୁ, ମ୍ୟାଲେରିଆ,ଡାଇରିଆ ଭଳି ରୋଗ ବ୍ୟାପିବା ସମ୍ଭାବନା ରହୁଥିବାରୁ ଲୋକେ ଚିନ୍ତାରେ ରହିଥିବା ବରିଷ୍ଠ ଆଇନଜୀବୀ ସୁରଜ ମହାପାତ୍ର କହିଛନ୍ତି।

ସୂଚନାଯୋଗ୍ୟ, ଏହି ପୋଖରୀ ନିକଟରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମେତ ଅନେକ ଜିଲାସ୍ତରୀୟ ଅଫିସ ରହିଥିବା ବେଳେ ରେଭେନ୍ୟୁ କଲୋନୀ, କଟକ ବସ ଷ୍ଟପ, ମାର୍କେଟ ତଥା ବହୁ ଜନବସତି ରହିଛି । ଏହା ନିକଟରେ ସବୁଦିନ ଅନେକ ଲୋକ ଗାଡ଼ିମୋଟର ତଥା ଚାଲି ଚାଲି ଯିବା ଆସିବା କରୁଥିବାରୁ ଚାରିପଟେ ବାଡ ନ ଥିବାରୁ ପଡ଼ିଯିବା ଆଶଙ୍କା ମଧ୍ୟ ରହୁଛି।

ଏଭଳି କେନ୍ଦୁଝର ସହରର ଜାମୁହୋତା ପୋଖରୀର ସମାନ ଅବସ୍ଥା ରହିଛି। ସେହିପରି ପୁରୁଣା ସହର, ଡାଙ୍ଗରପଡ଼ା, ବଡ଼ହଳ ଆଦି ଅଞ୍ଚଳରେ ମଧ୍ୟ କେତେକ ଛୋଟ ବଡ଼ ପୋଖରୀ ସଫେଇ, ପୁନଉଦ୍ଧାର କିମ୍ବା ଉନ୍ନତୀକରଣ କରାଯାଉ ନ ଥିବାରୁ ବିପର୍ଯ୍ୟସ୍ତ ଅବସ୍ଥାରେ ପଡ଼ିରହିଛି ଏବଂ ଲୋକେ ବାଧ ହୋଇ ବ୍ୟବହାର କରୁଛନ୍ତି ବୋଲି କହିଛନ୍ତି ବରିଷ୍ଠ ଆଇନଜୀବୀ ସନ୍ତୋଷ ସାହୁ। ସହରରେ ଥିବା ପୋଖରୀଗୁଡ଼ିକର ସୁରକ୍ଷା ପ୍ରଶାସନ କରିବା ଉଚିତ ବୋଲି ବରିଷ୍ଠ ନାଗରିକ ଅଲେଖ ଚନ୍ଦ୍ର ପାତ୍ର କହିଛନ୍ତି।

## କମଳାକାନ୍ତ ହେଲେ ପ୍ରାଥମିକ ଶିକ୍ଷକ ମହାସଂଘର ଜିଲା ସାଧାରଣ ସମ୍ପାଦକ

ପାଟଣା,୧୯।୮(ବୀରକିଶୋର ଦାଶ)


କମଳାକାନ୍ତ ପତି।

କେନ୍ଦୁଝର ଜିଲା ପାଟଣା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ କମଳାକାନ୍ତ ପତି ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ମହାସଂଘ କେନ୍ଦୁଝର ଜିଲା ଶାଖାର ସାଧାରଣ ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି। ଏଥିପୂର୍ବରୁ ସେ ପାଟଣା ବ୍ଲକ ଶିକ୍ଷକ ସଂଘର ସମ୍ପାଦକ ଥିଲେ। ଶିକ୍ଷକ ନେତା ବୀରମୋହନ ଦ୍ୱିବେଦୀ, ଜ୍ୟୋତିର୍ମୟ ତ୍ରିପାଠୀ, ପ୍ରମୋଦ କୁମାର ମହାନ୍ତ, ସନ୍ତୋଷ କୁମାର ନାଏକ, ପ୍ରଫୁଲ୍ଲ ନାଏକ, ବିଭୀଷଣ ଦଳଦଶିଆ ପ୍ରମୁଖ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସେହିଭଳି ପାଟଣା ବ୍ଲକ ମଙ୍ଗଳପୁର ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ତିଲୋତ୍ତମା ବେହେରା ଜିଲା ଉପ ସଭାନେତ୍ରୀ ଭାବେ ନିର୍ବାଚିତ ହୋଇଛନ୍ତି। ଏନେଇ ଗତ ରବିବାର ଘଟଗାଁ ବ୍ଲକର ବାଣେଶ୍ୱର ମନ୍ଦିର ପରିସରରେ ନୂତନ କର୍ମକର୍ତ୍ତା ନିର୍ବାଚନ ହୋଇଥିଲା। ମହାସଂଘର ମହାସଚିବ ଚାରୁଲତା ମହାପାତ୍ର, ଯାଜପୁର ଜିଲା ସଭାପତି ବିଜୟ ନାୟକ, ଜିଲାର ପୂର୍ବତନ ସଭାପତି ମୁକୁନ୍ଦ ଚରଣ ସାହୁ ପ୍ରମୁଖ ଯୋଗଦେଇ ନୂତନ କର୍ମକର୍ତ୍ତା ଚୟନ କରିଥିଲେ। କେନ୍ଦୁଝର ଜିଲାର ୧୩ ବ୍ଲକରୁ ୭୫ଜଣ ଶିକ୍ଷୟିତ୍ରୀ ଶିକ୍ଷକ ଏଥିରେ ଯୋଗ ଦେଇଥିଲେ।

## ଜିଲାର ସର୍ବୋତ୍ତମ ସରକାରୀ ଗାଡ଼ି ଡ୍ରାଇଭର ସମ୍ମାନିତ


ଡ୍ରାଇଭର ମାର୍କଣ୍ଡ ଗିରି ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

ଢେଙ୍କିକୋଟ,୧୯।୮(ନୀଳମଣି ମଣ୍ଡଳ)

କେନ୍ଦୁଝରରେ ଜିଲା ପ୍ରଶାସନିକ ଉଚ୍ଚ ପଦାଧିକାରୀଙ୍କ ଗାଡ଼ି ଚଳାଉଥିବା ଡ୍ରାଇଭରମାନଙ୍କ ମଧ୍ୟରୁ ସର୍ବୋତ୍ତମ ଡ୍ରାଇଭର ଭାବେ ଘଟଗାଁ ବ୍ଲକ ସାନ୍ତରାପୁର ପଞ୍ଚାୟତ ରାଇବଣ ସାହିର ମାର୍କଣ୍ଡ ଗିରି ବିବେଚିତ ହୋଇଛନ୍ତି। ଜିଲାସ୍ତରୀୟ ସ୍ୱାଧୀନତା ଦିବସରେ ଜିଲା ପୋଲିସ ପଡ଼ିଆରେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓଙ୍କ ଦ୍ୱାରା ସେ ସମ୍ମାନିତ ହୋଇଛନ୍ତି। ସେ ଦୀର୍ଘ ୧୩ ବର୍ଷ ହେଲା ସିଡିଏମ୍ଓଙ୍କ ଡ୍ରାଇଭର ଭାବେ କାର୍ଯ୍ୟ କରିଥିବା ବେଳେ ବର୍ତ୍ତମାନ ମଧ୍ୟ ଉକ୍ତ ସ୍ଥାନରେ କାର୍ଯ୍ୟ କରୁଛନ୍ତି। ସମୟାନୁବର୍ତ୍ତୀ ସହ ଅନାବଶ୍ୟକ ଛୁଟି ନ ନେଇ ଠିକ୍ ଭାବେ କାର୍ଯ୍ୟ ତୁଲାଇ ଆସିଛନ୍ତି। ଚାକିରି ଜୀବନ କାଳ ମଧ୍ୟରେ ତାଙ୍କ ଗାଡ଼ି ଚାଳନାରେ କୌଣସି ତ୍ରୁଟି ହୋଇ ନ ଥିବାବେଳେ ଆଜି ପର୍ଯ୍ୟନ୍ତ କୌଣସି ଦୁର୍ଘଟଣାର ସମ୍ମୁଖୀନ ହୋଇନାହାନ୍ତି। ଏଣୁ ଜିଲାର ସର୍ବଶ୍ରେଷ୍ଠ ସରକାରୀ ଗାଡ଼ି ଚାଳକ ଭାବେ ସେ ବିବେଚିତ ହୋଇଛନ୍ତି। ମାର୍କଣ୍ଡ ଆସନ୍ତା ଅକ୍ଟୋବର ୩୧ରେ ଅବସର ନେବେ।

## ସ୍କୁଲ, ଅଙ୍ଗନୱାଡି କେନ୍ଦ୍ରକୁ ଫିଲ୍ଟର, ଆକ୍ୱାଗାର୍ଡ ପ୍ରଦାନ

ବଉଳା,୧୯।୮(ଦୁର୍ଗା ପ୍ରସାଦ ଆୟଚ)

ହାଟଡିହୀ ବ୍ଲକର ବାଲିବରେଇ ପଞ୍ଚାୟତ ପକ୍ଷରୁ ମଙ୍ଗଳବାର ପୂର୍ବାହ୍ନରେ ପଞ୍ଚାୟତରେ ଥିବା ବିଦ୍ୟାଳୟ, ଅଙ୍ଗନୱାଡି କେନ୍ଦ୍ର ଓ ମନ୍ଦିରକୁ ଫିଲ୍ଟର, ଆକ୍ୱାଗାର୍ଡ ପ୍ରଦାନ କରାଯାଇଛି। ବାଲିବରେଇ ୟୁ.ପି ସ୍କୁଲ, ନୂଆଗାଁ ଅଙ୍ଗନୱାଡି କେନ୍ଦ୍ର, ବାଲିବରେଇ ହାଇସ୍କୁଲ, ମୁକ୍ତେଶ୍ୱର ଶିବମନ୍ଦିର, ଟିଲଗଡିଆ ଅଙ୍ଗନୱାଡି, ରାମକୃଷ୍ଣପୁର ପ୍ରାଥମିକ ବିଦ୍ୟାଳୟ, ରଗୁଡିଆ ପ୍ରାଥମିକ ବିଦ୍ୟାଳୟ, ବାଲିବରେଇ ହରିଜନ ସାହି ପ୍ରାଥମିକ ବିଦ୍ୟାଳୟ, ଟିକରସାହି ଅଙ୍ଗନୱାଡି, ଆମ୍ବନାଳିଆ ପ୍ରାଥମିକ ବିଦ୍ୟାଳୟ, ଟିଲଗଡିଆ ପ୍ରାଥମିକ ସ୍କୁଲକୁ ଫିଲ୍ଟର ଓ ଆକ୍ୱାଗାର୍ଡ ଦିଆଯାଇଛି। ସରପଞ୍ଚ ହରପ୍ରିୟା ଦଣ୍ଡପାଟଙ୍କ ପ୍ରତିନିଧି ଅଜୟ ଘଡେଇ, ସମିତିସଭ୍ୟା ଦମୟନ୍ତୀ ଜେନା, ଜିଲା ପରିଷଦ ଉପାଧକ୍ଷ ସୋମନାଥ ଦାସ, ନରହରି ପାତ୍ର, ପିଇଓ ଜିତେନ୍ଦ୍ର ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ପ୍ରଫେସର ଶ୍ୟାମସୁନ୍ଦର ପଟ୍ଟନାୟକ ହେଲେ ଧରଣୀଧର ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି


ପ୍ରଫେସର ଶ୍ୟାମସୁନ୍ଦର ପଟ୍ଟନାୟକ।

କେନ୍ଦୁଝର, ୧୯।୮ (ନରେଶ ଚନ୍ଦ୍ର ପଟ୍ଟନାୟକ)

ଓଡ଼ିଶା ରାଜ୍ୟ ଓପନ ବିଶ୍ୱବିଦ୍ୟାଳୟ ସମ୍ବଲପୁରର ଭାରପ୍ରାପ୍ତ କୁଳପତି ପ୍ରଫେସର ଶ୍ୟାମସୁନ୍ଦର ପଟ୍ଟନାୟକଙ୍କୁ କେନ୍ଦୁଝରସ୍ଥିତ ଧରଣୀଧର ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ଭାବେ ରାଜ୍ୟପାଳ ନିଯୁକ୍ତି ଦେଇଛନ୍ତି। ଚିଠିନଂ. ୯୬୬୩/୧୯।୮।୨୦୨୫ରେ ରାଜଭବନ ପକ୍ଷରୁ ଏହି ବିଜ୍ଞପ୍ତି ପ୍ରକାଶ ପାଇଛି। ସେ ୬ ମାସ ପାଇଁ ଅର୍ଥାତ ସ୍ଥାୟୀ କୁଳପତି ନିଯୁକ୍ତି ହେବା ପର୍ଯ୍ୟନ୍ତ କିମ୍ବା ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ ଏଭଳି ଅତିରିକ୍ତ ଦାୟିତ୍ୱରେ ରହିବେ ବୋଲି ଜଣାପଡ଼ିଛି।

ସୂଚନାଯୋଗ୍ୟ, ଧରଣୀଧର ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହେବାର ପ୍ରାୟ ୨ ବର୍ଷ ବିତିଯାଇଥିଲେ ହେଁ ଜଣେ ସ୍ଥାୟୀ କୁଳପତି ନିଯୁକ୍ତି ହୋଇ ପାରି ନ ଥିବାରୁ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଆସୁଛି। ଉକ୍ତ ସ୍ଥାନରେ ଜଣେ ଅଫିସର ଇନ ସ୍ପେଶାଲ ଡ୍ୟୁଟି (ଓଏସ୍‌ଡି) ନିଯୁକ୍ତି ଦିଆଯାଇଥିଲା। ସେ ଏହି ମାସରେ ଅବସର ନେବା ପରେ ପଦବୀ ଖାଲି ପଡ଼ିଥିଲା । ଏହି ବିଶ୍ୱବିଦ୍ୟାଳୟରେ ବହୁ ସମସ୍ୟା ରହିଥିବା ବେଳେ ଜଣେ ସ୍ଥାୟୀ କୁଳପତି ନିଯୁକ୍ତି କରିବାକୁ ଦାବି ହେଉଛି। ମୁଖ୍ୟମନ୍ତ୍ରୀଙ୍କ ଜିଲା ଓ ନିର୍ବାଚନ ମଣ୍ଡଳୀରେ ଏହି ବିଶ୍ୱବିଦ୍ୟାଳୟଟି ରହିଥିବାରୁ ଏହା ଅତ୍ୟନ୍ତ ଗୁରୁତ୍ୱ ବହନ କରୁଛି। ଏଠାରେ ସ୍ଥାୟୀ କୁଳପତି ନିଯୁକ୍ତି ସହ ବିଦ୍ୟାଳୟରେ ଭିତ୍ତିଭୂମିର ଅଭାବ ଓ ପ୍ରଫେସର, ସହାକାରୀ ପ୍ରଫେସର ପଦବୀ ଖାଲି ପଡ଼ିଛି। ସେସବୁ ପୂରଣ କରିବା ସହ ପାଠପଢ଼ାରେ ଉନ୍ନତି ଆଣିବା ନେଇ ପଦକ୍ଷେପ ନିଆଗଲେ ଏହି ବିଶ୍ୱବିଦ୍ୟାଳୟକୁ ଅନେକ ମେଧାବୀ ଛାତ୍ରୀଛାତ୍ର, ଗବେଷକ ଅଧ୍ୟୟନ କରିବାକୁ ଆସିବେ ବୋଲି ଧରଣୀଧର ସ୍ୱୟଂ ଶାସିତ ମହାବିଦ୍ୟାଳୟ ସୁରକ୍ଷା ମଞ୍ଚ ପକ୍ଷରୁ କୁହାଯାଇଛି।


**ADMISSION NOTICE-2025**

Centre for Distance & Online Education (DDCE, Utkal University)

UTKAL UNIVERSITY NAAC A+

**Centre for Distance and Online Education (CDOE)**
**(D.D.C.E., UTKAL UNIVERSITY)**
**BHUBANESWAR-751010**

Management & Computer Science Courses
(NOC from AICTE, New Delhi)

- Bachelor of Business Administration (3 Years)
- Master of Business Administration (2 Years)
- Master of Computer Application (2 Years)

(Contact MBA / BBA- 9437103110 / MCA - 9437074110 during office hour )

POST GRADUATE COURSES

- M.Com.
- M.S.W.
- M.A. in Odia
- M.A. in Hindi
- M.A. in History
- M.A. in English
- M.A.in Public Administration
- M.A. in Political Science
- M.A. in Economics
- M.A. in Sanskrit
- M.A. in Sociology
- M.A. in Education

(For more contact - 9437156110 during office hour )

Salient Features.
- Online Admission Process
- Free Registration & No charges for appearing admission test for Mgt. & Comp. Sc. Courses.
- Provision for Online verification of forms & online payment

For Course details, availability of seats , eligibility, fees structure, selection process and important date lines visit our website : www.ddceutkal.ac.in

Last Date of Admission Extended to : 20.09.2025

DIRECTOR


## ଆମ୍ବୁଲାନ୍ସରୁ ଡେଇଁ ଜୀବନ ଗଲା

ବାରିପଦା,୧୯।୮(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବଡ଼ସାହି ଥାନା ଅଧୀନ ନରଣଗାଁ ଗ୍ରାମର ସପନ ସିଂ(୪୫) ର ଆମ୍ବୁଲାନ୍ସରୁ ଡେଇଁ ପ୍ରାଣ ହରାଇଛନ୍ତି। ଏ ସଂକ୍ରାନ୍ତରେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ବାରିପଦା ପିଆର୍‌ଏମ୍ ମେଡିକାଲକୁ ପଠାଇଛି। ସୂଚନାଯୋଗ୍ୟ, ସପନ ନିଶାଗ୍ରସ୍ତ ହୋଇ ସଂଜ୍ଞାହୀନ ହୋଇପଡ଼ିଥିଲେ। ଏହା ଦେଖି ଗ୍ରାମବାସୀ ୧୦୮ ଆମ୍ବୁଲାନ୍ସକୁ ଖବର ଦେଇଥିଲେ। ଆମ୍ବୁଲାନ୍ସ କର୍ମଚାରୀ ପହଞ୍ଚି ତାଙ୍କୁ ଡାକ୍ତରଖାନା ନେଉଥିଲେ। ବାଟରେ ସଂଜ୍ଞା ଫେରିବାରୁ ସପନ ଚଳନ୍ତା ଆମ୍ବୁଲାନ୍ସରୁ ଡେଇଁ ପଡ଼ି ଗୁରୁତର ହୋଇଥିଲେ। କର୍ମଚାରୀମାନେ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ ହେଁ ଡାକ୍ତର ମୃତ ଘୋଷଣା କରିଥିଲେ।

# ଜେଲ ଗଲେ ଅଭିଯୁକ୍ତ ଶିକ୍ଷକ

### ଛାତ୍ରୀଙ୍କୁ ଅସଦାଚରଣ ମାମଲା

ବୈଶିଙ୍ଗା,୧୯।୮(ରତନ ଦାଶ):ମୟୂରଭଞ୍ଜ ଜିଲାର ବୈଶିଙ୍ଗା ଥାନା ଅଧୀନ ଏକ ପ୍ରାଥମିକ ବିଦ୍ୟାଳୟର ଜଣେ ଶିକ୍ଷକ ଗେଲ କରିବା ବାହାନାରେ ଛାତ୍ରୀଙ୍କୁ ଅସଦାଚରଣ କରି ଦୀର୍ଘ ଦିନ ଧରି ଲୁଚିରହିବା ପରେ ମଙ୍ଗଳବାର ପୋଲିସ ହାତରେ ଧରାପଡ଼ି ଜେଲ ଯାଇଛନ୍ତି। ସୂଚନା ମୁତାବକ, ଶିକ୍ଷକ ପ୍ରମୋଦ କୁମାର ମହାନ୍ତ ଷଷ୍ଠ ଓ ସପ୍ତମ ଶ୍ରେଣୀରେ ପଢୁଥିବା ନାବାଳିକା ଛାତ୍ରୀମାନଙ୍କୁ ଏକାନ୍ତରେ ପାଖକୁ ଡାକି କୋଳରେ ବସାଇ ଗେଲକରିବା ବାହାନାରେ ଅସଦାଚରଣ କରୁଥିବା ଅଭିଯୋଗ ହୋଇଥିଲା। ଏବାବଦରେ ପ୍ରଧାନଶିକ୍ଷକଙ୍କଠାରୁ ଅଭିଯୋଗ ପାଇ ବେତନଟୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ଜୁଲାଇ ୨୧ ତାରିଖରେ ଉକ୍ତ ଶିକ୍ଷକଙ୍କୁ ନିଲମ୍ବନ କରିଥିଲେ। ମାତ୍ର ଘଟଣାକୁ ଚାପି ଦେବା ଲକ୍ଷ୍ୟରେ ପୋଲିସ ନିକଟରେ ଏହାର ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ପାଇଁ କୌଣସି ଅଭିଯୋଗ କରାଯାଇ ନ ଥିଲା।

ଏ ସମ୍ପର୍କରେ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରସାରିତ ହେବାପରେ ଶେଷରେ ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଜୁଲାଇ ୨୮ ତାରିଖରେ ଘଟଣା ବାବଦରେ ଅଭିଯୋଗ ଦାଖଲ କରାଯାଇଥିଲା। ଏନେଇ ପୋଲିସ ଏକ ମାମଲା(ନଂ.୩୮୦/୨୫) ରୁଜୁ କରି ତଦନ୍ତ ଚଳାଇଥିବା ବେଳେ ଶିକ୍ଷକ ଜଣକ ଫେରାର ହୋଇଯାଇଥିଲେ। ମଙ୍ଗଳବାର ପ୍ରମୋଦ ହାଇକୋର୍ଟରୁ ସେ ଜାମିନ ପାଇଥିବା ନେଇ ଏକ ଅର୍ଡର କପି ନେଇ ଥାନାକୁ ଆସିଥିଲେ। ମାତ୍ର ଏହା ଜାମିନ ଆବେଦନ ନାମଞ୍ଜୁର ଚିଠି ଥିବା ଜଣାପଡ଼ିବା ପରେ ତୁରନ୍ତ ଗିରଫ କରାଯାଇଥିଲା। ଡାକ୍ତରୀ ପରୀକ୍ଷା ପରେ ପୋଲିସ ତାଙ୍କୁ କୋର୍ଟ ଚାଲାଣ କରିଥିଲା।

## ଯୁବକଙ୍କ ଆତ୍ମହତ୍ୟା

ଗୋପବନ୍ଧୁ ନଗର,୧୯।୮(ଶାନ୍ତନୁ କୁମାର ମଣ୍ଡୁଆଳ)

ଗୋପବନ୍ଧୁ ନଗର ବ୍ଲକ କୁଆମରା ପଞ୍ଚାୟତ କୁସୁମିଆ ଗ୍ରାମର ଜଣେ ଯୁବକ ସୋମବାର ରାତିରେ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ମୃତକ ହେଲେ ଜୟନ୍ତ ସିଂ (୨୮)। କୁଆମରା ଫାଣ୍ଡି ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ଉଦଳା ଡାକ୍ତରଖାନା ପଠାଇଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୪୫/୨୫) ରୁଜୁ ହୋଇଛି। ଆତ୍ମହତ୍ୟାର କାରଣ ସ୍ପଷ୍ଟ ହୋଇ ନ ଥିବା ଫାଣ୍ଡି ଅଧିକାରୀ ରସାନନ୍ଦ ମହାନ୍ତି କହିଛନ୍ତି।

# ଭଞ୍ଜସେନା ପକ୍ଷରୁ ତାଲାବନ୍ଦ ଆନ୍ଦୋଳନ

ବାରିପଦା,୧୯।୮(ନୀଳାଦ୍ରି ବିହାରୀ ଦଣ୍ଡପାଟ): ମୟୂରଭଞ୍ଜ ଜିଲାରେ ବିପର୍ଯ୍ୟସ୍ତ ଶିକ୍ଷା ବ୍ୟବସ୍ଥା ଓ ବିଭାଗୀୟ ଅଧିକାରୀଙ୍କ ମନମୁଖି କାର୍ଯ୍ୟକଳାପକୁ ନେଇ ଜନଅସନ୍ତୋଷ ଉଗ୍ରରୂପ ଧାରଣ କରିଛି। ବିଭାଗୀୟ ଅଧିକାରୀଙ୍କ ବିରୋଧରେ ଉଚ୍ଚ ପଦସ୍ଥ ଅଧିକାରୀମାନେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବା ପ୍ରତିବାଦରେ ଭଞ୍ଜସେନା ପକ୍ଷରୁ ଉଭୟ ଜିଲା ଶିକ୍ଷାଧିକାରୀ ଓ ଜିଲା ମଙ୍ଗଳ ଅଧିକାରୀ କାର୍ଯ୍ୟାଳୟରେ ମଙ୍ଗଳବାର ତାଲା ବନ୍ଦ ଆନ୍ଦୋଳନ କରାଯାଇଥିଲା। ଭଞ୍ଜସେନା ଜିଲା ସଭାପତି ପିଣ୍ଟୁ ମାଇତିଙ୍କ ନେତୃତ୍ୱରେ ଶତାଧିକ ଯୁବଛାତ୍ରମାନେ ଉପସ୍ଥିତ ରହି ଉଭୟ ଅଧିକାରୀଙ୍କ ପ୍ରତି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଥିଲେ। କାର୍ଯ୍ୟକ୍ରମରେ ଭଞ୍ଜସେନା ଅଧ୍ୟକ୍ଷ ସଞ୍ଜୀବ ରାଉତ, ଜିଲା ସଂଯୋଜକ ରାକେଶ ବେହେରା, ଜିଲା ଆଦିବାସୀ ଶାଖା ସଭାପତି ବାଜୁନ ହାଁସଦା,ବାରିପଦା ସହର ସଭାପତି ରାକେଶ ମହାନ୍ତି, ଜିଲା ଉପସଭାପତି ପ୍ରଶାନ୍ତ ମହାକୁଡ, ଜିଲା ସାଧାରଣ ସମ୍ପାଦକ ଜ୍ୟୋତିରଞ୍ଜନ ପୃଷ୍ଟି, ଯୁବଛାତ୍ର ସଂଯୋଜକ ସୂର୍ଯ୍ୟବର୍ଦ୍ଧନ ସିଂଦେଓ, ଯୁବଶାଖା ସଭାପତି ଏସ କେ ରାଜାଖାନ, ସଂଗଠନ ସମ୍ପାଦକ ଗଣେଶ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ଜାଲଦା ପଞ୍ଚାୟତରେ ସ୍ୱତନ୍ତ୍ର ଗ୍ରାମସଭା

ଝାରପୋଖରୀଆ,୧୯।୮(ସୁଧୀର କୁମାର ମହାନ୍ତ)

ସାରସକଣା ବ୍ଲକ ଅଧୀନ ଜାଲଦା ପଞ୍ଚାୟତରେ ଗତ ୧୫ ତାରିଖରେ ଏକ ସ୍ୱତନ୍ତ୍ର ଗ୍ରାମସଭା ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ନିନି ନାଏକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପିଇଓ ଚନ୍ଦ୍ର ମୋହନ ସିଂ ଉପସ୍ଥିତ ଜନସାଧାରଣଙ୍କୁ ଗ୍ରାମସଭାର ଆଭିମୁଖ୍ୟ ଉପରେ ସୂଚନା ପ୍ରଦାନ କରିଥିଲେ। ଏ.ଡି.ଓ. ବୁଦ୍ଧାନ୍ ମାଝି ସରକାରଙ୍କର ଜନହିତକାରୀ ବିଭିନ୍ନ ଯୋଜନା ସମ୍ବନ୍ଧରେ ସୂଚନା ଦେଇଥିଲେ। ସମିତି ସଭ୍ୟା ଅଞ୍ଜଳି ମହାନ୍ତ, ସମସ୍ତ ୱାର୍ଡ ସଭ୍ୟା,ସଭ୍ୟ, ଆଶାକର୍ମୀ, ମିଶନ ଶକ୍ତିର ଏମ୍.ବି.କେ. ଓ ସି.ଆର୍.ପି. ସଦସ୍ୟା, ମହିଳା ସ୍ୱାସ୍ଥ୍ୟକର୍ମୀ ରାଜଲକ୍ଷ୍ମୀ ମହାନ୍ତ, କମ୍ୟୁନିଟି ହେଲ୍‌ଥ ଅଧିକାରୀ କ୍ଷଣପ୍ରଭା ମହାନ୍ତ, ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟା ସମୂହ, ନାଏବ ସରପଞ୍ଚ ଛତିଶ ଚନ୍ଦ୍ର ପାଳଙ୍କ ସହିତ ଶତାଧିକ ପଞ୍ଚାୟତବାସୀ ମହିଳା ପୁରୁଷ ଯୋଗଦେଇଥିଲେ। ପଞ୍ଚାୟତର ଖାଦ୍ୟ ଯୋଗାଣ ସହାୟକ ଉତ୍ତମ କୁମାର ମହାନ୍ତ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ସୂଚନା ଦେଇଥିଲେ।


DSPL-214

**ଟେଣ୍ଟ ହାଉସ୍ ମାଲିକ ଏବଂ କର୍ମଚାରୀଙ୍କ ପାଇଁ ବିଦ୍ୟୁତ୍ ସୁରକ୍ଷା ସମ୍ବନ୍ଧୀୟ ପରାମର୍ଶ**

- ଅସ୍ଥାୟୀ ପୂଜା ପେଣ୍ଡାଲ ନିର୍ମାଣ ପୂର୍ବରୁ ଆୟୋଜକମାନଙ୍କଠାରୁ ସୁନିଶ୍ଚିତ କରାନ୍ତୁ ଯେ ସ୍ଥାନୀୟ ବିଦ୍ୟୁତ୍ ବିତରଣ କାର୍ଯ୍ୟାଳୟରୁ ଆବଶ୍ୟକୀୟ ଅନୁମତି ନିଆଯାଇଅଛି।
- ବିଦ୍ୟୁତ୍ ଲାଇନ ତଳେ କିମ୍ବା ନିକଟରେ ପୂଜା ମଣ୍ଡପ ନିର୍ମାଣ ଏବଂ ସାଜସଜ୍ଜା କରନ୍ତୁ ନାହିଁ।
- ବିଦ୍ୟୁତ୍ ଖୁଣ୍ଟ, ସବଷ୍ଟେସନ୍ କିମ୍ବା ଷ୍ଟେ ତାରକୁ ସାଜସଜ୍ଜା କାର୍ଯ୍ୟରେ ବ୍ୟବହାର କରନ୍ତୁ ନାହିଁ।
- ଲାଇଟ୍, ପଙ୍ଖା, ଏସି, ସାଉଣ୍ଡ ସିଷ୍ଟମ୍ ଏବଂ ଅନ୍ୟାନ୍ୟ ବୈଦ୍ୟୁତିକ ଉପକରଣ ନିମନ୍ତେ ଉପଯୁକ୍ତ ୱାରିଙ୍ଗ୍ କରନ୍ତୁ।
- ଯଥା ସମ୍ଭବ ବିଦ୍ୟୁତ୍ ତାରରେ କୌଣସି ପ୍ରକାର ଜଏଣ୍ଟେ ରଖନ୍ତୁ ନାହିଁ ଏବଂ ଆବଶ୍ୟକ ସ୍ଥଳେ ବିଦ୍ୟୁତ୍ କୁପରିବାହୀ ଟେପ୍ ବ୍ୟବହାର କରନ୍ତୁ।
- ବିଦ୍ୟୁତ୍ ଆଘାତରୁ ସୁରକ୍ଷା ନିମନ୍ତେ ଆର.ସି.ସି.ବି ବ୍ୟବହାର କରନ୍ତୁ।
- ଉପଯୁକ୍ତ ରେଟିଙ୍ଗ୍ ର ଆଇ.ଏସ.ଆଇ ମାନକଯୁକ୍ତ ଉପକରଣ ଯଥା ତାର, କେବୁଲ, ସର୍କିଟ୍ ବ୍ରେକର ଏବଂ ଅନ୍ୟାନ୍ୟ ଉପକରଣ ବ୍ୟବହାର କରନ୍ତୁ।
- ଖୋଲା ସ୍ଥାନରେ ବ୍ୟବହୃତ ବୈଦ୍ୟୁତିକ ଉପକରଣ ଗୁଡିକୁ ପାଣି ଓ ବର୍ଷାରୁ ସୁରକ୍ଷା ନିମନ୍ତେ, ଉପଯୁକ୍ତ ଆଇ.ପି (ଆଇ.ପି ୬୫/ଆଇ.ପି ୬୭/ଆଇ.ପି ୫୫) ମାନକଯୁକ୍ତ ଥିବା ଉପକରଣ ବ୍ୟବହାର କରନ୍ତୁ।
- ଅସ୍ଥାୟୀ ଡିଜି ସେଟ୍ ବ୍ୟବହାର କରୁଥିଲେ ସଠିକ୍ ଆର୍ଥିଙ୍ଗ୍ ଏବଂ ଚେଞ୍ଜଓଭର ସୁଇଚ୍ ବ୍ୟବହାର କରନ୍ତୁ।
- ବୈଦ୍ୟୁତିକ କାର୍ଯ୍ୟ ତାଲିମପ୍ରାପ୍ତ ଇଲେକ୍ଟ୍ରିସିଆନ୍ ଙ୍କ ଦ୍ୱାରା କରାନ୍ତୁ ଏବଂ କାମ କରିବା ସମୟରେ ବ୍ୟକ୍ତିଗତ ସୁରକ୍ଷା ଉପକରଣ ବ୍ୟବହାର ସୁନିଶ୍ଚିତ କରାନ୍ତୁ।



ବିଦ୍ୟୁତ ସୁରକ୍ଷା ଆପଣାନ୍ତୁ ଜୀବନ ସୁରକ୍ଷିତ ରଖନ୍ତୁ।

ଶକ୍ତି ବିଭାଗ, ଓଡ଼ିଶା ସରକାର
ସର୍ବୋଚ୍ଚ ଯନ୍ତ୍ରୀ (ବିଦ୍ୟୁତ୍) ତଥା ପ୍ରମୁଖ ବିଦ୍ୟୁତ୍ ନିରୀକ୍ଷକ

OIPR-04066/13/0028/2526

## ସଂକ୍ଷେପରେ

### ରାସ୍ତାକଡ଼ରୁ ଅଚିହ୍ନା ମୃତଦେହ ଜବତ

ଭଦ୍ରକ,୧୯।୮(ସନାତନ ରାଉତ)

୧୬ ନଂ. ଜାତୀୟ ରାଜପଥର ଭଦ୍ରକ ଆରଡ଼ିଛକ ନିକଟସ୍ଥ ସର୍ଭିସ୍ ରୋଡ୍ ପାର୍ଶ୍ୱରୁ ଏକ ଅଚିହ୍ନା ମୃତଦେହ ସୋମବାର ପୂର୍ବାହ୍ନରେ ଭଦ୍ରକ ଗ୍ରାମାଞ୍ଚଳ ପୋଲିସ ଜବତ କରିଛି। ମୃତକଙ୍କ ବୟସ ପ୍ରାୟ ୪୫ବର୍ଷ ହୋଇଥିବା ଅନୁମାନ କରାଯାଉଥିବା ବେଳେ ମୃତଦେହଟି ଉଲଗ୍ନ ଅବସ୍ଥାରେ ପଡ଼ିଥିବା ପୋଲିସ ସୂଚନା ଦେଇଛି। ମୃତକଙ୍କ ପରିଚୟ ମିଳି ନ ଥିବାବେଳେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଗୋଟିଏ ଦିନ ରଖିବା ପରେ ମଙ୍ଗଳବାର ବ୍ୟବଚ୍ଛେଦ କରାଯାଇଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୪୮/୨୫) ରୁଜୁ ହୋଇଥିବା ଏଏସ୍ଆଇ ଯତୀନ୍ଦ୍ର ନାଥ ସିଙ୍କୁ କହିଛନ୍ତି। ମୃତକ ଜଣକ ମାନସିକ ବିକୃତ ହୋଇଥିବା ଅନୁମାନ କରାଯାଉଛି।

### ସାମାଜିକ କର୍ମୀଙ୍କ ପରଲୋକ

ଧାମନଗର,୧୯।୮
(ସନ୍ତୋଷ କୁମାର ମହାପାତ୍ର)

ଧାମନଗର ବ୍ଲକ ଦଳାଙ୍ଗ ପଞ୍ଚାୟତ ଅଧୀନ ବିରୁହାଁ ଗ୍ରାମର ସାମାଜିକ କର୍ମୀ, ଧର୍ମପରାୟଣ ବ୍ୟକ୍ତି ସଦାଶିବ ପଣ୍ଡା(୭୮)ଙ୍କ ସୋମବାର ନିଜ ବାସଭବନରେ ପରଲୋକ ହୋଇଯାଇଛି। ସେ କିଛିଦିନ ହେଲା ବାର୍ଦ୍ଧକ୍ୟଜନିତ ଅସୁସ୍ଥ ଥିଲେ। ମୃତ୍ୟୁଶଯ୍ୟା ନିକଟରେ ପରିବାର ଲୋକ ଓ ବନ୍ଧୁବାନ୍ଧବ ଉପସ୍ଥିତ ଥିଲେ। ବିଭିନ୍ନ ରାଜନୈତିକ ଦଳର ନେତା ଓ କର୍ମୀ, ଗ୍ରାମବାସୀ ତାଙ୍କ ବାସଭବନରେ ପହଞ୍ଚି ଶେଷଦର୍ଶନ କରିଥିଲେ।

# ଏସ୍ଏଚ୍‌ଜି ମହିଳା, ଚାଷୀଙ୍କୁ ଭେଟିଲେ

### ୨ଦିନିଆ ଭଦ୍ରକ ଗସ୍ତରେ ରାଜ୍ୟପାଳ

ଭଦ୍ରକ/ ଆଗରପଡ଼ା/ ଧାମନଗର/ ଧୁଷୁରୀ,୧୯।୮ (ସନାତନ ରାଉତ/ ସୁଶାନ୍ତ ଦାଶ/ ସନ୍ତୋଷ କୁମାର ମହାପାତ୍ର/ ଦୀପ୍ତିରଞ୍ଜନ ନାୟକ)


ବନ୍ତ ବ୍ଲକର ବଡ଼ବର୍ଚ୍ଛିକୟାଁଠାରେ ରାଜ୍ୟପାଳ ହରିବାବୁ କମ୍ଭମପାଟି, ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ବିଧାୟକ ସୀତାଂଶୁ ଶେଖର ମହାପାତ୍ରଙ୍କ ସହ ଏସ୍ଏଚ୍‌ଜି ମହିଳାମାନେ।

ରାଜ୍ୟପାଳ ହରିବାବୁ କମ୍ଭମପାଟି ମଙ୍ଗଳବଠାରୁ ଦୁଇଦିନିଆ ଭଦ୍ରକ ଗସ୍ତ କରିଛନ୍ତି। ପ୍ରଥମେ ଦିନରେ ସେ ବିଭିନ୍ନ ସ୍ଥାନରେ ଏସ୍ଏଚ୍‌ଜି ମହିଳାଙ୍କୁ ଭେଟିବା ସହ ସେମାନଙ୍କ ଦ୍ୱାରା ଉତ୍ପାଦିତ ସାମଗ୍ରୀ ବୁଲି ଦେଖିଛନ୍ତି। ସେହିପରି ଭଦ୍ରକ ରାଣୀତାଳସ୍ଥିତ କୃଷି ବିଜ୍ଞାନ କେନ୍ଦ୍ରଠାରେ ଚାଷୀମାନଙ୍କୁ ଭେଟିଛନ୍ତି। ପୂର୍ବାହ୍ନ ୧୦ଟା ୩୦ରେ ରାଜ୍ୟପାଳ ଭଦ୍ରକ ସର୍କିଟ୍ ହାଉସରେ ପହଞ୍ଚିଥିଲେ। ସେଠାରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ବିଧାୟକ ସୀତାଂଶୁ ଶେଖର ମହାପାତ୍ର, ଜିଲାପାଳ ଦିଲୀପ ରାଉତରାଏ, ପୂର୍ବାଞ୍ଚଳ ଡିଆଇଜି ଡ. ସତ୍ୟଜିତ୍ ନାୟକ, ଏସ୍‌ପି ମନୋଜ ରାଉତ, ଅତିରିକ୍ତ ଜିଲାପାଳ ସରୋଜ କୁମାର ଦତ୍ତ, ରବିନାରାୟଣ ସାହୁ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦ୍ର ସାମଲ, ଉପଜିଲାପାଳ ସୌରଭ ଚକ୍ରବର୍ତ୍ତୀ, ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ ପ୍ରମୁଖ ତାଙ୍କୁ ସ୍ୱାଗତ କରିଥିଲେ। ସେମାନଙ୍କ ସହ ଆଲୋଚନା ପରେ ରାଜ୍ୟପାଳ ପ୍ରଥମେ ବନ୍ତ ବ୍ଲକ କାଦବରାଙ୍ଗ ପଞ୍ଚାୟତର ଧବଳେଶ୍ୱର ମହିଳା ମହାସଂଘ କାର୍ଯ୍ୟାଳୟ ପରିଦର୍ଶନ କରିଥିଲେ। ସେଠାରେ ଗୀତାଞ୍ଜଳି ସିଲେଇ କେନ୍ଦ୍ର ଓ ମହିଳାମାନଙ୍କ ଦ୍ୱାରା ପ୍ରସ୍ତୁତ ମୁଢ଼ି, ପେପର ପ୍ଲେଟ୍, ମଲ୍ଟିଗ୍ରେନ ଅଟା, ବଡ଼ି, ଲାପ୍‌ଟପ୍ ବ୍ୟାଗ୍ ପ୍ରସ୍ତୁତି ଆଦି ବିଭିନ୍ନ ଉତ୍ପାଦିତ ସାମଗ୍ରୀ ବୁଲି ଦେଖିଥିଲେ। ଏମ୍‌ବିକେ କମଳା ମିଶ୍ରଙ୍କଠାରୁ ବିଭିନ୍ନ ସାମଗ୍ରୀ ପ୍ରସ୍ତୁତି ଓ ବିକ୍ରି ବିଷୟରେ ଅବଗତ ହେବା ପରେ ମହିଳାମାନେ ସ୍ୱାବଲମ୍ବୀ ହୋଇଥିବା ଜାଣି ରାଜ୍ୟପାଳ ଖୁସିବ୍ୟକ୍ତ କରିଥିଲେ। ୧୦ଜଣ ଲକ୍ଷପତି ଦିଦିଙ୍କୁ ବ୍ୟାଙ୍କଋଣ ଟଙ୍କା କିପରି କାର୍ଯ୍ୟରେ ଲଗାଉଛନ୍ତି ଓ ପରିଶୋଧ କରୁଛନ୍ତି ପଚାରି ବୁଝିଥିଲେ। ଆବଶ୍ୟକ ଋଣ ମଞ୍ଜୁର ପାଇଁ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ସହ ସରକାରଙ୍କ ପକ୍ଷରୁ ଆଲୋଚନା କରାଯାଉଛି। ମହିଳାମାନଙ୍କ ଦ୍ୱାରା ପ୍ରସ୍ତୁତ ସମସ୍ତ ସାମଗ୍ରୀର ବଜାର ସୁବିଧା ଓ ବ୍ରାଣ୍ଡିଂ ପାଇଁ ସମସ୍ତ ସହଯୋଗ ଯୋଗାଇ ଦିଆଯିବ ବୋଲି ରାଜ୍ୟପାଳ କହିଥିଲେ। ନିକଟରେ ପାଳନ ହୋଇଥିବା ସ୍ୱାଧୀନତା ଦିବସ ଉପଲକ୍ଷେ ପତାକା ପ୍ରସ୍ତୁତ ପାଇଁ ଧବଳେଶ୍ୱର ମହାସଂଘକୁ ବିଡିଓ ଦାୟିତ୍ୱ ନ ଦେଇ ବଜାରରୁ ପତାକା କିଣିଥିଲେ ବୋଲି ଏମ୍‌ବିକେ ମିଶ୍ର ରାଜ୍ୟପାଳଙ୍କ ନିକଟରେ ଅଭିଯୋଗ କରିଥିଲେ।

ପରେ ରାଜ୍ୟପାଳ ବଡ଼ବର୍ଚ୍ଛିକୟାଁ ପଞ୍ଚାୟତରେ ଥିବା ମହିଳା ଗୋଷ୍ଠୀ ଦ୍ୱାରା କୁକୁଡ଼ା ଓ ଛେଳି ଫାର୍ମ ପରିଦର୍ଶନ କରିବା ସହ ମାଛ ପୋଖରୀ, ପନିପରିବା ଚାଷ ବୁଲି ଦେଖିଥିଲେ। ଏମ୍‌ବିକେ ରଶ୍ମିତା ସେଠୀ ଓ ବ୍ଲକ ମହାସଂଘର ସମ୍ପାଦିକା ସୁଦୀପ୍ତି ସିଂହଙ୍କ ସହ ଆଲୋଚନା କରିଥିଲେ। ମହିଳା ଗୋଷ୍ଠୀଙ୍କୁ ଅଧିକ ଦିନ ପାଇଁ ଜମି ଲିଜ୍ ଯୋଗାଇ ଦେବାକୁ କୃଷି ବିଭାଗକୁ ରାଜ୍ୟପାଳ ନିର୍ଦ୍ଦେଶ ଦେଇଥିଲେ। ମାଂସ ବଦଳରେ ଅଧିକ ଅଣ୍ଡା ଉତ୍ପାଦନ କରି ବିଦ୍ୟାଳୟଗୁଡ଼ିକୁ ମଧ୍ୟାହ୍ନ ଭୋଜନ ପାଇଁ ଯୋଗାଇ ଦେବାକୁ ସେ ପରାମର୍ଶ ଦେଇଥିଲେ। ରାଜ୍ୟ ଓ ଦେଶର ଉନ୍ନତି ପାଇଁ ମହିଳା ସଶକ୍ତୀକରଣକୁ ଅଧିକ ଗୁରୁତ୍ୱ ଦିଆଯିବା ଆବଶ୍ୟକ ବୋଲି ଉପସ୍ଥିତ ଅଧିକାରୀମାନଙ୍କୁ ସେ ପରାମର୍ଶ ଦେଇଛନ୍ତି। ଏହି ଅବସରରେ ଉକ୍ତ ପଞ୍ଚାୟତର କେତେଜଣ ହିତାଧିକାରୀଙ୍କ ପ୍ରଧାନମନ୍ତ୍ରୀ ଆବାସ ଗୃହ ବୁଲି ଦେଖିଥିଲେ। ଅପରାହ୍ନରେ ରାଜ୍ୟପାଳ ଭଦ୍ରକ ବ୍ଲକର ହରିପୁରଠାରେ ଥିବା ଫେକାଲ ସ୍ଲଜ୍ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ପରିଦର୍ଶନ କରିଥିଲେ। ସେଠାରେ ୪ କୋଟି ବ୍ୟୟରେ ନିର୍ମାଣ ହେଉଥିବା ୩୦ ହଜାର ଲିଟର କ୍ଷମତା ବିଶିଷ୍ଟ ଆବର୍ଜନାକୁ କମ୍ପୋଷ୍ଟ ଖତରେ ପରିଣତ କରିବା ପ୍ରକଳ୍ପ ବୁଲି

### ମହିଳା ସଶକ୍ତୀକରଣକୁ ଗୁରୁତ୍ୱ ଦେବାକୁ ପରାମର୍ଶ

ଦେଖିଥିଲେ। ସ୍ୱଚ୍ଛସାଥୀ ଓ ପୌରପାଳିକା ଅଧିକାରୀ, କର୍ମଚାରୀଙ୍କ ସହ ଆଲୋଚନା କରିଥିଲେ। ପ୍ରତି ସହରରେ ଏପରି ପ୍ରକଳ୍ପ ଆବଶ୍ୟକ ବୋଲି ରାଜ୍ୟପାଳ କହିଥିଲେ। ପ୍ରକଳ୍ପର ସମ୍ପ୍ରସାରଣ ପାଇଁ ଆଉ ୨ ଏକର ଜମି ପ୍ରଦାନ କରାଯିବାକୁ ଜିଲାପାଳ ପ୍ରକାଶ କରିଥିଲେ। ଏହି ଅବସରରେ ରାଜ୍ୟପାଳ ପାର୍କ ପରିସରରେ ଚାରାରୋପଣ କରିଥିଲେ। ପରେ ଧାମନଗର ବ୍ଲକର ଅସୁରାଳିଠାରେ ଥିବା ସ୍କିଲ୍ ଇଣ୍ଡିଆ ଟ୍ରେନିଂ ସେଣ୍ଟର ପରିଦର୍ଶନ ସହ ଛାତ୍ରୀଛାତ୍ରଙ୍କ ସହ ଆଲୋଚନା କରିଥିଲେ। ପରେ ରାଣୀତାଳସ୍ଥିତ କୃଷି ବିଜ୍ଞାନ କେନ୍ଦ୍ରରେ ପହଞ୍ଚିଥିଲେ। ୧୦ ଚାଷୀଙ୍କ ସହ ସେଠାରେ ପ୍ରଧାନମନ୍ତ୍ରୀ କିଷାନ ଓ ମୁଖ୍ୟମନ୍ତ୍ରୀ କିଷାନ ଯୋଜନା ବାବଦରେ ସେ ଆଲୋଚନା କରିଥିଲେ। କେନ୍ଦ୍ର ପରିସରରେ ଥିବା କୃଷି ଫାର୍ମ ପରିଦର୍ଶନ କରିଥିଲେ। ପରେ ସର୍କିଟ୍ ହାଉସକୁ ଫେରି ବିଭିନ୍ନ ସାମାଜିକ ସଙ୍ଗଠନ ଓ ବୁଦ୍ଧିଜୀବୀଙ୍କ ସହ ଭଦ୍ରକର ବିଭିନ୍ନ ସମସ୍ୟା ବାବଦରେ ଆଲୋଚନା କରିଥିଲେ। ପରିଦର୍ଶନ ସମୟରେ ମନ୍ତ୍ରୀ, ବିଧାୟକ, ଡିଆଇଜି, ଜିଲାପାଳ, ଅତିରିକ୍ତ ଜିଲାପାଳ, ଉପଜିଲାପାଳଙ୍କ ସମେତ ସମ୍ପୃକ୍ତ ବ୍ଲକ ବିଡିଓ ଓ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ। ବୁଧବାର ପ୍ରଶାସନିକ ଅଧିକାରୀଙ୍କ ସହ ସମୀକ୍ଷା ବୈଠକ କାର୍ଯ୍ୟକ୍ରମ ରହିଛି।

### ଆମ୍ବୁଲାନ୍ସ ଧକ୍କାରେ ଛାତ୍ର ଗୁରୁତର

ଭଣ୍ଡାରିପୋଖରୀ,୧୯।୮
(ରାଜେନ୍ଦ୍ର ଶତପଥୀ)

ଭଣ୍ଡାରିପୋଖରୀ ଥାନା ଅଧୀନ ଛତାବର-ନିକୋଳ ପୂର୍ତ୍ତ ରାସ୍ତାର କୁଲଣା ବଜାରରେ ମଙ୍ଗଳବାର ସକାଳ ୯ଟା ୩୦ ବେଳେ ଏକ ଆମ୍ବୁଲାନ୍ସ ଜଣେ ୫ମ ଶ୍ରେଣୀ ଛାତ୍ରଙ୍କୁ ଧକ୍କା ଦେଇଛି। ଦୁର୍ଘଟଣାରେ ଗୁରୁତର ଛାତ୍ର ଜଣକ ହେଲେ ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ଅଞ୍ଚଳର ପ୍ରୀତିଦୀପ୍ତ ସାହୁ(୧୨)। ଛାତ୍ର ଏବେ କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି। ସୂଚନା ଅନୁଯାୟୀ, ପ୍ରୀତିଦୀପ୍ତ ଭଣ୍ଡାରିପୋଖରୀ ବ୍ଲକର କୁଲଣାରେ ମାମୁ ଜିତେନ୍ଦ୍ର ସାହୁଙ୍କ ଘରେ ରହି ବିଶୋଳ-କୁଲଣା ମୈତ୍ରୀ ଉଚ୍ଚ ବିଦ୍ୟାପୀଠରେ ପଢୁଛନ୍ତି। ସକାଳେ ଟିଉସନ ସାରି ସେ ସାଇକେଲରେ ଫେରୁଥିବା ବେଳେ ମଞ୍ଜୁରୀରୋଡ଼ ଆଡକୁ ଦ୍ରୁତଗତିରେ ଯାଉଥିବା ଆମ୍ବୁଲାନ୍ସ (ଓଡି ୦୨ ଡି ଏ ୯୪୯୧) ବିପରୀତ ପାର୍ଶ୍ୱରୁ ତାଙ୍କୁ ଧକ୍କା ଦେଇଥିଲା। ପ୍ରୀତିଦୀପ୍ତ କ୍ଷତାକ୍ତ ହେବା ସହ ସାଇକେଲଟି ଭାଙ୍ଗିଯାଇଛି। ସ୍ଥାନୀୟ ଲୋକେ ତାଙ୍କୁ ସେହି ଆମ୍ବୁଲାନ୍ସ ଯୋଗେ ଭଣ୍ଡାରିପୋଖରୀ ଡାକ୍ତରଖାନା ନେଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଥିଲା। ଏ ନେଇ ଜିତେନ୍ଦ୍ର ଭଣ୍ଡାରିପୋଖରୀ ଥାନାରେ ଅଭିଯୋଗ କରିଛନ୍ତି।

## ଦକ୍ଷତା ଖୋଜ ପ୍ରତିଯୋଗିତା


ପ୍ରଥମ ବିଜେତା ଶୁଭ୍ରସ୍ମିତା ରାଉତଙ୍କୁ ପୁରସ୍କୃତ କରାଯାଉଛି।

ଭଦ୍ରକ,୧୯।୮(ରବିନାରାୟଣ ଖିଲାର)

ଭଦ୍ରକ ମନମୋହନ ସଙ୍ଗୀତ ପରିଷଦ କାର୍ଯ୍ୟାଳୟଠାରେ ସୋମବାର ଦକ୍ଷତା ଖୋଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଉମେଶ ଫାଉଣ୍ଡେଶନ ପକ୍ଷରୁ ମନମୋହନ ସଙ୍ଗୀତ ପରିଷଦ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ପରିଷଦର ସଭାପତି ଦିବ୍ୟସିଂହ ନାୟକ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଜିଲା ବରିଷ୍ଠ ନାଗରିକ ପରିଷଦର ସଭାପତି ଲଲାଟେନ୍ଦୁ ମହାନ୍ତି ଯୋଗ ଦେଇଥିଲେ। ସଙ୍ଗୀତ ପ୍ରତିଯୋଗିତାରେ ପ୍ରାୟ ୭୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଭାଗ ନେଇଥିଲେ। ଏଥିରେ ପ୍ରଥମ ବିଜେତା ଭାବେ କଲେଜ ଛାତ୍ରୀ ଶୁଭ୍ରସ୍ମିତା ରାଉତ କୃତିତ୍ୱ ହାସଲ କରି ପୁରସ୍କୃତ ହୋଇଛନ୍ତି। ବିଚାରକ ଭାବେ ନାଟ୍ୟଶ୍ରୀ ନିର୍ମଳ ରାଉତ ଓ ସରୋଜକାନ୍ତ ନାୟକ ଯୋଗ ଦେଇଥିଲେ। ପରିଷଦର ସମ୍ପାଦକ ରାମନାରାୟଣ ମହାନ୍ତି, ଅଧ୍ୟକ୍ଷ ଡ. କେଶବ ଚନ୍ଦ୍ର ଜେନା ଓ ସହସମ୍ପାଦକ ରମେଶ ଚନ୍ଦ୍ର ରାୟ ପରିଚାଳନା କରିଥିଲେ।

## ମୋବାଇଲ ଲାଇଟ୍‌ରେ ଅଭିଯୋଗ ପଢ଼ିଲେ ଜିଲାପାଳ

### ଜନଶୁଣାଣି ବେଳେ ବାରମ୍ବାର ବିଦ୍ୟୁତ୍ କାଟ୍

ବାସୁଦେବପୁର,୧୯।୮
(ନାରାୟଣ ପ୍ରସାଦ ବାରିକ୍)


ଶିବିରରେ ମୋବାଇଲ ଟର୍ଚ୍ଚ ଲଗାଇ ଜିଲାପାଳ ଦିଲୀପ ରାଉତରାଏ ଓ ଅନ୍ୟ ଅଧିକାରୀମାନେ ଅଭିଯୋଗ ପଢୁଛନ୍ତି।

ବାସୁଦେବପୁର ନୀଳମଣି ଟାଉନହଲ୍‌ରେ ସୋମବାର ମିଳିତ ଜନଶୁଣାଣି ଶିବିର ଚାଲିଥିବା ବେଳେ ବାରମ୍ବାର ବିଦ୍ୟୁତ୍ କାଟ୍ ହୋଇଥିଲା। ଫଳରେ ଜିଲାପାଳ ଦିଲୀପ ରାଉତରାଏ ଅନ୍ଧାରରେ ମୋବାଇଲ ଟର୍ଚ୍ଚ ଲାଇଟ୍‌ରେ ଲୋକଙ୍କ ଅଭିଯୋଗ ପଢ଼ିଥିଲେ।

ଶିବିରରେ ବିଧାୟକ ଅଶୋକ କୁମାର ଦାସ, ଜିଲାପାଳ ରାଉତରାଏ ଓ ଏସ୍‌ପି ମନୋଜ ରାଉତ ଯୋଗ ଦେଇଥିଲେ। ଶିବିର ଚାଲିଥିବା ବେଳେ ୩/୪ ଥର ବିଦ୍ୟୁତ୍ କାଟ୍ ହୋଇଥିଲା। ଏହାକୁ ନେଇ ଅସନ୍ତୋଷ ପ୍ରକାଶ ପାଇବା ସହ ମୋବାଇଲ ଟର୍ଚ୍ଚ ଲାଇଟ୍‌ରେ ସେମାନେ ଅଭିଯୋଗ ଦେଖିଥିଲେ। ଏ ସମ୍ପର୍କରେ ପୌର ନିର୍ବାହୀ ଅଧିକାରୀ ସୁଧାଂଶୁ ମୋହନ ସ୍ୱାଇଁ କହିଛନ୍ତି, ଜନଶୁଣାଣି ବେଳେ ବିଦ୍ୟୁତ୍ କାଟ୍ ନ କରିବାକୁ ବିଭାଗକୁ ପୂର୍ବରୁ ଅବଗତ କରାଯାଇଥିଲା। ତେବେ ବାଲିମୁଣ୍ଡା ବିଦ୍ୟୁତ୍ ଷ୍ଟ୍ରକ୍‌ଚରର ହଠାତ୍ ଆବଶ୍ୟକ ପଡ଼ିବାରୁ ବିଦ୍ୟୁତ୍ କାଟ୍ କରାଯାଇଥିଲା। ଏନେଇ ବିଦ୍ୟୁତ୍ ବିଭାଗ ଏସ୍‌ଡିଓ ରାକେଶ କୁମାର ଦାସଙ୍କୁ ପଚାରିବାରୁ ପାରାପୋଖରୀଠାରେ ସବ୍‌ଷ୍ଟେଶନରେ କଏଲ ପୋଡ଼ିବା ଆରମ୍ଭ ହେବାରୁ ଧନଜୀବନ ସୁରକ୍ଷା ଦୃଷ୍ଟିରୁ କିଛି ସମୟ ପାଇଁ ବିଦ୍ୟୁତ୍ କାଟ୍ କରାଯାଇଥିଲା ବୋଲି କହିଛନ୍ତି।

## ସ୍ୱାମୀଙ୍କୁ ଆଜୀବନ ଜେଲ

### ସ୍ତ୍ରୀ ହତ୍ୟା ମାମଲା

ଭଦ୍ରକ,୧୯।୮(ସନାତନ ରାଉତ)

ଭଦ୍ରକ ଜିଲା କୋର୍ଟରେ ସୋମବାର ଏକ ସ୍ତ୍ରୀ ହତ୍ୟା ମାମଲାର ରାୟ ପ୍ରକାଶ ପାଇଛି। ଅତିରିକ୍ତ ଜିଲା ତଥା ଦୌରାଜଜ୍ ପ୍ରଭାତ ରଞ୍ଜନ ରାୟଗୁରୁ ମାମଲାର ବିଚାର କରି ଦୋଷୀ ଧାମନଗର ଥାନା ଅଧୀନ କଲ୍ୟାଣୀ ଗ୍ରାମର ଅଜିତ ଜେନାଙ୍କୁ ଆଜୀବନ ଜେଲ ସହ ୧୦ ହଜାର ଟଙ୍କା ଜରିମାନା ଦଣ୍ଡ ଶୁଣାଣି କରିଛନ୍ତି। ଜରିମାନା ଅନାଦେୟ ପୁଣି ୨ ମାସ ସଶ୍ରମ ଜେଲ୍, ୪୯୮(କ) ଦଫାରେ ୧ ବର୍ଷ ସଶ୍ରମ କାରାଦଣ୍ଡ ଓ ୨ ହଜାର ଟଙ୍କା ଜରିମାନା ପାଇଁ ରାୟରେ ଉଲ୍ଲେଖ ରହିଛି। ସମସ୍ତ ଦଣ୍ଡାଦେଶ ଏକ ସାଥୀରେ ଚାଲିବାକୁ ଆଦେଶ ଥିବାରୁ ଦୋଷୀ ଆଜୀବନ ଜେଲ ଭୋଗିବେ।

ସୂଚନାଯୋଗ୍ୟ, ୧୪ ବର୍ଷ ତଳେ ଧାମନଗର ଥାନା ଅଧୀନ ବନ୍ଧଟିଆ ଗ୍ରାମର ଯୋଗେନ୍ଦ୍ର ଜେନାଙ୍କ ଝିଅ ଆରତି ଯାଜପୁର ଜିଲା ମଙ୍ଗଳପୁର ଅଞ୍ଚଳର ଅଜିତଙ୍କୁ ବିବାହ କରିଥିଲେ। ବିବାହ ବେଳେ ଦାବି ମୁତାବକ ୨୦ ହଜାର ଟଙ୍କା, ପରେ ପୁଣି ୩୦ ହଜାର ଟଙ୍କା କନ୍ୟାପକ୍ଷ ଦେଇଥିଲେ। ପରେ ଅଜିତ ପୁଣି ଏକ ମୋଟର ସାଇକେଲ ଯୌତୁକ ଦାବି କରିଥିଲେ। ଫାଇନାନ୍ସରେ ଏକ ମୋଟର ସାଇକେଲ ଆଣିଥିବା ବେଳେ ଶ୍ୱଶୁର ଘର କିସ୍ତି ମଧ୍ୟ ଦେଇଥିଲେ। ବିବାହର ୪ ମାସ ପରେ ଅଜିତ ନିଜ ପୈତୃକ ଗ୍ରାମ ଛାଡ଼ି ପିଉସୀ ଘର କଲ୍ୟାଣୀ ଗ୍ରାମରେ ରହିଥିଲେ। ୨୦୧୭ ଅଗଷ୍ଟ ୧୬ରେ ଅଜିତ ସ୍ତ୍ରୀ ଆରତିଙ୍କୁ ଶାବଳରେ ପିଟି ମୁଣ୍ଡ ଫଟାଇ ଦେଇଥିବା ଆରତିଙ୍କ ବାପା ଖବର ପାଇ ଆସିଥିଲେ। ପଡ଼ୋଶୀମାନେ ଆରତିଙ୍କୁ ଆମ୍ବୁଲାନ୍ସରେ ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଯୋଗେନ୍ଦ୍ରଙ୍କ ଅଭିଯୋଗକ୍ରମେ ଏନେଇ ଧାମନଗର ଥାନାରେ ଏକ ହତ୍ୟା ମାମଲା ରୁଜୁ କରାଯାଇ ଅଜିତଙ୍କୁ ଗିରଫ କରାଯାଇଥିଲା। ସରକାରଙ୍କ ପକ୍ଷରୁ ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର ଅରୁଣ ମିଶ୍ର ଓ ସୂର୍ଯ୍ୟକାନ୍ତ କୁଅଁର ମାମଲା ପରିଚାଳନା କରୁଥିଲେ। ପ୍ରକାଶଥାଉ କି, ଆରତି ଓ ଅଜିତଙ୍କର ୨ଟିଝିଅ ଓ ଗୋଟିଏ ପୁଅ ଅଛନ୍ତି।

## ରାଜଧାନୀ ଏକ୍ସପ୍ରେସ୍, ଭଦ୍ରକ ରେଳ ଷ୍ଟେଶନରେ ଯାଞ୍ଚ

ଭୁବନେଶ୍ୱର,୧୯।୮
(ଅନୁରାଧା ମହାରଣା)



ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ମଙ୍ଗଳବାର ୨୨୮୨୩ ଭୁବନେଶ୍ୱର-ନୂଆଦିଲ୍ଲୀ ରାଜଧାନୀ ଏକ୍ସପ୍ରେସ୍‌ରେ ଅନ୍‌ବୋର୍ଡ ଯାଞ୍ଚ କରିଛନ୍ତି। ସମସ୍ତ ଯାତ୍ରୀଙ୍କ ପାଇଁ ଏକ ଆରାମଦାୟକ ଏବଂ ସୁଗମ ଯାତ୍ରା ଅଭିଜ୍ଞତା ସୁନିଶ୍ଚିତ କରିବା ଲକ୍ଷ୍ୟରେ ସେ ଯାତ୍ରୀଙ୍କ ସୁବିଧା, ପରିଷ୍କାର ପରିଚ୍ଛନ୍ନତା, ସୁରକ୍ଷା ବ୍ୟବସ୍ଥା ଏବଂ ସେବା ଗୁଣବତ୍ତାର ସମୀକ୍ଷା କରିଛନ୍ତି। ସେହିପରି ମହାପ୍ରବନ୍ଧକ ଭଦ୍ରକ ରେଳଷ୍ଟେଶନ ନିରୀକ୍ଷଣ ସହ ଯାତ୍ରୀଙ୍କ ସୁବିଧା, କ୍ରିୟୁ ଲବି ଏବଂ ଷ୍ଟେଶନ ୟାର୍ଡର ସମୀକ୍ଷା କରିଥିଲେ। ସେ ସ୍ୱଚ୍ଛତାର ଉଚ୍ଚ ମାନଦଣ୍ଡ ବଜାୟ ରଖିବା, ସୁରକ୍ଷା ପ୍ରୋଟୋକଲ ଲାଗୁ କରିବା ଏବଂ ଷ୍ଟେଶନ ପରିଚାଳନାର ସାମଗ୍ରିକ ଦକ୍ଷତା ବୃଦ୍ଧି କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଫୁଙ୍କୱାଲ ଅଧିକାରୀମାନଙ୍କୁ ସମଗ୍ର ଜୋନ୍‌ରେ ନିରାପଦ, ପରିଷ୍କାର ପରିଚ୍ଛନ୍ନତା ଏବଂ ଯାତ୍ରୀ-ଅନୁକୂଳ ସେବା ପ୍ରଦାନ କରିବା ପାଇଁ ସମର୍ପିତ ରହିବାକୁ ଉତ୍ସାହିତ କରିଥିଲେ।

### ଗୋରୁ ବୋଝେଇ ପିକ୍‌ଅପ ଭ୍ୟାନ୍ ଜବତ

ବସ୍ତା, ୧୯।୮(ହରିଶଙ୍କର ପାଢ଼ୀ)

ବାଲେଶ୍ୱର ଜିଲା ବସ୍ତା ଥାନା କୁସୁଡିହା ଛକ ନିକଟରେ ସୋମବାର ରାତି ପ୍ରାୟ ୧୧ଟା ୪୦ରେ ସ୍ଥାନୀୟ ଲୋକଙ୍କ ଦ୍ୱାରା ଗୋରୁ ବୋଝେଇ ପିକ୍‌ଅପ ଭ୍ୟାନ ଜବତ ହୋଇଛି। ଏହି ପିକଅପ ଭ୍ୟାନରେ ଥିବା ୨୦ରୁ ୨୫ ବାଛୁରୀକୁ ଲୋକେ ନେଇଯାଇଛନ୍ତି। ପୋଲିସ ପହଞ୍ଚି ଗାଡି ଜବତ କରି ତଦନ୍ତ ଜାରି ରଖିଥିବା ବେଳେ ଡ୍ରାଇଭର ଫେରାର ହୋଇଯାଇଛନ୍ତି।

## ମହିଳା ହିଂସା ରୋକିବା ଉପରେ ସଚେତନତା

ବାସୁଦେବପୁର,୧୯।୮
(ନାରାୟଣ ପ୍ରସାଦ ବାରିକ)

ସମାଜରେ ନାରୀ ନିର୍ଯାତନା ରୋକିବାକୁ ସଚେତନତା ଅଭିଯାନ ଆରମ୍ଭ ହୋଇଛି। ବାସୁଦେବପୁର ପୋଲିସ ଓ ଭଦ୍ରକ ଫେଲୋଶିପ୍ ପକ୍ଷରୁ ମଙ୍ଗଳବାର ପୂର୍ବାହ୍ନରେ ନୀଳମଣି ଟାଉନହଲ୍ ପରିସରରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ସଭାରେ ବ୍ଲକ ଅଧ୍ୟକ୍ଷ ନଗେନ୍ଦ୍ର ବିଶ୍ୱାଳ, ସିଟି ଡିଏସ୍‌ପି ଦୀପ୍ତିକା ସାହୁ, ସଦର ଏସ୍‌ଡିପିଓ ବିଚିତ୍ରାନନ୍ଦ ସେଠୀ ଓ ଆଇଆଇସି ଲୋପାମୁଦ୍ରା ନାୟକ ଯୋଗଦେଇ ନାରୀ ସୁରକ୍ଷା ଉପରେ ଆଲୋକପାତ କରିଥିଲେ। ଫେଲୋଶିପ୍‌ର ନିର୍ଦ୍ଦେଶକ ଲଲାଟେନ୍ଦୁ ମହାପାତ୍ର ସଂଯୋଜନା କରିବା ସହ ପୋଲିସ ଓ ଫେଲୋଶିପ୍ ସାମାଜିକ ସଙ୍ଗଠନ ମିଶନ ଭାବେ କାର୍ଯ୍ୟ କରୁଛନ୍ତି ବୋଲି କହିଥିଲେ। ଫେଲୋଶିପ୍ ଶକ୍ତି ସଦନର ମୁଖ୍ୟ ପରିଚାଳକ ଯୋଗମାୟା ଚାନ୍ଦ, ସଖୀ ମୁଖ୍ୟ ପରିଚାଳକ ପୁଷ୍ପାଞ୍ଜଳି ବେହେରା, ପରିବାର ପରାମର୍ଶ କେନ୍ଦ୍ରର କାଉନସିଲର ପ୍ରିୟଙ୍କା ଜେନା ଯୋଗଦେଇ ମହିଳାମାନଙ୍କ ପାଇଁ ଥିବା ସୁବିଧା ସୁଯୋଗ ଓ ଆଇନ ସହାୟତା ସମ୍ପର୍କରେ ଆଲୋଚନା କରିଥିଲେ। ମହିଳା ନିର୍ଯାତନା, ନାବାଳିକା ଅପହରଣ, ଏସିଡ୍ ଆକ୍ରମଣ, ବାଲ୍ୟ ବିବାହ ଓ ଯୌତୁକ ନିର୍ଯାତନା ତଥା ମହିଳା ହିଂସା ରୋକିବା ଉପରେ ସେମାନେ ସଚେତନ କରାଇଥିଲେ। ଏସ୍ଆଇ ପୁନମଦେବୀ ବେହେରା, ଶୁଭେନ୍ଦୁ ମହାନ୍ତି, ସାମାଜିକ କର୍ମୀ ମମତା ଜେନା, ସୀତାରାଣୀ ସାହୁ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ।



ସଚେତନତା କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷ ନଗେନ୍ଦ୍ର ବିଶ୍ୱାଳଙ୍କ ସହ ପୋଲିସ ଅଧିକାରୀ ଓ ଫେଲୋଶିପ୍ କର୍ମକର୍ତ୍ତା।

## ରାସ୍ତାରେ ଲହଡ଼ି ଭାଙ୍ଗୁଛି ବର୍ଷାପାଣି

- ଦୁର୍ଦ୍ଦଶା ଭୋଗୁଛନ୍ତି ୧୦ ଗ୍ରାମର ଅଧିବାସୀ
- ଡ୍ରେନେଜ ବ୍ୟବସ୍ଥା ନ ଥିବାରୁ ଉପୁଜୁଛି ସମସ୍ୟା

ତିହିଡ଼ି,୧୯।୮(ସଞ୍ଜିତ ବଳ)


ସାହାପୁର ପଞ୍ଚାୟତ କାର୍ଯ୍ୟାଳୟ ସାମ୍ନା ରାସ୍ତାରେ ବର୍ଷାପାଣିରେ ପଶି ଯାଉଛନ୍ତି ସ୍କୁଲ ଛାତ୍ରୀଛାତ୍ର।

ରାସ୍ତାରେ ଲହଡ଼ି ଭାଙ୍ଗୁଛି ବର୍ଷାପାଣି। ୫ ବର୍ଷ ହେଲା ଏହି ସମସ୍ୟା ଯୋଗୁ ୧୦ ଗ୍ରାମର ଅଧିବାସୀ ଦୁର୍ଦ୍ଦଶା ଭୋଗି ଚାଲିଛନ୍ତି। ଡ୍ରେନେଜ ବ୍ୟବସ୍ଥା ନ ଥିବାରୁ ଉପୁଜିଥିବା ଏ ପ୍ରକାର ସମସ୍ୟା ସମ୍ପର୍କରେ ବାରମ୍ବାର ଅଭିଯୋଗ କରାଯିବା ପରେ ମଧ୍ୟ ଜଳ ନିଷ୍କାସନର କୌଣସି ସ୍ଥାୟୀ ସମାଧାନ ହୋଇପାରୁ ନାହିଁ। ଏହାକୁ ନେଇ ତିହିଡ଼ି ବ୍ଲକ ଅଧୀନ ସାହାପୁର ପଞ୍ଚାୟତର ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

ପୀରହାଟ-ଚାରିବାଟିଆ ରାସ୍ତାର ସାହାପୁର ଛକଠାରୁ କଣ୍ଟରଗଡ଼ିଆ ପର୍ଯ୍ୟନ୍ତ ୪ କି.ମି. ରାସ୍ତା। ସାହାପୁର ଛକଠାରୁ ପଞ୍ଚାୟତ କାର୍ଯ୍ୟାଳୟ ପର୍ଯ୍ୟନ୍ତ ୩ଶହ ମିଟର ରାସ୍ତା ପାଣିରେ ବୁଡ଼ି ରହିଛି। ଲଗାଣ ବର୍ଷା ଯୋଗୁ ରାସ୍ତାରେ ବର୍ଷାପାଣି ଲହଡ଼ି ଭାଙ୍ଗୁଥିବାରୁ ଲୋକେ ଅସୁବିଧା ଭୋଗୁଛନ୍ତି। ଏପରିକି ଭତ୍ତା ପାଇଁ ପଞ୍ଚାୟତ କାର୍ଯ୍ୟାଳୟକୁ ଯାଉଥିବା ବୃଦ୍ଧାବୃଦ୍ଧ ହଇରାଣ ହେଉଛନ୍ତି। ଏହା ପଞ୍ଚାୟତର ଅନ୍ୟତମ ମୁଖ୍ୟରାସ୍ତାର ଆରମ୍ଭ ସ୍ଥଳ ହୋଇଥିବାରୁ ପ୍ରତିଦିନ ସ୍କୁଲ, କଲେଜ ଓ ଅଙ୍ଗନୱାଡି କେନ୍ଦ୍ରକୁ ଯାଉଥିବା ଛାତ୍ରୀଛାତ୍ରଙ୍କ ଅବସ୍ଥା କହିଲେ ନ ସରେ। ଏହି ରାସ୍ତାକୁ ଦେଖିବା ପରେ ବିକାଶଠାରୁ ପଞ୍ଚାୟତ କେତେ ଦୂରରେ ରହିଛି ତାର ସ୍ପଷ୍ଟ ପ୍ରମାଣ ମିଳେ। ବର୍ଷାପାଣି ନିଷ୍କାସନ ପାଇଁ ଡ୍ରେନେଜ ବ୍ୟବସ୍ଥା ନ ଥିବା କାରଣରୁ ପ୍ରତିବର୍ଷ ବର୍ଷା ହେଲେ ଏଠାରେ ବର୍ଷାପାଣି ବନ୍ୟା ପରି ଲହଡ଼ି ମାରେ। ଲୋକେ ଏ ସମ୍ପର୍କରେ ବିଭିନ୍ନ ସମୟରେ ପଞ୍ଚାୟତଠାରୁ ଆରମ୍ଭ କରି ବ୍ଲକ ପ୍ରଶାସନକୁ ଗୁହାରି କରିଆସୁଥିଲେ ମଧ୍ୟ ସ୍ଥାୟୀ ସମାଧାନ ହୋଇ ନ ପାରିବା ପରିତାପର ବିଷୟ ହୋଇଛି। ପାଣି ନିଷ୍କାସନ ଦିଗରେ କୌଣସି ପଦକ୍ଷେପ ନିଆ ନ ଗଲେ ଆନ୍ଦୋଳନାତ୍ମକ ପଦକ୍ଷେପ ନିଆଯିବ ବୋଲି ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ସରପଞ୍ଚ ଗାୟତ୍ରୀ ଦାସ କହନ୍ତି, ଏହି ସମସ୍ୟା ବିଷୟରେ ଅବଗତ କରାଯିବା ପରେ ବ୍ଲକ ପ୍ରଶାସନପକ୍ଷରୁ କ୍ଷେତ୍ରୀୟ ତଦନ୍ତ କରାଯାଇଛି। ପଞ୍ଚାୟତକୁ ପ୍ରଶାସନ ପକ୍ଷରୁ ଦାୟିତ୍ୱ ଦିଆଗଲେ ରାସ୍ତା ନିର୍ମାଣ କରାଯିବ। ବିଡିଓ ନିରଞ୍ଜନ ବାରିକ କହିଛନ୍ତି, ସେହି ପଞ୍ଚାୟତ କାର୍ଯ୍ୟାଳୟ ସାମ୍ନାରେ ପାଣି ଜମି ରହିବା ସମ୍ପର୍କରେ ଅଭିଯୋଗ ହେବା ପରେ ଏହାର ତଦନ୍ତ କରାଯାଇଛି। ଡ୍ରେନେଜ ବ୍ୟବସ୍ଥା ସହ ରାସ୍ତା ନିର୍ମାଣ ଦିଗରେ ପଦକ୍ଷେପ ନିଆଯିବ।

## ସଂକ୍ଷେପରେ

### ଗୋରୁ ବୋଝେଇ ପିକ୍‌ଅପ ଭ୍ୟାନ୍ ଜବତ

ବସ୍ତା, ୧୯।୮ (ହରିଶଙ୍କର ପାଢ଼ୀ)

ବାଲେଶ୍ୱର ଜିଲା ବସ୍ତା ଥାନା କୁସୁଡିହା ଛକ ନିକଟରେ ସୋମବାର ରାତି ପ୍ରାୟ ୧୧ଟା ୪୦ରେ ସ୍ଥାନୀୟ ଲୋକଙ୍କ ଦ୍ୱାରା ଗୋରୁ ବୋଝେଇ ପିକ୍‌ଅପ ଭ୍ୟାନ ଜବତ ହୋଇଛି। ଏହି ପିକଅପ ଭ୍ୟାନରେ ଥିବା ୨୦ରୁ ୨୫ ବାଛୁରୀକୁ ଲୋକେ ନେଇଯାଇଛନ୍ତି। ସୂଚନା ଅନୁଯାୟୀ, ଦ୍ରୁତଗତିରେ ଯାଉଥିବା ଏକ ପିକଅପ ଭ୍ୟାନ(ନଂ. ଓଡି ୧୧ ଏ ବି ୧୮୨୯)କୁ ଲୋକେ ଅଟକାଇବା ପରେ ସେଥିରେ ବାଛୁରୀଗୁଡ଼ିକୁ ଅତି ଅମାନୁଷିକ ଭାବେ ବାନ୍ଧି ରଖାଯାଇଥିବା ଦେଖି ଲୋକେ ଉତ୍ତ୍ୟକ୍ତ ହୋଇ ସମସ୍ତ ବାଛୁରୀକୁ ଛାଡି ଦେଇଥିଲେ। ବସ୍ତା ପୋଲିସ ପହଞ୍ଚି ଗାଡି ଜବତ କରି ତଦନ୍ତ ଜାରି ରଖିଥିବା ବେଳେ ଡ୍ରାଇଭର ଫେରାର ହୋଇଯାଇଛନ୍ତି। ଘଟଣାସ୍ଥଳରେ ଚାପା ଉତ୍ତେଜନାକୁ ଦୃଷ୍ଟିରେ ରଖି ରାତିସାରା ପୋଲିସ ମୁତୟନ ହୋଇଛନ୍ତି।

### ଆଖିବୁଜିଲେ ୪ର୍ଥ ଶ୍ରେଣୀ କର୍ମଚାରୀ

ଖଇରା, ୧୯।୮ (ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ବ୍ଲକ ବର୍ତ୍ତନା ପଞ୍ଚାୟତରେ କାର୍ଯ୍ୟରତ ୪ର୍ଥ ଶ୍ରେଣୀ କର୍ମଚାରୀ ପୂର୍ଣ୍ଣଚନ୍ଦ୍ର ସାହୁ କୀଡ୍‌ନି ରୋଗରେ ପୀଡ଼ିତ ଥିବା ବେଳେ ଚିକିତ୍ସାଧୀନ ଅବସ୍ଥାରେ ରବିବାର ଆଖିବୁଜିଛନ୍ତି। ରବିବାର ଅପରାହ୍ନରେ ତାଙ୍କ ପାର୍ଥିବ ଶରୀର ବର୍ତ୍ତନା ପଞ୍ଚାୟତ କାର୍ଯ୍ୟାଳୟରେ ପହଞ୍ଚିବା ପରେ ସରପଞ୍ଚ ପ୍ରତିନିଧି ରଘୁନାଥ ପଣ୍ଡା, ସମିତିସଭ୍ୟା ପ୍ରତିନିଧି ପତିତପାବନ କର, ପୂର୍ବତନ ସରପଞ୍ଚ ସୁଶାନ୍ତ ମିଶ୍ର, ପିଇଓ ସରୋଜକାନ୍ତ ଦାସ, ବର୍ତ୍ତନା ସେବା ସମବାୟ ସମିତି ସମ୍ପାଦକ ଅକ୍ଷୟ ରାଉତ, ସୁଚିସ୍ମିତା ଦେବଗୋସ୍ୱାମୀ, ବେଦମତୀ ନାୟକ ପ୍ରମୁଖ ଶେଷଦର୍ଶନ କରିଥିଲେ।

### ଯୁବତୀଙ୍କୁ ଅସଦାଚରଣ ଅଭିଯୋଗ ଯୁବକ କୋର୍ଟଚାଲାଣ

ସିମୁଳିଆ, ୧୯।୮ (ସନ୍ତୋଷ ନାୟକ): ବାଲେଶ୍ୱର ଜିଲା ସିମୁଳିଆ ଥାନା ଜାମୁଝାଡ଼ି ଅଞ୍ଚଳର ଜଣେ ଯୁବତୀଙ୍କୁ ଅସଦାଚରଣ ମାମଲାରେ ମଙ୍ଗଳବାର ଅପରାହ୍ନରେ ଜାମୁଝାଡ଼ି ଗୌଡ଼ପଡ଼ା ଅଞ୍ଚଳର ଅବିନାଶ ପାତ୍ର (୨୫) ନାମକ ଯୁବକଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ଏନେଇ ମାମଲା (ନଂ. ୩୯୪/୨୫) ରୁଜୁ ହୋଇଛି। ଅବିନାଶ ବାଙ୍ଗାଲୋରରେ କାମ କରନ୍ତି। ତେବେ ସେ ଗତ କିଛି ଦିନ ପୂର୍ବରୁ ଗାଁ କୁ ଆସିଥିଲେ। ସୋମବାର ଉକ୍ତ ଯୁବତୀଙ୍କର ଜନ୍ମଦିନ ଥିବାରୁ ସେ କେକ୍ ଆଣିବା ପାଇଁ ମାର୍କୋଣା ଆସିଥିଲେ। ପୂର୍ବରୁ ତାଙ୍କ ସହିତ ସମ୍ପର୍କ ଥିବା ଯୁବକଜଣଙ୍କ ତାଙ୍କୁ ଜୋର କରି ପଞ୍ଚୁଲିଙ୍ଗେଶ୍ୱର ଡାକି ନେଇଥିଲେ। ପରେ ତାଙ୍କୁ ଅସଦାଚରଣ କରିବା ପରେ ସୋର ଅଞ୍ଚଳରେ ଛାଡ଼ିଫେରାର ହୋଇଯାଇଥିଲେ। ସୋମବାର ଯୁବତୀଙ୍କ ପରିବାର ପକ୍ଷରୁ ଅଭିଯୋଗ ପରେ ପୋଲିସ ଅଭିଯୁକ୍ତ ଯୁବକଙ୍କୁ ଥାନାରେ ଅଟକ ରଖିଥିଲା। ଯୁବକଙ୍କୁ କୋର୍ଟଚାଲାଣ କରାଯାଇଛି।

## ଏନ୍ଏସି ତାଲିକାରୁ ବାଲିଆପାଳ ବାଦ୍ ପ୍ରସଙ୍ଗ

# ତେଜୁଛି ଜନଅସନ୍ତୋଷ, ଆନ୍ଦୋଳନ ଚେତାବନୀ

### ୨୧ରେ ସ୍ୱାଭିମାନୀ ବାଲିଆପାଳିଆ ମଞ୍ଚ ପକ୍ଷରୁ ବନ୍ଦ ଡାକରା

ବାଲିଆପାଳ (ଗୋପାଳ ଚନ୍ଦ୍ର ସାହୁ)/ ଲଙ୍ଗଳେଶ୍ୱର (କମଳାକାନ୍ତ ଦାସ), ୧୯।୮

ବାଲିଆପାଳ ଏନଏସି ତାଲିକାରୁ ବାଦ୍ ପଡ଼ିବା ପାରେ ସାଧାରଣରେ ଜନଅସନ୍ତୋଷ ତେଜିବାରେ ଲାଗିଛି। ବିଭିନ୍ନ ସଙ୍ଗଠନ ଓ ରାଜନୈତିକ ଦଳ ପକ୍ଷରୁ ଆନ୍ଦୋଳନ ଲାଗି ସଜବାଜ ହେଉଛନ୍ତି। ସମସ୍ତ ଆବଶ୍ୟକ ଭିତ୍ତିଭୂମି ଥାଇ ମଧ୍ୟ ବାଲିଆପାଳ ରାଜ୍ୟ ସରକାରଙ୍କ ଦ୍ୱାରା ଘୋଷିତ ହୋଇଥିବା ନୂତନ ଏନଏସି ତାଲିକାରୁ ବାଦ୍ ପଡିଛି। ଏଠାରେ ବ୍ଲକ୍, , ତହସିଲ, ଦମକଳ କେନ୍ଦ୍ର, ଥାନା, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ସରକାରୀ ବସ୍‌ଷ୍ଟାଣ୍ଡ, ଷ୍ଟାଡିୟମ, ସରକାରୀ ତଥା ବେସରକାରୀ ସମସ୍ତ ବ୍ୟାଙ୍କର ଶାଖା, ମହିଳା ମହାବିଦ୍ୟାଳୟ, ଶାରୀରିକ ପ୍ରଶିକ୍ଷଣ ମହାବିଦ୍ୟାଳୟ ଏବଂ ଅନେକ ସରକାରୀ ବେସରକାରୀ ଶିକ୍ଷାନୁଷ୍ଠାନ ଆଦି ରହିଛି। ଗତ ୨୦୨୪ ମସିହାରେ ତତ୍କାଳୀନ ରାଜ୍ୟ ସରକାର ବାଲିଆପାଳକୁ ଏନଏସି ଘୋଷଣା କରିଥିଲେ। କିନ୍ତୁ ପରିତାପର ବିଷୟ ଏବେର ରାଜ୍ୟ ସରକାରଙ୍କ ସଦ୍ୟଘୋଷିତ ନୂତନ ଏନଏସି ତାଲିକାରୁ ବାଲିଆପାଳ ବାଦ୍ ପଡିଛି । ସରକାରଙ୍କର ବାଲିଆପାଳ ପ୍ରତି ଏଭଳି ବୈମାତୃକ ମନୋଭାବକୁ ସ୍ୱାଭିମାନୀ ବାଲିଆପାଳିଆ ମଞ୍ଚ ପକ୍ଷରୁ ନିନ୍ଦା କରାଯିବା ସହିତ ବାଲିଆପାଳକୁ ଏନଏସିର ଘୋଷଣା ଦାବିରେ ଆସନ୍ତା ୨୧ ତାରିଖ ସକାଳ ୬ରୁ ଦିନ ୨ଟା ଯାଏ ୮ଘଣ୍ଟିଆ ଶାନ୍ତିପୂର୍ଣ୍ଣ ବାଲିଆପାଳ ବନ୍ଦ ଡାକରା ଦିଆଯାଇଛି । ଉକ୍ତ ଦିନ ବନ୍ଦ ସମୟ ସୀମା ମଧ୍ୟରେ ଜରୁରୀକାଳୀନ ସେବା ଯଥା ଡାକ୍ତରଖାନା, ଔଷଧ ଦୋକାନ, ଆମ୍ବୁଲାନ୍ସ, ଅଗ୍ନିଶମ ବିଭାଗକୁ ଛାଡି ସମସ୍ତ ବାଣିଜ୍ୟିକ ଅନୁଷ୍ଠାନ, ସରକାରୀ ବେସରକାରୀ କାର୍ଯ୍ୟାଳୟ, ସମସ୍ତ ବ୍ୟାଙ୍କ, ସମସ୍ତ ଶିକ୍ଷାନୁଷ୍ଠାନ ତଥା ସରକାରୀ ବେସରକାରୀ ଯାନବାହନ ଚଳାଚଳକୁ ବନ୍ଦ ରଖିବା ପାଇଁ ସ୍ୱାଭିମାନୀ ବାଲିଆପାଳିଆ ମଞ୍ଚର ଆବାହକ ସତ୍ୟକାମ ମହିହାନ୍ତି ଜନସାଧାରଣଙ୍କୁ ନିବେଦନ କରିଛନ୍ତି।

## ୨୫ରେ ଯୁବ କଂଗ୍ରେସର ବିକ୍ଷୋଭ

ବାଲିଆପାଳ (ଗୋପାଳ ଚନ୍ଦ୍ର ସାହୁ)/ କାଳିପଦା (ରାଜଶ୍ରୀ ପାଣିଗ୍ରାହୀ), ୧୯।୮

ବାଲେଶ୍ୱର ଜିଲା ବାଲିଆପାଳ ଅଞ୍ଚଳକୁ ନୂଆ ଏନ୍ଏସି ତାଲିକାରୁ ବାଦ୍ ଦିଆଯାଇଥିବା ପ୍ରତିବାଦରେ ଯୁବ କଂଗ୍ରେସ ପକ୍ଷରୁ ମଙ୍ଗଳବାର ଖବରଦାତା ସମ୍ମିଳନୀ କରାଯାଇ ଆନ୍ଦୋଳନ ଚେତାବନୀ ଦିଆଯାଇଛି। ଆସନ୍ତା ୨୫ ତାରିଖରେ ଯୁବ କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯିବ ବୋଲି ବ୍ଲକ ଯୁବ କଂଗ୍ରେସ ସଭାପତି ସୁବାସ ନାୟକ, ବସ୍ତା ଯୁବ କଂଗ୍ରେସ ସଭାପତି ତୀର୍ଥ କୁମାର ନାଗ, ସମ୍ପାଦକ ବିକାଶ ବାରିକ, ଜିଲା ପରିଷଦ ସଦସ୍ୟ ବାବାଜୀ ଦେହୁରୀ, ଦେଉଳା ସରପଞ୍ଚ ସରୋଜ ପୀଳା, ଜଗତୀପୁର ସଦସ୍ୟ ଶାନ୍ତନୁ ମହାପାତ୍ର, ପୂର୍ବତନ ସଭାପତି ହୃଷିକେଶ ପଣ୍ଡା ପ୍ରମୁଖ କହିଛନ୍ତି। ଯଦି ସରକାର ବାଲିଆପାଳକୁ ଏନ୍ଏସି ତାଲିକାରେ ତୁରନ୍ତ ଅନ୍ତର୍ଭୁକ୍ତ ନ କରନ୍ତି ତାହେଲେ ସରକାରୀ ଦଳର ଏମ୍ପି ଏବଂ ବିଧାୟକଙ୍କୁ ବାଲିଆପାଳକୁ ପଶିବାକୁ ଦିଆଯିବ ନାହିଁ ବୋଲି ଯୁବ କଂଗ୍ରେସ ସଭାପତି ନାଗ କହିଛନ୍ତି।




ଖବରଦାତା ସମ୍ମିଳନୀରେ ଯୁବ କଂଗ୍ରେସ କର୍ମୀ।

## ସମ୍ମାନିତ ହେବେ ଶିଳ୍ପୀ ଦମ୍ପତି କେଶୁ, କନକଲତା



ଶିଳ୍ପୀ କନକଲତା ଦାସ।



ଶିଳ୍ପୀ କେଶୁ ଦାସ।

ବାଲେଶ୍ୱର, ୧୯।୮ (ବାଞ୍ଛାନିଧି ଦେ)

ବାଲେଶ୍ୱରୀ ଜଉ କଣ୍ଢେଇର ଅଗ୍ରଦୂତ ତଥା ଭାରତୀୟ ଜଉ ଚିତ୍ରକଳାର ଜନକ ଶିଳ୍ପୀ କେଶୁ ଦାସ ଏବଂ ଓଡ଼ିଶା ସରକାରଙ୍କ କଳାକୃତି ପୁରସ୍କାରପ୍ରାପ୍ତ ଜଉକଣ୍ଢେଇ ଶିଳ୍ପୀ ପତ୍ନୀ କନକଲତା ଦାସ ଭୁବନେଶ୍ୱରର ଭିନ୍ନ ଭିନ୍ନ ଅନୁଷ୍ଠାନରୁ ସମ୍ମାନିତ ହେବେ। ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ଓ ଓଡ଼ିଶା ସରକାରଙ୍କ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସହଯୋଗରେ ଭୁବନେଶ୍ୱରର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ 'ଶିଳ୍ପୀକା' ପକ୍ଷରୁ ଚଳିତବର୍ଷ ଶିଳ୍ପୀକା ଚିତ୍ରଶିଳ୍ପୀ ସମ୍ମାନ ପ୍ରଦାନ କରାଯିବ ବୋଲି ଘୋଷଣା ହୋଇଛି। ଆସନ୍ତା ୨୦ ତାରିଖ ଭୁବନେଶ୍ୱର ଭଞ୍ଜ କଳାମଣ୍ଡପରେ ଆୟୋଜିତ ଉତ୍ସବରେ ତାଙ୍କୁ ସମ୍ମାନିତ କରାଯିବ। ଅତିଥି ଭାବେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ସଚିବ ଡ. ଚନ୍ଦ୍ରଶେଖର ହୋତା, ବିଶ୍ୱ ଓଡ଼ିଆ ସୋସାଇଟି ଅଧ୍ୟକ୍ଷ କିଶୋର ଦ୍ୱିବେଦୀ, ବିଶିଷ୍ଟ କଣ୍ଠଶିଳ୍ପୀ ଅନିନ୍ଦିତା ଦାସ, ସିନେତାରକା ଅଶ୍ରୁମୋଚନ ମହାନ୍ତି ଓ ସୁଭଦ୍ରା ମହାନ୍ତି ଯୋଗଦେବେ ବୋଲି ଅନୁଷ୍ଠାନର ସମ୍ପାଦକ ବାସୁଦେବ ନାଥ ଜଣାଇଛନ୍ତି।

ଅପରପକ୍ଷରେ ଶିଳ୍ପୀ କନକଲତା ଦାସ ନିଉ ଇଣ୍ଡିଆନ ଏକ୍ସପ୍ରେସ୍‌ର ଦେବୀ ପୁରସ୍କାର-୨୦୨୫ରେ ସମ୍ମାନିତ ହେବେ। ଆସନ୍ତା ସେପ୍ଟେମ୍ବର ୭ତାରିଖ ସନ୍ଧ୍ୟାରେ ଭୁବନେଶ୍ୱରର ମେଫେୟାର ସମ୍ମିଳନୀ କକ୍ଷରେ ହେବାକୁ ଥିବା ଓଡ଼ିଶା ଦେବୀ ପୁରସ୍କାର-୨୦୨୫ ଉତ୍ସବରେ ସମ୍ମାନିତ କରାଯିବ ବୋଲି ଟିମ୍ ଦେବୀ ଆୱାର୍ଡର ମୁଖ୍ୟ କାବେରୀ ବମଜାଇ ଇ-ମେଲ୍ ଯୋଗେ ଜଣାଇଛନ୍ତି।

## କେନ୍ଦ୍ର ଗୃହମନ୍ତ୍ରୀଙ୍କୁ ଭେଟିଲେ ଏମ୍ପି

ବାଲେଶ୍ୱର, ୧୯।୮ (ବାଞ୍ଛାନିଧି ଦେ)

### ସମବାୟ ସମିତି ଦକ୍ଷତା ବୃଦ୍ଧି ଓ ବନ୍ୟା ନିୟନ୍ତ୍ରଣ ସମ୍ପର୍କରେ ଆଲୋଚନା

କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହାଙ୍କୁ ବାଲେଶ୍ୱର ଏମ୍ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ସୋମବାର ଦିଲ୍ଲୀସ୍ଥିତ ବାସଭବନରେ ସାକ୍ଷାତ୍ କରିଛନ୍ତି। ରାଜ୍ୟ ସମବାୟ ସମିତିର ଦକ୍ଷତା ବୃଦ୍ଧି, ବନ୍ୟା ନିୟନ୍ତ୍ରଣ ସମ୍ପର୍କରେ ଆଲୋଚନା କରି ପଦକ୍ଷେପ ଗ୍ରହଣ କରିବା ପାଇଁ କେନ୍ଦ୍ରମନ୍ତ୍ରୀଙ୍କୁ ଏମ୍ପି ନିବେଦନ କରିଛନ୍ତି।

ସମବାୟ ସମିତି ମାଧ୍ୟମରେ ମିଲେଟ ଚାଷୀଙ୍କ ଦ୍ୱାରା ଉତ୍ପାଦିତ ବିସ୍କୁଟ, କେକ, ନୁଡୁଲସ, ମଲ୍ଟି ମିଲେଟ ମଲ୍ଟ, କୁକିଜ୍ ଓ ଅନ୍ୟାନ୍ୟ ଖାଦ୍ୟ ସାମଗ୍ରୀ ବିଶ୍ୱବଜାରରେ ବିକ୍ରୟ ବ୍ୟବସ୍ଥା କରିବା ସମ୍ପର୍କରେ ଏମ୍ପି ଗୁରୁତ୍ୱାରୋପ କରିଥିଲେ। ବାଲେଶ୍ୱର ଓ ମୟୂରଭଞ୍ଜରେ ଜୈବ ପରିମଣ୍ଡଳର ଗୁରୁତ୍ୱକୁ ଉପଲବ୍ଧି କରି ଏଠାକାର ଜୈବ ବିବିଧତାର ସୁରକ୍ଷା ଓ ବିକାଶ ପାଇଁ ଏକ ବିସ୍ତୃତ ପରିବେଶଗତ ସର୍ଭେ ପାଇଁ କରିବା ପାଇଁ ନିବେଦନ କରିଥିଲେ। ସୁବର୍ଣ୍ଣରେଖାରେ ବନ୍ୟା ନିୟନ୍ତ୍ରଣ, ଜଳସେଚନ, ତଟ ସୁରକ୍ଷା, ନଦୀବନ୍ଧ ଓ ଜଳଭଣ୍ଡାର ନିର୍ମାଣ, ସୁବର୍ଣ୍ଣରେଖା ସଂସ୍କାର ଯୋଜନାର କ୍ରିୟାନ୍ୱୟନ ଏବଂ ସେବା ସମବାୟ ସମିତିମାନଙ୍କର ଦକ୍ଷତା ବୃଦ୍ଧି ଆଦି ବିଷୟରେ ଆଲୋଚନା କରିବା ସହିତ କେନ୍ଦ୍ରମନ୍ତ୍ରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ।



କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହାଙ୍କ ସହ ଏମ୍ପି ପ୍ରତାପ ଷଡଙ୍ଗୀ ଆଲୋଚନା କରୁଛନ୍ତି।

## ପାରିବାରିକ ଗଣ୍ଡଗୋଳ, ୩ ଆହତ

ନୀଳଗିରି, ୧୯।୮ (ପ୍ରଶାନ୍ତ ବିଶ୍ୱାଳ)

ବାଲେଶ୍ୱର ଜିଲା ନୀଳଗିରି ଥାନା କାଂଶ ପଞ୍ଚାୟତ କୁହ୍ଲାପାଳ ଗାଁରେ ପାରିବାରିକ କଳହରୁ ଜଣେ ମହିଳା ତାଙ୍କ ଶାଶୁ, ଶ୍ୱଶୁର ଓ ସ୍ୱାମୀଙ୍କୁ ଆକ୍ରମଣ କରିଛନ୍ତି। ଆକ୍ରମଣରେ ୩ଜଣ ଆହତ ହୋଇଛନ୍ତି। ସେମାନଙ୍କୁ ନୀଳଗିରି ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଅନ୍ୟପକ୍ଷରେ ଶାଶୁଘର ପକ୍ଷରୁ ଆକ୍ରମଣରେ ବୋହୂଙ୍କ ସମେତ ତାଙ୍କ ପରିବାର ଲୋକେ ମଧ୍ୟ ଆହତ ହୋଇଥିବା ନେଇ ଥାନାରେ ଏତଲା ହୋଇଛି। କୁହ୍ଲାପାଳ ଗାଁର ମହାଶିଷ ମହାପାତ୍ର ଝାଡ଼ଖଣ୍ଡ ଭାଲୁପାତଡ଼ା ଗାଁରେ ଜ୍ୟୋତ୍ସ୍ନା ମହାପାତ୍ରଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ମହାଶିଷ ଛତିଶଗଡ଼ ଜଗଲପୁର ଷ୍ଟେଶନରେ କାର୍ଯ୍ୟରତ ଥିଲେ। ବିବାହର ବର୍ଷକଠାରୁ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ପାରିବାରିକ କଳହ ଆରମ୍ଭ ହୋଇଥିଲା। ଫଳରେ ୩ମାସ ହେବ ବୋହୂ ଜ୍ୟୋତ୍ସ୍ନା ତାଙ୍କ ବାପଘରକୁ ପଳାଇ ଯାଇଥିଲେ। ମଙ୍ଗଳବାର ଅପରାହ୍ନରେ ଜ୍ୟୋତ୍ସ୍ନା ଓ ତାଙ୍କ ବାପା, କକା, ମା', ମାଉସୀ ଓ ଭାଉଜ ଘରେ ପହଞ୍ଚି ମହାଶିଷ ଏବଂ ତାଙ୍କ ମା' ବାପାଙ୍କୁ ସ୍ତ୍ରୀ ପିଲାଙ୍କ କଥା ବୁଝୁ ନାହିଁ ବୋଲି କହିଥିଲେ। ଏହାକୁ ନେଇ ଉଭୟ ପରିବାର ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ପରେ ବୋହୂଙ୍କୁ ସ୍ୱାମୀ, ଶ୍ୱଶୁର ଓ ଶାଶୁ ଘରୁ ତଡ଼ି ଦେବା ସହିତ ମାଡ଼ ମାରିଥିଲେ। ଏଥିରେ ଉତକ୍ଷିପ୍ତ ହୋଇ ଜ୍ୟୋତ୍ସ୍ନାଙ୍କ ବାପଘର ଲୋକେ ମାଡ଼ ମାରିବାରୁ ମା', ବାପା ଓ ପୁଅ ଆହତ ହୋଇଥିଲେ। ଏ ସମ୍ପର୍କରେ ମହାଶିଷ କହିଛନ୍ତି, ତାଙ୍କ ସରକାରୀ ଚାକିରି ହାତେଇବା ପାଇଁ ଶ୍ୱଶୁର ଘର ଲୋକ ଓ ସ୍ତ୍ରୀ ମୋତେ ମାରିବାକୁ ଚେଷ୍ଟା କରୁଛନ୍ତି ବୋଲି ଅଭିଯୋଗ କରିଛନ୍ତି। ଘଟଣାର ତଦନ୍ତ ଚାଲିଥିବା ଆଇଆଇସି କହିଛନ୍ତି।

## ତାତିଲେ ଖଇରାବାସୀ

### ଆସନ୍ତା ୮ରୁ ଆମରଣ ଅନଶନ ଚେତାବନୀ



ବିଡିଓଙ୍କୁ ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତାମାନେ ସ୍ମାରକପତ୍ର ପ୍ରଦାନ କରୁଛନ୍ତି।

ଖଇରା, ୧୯।୮ (ଉତ୍କଳବନ୍ଧୁ ପଣ୍ଡା)

ସବୁ ପ୍ରକାର ଭିତ୍ତିଭୂମି ଥାଇ ମଧ୍ୟ ଖଇରାକୁ ଏନଏସି ମାନ୍ୟତା ମିଳିପାରିଲାନି। ଏହା ପ୍ରତିବାଦରେ ଖଇରାର ବିଭିନ୍ନ ସଙ୍ଗଠନ ଏକଜୁଟ ହୋଇ ଚରମ ପଦକ୍ଷେପ ନେବାକୁ ଅଣ୍ଟା ଭିଡିଛନ୍ତି। ପ୍ରଥମ ପଦକ୍ଷେପ ସ୍ୱରୂପ ଖଇରା ସମ୍ପର୍କରେ ନିଷ୍ପତ୍ତିର ପୁନର୍ବିଚାର ପାଇଁ ଖଇରାର ବିଭିନ୍ନ ସଙ୍ଗଠନ ପକ୍ଷରୁ ବିଡିଓଙ୍କ ଜରିଆରେ ସୋମବାର ଅପରାହ୍ନରେ ମୁଖ୍ୟମନ୍ତ୍ରୀ, ନଗର ଉନ୍ନୟନ ମନ୍ତ୍ରୀ, ନଗର ଉନ୍ନୟନ ସଚିବ, ଜିଲାପାଳ, ବିଧାୟକ, ଏମ୍ପି, ତହସିଲଦାରଙ୍କୁ ପ୍ରଦାନ କରାଯାଇଛି। ଆସନ୍ତା ସେପ୍ଟେମ୍ବର ୮ତାରିଖ ପୂର୍ବରୁ ଯଦି ଖଇରାକୁ ବିଜ୍ଞାପିତ ଅଞ୍ଚଳ ଭାବେ ଘୋଷଣା କରା ନ ଯାଏ ତେବେ ସମସ୍ତ ସଙ୍ଗଠନ ବ୍ଲକ ସମ୍ମୁଖରେ ଆମରଣ ଅନଶନରେ ବସିବାକୁ ଚରମବାଣୀ ଶୁଣାଇଛନ୍ତି। ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତା ଭାବେ ଅନ୍ତର୍ଯ୍ୟାମୀ ପାତ୍ର, ମାନସ ମହାପାତ୍ର, ବସନ୍ତ ଖିଲାର, ଜଗତାନନ୍ଦ ମହାପାତ୍ର, ଅଭିରାମ ମହାପାତ୍ର, ଦେବେନ୍ଦ୍ର ରାଉତ, ବୁଦ୍ଧିରାମ ପାଣିଗ୍ରାହୀ, ଅନାମ ଚରଣ ପଣ୍ଡା, ଗୋବର୍ଦ୍ଧନ ମହାପାତ୍ର, ଉମେଶ କୁମାର ଜେନା, ବଳରାମ ଲେଙ୍କା, ତପୋଧନ ବାରିକ ଓ ସଞ୍ଜୟ କୁମାର ବେହେରା ପ୍ରମୁଖଙ୍କ ତରଫରୁ ଏହି ଦାବିପତ୍ର ପ୍ରଦାନ କରାଯାଇଛି।

## ଧାରଣାରେ ବସିଲେ ଅଣଅନୁଦାନପ୍ରାପ୍ତ କର୍ମଚାରୀ

ଜଳେଶ୍ୱର, ୧୯।୮ (ନବୀନ ସାହୁ)

ଜଳେଶ୍ୱର ଡିଗ୍ରୀ ମହିଳା ମହାବିଦ୍ୟାଳୟ ପକ୍ଷରୁ ମଙ୍ଗଳବାର ଅଣଅନୁଦାନପ୍ରାପ୍ତ କର୍ମଚାରୀ ଧାରଣାରେ ବସିଛନ୍ତି। ୨୦୦୮ରୁ ୨୦୧୮ ମଧ୍ୟରେ ପରିଚାଳନା କମିଟି ଦ୍ୱାରା ନିଯୁକ୍ତ କର୍ମଚାରୀ ସ୍ୱଳ୍ପ ଦରମାରେ ପରିବାର ପ୍ରତିପୋଷଣ କରୁଛନ୍ତି, ତେଣୁ ସରକାରଙ୍କ ତରଫରୁ ସ୍ୱତନ୍ତ୍ର ଅନୁଦାନ ପାଇଁ ବାରମ୍ବାର ଦାବି କରି ଆସୁଛନ୍ତି। ମାତ୍ର ସରକାର ଏମାନଙ୍କର କୌଣସି କଥା କର୍ଣ୍ଣପାତ ନାହାନ୍ତି। ଏହି ପ୍ରତିବାଦରେ ମହାବିଦ୍ୟାଳୟର ୧୧ ଜଣ କର୍ମଚାରୀ ମହାବିଦ୍ୟାଳୟର ଫାଟକ ଆଗରେ ଧାରଣାରେ ବସିଥିଲେ। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ କାର୍ଯ୍ୟ ବନ୍ଦ ସହିତ ଧାରଣା ଚାଲୁ ରହିବ ବୋଲି ମହାବିଦ୍ୟାଳୟ ସଂଯୋଜକ ଅଧ୍ୟାପକ ସୂର୍ଯ୍ୟକାନ୍ତ ବେହେରା ପ୍ରକାଶ କରିଛନ୍ତି। ଏହି ଧାରଣାରେ ଅଧ୍ୟାପିକା ଦୀପ୍ତିମୟୀ ସାଧୁଆ, ଦିବ୍ୟଭାରତୀ ଦାସ, ସ୍ମୃତିରେଖା ରାଜ, ସାଇସ୍ମିତା ଗିରି, ଅଧ୍ୟାପକ ବନବିହାରୀ ଗିରି, ଅଣଶିକ୍ଷକ କର୍ମଚାରୀ ବ୍ୟୋମକେଶ ମହାପାତ୍ର, ଶାନ୍ତନୁ ପ୍ରଧାନ, ଜଳିରାଣୀ ଭୂୟାଁ, ବବିତା ଦାସ ଓ ମାନସ ରଞ୍ଜନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।



ଧାରଣାରତ ଅଣଅନୁଦାନପ୍ରାପ୍ତ କର୍ମଚାରୀ।

## ଭୋଗରାଇର ବରେନ୍ଦ୍ର ଦିଲ୍ଲୀରେ ପୁରସ୍କୃତ



ଭୋଗରାଇ, ୧୯।୮ (ପ୍ରଦୀପ ଦାସ)

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ମହେଶପୁର ପଞ୍ଚାୟତରେ ସ୍ୱଚ୍ଛ ଭାରତ ଓ ଜଳଜୀବନ ମିଶନର ଶତ ପ୍ରତିଶତ ନିରବିଚ୍ଛିନ୍ନ ଭାବେ କାର୍ଯ୍ୟ କରିଥିବା ସରପଞ୍ଚ ବରେନ୍ଦ୍ର ପାତ୍ରଙ୍କୁ କେନ୍ଦ୍ର ସରକାର ଅଧୀନ ଜଳଶକ୍ତି ମନ୍ତ୍ରାଳୟ ୭୯ତମ ସ୍ୱାଧୀନତା ଦିବସରେ ନୂଆଦିଲ୍ଲୀରେ ସ୍ୱତନ୍ତ୍ର ଭାବେ ପୁରସ୍କୃତ ଓ ସମ୍ବର୍ଦ୍ଧିତ କରାଯାଇଛି। ଓଡ଼ିଶାର ୪ ଜଣ ସରପଞ୍ଚ କେନ୍ଦ୍ର ସରକାରଙ୍କଠାରୁ ଏହି ପୁରସ୍କାର ପାଇଥିବା ବେଳେ ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ମହେଶପୁର ପଞ୍ଚାୟତ ସରପଞ୍ଚ ଦିଲ୍ଲୀରେ ପୁରସ୍କୃତ ହୋଇଥିବା ଯୋଗୁ ପଞ୍ଚାୟତରେ ଖୁସିର ମାହୋଲ ସୃଷ୍ଟି ହୋଇଛି। ଜିଲାରେ ଏହି ସରପଞ୍ଚ ଅନ୍ୟ ସରପଞ୍ଚଙ୍କ ପାଇଁ ଉଦାହରଣ ପାଲଟିଛନ୍ତି। ଏଥିପାଇଁ ସୋମବାର ଅପରାହ୍ନରେ ପଞ୍ଚାୟତର ବିଭିନ୍ନ ୱାର୍ଡର ୩ଶହରୁ ଉର୍ଦ୍ଧ୍ୱ ଯୁବକ ବାଇକ ରାଲି କରି ପଞ୍ଚାୟତ ପରିକ୍ରମା କରିଥିଲେ। ଏହି ଅବସରରେ ପଞ୍ଚାୟତ କାର୍ଯ୍ୟାଳୟରେ ସନ୍ଧ୍ୟାରେ ପଞ୍ଚାୟତବାସୀଙ୍କ ପକ୍ଷରୁ ସରପଞ୍ଚଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ପ୍ରତିକୂଳ ପରିସ୍ଥିତିରେ ପଞ୍ଚାୟତର ସେ ଦୀର୍ଘ ୩ବର୍ଷର ସଂଘର୍ଷ ସହିତ ପ୍ରତ୍ୟେକ ୱାର୍ଡରେ ଘର ଘର ବିଶୁଦ୍ଧ ପାନୀୟ ଜଳ, ଶୌଚାଗାର ଯୋଗାଇଦେବା ସହ ବର୍ଜ୍ୟବସ୍ତୁର ସଦୁପଯୋଗ କରି ସେଥିରୁ ଲାଭ୍ୟାଂଶକୁ ପଞ୍ଚାୟତବାସୀଙ୍କ ସ୍ୱାର୍ଥ ଲାଗି ଖର୍ଚ୍ଚ କରିବା, ଘର ଘର ବୁଲି ପରିବେଶ ପରିଚ୍ଛନ୍ନତା, ସ୍ୱାସ୍ଥ୍ୟ, ଶିକ୍ଷା, ବିଦ୍ୟୁତ ସଂଯୋଗ ଗୁରୁତ୍ୱ ଦେବା ସହ ମିଶନଶକ୍ତିକୁ ସଶକ୍ତ ଉପରେ ସଚେତନତା ଗଢି ତୋଳିଥିଲେ। ପଞ୍ଚାୟତବାସୀଙ୍କ ଅକୁଣ୍ଠ ସହଯୋଗରେ ସେ ଏହି ଗୌରବ ପୁରସ୍କାର ପାଇଥିବା ଏବଂ ଆଗାମୀ ୨ ବର୍ଷ ନିଷ୍ଠାର ସହ କାର୍ଯ୍ୟ କରିବେ ବୋଲି ସରପଞ୍ଚ ବରେନ୍ଦ୍ର ପାତ୍ର ଖବରଦାତା ସମ୍ମିଳନୀରେ ପ୍ରକାଶ କରିଥିଲେ।

## ୨୩ରୁ ରାଜ୍ୟସ୍ତରୀୟ କରାଟେ ପ୍ରତିଯୋଗିତା

### ୫୦ ବର୍ଗରେ ଅଂଶଗ୍ରହଣ କରିବେ ଖେଳାଳି




ଖବରଦାତା ସମ୍ମିଳନୀରେ ଉପସ୍ଥିତ ଆସୋସିଏଶନ୍ କର୍ମକର୍ତ୍ତା।

ବାଲେଶ୍ୱର, ୧୯।୮ (ବାଞ୍ଛାନିଧି ଦେ)

ବାଲେଶ୍ୱର ଆଇଟିଆଇ ଛକସ୍ଥିତ ଇନ୍‌ଡୋର ଷ୍ଟାଡିୟମ୍‌ରେ ଆସନ୍ତା ୨୩ ଓ ୨୪ ତାରିଖ ଦୁଇଦିନ ବ୍ୟାପୀ ୱାର୍ଲ୍ଡ ଟ୍ରାଡିଶନାଲ ସଟକନ କରାଟେ ଫେଡେରେଶନ୍ (ଡବ୍ଲ୍ୟୁଟିଏସ୍‌କେଏଫ୍) ରାଜ୍ୟସ୍ତରୀୟ କରାଟେ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଓଡ଼ିଶା ଷ୍ଟେଟ୍ ସଟକନ କରାଟେ-ଡୁ ଆସୋସିଏଶନ୍ ଏବଂ ବାଲେଶ୍ୱର ଫିଟ୍ ଟୁ ଫାଇଟ୍ କରାଟେ ସେଣ୍ଟର ମିଳିତ ଆନୁକୂଲ୍ୟରେ ଆୟୋଜିତ ପ୍ରତିଯୋଗିତାରେ ବିଭିନ୍ନ ଜିଲାରୁ ୨ଶହରୁ ୨୫୦ ପ୍ରତିଯୋଗୀ ଅଂଶଗ୍ରହଣ କରିବେ। ୫୦ଟି ବର୍ଗରେ ହେବାକୁ ଥିବା ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀ ୨୦୨୬ ଜାନୁଆରୀରେ ଅନୁଷ୍ଠିତ ହେବାକୁ ଥିବା ନ୍ୟାଶନାଲ ଚାମ୍ପିୟନଶିପ୍‌ରେ ଅଂଶଗ୍ରହଣ କରିବେ ବୋଲି ମଙ୍ଗଳବାର ବାଲେଶ୍ୱର ସହରସ୍ଥିତ ଫିଟ୍ ଟୁ ଫାଇଟ୍ କରାଟେ ସେଣ୍ଟର ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ରାଜ୍ୟ ସମ୍ପାଦକ ଶୌର୍ଯ୍ୟରଞ୍ଜନ ସାସମଲ, ଜିଲା ସମ୍ପାଦକ ସମୀର ତାଲ୍‌ଡି, ଅର୍ଗାନାଇଜର ମନୋରଞ୍ଜନ ଆଚାର୍ଯ୍ୟ ଓ ମନୋରଞ୍ଜନ ଜେନା ସୂଚନା ଦେଇଛନ୍ତି। ୨୩ ତାରିଖ ଉଦ୍‌ଘାଟନୀ ଉତ୍ସବରେ ବିଧାୟକ ମାନସ ଦତ୍ତ, ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଓ ଜିଲା କ୍ରୀଡ଼ାଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ୨୪ ତାରିଖ ସନ୍ଧ୍ୟାରେ ଉଦ୍‌ଯାପନୀ ଉତ୍ସବରେ କୃତୀ ପ୍ରତିଭାଙ୍କୁ ପୁରସ୍କୃତ କରାଯିବ ବୋଲି କୁହାଯାଇଛି।

## 'ସମୁଦ୍ରତଟୀୟ ଜୈବ ବିବିଧତା ସୁରକ୍ଷା ପାଇଁ ନୀଳରକ୍ତ କଙ୍କଡ଼ା'

ବାଲେଶ୍ୱର, ୧୯।୮ (ବାଞ୍ଛାନିଧି ଦେ)

### ଏଫ୍ଏମ୍‌ୟୁରେ ଜାତୀୟ କର୍ମଶାଳା

ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟରେ 'ସମୁଦ୍ରତଟୀୟ ଜୈବ ବିବିଧତା ସୁରକ୍ଷା ପାଇଁ ପରିସ୍ଥିତି ତତ୍ତ୍ୱ ଓ ଜିନ୍-ଗତ ପଦ୍ଧତି ସହ ଭାରତୀୟ ନୀଳରକ୍ତ କଙ୍କଡ଼ା' ସମ୍ପର୍କିତ ୫ଦିନିଆ ଜାତୀୟ କର୍ମଶାଳା ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଯୋଗଦେଇ କର୍ମଶାଳାକୁ ଉଦ୍‌ଘାଟନ କରି ସମୁଦ୍ରଜୀବ ଓ ଜୈବବିବିଧତା ସୁରକ୍ଷା ମଧ୍ୟରେ ନୀଳରକ୍ତ କଙ୍କଡ଼ାର ସଂରକ୍ଷଣ ଓ ଅନୁସନ୍ଧାନର ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ।

ଭାରତୀୟ ନୀଳରକ୍ତ କଙ୍କଡ଼ା ଅନୁସନ୍ଧାନ ଓ ସଂରକ୍ଷଣ କେନ୍ଦ୍ରର ନିର୍ଦ୍ଦେଶକ ପ୍ରଫେସର ବିଷ୍ଣୁ ପ୍ରସାଦ ଦାଶ ଯୋଗଦେଇ ସମୁଦ୍ରତଟୀୟ ପରିସ୍ଥିତି ବ୍ୟବସ୍ଥାପନ ଓ ସୁସ୍ଥାୟୀ ସୁରକ୍ଷା ଦିଗରେ ନୀଳରକ୍ତ କଙ୍କଡ଼ାର ଭୂମିକା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଡେପୁଟି ନିର୍ଦ୍ଦେଶକ ଡ. ଭାରତ ଭୂଷଣ ପଟ୍ଟନାୟକ ନୀଳରକ୍ତ କଙ୍କଡ଼ାକୁ ପରିସ୍ଥିତିର 'ମୂଳ ପ୍ରଜାତି' ଯାହା ସମ୍ପର୍କରେ ବିଶେଷ ଅନୁସନ୍ଧାନର ପ୍ରୟୋଜନ ରହିଥିବା ଅବଗତ କରିଥିଲେ। ଏଫ୍ଏମ୍‌ୟୁ ମାନବ ସମ୍ବଳ ବିକାଶ କେନ୍ଦ୍ର ନିର୍ଦ୍ଦେଶକ ପ୍ରଫେସର ରଣୀନ୍ଦ୍ର କୁମାର ନାୟକ, ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା, ଆସାମ ଡନ୍ ବସ୍କୋ ବିଶ୍ୱବିଦ୍ୟାଳୟର ପ୍ରଫେସର ସୁଶୀଲ କୁମାର ଦତ୍ତ, ଭାରତୀୟ ବିଜ୍ଞାନ ସଂସ୍ଥାନ ବେଙ୍ଗାଲୁରର ଡ. ଅନୁଭବ ଖାନ୍ ମଞ୍ଚାସୀନ ହୋଇ ଜୈବ ବିବିଧତାର ବିକାଶ ଓ ନୀଳରକ୍ତ କଙ୍କଡ଼ାର ସଂରକ୍ଷଣ ଓ ସୁରକ୍ଷା ଦିଗରେ ପ୍ରଚେଷ୍ଟାବାନ୍ ହେବାକୁ ଆହ୍ୱାନ ଦେଇଥିଲେ। ଡ. ରାଜଶ୍ରୀ ଦତ୍ତ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଆସିଷ୍ଟାଣ୍ଟ ପ୍ରଫେସର ଡ. ମନୋଜିତ ଭଟ୍ଟାଚାର୍ଯ୍ୟ ଧନ୍ୟବାଦ ଦେଇଥିଲେ। ଭାରତୀୟ ହର୍ସ-ଶୁ କ୍ରାବ ଗବେଷଣା ଓ ସୁରକ୍ଷା କେନ୍ଦ୍ର, ମାନବ ସମ୍ପଦ ବିକାଶ କେନ୍ଦ୍ର ପକ୍ଷରୁ ଆୟୋଜିତ ଏହି କର୍ମଶାଳା ଜୀବବିଜ୍ଞାନ ବିଭାଗ, ଜୀବବିଜ୍ଞାନ ଓ ବାୟୋ ପ୍ରଦ୍ୟୋଗିକ ବିଭାଗର ସହଭାଗିତାରେ ଆରମ୍ଭ ହୋଇଛି। ସମୁଦ୍ରତଟୀୟ ପରିସର ଓ ବିଶିଷ୍ଟ ପ୍ରଜାତିମାନଙ୍କ ପାଇଁ ସୁସ୍ଥାୟୀ ସୁରକ୍ଷା ଅଭିଗମ ତିଆରି କରିବା ଏହି କର୍ମଶାଳାର ପ୍ରମୁଖ ଲକ୍ଷ୍ୟ ରହିଛି।



କର୍ମଶାଳାରେ ଉପସ୍ଥିତ ଅତିଥିଗଣ।

# ୟୁଟ୍ୟୁବରଙ୍କୁ ଗିରଫକଲା ବନ ବିଭାଗ

## ଗୋଧି କାଟି ମାଂସ ଖାଇବା ଘଟଣା

ଠାକୁରମୁଣ୍ଡା,୧୯।୮(ତାରାକାନ୍ତ ପଟ୍ଟନାୟକ)

ଗୋଧିକୁ କାଟି ତା'ର ମାଂସକୁ ରୋଷେଇକରି ଖାଇବାର ଦୃଶ୍ୟକୁ ଜଣେ ୟୁଟ୍ୟୁବର ସାମାଜିକ ଗଣମାଧ୍ୟମରେ ପ୍ରଘଟ କରିଥିଲେ। ଏହି ଘଟଣା ଚର୍ଚ୍ଚାକୁ ଆସିବା ପରେ ଠାକୁରମୁଣ୍ଡା ବନ ବିଭାଗ ବନ୍ୟପ୍ରାଣୀ ନିରୋଧ ଆଇନ ବଳରେ ୟୁଟ୍ୟୁବର ରୂପା ନାଏକଙ୍କୁ ମଙ୍ଗଳବାର ଗିରଫ ପରେ କୋର୍ଟ ଚାଲାଣ କରିଛି। ଗିରଫ ୟୁଟ୍ୟୁବର ଜଣକ ହେଉଛନ୍ତି ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ବ୍ଲକ୍ ଅଧୀନ ଚମ୍ପାଝର ଗ୍ରାମପଞ୍ଚାୟତ ଅସନବଣି ଗ୍ରାମର ବୋଲି ଜଣାପଡ଼ିଛି ।

ମୁଣ୍ଡା ଟ୍ରାଇବସ୍ ଭ୍ଲଗସ ନାମକ ଏକ ଆଇଡି କରି ରୂପା ଆଦିବାସୀମାନଙ୍କ ଖାଦ୍ୟପେୟ ବିଭିନ୍ନ କାର୍ଯ୍ୟକ୍ରମ ସହ ସାମାଜିକ ଚଳଣିଗୁଡ଼ିକ ପୋଷ୍ଟକରି ଆସୁଥିଲେ। ଏଥିରେ ସେ ସିଡ୍ୟୁଲ ୧(୨) ପ୍ରଜାତିର ସରୀସୃପ ଗୋଧିକୁ କାଟି ତା'ର ମାଂସକୁ ଘର ଚୁଲିରେ ରୋଷେଇକରି ପରିବାର ଲୋକଙ୍କ ସହ ଖାଇଥିଲେ। ଏହାକୁ ସେ ନିଜ ସୋସିଆଲ ମିଡିଆରେ ପୋଷ୍ଟ କରିଥିଲେ। ଏଥିରେ



ଗିରଫ ୟୁଟ୍ୟୁବର ରୂପା ନାଏକ।

ସେ ଏହି ମାଂସକୁ ଖାଇଲେ ଦେହ ହାତ ବିନ୍ଧା ଭଲ ହୋଇଯିବ ବୋଲି କହୁଥିଲେ। ଲୋକେ ଛେଳି, କୁକୁଡ଼ା ଖାଇ ପାରୁଛନ୍ତି, କାହିଁକି ଜଣେ ଆଦିବାସୀ ଗୋଧି ମାଂସ ଖାଇପାରିବ ନାହିଁ ବୋଲି ଯୁକ୍ତି ବର୍ଷାଇଥିଲେ। ଗିରଫ ପରେ କରଞ୍ଜିଆ ବନଖଣ୍ଡ ଏସିଏଫ୍ ପ୍ରଭାତ କୁମାର କୁଅଁର କହିଛନ୍ତି, କରଞ୍ଜିଆ ଡିଏଫ୍‌ଓଙ୍କ ନିର୍ଦ୍ଦେଶକ୍ରମେ ଠାକୁରମୁଣ୍ଡା ରେଞ୍ଜ ଅଧିକାରୀ ଉମାକାନ୍ତ ବେହେରାଙ୍କ ନେତୃତ୍ୱରେ ଅନ୍ୟ ବନ କର୍ମଚାରୀମାନେ ତାଙ୍କୁ ତାଙ୍କ ଘରୁ ଗିରଫ କରିଛନ୍ତି। ତଦନ୍ତରୁ ଜଣାପଡ଼ିଛି , ସେ ତାଙ୍କ ଶ୍ୱଶୁରଘର ଭଦ୍ରକ ଜିଲା ବନ୍ତକୁ ଯାଇ ଫେରିବା ବାଟରେ ରାସ୍ତାକଡ଼ରେ ଏକ ଗୋଧି ମରି ପଡ଼ିଥିବା ଦେଖି ଗୋଧିକୁ ଘରକୁ ଆଣିଥିଲେ । ପରେ ଏହି ଗୋଧିକୁ କାଟି ମାଂସକୁ ରୋଷେଇ କରି ସୋସିଆଲ ମିଡିଆରେ ଛାଡ଼ିଥିଲେ। ଗିରଫ ୟୁଟ୍ୟୁବର କହିଛନ୍ତି, ଲୋକେ ଲୁଚି ଲୁଚି ଗୋଧି ମାଂସ ଖାଉଛନ୍ତି, କିନ୍ତୁ ଏହାକୁ ସୋସିଆଲ ମିଡିଆରେ ଛାଡ଼ିବାରୁ ଅସୁବିଧା ହୋଇଛି। ଏନେଇ ଠାକୁରମୁଣ୍ଡା ବନ ବିଭାଗ ଏକ ମାମଲା (ନଂ. ୬୮ /୨୫) ରୁଜୁ କରିଛି।

# ଦୋଷୀଙ୍କୁ ୭ ବର୍ଷ ଜେଲ

## ନାବାଳିକା ଅପହରଣ ମାମଲା

ବାରିପଦା,୧୯।୮(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବାରିପଦାସ୍ଥିତ ଅତିରିକ୍ତ ଜିଲା ଓ ଦୌରା ଜଜ୍ ତଥା ସ୍ୱତନ୍ତ୍ର ଫାଷ୍ଟଟ୍ରାକ ସ୍ପେଶାଲ ପୋକସୋ କୋର୍ଟରେ ସୋମବାର ଏକ ନାବାଳିକା ଅପହରଣ ମାମଲାର ରାୟ ପ୍ରକାଶ ପାଇଛି। ଜଜ୍ ସନ୍ତୋଷ କୁମାର ନାୟକ ଏହାର ବିଚାର କରି ଦୋଷୀଙ୍କୁ ୭ବର୍ଷ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହା ସହ ୨୦ହଜାର ଟଙ୍କା ଜରିମାନା ଓ ଅନାଦାୟେ ଅଧିକ ୬ମାସ ଜେଲ ଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତ ଜଣକ ହେଲେ ବାଲେଶ୍ୱର ଜିଲା ବରହମପୁର ଥାନା ଅଧୀନ ଅନ୍ତରିହା ଗ୍ରାମର ଜିତେନ ମୁର୍ମୁ(୨୫)। ମାମଲାର ବିବରଣୀ ଅନୁଯାୟୀ, ୨୦୨୧ ଡିସେମ୍ବର ୬ରେ ରାସଗୋବିନ୍ଦପୁର ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଅପହରଣ କରାଯାଇଥିଲା। ଏହା ସହିତ ଘରୁ ସାମଗ୍ରୀ ଚୋରି ହୋଇଥିବା ନେଇ ପରିବାର ଲୋକେ ଥାନାରେ ଅଭିଯୋଗ କରିଥିଲେ। ଏନେଇ ପୋଲିସ ଏକ ମାମଲା (ନଂ.୨୬୨/୨୧) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିଲା।

# ମୟୂରଭଞ୍ଜରେ ବଢୁଛି ଚାଷୀଙ୍କ ସଂଖ୍ୟା

## ଖରିଫ ଧାନ ବିକ୍ରି ପଞ୍ଜୀକରଣ ପାଇଁ ଫର୍ମ ନେଲେଣି ଏକ ଲକ୍ଷରୁ ଅଧିକ

ବାରିପଦା,୧୯।୮(ନୀଳାଦ୍ରି ବିହାରୀ ଦଣ୍ଡପାଟ): ରାଜ୍ୟ ସରକାର ଚଳିତ ବର୍ଷ ଖରିଫ ଧାନ ବିକ୍ରି ନିମନ୍ତେ ଚାଷୀ ପଞ୍ଜୀକରଣ ଅବଧିକୁ ବୃଦ୍ଧି କରିଛନ୍ତି। ଫଳରେ ଆବେଦନରୁ ବଞ୍ଚିତ ଆଶଙ୍କାରେ ରହୁଥିବା ଚାଷୀମାନେ ସୁରୁଖୁରୁରେ ନାମ ପଞ୍ଜୀକରଣ କରିବାର ସୁଯୋଗ ପାଇଛନ୍ତି। ମୟୂରଭଞ୍ଜ ଜିଲାରେ ଏକ ଲକ୍ଷରୁ ଊର୍ଦ୍ଧ୍ୱ ଫର୍ମରେ ଚାଷୀମାନେ ଆବେଦନ କରିଥିବା ବେଳେ ଗତବର୍ଷ ଅପେକ୍ଷା ଅଦ୍ୟାବଧି ୮୭୯୪ରୁ ଅଧିକ ଚାଷୀ ନାମ ପଞ୍ଜୀକରଣ କରିଛନ୍ତି।

ଆଦିବାସୀ ଅଧ୍ୟୁଷିତ ମୟୂରଭଞ୍ଜ ଜିଲାର ଅଧିକାଂଶ ଲୋକ ଚାଷ ଉପରେ ନିର୍ଭର କରିଥାନ୍ତି। ଜିଲାର ୨୬ଟି ବ୍ଲକ, ୨ଟି ପୌର ପରିଷଦ ଓ ୨ଟି ବିଜ୍ଞାପିତ ଅଞ୍ଚଳରେ ଥିବା ୫୨ଟି ଲ୍ୟାମ୍ପ ଅଧୀନରେ ୧୦୩ଟି ମଣ୍ଡିରେ ଧାନ ବିକ୍ରି ପାଇଁ ଚାଷୀମାନେ ଆବେଦନ ଜାରି ରଖିଛନ୍ତି। ଅଦ୍ୟାବଧି ୬୪ହଜାର ୭୩୨ ଚାଷୀଙ୍କ ନାମ ପଞ୍ଜୀକରଣ ହୋଇସାରିଥିବା ବେଳେ ସଂଖ୍ୟା ବୃଦ୍ଧି ପାଇବା ନେଇ ଡିଆରସିଏସ ଅଶୋକ କୁମାର ପାଣି କହିଛନ୍ତି। ଗତବର୍ଷ ଜିଲାରେ ୫୫ହଜାର ୯୩୮ ଚାଷୀ ପଞ୍ଜୀକରଣ କରିଥିବା ବେଳେ ୫୫,୪୯୮ଜଣ ଯୋଗ୍ୟ ବିବେଚିତ ହୋଇଥିଲେ। ସେଥି ମଧ୍ୟରୁ ୫୨,୫୭୪ ଚାଷୀଙ୍କଠାରୁ ମୋଟ ୨୨ଲକ୍ଷ ୩୫ହଜାର ୪୩୩ କୁଇଣ୍ଟାଲ ଧାନ ସଂଗ୍ରହ କରାଯାଇଥିଲା। ତେବେ ରାଜ୍ୟ ସରକାରଙ୍କ ଇନପୁଟ ସବସିଡି ୮୦୦ ଟଙ୍କା ପାଇବା ପାଇଁ ଯୌଥ ପରିବାରରୁ ଏକାଧିକ ଚାଷୀ ନାମ ପଞ୍ଜୀକରଣ କରିବାକୁ ଆଗ୍ରହୀ ହୋଇପଡ଼ିଛନ୍ତି। ଯାହା ଫଳରେ ଚାଷୀଙ୍କ ସଂଖ୍ୟା ବୃଦ୍ଧି ପାଉଥିବା ବେଳେ ନାମମାତ୍ର ଓ ଭାଗଚାଷୀଙ୍କ ସଂଖ୍ୟା କମ ହେବା ନେଇ ଆଶଙ୍କା ଦେଖାଦେଇଛି। ଅନ୍ୟ ପକ୍ଷରେ ଜମିଜମା ରେକର୍ଡପତ୍ର, ବଂଶାନୁକ୍ରମୀ ପ୍ରମାଣପତ୍ର ଓ ଜମିଜମା ମୋକଦ୍ଦମାକୁ ନେଇ ସମସ୍ୟା ହେବାରୁ ଅନେକ ଚାଷୀ ପଞ୍ଜୀକରଣ କରିବାରୁ ବଞ୍ଚିତ ରହୁଛନ୍ତି। ସେହିପରି ରବି ଧାନ ବିକ୍ରି ପାଇଁ ମୋଟ ୩୮୩୪ ଚାଷୀ ପଞ୍ଜୀକରଣ କରିଥିଲା ବେଳେ ୩୭୬୩୧ ଯୋଗ୍ୟ ଚାଷୀଙ୍କୁ ଚିହ୍ନଟ କରାଯାଇଥିଲା। ସେଥିମଧ୍ୟରୁ ୩୭୦୨ଚାଷୀଙ୍କଠାରୁ ୨୪ଟି ଲ୍ୟାମ୍ପସ ଅଧୀନରେ ଥିବା ୨୫ଟି ମଣ୍ଡିରୁ ମୋଟ ୧ଲକ୍ଷ ୨୯ହଜାର ୨୩୩ କୁଇଣ୍ଟାଲ ଧାନସଂଗ୍ରହ କରାଯାଇଛି। ରବି ଓ ଖରିଫ ଧାନ ବିକ୍ରି ପାଇଁ ପଞ୍ଜୀକରଣ ପ୍ରକ୍ରିୟାକୁ ସରଳୀକରଣ କରାଯାଇଥିବାରୁ ଚାଷୀମାନେ ସହଜରେ ନାମ ପଞ୍ଜୀକରଣ କରିବାରେ ଲାଗିଛନ୍ତି। ଏହି ପଞ୍ଜୀକରଣ ଅବଧିକୁ ସେପ୍ଟେମ୍ବର ୧୫ ପର୍ଯ୍ୟନ୍ତ ବୃଦ୍ଧି କରିବାକୁ ଚାଷୀ ମହଲରେ ଦାବି ହେଉଛି।

# ଶାଳୀଙ୍କୁ ବଳାତ୍କାର,ଭିଣୋଇ ଫେରାର

ଉଦଳା,୧୯।୮(ସନ୍ତୋଷ କୁମାର ବାଛିନୀ): ମୟୂରଭଞ୍ଜ ଜିଲା କପ୍ତିପଦା ଥାନା ଅଞ୍ଚଳରେ ଜଣେ ନାବାଳକାଙ୍କୁ ତାଙ୍କ ଭିଣୋଇ ବଳାତ୍କାର କରିଥିବା ନେଇ ମଙ୍ଗଳବାର ଅଭିଯୋଗ ହୋଇଛି। ଏନେଇ ପୋଲିସ ଏକ ମାମଲା(ନଂ.୧୯୦/୨୫) ରୁଜୁକରି ତଦନ୍ତ ଜାରି ରଖିଥିବାବେଳେ ଗିରଫ ଭୟରେ ଅଭିଯୁକ୍ତ ଭିଣୋଇ ଫେରାରଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ନାବାଳିକାଙ୍କ ବାପା ମରିଯିବା ଓ ମା'ଙ୍କ ମାନସିକ ବିକୃତି ଘଟିବାପରେ ସମ୍ପର୍କୀୟ ଭିଣୋଇ ପାଠ ପଢ଼ାଇବା ପାଇଁ ତାଙ୍କୁ ନିଜ ଘରକୁ ଆଣିଥିଲେ। ନାବାଳିକା ଜଣକ ୩ ବର୍ଷ ହେଲା ଭିଣୋଇଙ୍କ ଘରେ ରହୁଥିଲେ। ଘରେ କେହି ନ ଥିବା ସୁଯୋଗରେ ଭିଣୋଇ ତାଙ୍କୁ ବାରମ୍ବାର ବଳାତ୍କାର କରୁଥିଲେ। ପାଶବିକ ଅତ୍ୟାଚାରରୁ ବଞ୍ଚିବା ପାଇଁ ଗତମାସରେ ନାବାଳିକା ଜଣକ ଭିଣୋଇଙ୍କ ଘରୁ ଖସି ଆସି ନିଜ ମାମୁପୁଅ ଭାଇ ରହୁଥିବା ଚେନ୍ନାଇ ଯାଇଥିଲେ। ସେଠାରେ ଭାଇ ଆଗରେ ସବୁ କଥା କହିଥିଲେ। ମଙ୍ଗଳବାର ମାମୁପୁଅ ଭାଇ ଆସି କପ୍ତିପଦା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

# ଗୋଟିଏ ରାତି ସାପ ସହ ମଣିଷ

ବାରିପଦା,୧୯।୮(ନୀଳାଦ୍ରି ବିହାରୀ ଦଣ୍ଡପାଟ)- ବିଷଧର ସାପ ସହ ମଣିଷର ଗୋଟିଏ ରାତି ବିଛଣାରେ ପାହିଲା। ହେଲେ ସାପଟି ମଣିଷର କୌଣସି କ୍ଷତି କରି ନ ଥିଲା। ପରିବାର ଲୋକେ ସାପ ଧରାଳିଙ୍କୁ ଡାକି ଅକ୍ଷତ ଅବସ୍ଥାରେ ଧରି ସାପକୁ ଜଙ୍ଗଲରେ ଛାଡ଼ିଛନ୍ତି। ଏଭଳି ଘଟଣା ଘଟିଛି ମୟୂରଭଞ୍ଜ ଜିଲା ବଡ଼ସାହି ଥାନା ଅଧୀନ ପ୍ରତାପପୁର ଗ୍ରାମ ପଞ୍ଚାୟତ ପଣ୍ଡୁଆ ଗ୍ରାମରେ।ସୂଚନାଯୋଗ୍ୟ, ପଣ୍ଡୁଆ ଗ୍ରାମର କମଳାକାନ୍ତ ରାଉତ ସୋମବାର ରାତିରେ ଖାଇସାରି ବିଛଣାରେ ଶୋଇଥିଲେ। ମଶାରୀ ଭିତରେ ସେ ଶୋଇଥିବା ସମୟରେ ଏକ ନାଗସାପ ପଶିଯାଇ ତାଙ୍କ ମୁଣ୍ଡ ପାଖରେ ଶୋଇଥିଲା। ମଶାରୀ ବାହାରକୁ ସାପଟି ବାହାରି ପାରି ନ ଥିବାରୁ ରାତି ତମାମ ଅନ୍ଧାର ଘର ମଧ୍ୟରେ କମଳାକାନ୍ତଙ୍କ ସହ ରହିଥିଲା। ସକାଳେ କମଳାକାନ୍ତ ନିଦରୁ ଉଠି ସାପକୁ ଦେଖି ଚିତ୍କାର କରିଥିଲେ। ପରିବାର ଲୋକେ ସାପକୁ ଦେଖି ସ୍ନେକ ହେଲ୍ପ ଲାଇନକୁ ଫୋନ କରିଥିଲେ। ସ୍ନେକ ହେଲ୍ପ ଲାଇନ କର୍ମଚାରୀ ପହଞ୍ଚି ୬ଫୁଟର ନାଗକୁ ଧରି ସୁରକ୍ଷିତ ସ୍ଥାନରେ ଛାଡ଼ି ଦେଇଛନ୍ତି।


**ଦ.ପୂ. ରେଳପଥ – ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ କାର୍ଯ୍ୟରତ ଡିଆର୍‌ଏମ୍/ଇଏନ୍‌ଜିଜି/ଚକ୍ରଧରପୁର ଖୋଲା ଟେଣ୍ଡର ବାବଦରେ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି: କ୍ର.ସଂ.; ଟେଣ୍ଡର ବିଜ୍ଞପ୍ତି ସଂଖ୍ୟା; କାର୍ଯ୍ୟର ନାମ: ଟେଣ୍ଡର ମୂଲ୍ୟ; ଇଏମ୍‌ଡି ନିମ୍ନ ଅନୁଯାୟୀ ଅଟେ: [୧]; ସିକେପି-ଇଷ୍ଟ-୨୫-୨୬-୨୮; ଟାଟା-ବାଦାମପାହାଡ଼ ସେକ୍ସନରେ ହାଲୁଦପୁକୁର ଷ୍ଟେଶନଠାରେ ଅତିରିକ୍ତ ଲୋଡିଂ ଲାଇନ୍ (ପବ୍ଲିକ୍ ସାଇଡିଂ)ର ବ୍ୟବସ୍ଥା ପାଇଁ ଅବଶିଷ୍ଟ କାର୍ଯ୍ୟ; ₹୨,୪୨,୯୧,୨୯୭.୮୭; ₹୨,୭୧,୫୦୦.୦୦; [୨]; ସିକେପି-ଇଷ୍ଟ-୨୫-୨୬-୨୯; ଏଡିଇଏନ୍/II/ଟାଟାଙ୍କ କ୍ଷେତ୍ରାଧିକାର ଅଧୀନରେ ବୀରବଂଶସ୍ଥିତ ପିଏଫ୍ ନଂ. ୧ ଓ ୨ ଏବଂ ୩ର ପ୍ଲାଟ୍‌ଫର୍ମ ଉଚ୍ଚତାକୁ ରେଳ ସ୍ତର/ମଧ୍ୟମ ସ୍ତରରୁ ଉଚ୍ଚ ସ୍ତରକୁ ଉଠାଇବା ପାଇଁ ଅବଶିଷ୍ଟ କାର୍ଯ୍ୟ; ₹୫୭,୫୩,୯୭୨.୩୬; ₹୧,୧୫,୧୦୦.୦୦। [୩]; ସିକେପି-ଇଷ୍ଟ-୨୫-୨୬-୩୦; ଟାଟା, ଆଦିତ୍ୟପୁର, ଡାଙ୍ଗୋଆପୋଷି ଏବଂ ବଣ୍ଡାମୁଣ୍ଡା ପାଇଁ ଅବଶିଷ୍ଟ କାର୍ଯ୍ୟ: ଚକ୍ରଧରପୁର ମଣ୍ଡଳର ସିଟିଆର୍‌ବି ପାଇଁ ଧୂଳିନିରୋଧୀ କୋଠରିର ବ୍ୟବସ୍ଥା; ₹୪୩,୯୫,୧୨୭.୯୦; ₹୮୭,୯୦୦.୦୦। ଟେଣ୍ଡର ଫର୍ମ ମୂଲ୍ୟ: ₹୦.୦୦ (କ୍ର.ସଂ. ୧ରୁ ୩ ପାଇଁ); ଖୋଲାଯିବା ତାରିଖ: ତା୦୪।୦୯।୨୦୨୫ରିଖ (କ୍ର.ସଂ. ୧ ଓ ୨ ପାଇଁ) ଏବଂ ତା୦୮।୦୯।୨୦୨୫ରିଖ (କ୍ର.ସଂ. ୩ ପାଇଁ) । ଏହି ଟେଣ୍ଡର ପାଇଁ ମାନୁଆଲ ଅଫର ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ । ଟେଣ୍ଡର ୱେବ୍‌ସାଇଟ୍ http://www.ireps.gov.in ରେ ଦେଖାଯାଇପାରିବ । ଟେଣ୍ଡରଦାତା/ବିଡରଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସିଗ୍ନେଚର ସାର୍ଟିଫିକେଟ୍ ରହିଥିବା ଆବଶ୍ୟକ ଓ ସେ ଆଇଆର୍‌ଇପିଏସ୍ ପୋର୍ଟାଲରେ ପଞ୍ଜୀକୃତ ହୋଇଥିବା ଜରୁରୀ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ । ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ସମ୍ବନ୍ଧିତ କାଗଜପତ୍ର ଅପଲୋଡ୍ କରାଯିବା ଜରୁରୀ । ଦ୍ରଷ୍ଟବ୍ୟ: ସମସ୍ତ ଟେଣ୍ଡରଦାତାଙ୍କ ପାଇଁ ଇ-ଟେଣ୍ଡର ଫର୍ମ ବିନା ମୂଲ୍ୟରେ ଜାରି କରାଯିବ (କର୍ତ୍ତୃପକ୍ଷ - ରେଳବାଇ ବୋର୍ଡର ଚିଠି ସଂ.: ୨୦୨୦/ସିଇ-I/ସିଟି/୩ଇ/ଜିସିସି/ପଲିସି ତାରିଖ: ୧୬।୦୭।୨୦୨୦) (PR-535)

**OFFICE OF THE EXECUTIVE ENGINEER**
**ROAD CONSTRUCTION DEPARTMENT**
**ROAD DIVISION, DUMKA**

4th CORRIGENDUM

TENDER REFERENCE No.- RCD/DUMKA/975

PR 354584 Road(25-26):D, PR 355582 Road (25-26)_D, PR 358355 Road (25-26)D and PR 359406 Road (25-26)_D

NAME OF THE WORK - Widening, Strengthening & Reconstruction work of Kothiya (NH 133) – Dighi-Gadi Jhopa-Parariya-Champagarh Road (Total Length-17.2015 Km) for the year 2025-26.
Job No. CRF-JHR-2025-26-73

CORRIGENDUM DETAIL OF NIT

| | | |
|---|---|---|
| 4 | Last date/Time for receipt of bids | **04.10.2025 Up to 12.00 Noon** in place of 23.09.2025 Up to 12.00 Noon. |
| 5 | Date of Publication of Tender on website | **30.08.2025 at 10.30 A.M** in place of 19.08.2025 at 10.30 A.M |
| 6 | Pre Bid Meeting | **08.09.2025 at 10.30 A.M** in place of 25.08.2025 at 10.30 A.M |

Other terms and conditions shall remain unchanged.

Executive Engineer
Road Construction Department,
Road Division, Dumka

PR 359797 Road(25-26).D

**Government of Odisha "e" Procurement Notice**
No.3760, Dated 12.8.25
e-mail ID: rw_sambalpur@yahoo.co.in,
Phone No.0663-2401850
No.O-608
Bid Identification No.TENDER ONLINE SBPR-02 OF 25-26

1. Name of the Work : Building Works as per DTCN available in the website www.tendersodisha.gov.in
2. Total No. of Work : 1 No. (One) No.
3. Estimated Cost : Varies from Rs.31.08 Lakhs
4. Period of Completion : 06 (Six) Calendar Months
5. Period and time of availability of bid document in the portal for bidding : 25.08.2025 at 11.00 AM to 08.09.2025 upto 5.00 P.M.
6. Date and Time of Opening of Tender : 09.09.2025 at 11.00 AM
7. Name and address of the Officer Inviting Bid : S.E.R.W. Divn., Sambalpur

(1) Other details can be seen from detailed notice inviting tenders, availabile in website www.tendersodishagov.in
(2) Corrigendum if any shall only be published in the website www. tenderodisha.gov.in.

Sd./- Executive Engineer
OIPR-25076/11/0027/2526 Rural Works Division, Sambalpur

**वरीय पुलिस अधीक्षक का कार्यालय, राँची**

सर्वसाधारण के लिए सूचना।



नाम–आलम मोहम्मद, उम्र करीब–30 वर्ष, रंग–गोरा, ऊँचाई–05 फीट 5 ईंच, पहनावा–सादा चेक कमीज एवं कथा रंग का ट्राउजर पहने हुए है।

उपरोक्त लापता व्यक्ति आलम मोहम्मद, उम्र–30 वर्ष, पिता–हिकायत मियाँ, सा0–पोखर टोली, थाना–एयर पोर्ट, जिला–राँची जो दिनांक–11.07.2025 को अपने घर से बगैर बताए कहीं चली गई जो आजतक अपने घर वापस नहीं आई है। जिसके संबंध में एयर पोर्ट थाना सनहा संख्या–14/2025, दिनांक–24.07.2025 दर्ज कर खोजबीन की जा रही है। उपरोक्त सूचना को सार्वजनिक किया जाना आव यक है।

अतः सभी जनसाधारण से अनुरोध है कि यदि उपरोक्त लापता व्यक्ति कहीं मिलती/दिखती है तो इसके संबंध में वरीय पुलिस अधीक्षक के कार्यालय में या निम्नांकित फोन नम्बर पर संपर्क कर इसकी सूचना दें।

Email ID(rnc-dcb@jhpolice.gov.in)
पुलिस उपाधीक्षक, हटिया, राँची। – 9431706143
थाना प्रभारी एयर पोर्ट, राँची। – 8987790623

पुलिस उप–महानिरीक्षक–सह–
वरीय पुलिस अधीक्षक, राँची।

PR.NO.359819 Police(25-26):D

International Year 2025 of Cooperatives

**SAMBALPUR DISTRICT CO-OPERATIVE CENTRAL BANK LTD.**
HEAD OFFICE : BARGARH-768028
Phone : (06646) 233157/232634, Fax : (06646) 232696
Email : headoffice@sambalpurdccbl.com
Ref. No.__/TCN/CB/Estt./2025-26 Date :______

Tender Call Notice

Notice for inviting tender of contract for providing services of Armed Guards, Drivers and Support Staffs to S.D.C.C. Bank Ltd. Bargarh.

Sealed tenders are invited under two bid system from manpower providing agencies / service providers registered under Partnership / Companies Act to provide services of Support Staff, Armed Guards and Drivers for their deployment in Head office and different Branches of the Bank on outsourced basis from September 2025 for a period of one year or till regular recruitment is made in Drivers and Support Staff grade in the Bank, whichever comes earlier.
The detailed information for outsourcing the service of the aforesaid personnel has been given in the tender documents, which may be obtained in person from the Premises Officer of the Bank at our Head Office on production of a D.D. of Rs.5,000/- (Rupees Five thousand) (non-refundable) in favour of "Sambalpur DCCB Ltd., Bargarh" drawn on any Commercial Bank on any working day between 11.00 AM to 4.00 PM. The Tender documents should be submitted to the Manager, Establishment Section, Head Office, through Speed Post only.
The last date and time for submission of Tender documents is 30.08.2025 by 2.00 PM. The documents submitted through any other mode shall not be accepted and documents received after the scheduled date and time shall not be entertained.
The undersigned reserves the right to accept or reject any or all quotations without assigning any reason thereof.
For more details please visit our website: https//sambalpurdccb.com
E-mail: headoffice@sambalpurdccb.com

Sd./- Chief Executive Officer

**GOVERNMENT OF ODISHA, DEPARTMENT OF WATER RESOURCES**
**OFFICE OF THE ENGINEER-IN-CHIEF, WATER RESOURCES, SECHA SADAN, BHUBANESWAR**
No.A-524
Email Address:cemech.eicwr.od@gmail.com
e-Procurement Notice - Bid Identification No.CEM/MDS-07/2025-26

1. Name of the Work : Mechanical Gate Works
2. No. of Works : 01 (One)
3. Category of executors : SSI Units registered under DIC/NSIC/MSME for Irrigation Shutters/Hydro mechanical gates.
4. Bid Identification No. : CEM/MDS-07/2025-26
5. Estimated Cost : Rs.40,89,299.00
6. Period of Completion : 3 (Three) Calendar Months
7. Date & Time of availability of bid documents in the portal : From dt.25.08.2025 (10.00 AM) to dt.08.09.2025 (5.30 PM)
8. Last date/time for receipt of bid in the portal : dt.08.09.2025 (upto 5.30 PM)
9. Date and Place of Opening of Technical Bid : dt.09.09.2025 (12.00 Noon onwards in the O/o the undersigned)
10. Date and Place of Opening of Financial Bid : To be intimated to the qualified Bidders after evaluation of Technical Bid
11. Name of the Officer Inviting Bid : Chief Engineer, Mechanical, O/o the E.I.C.,Water Resources, Odisha Bhubaneswar.

Further details can be seen from the e-procurement portal **https://tendersodisha.gov.in.** Any further issue of Addenda/Corrigenda/Cancellation Notice shall be uploaded in the aforesaid website only.

Sd./- Chief Engineer, Mechanical
O/o. Engineer-in-Chief,
OIPR-32520/11/0065/2526 Secha Sadan, Bhubaneswar

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS ELECTRICAL CIRCLE, BHUBANESWAR**
E-Mail: serw.elect@yahoo.in
No.O-602 No.525, Dt.16.8.2025
e-Procurement Notice No.SERWELBBSR-01/2025-26

| | | |
|---|---|---|
| 1 | Name of the Work | SHIFTING AND CONSTRUCTION OF 3Ph 3W 11KV LINE AND 3Ph 4W LT LINE FOR IMPROVEMENT TO KANKADAHADA (PWD) ROAD TO BANKUAL MAJHISAHI ROAD UNDER MMSY UNDER RWES DHENKANAL. |
| 2 | Estimated Cost | 50.332 Lakhs (Excluding GST) |
| 3 | Period of Completion | 120 Days |
| 4 | Bid Identification No. | SERWELBBSR-01/2025-26 |
| 5 | Date and time of availability of bid documents in the portal | From Dt.25.08.2025 at 12.30 PM to Dt.09.09.2025 upto 5.00 PM |
| 6 | Date & Time of opening of Tender | Dt.10.09.2025 at 11.30 AM |
| 7 | Date & Time of opening of Financial bid | To be intimated later on. |
| 8 | Procurement officer/ Name and address of the Officer Inviting Bids | Superintending Engineer, R.W. Elect. Circle, BBSR, MI Colony, Unit-9 (Flat), BBSR-22 |

Further detail can be seen from the Govt. Website www.tenderorissa.gov.in

Sd./- Superintending Engineer
OIPR-25192/11/0002/2526 Rural Works Electrical Circle, Bhubaneswar


See Career Appointment on every Wednesday & Saturday


**INVITATION FOR BIDS (IFB)**
**BID IDENTIFICATION NO.02/2025-26**

**No.i-280:** Block Development Officer, Tihidi, Bhadrak on behalf of the Panchayat Samiti, Tihidi invites Bids in single sealed cover system to be eventually drawn up in PWD form P1 for the works as detailed in the table below from eligible contractors of equivalent grade/class registered with the Central Govt./ State Govt./MES/Railways for execution of civil works. One bidder can submit one bid only for a particular work. The cover containing the bid should be superscribed as TENDER FOR THE WORK "name of the work as the case may be". Bid documents consisting of specifications, the schedule of quantities and the set of terms & conditions of contract, Annexure / Schedules/Forms/Proforma and other necessary documents can be downloaded from the website https://bhadrak.odisha.gov.in within the period stipulated. The receipt of the tender documents shall start from Dt.20.08.2025 upto Dt.02.09.2025 during office hours in the office of the undersigned. Bids so received shall be opened at 03.30 P.M. on dt.03.09.2025 in the Office of the Panchayat Samiti, Tihidi in presence of the bidders or their authorised representatives who wish to attend thereof. In case the office happens to be closed on the stipulated date of opening of the Bids as specified the bids will be opened on the next working day at the same time and venue.

| Sl. No. | Name of the Work | Amount put to Tender (Rs.) | EMD (Rs.) | Time for Completion | Class of Contractor | Cost of Documents (Rs.) |
|---|---|---|---|---|---|---|
| (1) | (2) | (3) | (4) | (5) | (6) | (7) |
| 1 | CONSTRUCTION OF NON-RESIDENTIAL BUILDING (1st FLOOR) AT BLOCK HEAD QUARTERS, TIHIDI | Rs.22,13,417 | Rs.22,134 | 06 Calendar Months | B & C | Rs.6,000 |
| 2 | CONSTRUCTION OF JUBILEE HALL CUM CLASS ROOM, EXAMINATION HALL, SCIENCE LABORATORY (1st FLOOR) AT R.N. HIGH SCHOOL, DOLASAHI | Rs.12,27,540 | Rs.12,275 | 06 Calendar Months | C & D | Rs.6,000 |
| 3 | CONSTRUCTION OF TOILET AND BOUNDARY WALL OF AWC ATTACHED TO GOPA MAHALIK SAHI PRY. SCHOOL | Rs.9,48,749 | Rs.9,487 | 06 Calendar Months | C & D | Rs.4,000 |

OIPR-19115/11/0003/2526 Sd./- Block Development Officer, Tihidi

**GOVERNMENT OF ODISHA** No.O-601
**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE,SUNDARGARH**
AT/PO-SANKARA, SUNDARGARH-770020,E-mail address:serw_sundargarh@yahoo.com
No.Tender Online-RWCCESNG-10 of 2025-26, Letter No.1995/ Dtd.14.08.2025
e-Procurement Notice

1. Type of the Work: Bridge Work. 2. Class of Contractor: As specified in the column-7 of the Annexure. 3. Time of Completion: As specified in the column-6 of the Annexure. 4. Detail Projects: As per Annexure attached. 5. Estimated Cost: As specified in the column-5 of the Annexure. 6. Other details:

| Procurement Officer | Bid Identification No. | Availability of Tender on-line for bidding | | Last Date & Time of seek-ing tender clarification | Date & Time of Opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Sundargarh | RWCCESNG-10 of 2025-26 | 25.08.2025 11.00 AM | 09.09.2025 5.00 PM | 08.09.2025 5.00 PM | 10.09.2025 11.00 AM | Will be intimated separately |

Further details can be seen from the website www.tendersodisha.gov.in
Sd./- Chief Construction Engineer
OIPR-25133/11/0062/2526 Rural Works Circle, Sundargarh

**GOVERNMENT OF ODISHA** No.C-911
**OFFICE OF THE ENGINEER-IN-CHIEF, PUBLIC HEALTH, ODISHA, BHUBANESWAR**
NATIONAL COMPETITIVE BIDDING THROUGH e-PROCUREMENT
Invitation For Bids (IFB) Dtd.12.08.2025

| Sl. No. | Name of Work | Bid Identifica-tion No. | Estimated Cost (Rs.in Lakh) | Class of Contractor | Period of Completion | Availability of Bid document for Online Bidding | |
|---|---|---|---|---|---|---|---|
| | | | | | | From | To |
| 1 | Improvement of Water Supply to Paradeep Municipality under BASUDHA | EICPH-02/ 2025-26 | 1408.05 | 'A' Class & Special Class | 18 (Eighteen) Months | 11.00 Hrs. of 22.08.2025 | 17.00 Hrs. of 12.09.2025 |

Name & Address of Officer Inviting Bid : The Engineer-In-Chief (PH), Office of the Engineer-in-Chief, PH, 1st Floor, Unnati Bhawan, Satyanagar, Bhubaneswar,Odisha-751007 Phone:#91-674-2575309, e-mail: eicphodisha@gmail.com

- Further details can be seen from the e-procurement portal "https://www.tendersodisha.gov.in"
- All amendments, time extension, clarification etc. will be uploaded in the website only. Bidders should regularly visit the above website to keep themselves updated.

OIPR-10243/11/0002/2526 Sd./- ENGINEER-IN-CHIEF (PH)

**Govt. of Jharkhand**
**OFFICE OF THE EXECUTIVE ENGINEER**
Field Survey Division, Advance Planning, Road Construction Department, Nirupan Bhawan, 4th floor, 56-Set Chowk, Doranda, Ranchi-834002
e-mail--- eercdapfsdran-jhr@nic.in
e-Procurement very Short Notice
e-Tender Reference No .-RCD/FSD /AP/ RAN/09/25-26 Dated 18.08.2025

| | | |
|---|---|---|
| 1- | Name of Work | Consultancy Services for Preparation of Detailed Project Report for Widening and Strengthening/Reconstruction of **1) Kajra more (PWD road) to Pabiya (A.D.B road) via Mohanpur, Bena, Kashitand Road 2) Asanhariya (PWD road) to Basti Palajori (A.D.B road) via Laibani, Nawakol Road. 3) Karmatand bazar bypass Road** including replacement of culverts and bridges, proposal of new culverts and bridges etc., complete Land Acquisition Proposal including ownership details, Resettlement and Rehabilitation Proposal and Forest Diversion Proposal including clearance of all stages etc as required all complete as per latest guidelines, at Jamtara District in the state of Jharkhand from Consultants empanelled in Category-I with the Road Construction Department, Government of Jharkhand vide letter no -3063(S) W.E dated 22-08-2022 are allowed to bid. |
| 2- | Tentative Length | 35 Km |
| 3- | Work completion time | 60 Days |
| 4- | Cost of Tender Document & Earnest Money Deposit (EMD) | **Cost of Tender Document** - Rs 5,000/- (Rupees Five Thousand)(Non-Refundable) through online mode only. **EMD :-** Rs 70,000/- (Rupees Seventy Thousand) through online mode only. As per the Departmental Letter no.-4652(S) dated 06.10.2023, cost of tender document and Earnest Money Deposit will be received in online mode only through e-procurement portal (https://jharkhandtenders.gov.in) by Internet banking/ NEFT/ RTGS facility as per Standard Operating Procedure (SOP) issued by Information Technology & e-Governance Department, Government of Jharkhand vide letter no- 120 dated 03.10.2023. |
| 5- | Date and Time of Publishing of Tender on official website | 21.08.2025, 05.00 PM |
| 6- | Last date and Time of submission of Tender (With Tender Fee and EMD) | 28.08.2025, 12.30 PM |
| 7- | Date and Timing of Bid opening | 29.08.2025, 12.30 PM |
| 8- | Tender Inviting Authority | Executive Engineer, Field Survey Division, Advance Planning, RCD, Ranchi, Nirupan Bhavan, 56 set Chowk, Doranda, Ranchi-834002, Mobile No-8051090751 |
| 9- | Mode of Bid Submission | e-Tendering (http://jharkhandtenders.gov.in) |

For further information please go through the website http://jharkhandtenders.gov.in

Executive Engineer
Field Survey Division, A.P
PR 359851 Road (25-26)_D Road Construction Department, Ranchi

**E-Procurement cell**
**Office of the Executive Officer**
**Nagar Panchayat Mahagama, Jharkhand,Urban Development & Housing Department**

8th Call

e-procurement Notice
Very short E-Tender notice
NIT No. – RE-UDD/NPM/05/2024-25, Date:-19-08-2025

| Sl. No | E-TENDER REF NO. | NAME OF WORK | TENDER VALUE | TIME OF COMPLETION | EARNEST MONEY DEPOSIT | BID DOCUMENT FEES |
|---|---|---|---|---|---|---|
| 1 | UDD/NPM/05/2024-25 | Construction & Commissioning of Faecal Sludge Treatment Plant of Capacity 4 KLD at Mahagama town (Jharkhand) followed by Operation and Maintenance including desludging operations for 5 years | Construction Cost: ₹ 1,95,75,938.00; Operation & Maintenance Cost: ₹ 85,75,397.00; **Total: ₹ 2,81,51,335.00** | 1 year of construction which comprises 9 months of construction and 3 months of defect liability period including one month of trial run and 5 years of O&M post DLP s | ₹ 2,81,500 | ₹ 10,000/- (Rupees Ten Thousand Only); non-refundable |
| 2 | Date of Publication of tender on website | | | 25-08-2025 | | |
| 3 | Closing date and time for receipt of tender on website | | | 06-09-2025 Up to 03:00 PM | | |
| 4 | Opening date and time of opening of technical bid | | | 08-09-2025 Up to Up to 05:00 PM | | |
| 5 | Name and address of office inviting tender | | | Office of Executive Officer, Nagar Panchayat Mahagama. | | |
| 6 | Helpline number of e-procurement cell | | | +91 9891351803 | | |

NOTE: AUTHORITY RESERVES THE RIGHT TO CANCEL TENDER WITHOUT ASSIGNING ANY REASON THEREOF. FURTHER DETAILS CAN BE SEEN ON WEBSITE **http://jharkhand tenders.gov.in**

Executive Officer
PR 359829 Urban Development(25-26).D Nagar Panchayat Mahagama

**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BALASORE**
E-Mail ID: serw_balasore@yahoo.in, Ph.No.-06782/260318, Balia, Balasore
"e" Procurement Notice for Bridge Work
Identification No.Online Tender- Bridge NCB No. 24 of 2025-26
Letter No. 2893/ WE Date:16.08.2025

**No.O-609:** 1. Name of the Work: Bridge Works. 2. Total No. of Work: As per annexure. 3. Estimated Cost: As per Annexure. 4. Eligible Class of Contractor: As per Annexure. 5. Period of Completion: As per Annexure. 6. Other details:

| Procurement Officer | Bid Identifica-tion No. | Availability of Tender online for bidding | | Last Date & Time of seeking tender Clarification | Date & Time of Opening of Tender in O/o C.C.E.R.W. Circle, Balasore | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Balasore | NCB No-24 of 2025-26 | 25.08.2025 at 11.00 AM | 09.09.2025 Upto 5.00 P.M. | 08.09.2025 upto 5.00 P.M. | 10.09.2025 at 11.00 A.M. | Will be intimated later |

- **Further details can be seen from the website: www.tendersodisha.gov.in**

Sd./- Er. Durjyodhan Behera
OIPR-25105/11/0072/2526 Chief Construction Engineer, R.W. Circle, Balasore

## ସଂକ୍ଷେପରେ

# ନାବାଳିକାଙ୍କ ବିବାହର ବୈଧତାକୁ ଚ୍ୟାଲେଞ୍ଜ

### ଆବେଦନ ସୁପ୍ରିମକୋର୍ଟରେ ଖାରଜ

ନୂଆଦିଲ୍ଲୀ, ୧୯।୮

ମୁସଲମାନ ଯୁବତୀଙ୍କ ବିବାହର ସର୍ବନିମ୍ନ ବୟସ ପ୍ରସଙ୍ଗରେ ଜାତୀୟ ଶିଶୁ ଅଧିକାରୀ ସୁରକ୍ଷା ଆୟୋଗ (ଏନ୍‌ସିପିସିଆର୍) ଦାଖଲ କରିଥିବା ଏକ ଆବେଦନକୁ ସୁପ୍ରିମକୋର୍ଟ ମଙ୍ଗଳବାର ଖାରଜ କରିଦେଇଛନ୍ତି। ଜଣେ ୨୧ ବର୍ଷୀୟ ମୁସଲମାନ ଯୁବକ ଜଣେ ୧୬ ବର୍ଷୀୟା ବାଳିକାଙ୍କୁ ପ୍ରେମ ବିବାହ କରିଥିବାବେଳେ ମୁସ୍‌ଲିମ୍ ପର୍ସନାଲ ଲ'ର ବ୍ୟବସ୍ଥା ଅନୁଯାୟୀ ପଞ୍ଜାବ ଓ ହରିୟାଣା ହାଇକୋର୍ଟ ଏହାକୁ ବୈଧ ଘୋଷଣା କରିଥିଲେ। ବାଳିକା କୁମାରିତ୍ୱ ପ୍ରାପ୍ତହେଲେ କିମ୍ବା ଅନ୍ୟୂନ ୧୫ ବର୍ଷ ବୟସର ହେଲେ ମୁସ୍‌ଲିମ୍ ଆଇନ ଅନୁଯାୟୀ ତାଙ୍କ ବିବାହ ବୈଧ ହୋଇପାରିବ ବୋଲି ହାଇକୋର୍ଟ କହିଥିଲେ। ହାଇକୋର୍ଟଙ୍କ ଉକ୍ତ ରାୟକୁ ଏନ୍‌ସିପିସିଆର୍ ଏବଂ ଜାତୀୟ ମହିଳା କମିଶନ ଚ୍ୟାଲେଞ୍ଜ କରିଥିଲେ। ଉଭୟ ପିଟିଶନକୁ ସର୍ବୋଚ୍ଚ ଅଦାଲତ ଖାରଜ କରିଦେଇଛନ୍ତି। କମିଶନ ମାମଲାର ପକ୍ଷ ଥାଇ ପିଟିଶନ ଦାଖଲ କରିବାକୁ ନେଇ ଜଷ୍ଟିସ୍ ବି.ଭି. ନାଗରତ୍ନା ଏବଂ ଆର୍. ମହାଦେବନଙ୍କ ଖଣ୍ଡପୀଠ ପ୍ରଶ୍ନ ଉଠାଇଥିଲେ। ଉଭୟଙ୍କ ସହମତିରେ ବିବାହ କରିଛନ୍ତି। ସମାଜର ବାସ୍ତବତାକୁ ଆମକୁ ଧ୍ୟାନରେ ରଖିବାକୁ ହେବ। ଏବେ ପୁଅଝିଅ ଏକାଠି ପାଠ ପଢୁଛନ୍ତି। ପ୍ରତ୍ୟେକଙ୍କର ଶିକ୍ଷାଗ୍ରହଣ ଅଧିକାର ରହିଛି। ଏବେ ସେମାନେ ପରସ୍ପର ପାଇଁ ଭାବନା ବିକଶିତ କରୁଛନ୍ତି। ପ୍ରେମ କରିବାକୁ ଅପରାଧ କୁହାଯାଇପାରିବ କି ବୋଲି ଖଣ୍ଡପୀଠ ପ୍ରଶ୍ନ କରିଥିଲେ। ଯଦି ହାଇକୋର୍ଟ ପିଲାଙ୍କୁ ସୁରକ୍ଷା ଦିଅନ୍ତି, ତେବେ ଏହାର ରାୟକୁ ଏନ୍‌ସିପିସିଆର୍ କିପରି ଚ୍ୟାଲେଞ୍ଜ କରିବ ବୋଲି ଜଷ୍ଟିସ୍ ନାଗରତ୍ନା କହିଥିଲେ।

# ବ୍ରିଟେନରେ ୨ ଶିଖ୍‌ଙ୍କୁ ଆକ୍ରମଣ

ଲଣ୍ଡନ, ୧୯।୮

ବ୍ରିଟେନ୍‌ରେ ଗତ ୧୫ ତାରିଖରେ ୨ ଜଣ ବୟସ୍କ ଶିଖ୍ ବ୍ୟକ୍ତିଙ୍କୁ ୩ ଜଣ କିଶୋର ଆକ୍ରମଣ କରିଛନ୍ତି। ୱେଲ୍‌ଭହାମ୍ପଟନ ରେଲୱେ ଷ୍ଟେଶନ ବାହାରେ ୩ ଜଣ ଆକ୍ରମଣକାରୀ ୨ ଜଣ ଶିଖ୍ ବ୍ୟକ୍ତିଙ୍କୁ ବିରୋଧରେ ବର୍ଣ୍ଣ ବିଦ୍ୱେଷ ମନ୍ତବ୍ୟ ଦେଇ ତାଙ୍କୁ ଗୋଇଠା ମାଡ଼ ମାରିଥିଲେ। ଏହାସହ ସେମାନେ ଉଭୟ ଶିଖ୍ ବ୍ୟକ୍ତିଙ୍କ ମୁଣ୍ଡରୁ ପଗଡ଼ି କାଢ଼ି ଦେଇଥିଲେ। ଏହାର ଏକ ଭିଡିଓ ଭାଇରାଲ ହେବାରେ ଲାଗିଛି। ଘଟଣାକୁ ନେଇ ପୋଲିସ ୩ ଅଭିଯୁକ୍ତଙ୍କୁ ଗିରଫ କରିଥିବାବେଳେ ପରେ ସେମାନଙ୍କୁ ଜାମିନ ମିଳିଥିଲା। ଘଟଣା ସମ୍ପର୍କରେ ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ବ୍ରିଟେନ୍ ସରକାରଙ୍କ ସହ ଆଲୋଚନା କରନ୍ତୁ ବୋଲି ମଙ୍ଗଳବାର ଶିରୋମଣି ଅକାଳୀ ଦଳ (ଏସ୍‌ଏଡି) ମୁଖ୍ୟ ସୁଖବୀର ସିଂ ବାଦଲ ଦାବି କରିଛନ୍ତି।

# ଜାଲ୍ ଠିକଣାରେ ୮୦ ହଜାର ଭୋଟର ପଞ୍ଜୀକୃତ

ପାଟନା, ୧୯।୮

ବିହାରରେ ନିର୍ବାଚନ କମିଶନ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍)ର ପ୍ରଥମ ପର୍ଯ୍ୟାୟ ଶେଷ କରିଥିବାବେଳେ ୩ଟି ବିଧାନସଭା ନିର୍ବାଚନ ମଣ୍ଡଳୀରେ ୮୦,୦୦୦ ଭୋଟର ଜାଲ୍ ବା ଭୁଲ୍ ଠିକଣାରେ ପଞ୍ଜୀକୃତ ହୋଇଥିବା ଏକ ରିପୋର୍ଟରୁ ଜଣାପଡ଼ିଛି। ଅନ୍ତର୍ଜାତୀୟ ସାମ୍ବାଦିକମାନଙ୍କ ଏକ ସଂଗଠନ ଦି ରିପୋର୍ଟର୍ସ କଲେକ୍ଟିଭ୍ ପକ୍ଷରୁ ରବିବାର ଏହି ଅନୁସନ୍ଧାନମୂଳକ ରିପୋର୍ଟ ପ୍ରକାଶ ପାଇଛି। ଅଗଷ୍ଟ ୧ରେ ନିର୍ବାଚନ କମିଶନ ପ୍ରକାଶ କରିଥିବା ଚିଠା ଭୋଟର ତାଲିକା ଅନୁଯାୟୀ, ପିପ୍ରା, ବଗହା ଏବଂ ମୋତିହାରି ବିଧାନସଭା ନିର୍ବାଚନ କ୍ଷେତ୍ରରେ ୩,୫୯୦ଟି ଜାଲ୍ ପଞ୍ଜୀକରଣ ହୋଇଛି। ଗୋଟିଏ ଠିକଣାରେ ଅନେକ ଲୋକ ନିଜ ନାଁ ପଞ୍ଜୀକୃତ କରିଛନ୍ତି। ପଞ୍ଜୀକରଣ ବେଳେ ଏପରି କେତେକ ଘର ନମ୍ବର, ଗାଁ ଓ ୱାର୍ଡ ନାମ ଦିଆଯାଇଛି, ଯାହା ବାସ୍ତବରେ ନାହିଁ। ୨୦୦୩ ଭୋଟର ତାଲିକାରେ ଠିକ୍ ଠିକଣା ଦେଇ ପଞ୍ଜୀକରଣ କରିଥିବା କେତେଜଣ ଭୋଟର ଏଥର ସେଥିରେ ପରିବର୍ତ୍ତନ କରି ତ୍ରୁଟି କରିଛନ୍ତି। ଏଭଳି ଅନେକ ଘଟଣା ସାମ୍ନାକୁ ଆସିଥିବା ରିପୋର୍ଟରେ କୁହାଯାଇଛି।

ଦିଲ୍ଲୀରେ ଆଜି



ଇଣ୍ଡିଆ ବ୍ଲକ୍‌ର ଉପରାଷ୍ଟ୍ରପତି ପ୍ରାର୍ଥୀ ଜଷ୍ଟିସ୍ ବି. ସୁଦର୍ଶନ ରେଡ୍ଡୀଙ୍କ ସହ କଂଗ୍ରେସ ଅଧକ୍ଷ ମଲ୍ଲିକାର୍ଜୁନ ଖାର୍ଗେ, କେ.ସି. ବେଣୁଗୋପାଳ, ଏନ୍‌ସିପି (ଏସ୍‌ପି) ଅଧକ୍ଷ ଶରଦ ପାୱାର, ଡିଏମ୍‌କେ ନେତ୍ରୀ କାନିମୋଝି ଓ ଅନ୍ୟ ନେତୃବୃନ୍ଦ । (ଫଟୋ-ଚମନ ଗୌତମ)

# ସାମ୍ବିଧାନିକ ଅଦାଲତରେ ୧୬ ବର୍ଷ ବିଚାରପତି ଥିଲେ ସୁଦର୍ଶନ ରେଡ୍ଡୀ

ନୂଆଦିଲ୍ଲୀ, ୧୯।୮ (ପି.ଟି.)

ଇଣ୍ଡିଆ ବ୍ଲକ୍‌ର ଉପରାଷ୍ଟ୍ରପତି ପ୍ରାର୍ଥୀ ହୋଇଥିବା ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ବି. ସୁଦର୍ଶନ ରେଡ୍ଡୀ ୧୬ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଦେଶର ସାମ୍ବିଧାନିକ ଅଦାଲତଗୁଡ଼ିକରେ କାର୍ଯ୍ୟ କରିଛନ୍ତି। ୧୯୪୬ ଜୁଲାଇ ୮ରେ ଜନ୍ମିତ ଜଷ୍ଟିସ୍ ରେଡ୍ଡୀ ୧୯୯୫ ମେ' ୨ରେ ଆନ୍ଧ୍ରପ୍ରଦେଶ ହାଇକୋର୍ଟର ସ୍ଥାୟୀ ବିଚାରପତି ନିଯୁକ୍ତ ହୋଇଥିଲେ। ୨୦୦୫ ଡିସେମ୍ବର ୫ରେ ସେ ଗୁଆହାଟୀ ହାଇକୋର୍ଟର ମୁଖ୍ୟ ବିଚାରପତି ହୋଇଥିଲେ। ସେ ୨୦୦୭ ଜାନୁଆରୀ ୧୨ରେ ସୁପ୍ରିମକୋର୍ଟର ବିଚାରପତି ହୋଇ ୨୦୧୧ ଜୁଲାଇ ୮ରେ ଅବସର ନେଇଥିଲେ।

ଜଷ୍ଟିସ୍ ରେଡ୍ଡୀ ୧୯୭୧ ଡିସେମ୍ବର ୨୭ରେ ଆନ୍ଧ୍ରପ୍ରଦେଶ ବାର୍ କାଉନ୍‌ସିଲ୍‌ରେ ଜଣେ ଆଇନଜୀବୀ ଭାବେ ନିଜକୁ ପଞ୍ଜୀକୃତ କରିଥିଲେ। ଆନ୍ଧ୍ରପ୍ରଦେଶ ହାଇକୋର୍ଟରେ ସେ ରିଟ୍ ଏବଂ ସିଭିଲ୍ ମାମଲା ଲଢୁଥିଲେ। ୧୯୮୮ରୁ ୧୯୯୦ ପର୍ଯ୍ୟନ୍ତ ସେ ହାଇକୋର୍ଟରେ ସରକାରୀ ଓକିଲ ଭାବେ କାର୍ଯ୍ୟ କରିବା ପରେ ୬ ମାସ କେନ୍ଦ୍ର ସରକାରଙ୍କ ପାଇଁ ଅତିରିକ୍ତ ସ୍ଥାୟୀ ଓକିଲ ଭାବେ କାର୍ଯ୍ୟ କରିଥିଲେ। ଓସ୍‌ମାନିଆ ୟୁନିଭର୍ସିଟିର ଆଇନ ପରାମର୍ଶଦାତା ଓ ସ୍ଥାୟୀ ଓକିଲ ମଧ୍ୟ ରହିଥିଲେ। ୨୦୧୩ ମାର୍ଚ୍ଚରେ ଜଷ୍ଟିସ୍ ରେଡ୍ଡୀ ଗୋଆର ପ୍ରଥମ ଲୋକାୟୁକ୍ତ ନିଯୁକ୍ତ ହୋଇଥିଲେ ଓ ୭ ମାସ ପରେ ବ୍ୟକ୍ତିଗତ କାରଣ ଦର୍ଶାଇ ଇସ୍ତଫା ଦେଇଥିଲେ। ହାଇଦ୍ରାବାଦସ୍ଥିତ ଇଣ୍ଟରନ୍ୟାଶନାଲ ଆର୍ବିଟ୍ରେଶନ ଆଣ୍ଡ୍ ମିଡିଏଶନ ସେଣ୍ଟରର ବୋର୍ଡ ଅଫ୍ ଟ୍ରଷ୍ଟିରେ ସେ ରହିଥିଲେ।

# ବିହାରରେ ଭୋଟ ଚୋରି ହେବାକୁ ଦେବୁନି: ରାହୁଲ

ନୱାଦା, ୧୯।୮ (ପି.ଟି.)

'ଭୋଟ ଚୋରି' ପାଇଁ ନିର୍ବାଚନ କମିଶନ ଏବଂ ଭାଜପା ମଧ୍ୟରେ ଭାଗୀଦାରି ଚାଲିଥିବା କଂଗ୍ରେସ ନେତା ରାହୁଲ ଗାନ୍ଧୀ ମଙ୍ଗଳବାର ଅଭିଯୋଗ କରିଛନ୍ତି। ତେବେ ବିହାରରେ ଗୋଟିଏ ବି ଭୋଟ ଚୋରି ହେବାକୁ ମହାମେଣ୍ଟ ଅନୁମତି ଦେବ ନାହିଁ ବୋଲି ସେ ଦୃଢ଼ୋକ୍ତି କରିଛନ୍ତି। ବିହାରରେ ଭୋଟର ଅଧିକାର ଯାତ୍ରାର ତୃତୀୟ ଦିନରେ ଭଗତସିଂ ଚୌକରେ ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଉଦ୍‌ବୋଧନ ଦେଇ କହିଥିଲେ, ସମ୍ବିଧାନ ଲୋକମାନଙ୍କୁ ଭୋଟ ଅଧିକାର ଦେଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଏବଂ ନିର୍ବାଚନ କମିଶନର ତାହାକୁ ଲୋକଙ୍କଠାରୁ ଛଡ଼ାଇ ନେଉଛନ୍ତି। ଏଠାରେ ଉପସ୍ଥିତ ଆର୍‌ଜେଡି ନେତା ତେଜସ୍ୱୀ ଯାଦବ ଓ ମହାମେଣ୍ଟର ଅନ୍ୟ ନେତାମାନଙ୍କ ସହ ମୁଁ କହିବାକୁ ଚାହେଁ, ରାଜ୍ୟରୁ ଗୋଟିଏ ବି ଭୋଟ ଚୋରି ହେବାକୁ ଦିଆଯିବ ନାହିଁ। ହରିୟାଣା, ମହାରାଷ୍ଟ୍ର ଏବଂ ମଧ୍ୟପ୍ରଦେଶ ନିର୍ବାଚନରେ ମଧ୍ୟ ଇସି, ଭାଜପା ମିଶି ଭୋଟ ଚୋରି କରିଥିବା ସେ ଅଭିଯୋଗ କରିଛନ୍ତି।

ମହାରାଷ୍ଟ୍ରରେ ଲୋକ ସଭା ଏବଂ ବିଧାନସଭା ନିର୍ବାଚନ ମଧ୍ୟବର୍ତ୍ତୀ ସମୟରେ ୧ କୋଟି ଭୋଟରଙ୍କୁ ଯୋଡ଼ାଯାଇଥିଲା। ମେଶିନ୍ ପଠନଯୋଗ୍ୟ ଭୋଟର ତାଲିକା ଏବଂ ସିସିଟିଭି ଫୁଟେଜ୍ ଯୋଗାଇଦେବାକୁ କଂଗ୍ରେସ କହିଆସୁଥିବାବେଳେ ଇସି ଏହା ଦେବା ପାଇଁ ମନା କରିଦେଇଛନ୍ତି। ଏବେ ବିହାରରେ ଭୋଟର ତାଲିକାର ସ୍ୱତନ୍ତ୍ର ସଂଶୋଧନ ଜରିଆରେ ନୂଆ ଢଙ୍ଗରେ ଭୋଟ ଚୋରି ହେଉଥିବା ରାହୁଲ କହିଛନ୍ତି। ପ୍ରଥମେ ଭୋଟର କାର୍ଡ ଚାଲିଯିବ, ତା ପରେ ଆପଣମାନଙ୍କ ରାଶନ କାର୍ଡ ଯିବ ଓ ଶେଷରେ ଆପଣମାନଙ୍କ ଜମି ଆଦାନୀ, ଅମ୍ବାନୀଙ୍କ ହାତକୁ ଚାଲିଯିବ ବୋଲି ରାହୁଲ ଅଭିଯୋଗ କରିଛନ୍ତି। ଦେଶ କୃଷକ, ଶ୍ରମିକ, କ୍ଷୁଦ୍ର ବ୍ୟବସାୟୀ ଓ ଯୁବବର୍ଗଙ୍କର, ଏହା ଅଳ୍ପ ଆଦାନୀ, ଅମ୍ବାନୀଙ୍କ ଭଳି ଅଳ୍ପ କେତେଜଣ ଧନୀଙ୍କର ନୁହେଁ। ଭୁଲ୍ ଆଇନ, ଜିଏସ୍‌ଟି, ବିମୁଦ୍ରୀକରଣର ଲକ୍ଷ୍ୟ କେବଳ ଅଳ୍ପସଂଖ୍ୟକ ବିଲିୟନେୟାରଙ୍କୁ ଲାଭ ଦେବା। ଆପଣମାନେ ଟଙ୍କା ଓ ସମ୍ବଳ ଦେଉଛନ୍ତି, ହେଲେ ଏହା ବଦଳରେ ଦେଶ ନିଯୁକ୍ତି ଦେଇପାରୁନାହିଁ। ଏହାକୁ ବଦଳାଇବାକୁ ହେବ। ସେଥିପାଇଁ ଆମେ ଭୋଟର ଅଧିକାର ଯାତ୍ରା ଆରମ୍ଭ କରିଛୁ ବୋଲି ରାହୁଲ କହିଛନ୍ତି।



ଭୋଟର ଅଧିକାର ଯାତ୍ରାରେ ରାହୁଲ ଗାନ୍ଧୀଙ୍କ ସହ ତେଜସ୍ୱୀ ଯାଦବ ଓ ଅନ୍ୟମାନେ।

## ଲୋକ ସଭା ନିର୍ବାଚନ ପରେ ରାହୁଲ ପ୍ରଧାନମନ୍ତ୍ରୀ ହେବେ: ତେଜସ୍ୱୀ

ପାଟନା, ୧୯।୮ (ପି.ଟି.)

ଆଗାମୀ ଲୋକ ସଭା ନିର୍ବାଚନ ପରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ପ୍ରଧାନମନ୍ତ୍ରୀ ହେବେ ବୋଲି ଆର୍‌ଜେଡି ନେତା ତେଜସ୍ୱୀ ଯାଦବ ମଙ୍ଗଳବାର କହିଛନ୍ତି। ଆଗାମୀ କିଛି ମାସରେ ବିହାରରେ ହେବାକୁ ଥିବା ବିଧାନସଭା ନିର୍ବାଚନରେ ଏନ୍‌ଡିଏର ମୂଳୋତ୍ପାଟନ କରିବାକୁ ସେ ନୱାଦାରେ ଅନୁଷ୍ଠିତ ଭୋଟର ଅଧିକାର ରାଲିରେ ଯୁବବର୍ଗଙ୍କୁ ଆହ୍ୱାନ ଦେଇଛନ୍ତି। ସେ କହିଛନ୍ତି, ରାହୁଲ ଏକମାତ୍ର ନେତା, ଯିଏ ରାଜ୍ୟବ୍ୟାପୀ ଯାତ୍ରା ବାହାର କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ରାତିରେ ଶୋଇବାକୁ ଦେଉନାହାନ୍ତି। ଆଗାମୀ ନିର୍ବାଚନରେ ଏନ୍‌ଡିଏକୁ ଆମେ ଉପାଡ଼ି ଫିଙ୍ଗିଦେବୁ ଏବଂ ଆଗାମୀ ଲୋକ ସଭା ନିର୍ବାଚନରେ ଆମେ ରାହୁଲଙ୍କୁ ପ୍ରଧାନମନ୍ତ୍ରୀ କରିବୁ ବୋଲି ତେଜସ୍ୱୀ କହିବାବେଳେ ଉପସ୍ଥିତ ଲୋକେ ଉତ୍ସାହିତ କରିଥିଲେ।

## ନାଁ କଟିଥିଲେ ଆଧାର ସହ ଆବେଦନ କର: ବିହାର ସିଇଓ

ପାଟନା, ୧୯।୮

ବିହାର ଭୋଟର ତାଲିକା ସ୍ୱତନ୍ତ୍ର ସଂଶୋଧନର ପ୍ରଥମ ପର୍ଯ୍ୟାୟ ଶେଷ ହେବା ପରେ ୬୫ ଲକ୍ଷରୁ ଊର୍ଦ୍ଧ୍ୱ ବାଦ୍ ପଡ଼ିଥିବା ନାମକୁ ନିର୍ବାଚନ କମିଶନ ପ୍ରକାଶ କରିଥିଲେ। ସେମାନେ ଆଧାର କାର୍ଡ ବ୍ୟବହାର କରି ଭୋଟର ତାଲିକାରେ ପଞ୍ଜୀକୃତ ହେବା ପାଇଁ ଆବେଦନ କରିପାରିବେ ବୋଲି ବିହାର ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ) ବିନୋଦ ସିଂ ଗୁଞ୍ଜିୟାଲ ଏକ ବିଜ୍ଞପ୍ତି ଜାରି କରି କହିଛନ୍ତି। ଚିଠା ତାଲିକାରୁ ନାଁ କଟିଥିଲେ ଏହାକୁ ଚ୍ୟାଲେଞ୍ଜ କରିବା ପାଇଁ ଆଧାରକୁ ପ୍ରମାଣ ଭାବେ ଗ୍ରହଣ କରିବାକୁ ସୁପ୍ରିମକୋର୍ଟ ଅନ୍ତରୀଣ ନିର୍ଦ୍ଦେଶନାମାରେ ନିର୍ବାଚନ କମିଶନଙ୍କୁ କହିଥିଲେ। ନାଁ କଟିଥିବା ଲୋକଙ୍କ ତାଲିକା ସମସ୍ତ ବ୍ଲକ୍ ଅଫିସ୍, ପଞ୍ଚାୟତ କାର୍ଯ୍ୟାଳୟ ମ୍ୟୁନିସିପାଲିଟି କାର୍ଯ୍ୟାଳୟରେ ପ୍ରଦର୍ଶିତ ହୋଇଛି। ଭୋଟର ପରିଚୟପତ୍ର ନମ୍ବର ଜରିଆରେ ଲୋକମାନେ ନାଁ କଟିବାର କାରଣ ଜାଣିପାରିବେ। ତଦନୁଯାୟୀ ଆଧାର କାର୍ଡ ସହ ଆବେଦନ କରିବାକୁ ସିଇଓ କହିଛନ୍ତି।

# ଭାରତକୁ ସାର, ବିରଳ ମୃତ୍ତିକା ଯୋଗାଇବ ଚାଇନା

### ସୀମା ଶାନ୍ତ ରହିଛି: ଡୋଭାଲ



ଚାଇନା ବହିର୍ବ୍ୟାପାର ମନ୍ତ୍ରୀ ୱାଙ୍ଗ୍ ୟିଙ୍କ ସହ ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ।

ନୂଆଦିଲ୍ଲୀ, ୧୯।୮ (ପି.ଟି.)

ଭାରତକୁ ସାର ଏବଂ ବିରଳ ମୃତ୍ତିକା ଖଣିଜ ଯୋଗାଇବାରେ ରହିଥିବା କଟକଣା କୋହଳ କରିବାକୁ ଚାଇନା ରାଜି ହୋଇଛି। ନୂଆଦିଲ୍ଲୀ ଗସ୍ତରେ ଆସିଥିବା ଚାଇନା ବହିର୍ବ୍ୟାପାର ମନ୍ତ୍ରୀ ୱାଙ୍ଗ୍ ୟି ତାଙ୍କ ଭାରତୀୟ ପ୍ରତିପକ୍ଷ ଏସ୍. ଜୟଶଙ୍କରଙ୍କୁ ଏହା ଜଣାଇଛନ୍ତି। ସାର, ବିରଳ ମୃତ୍ତିକା ଏବଂ ଟନେଲ୍‌ଖୋଳା ମେଶିନ୍ ସମସ୍ୟାର ସମାଧାନ ପାଇଁ ବେଜିଂ ପ୍ରତିଶ୍ରୁତିବଦ୍ଧ ବୋଲି ୱାଙ୍ଗ୍ କହିଛନ୍ତି।

ବିଦ୍ୟୁତ୍‌ଚାଳିତ ଯାନ, ଡ୍ରୋନ୍ ଏବଂ ବ୍ୟାଟେରି ଷ୍ଟୋରେଜ୍ ଭଳି ଅତ୍ୟାଧୁନିକ ବୈଷୟିକ ଉତ୍ପାଦ ପାଇଁ ବିରଳ ମୃତ୍ତିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଜାତୀୟ ସୁରକ୍ଷା ଉପଦେଷ୍ଟା (ଏନ୍‌ଏସ୍‌ଏ) ଅଜିତ ଡୋଭାଲ ମଙ୍ଗଳବାର ୱାଙ୍ଗ୍‌ଙ୍କ ସହ ସୀମା ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ପ୍ରକୃତ ନିୟନ୍ତ୍ରଣ ରେଖା ଶାନ୍ତ ରହିବା ସହ ୯ ମାସ ମଧ୍ୟରେ ଭାରତ-ଚାଇନା ସମ୍ପର୍କରେ ଉନ୍ନତି ଦେଖାଦେଇଥିବା ସେ କହିଛନ୍ତି। କିଛିବର୍ଷ ହେଲା ଭାରତ ଓ ଚାଇନା ମଧ୍ୟରେ ଦେଖାଦେଇଥିବା ସମସ୍ୟା କୌଣସି ଦେଶର ଲୋକଙ୍କ ସ୍ୱାର୍ଥରେ ନ ଥିଲା ବୋଲି ୱାଙ୍ଗ୍ କହିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସାଂଘାଇ, ସହଯୋଗ ସଂଗଠନ (ଏସ୍‌ସିଓ) ସମିଟ୍‌ରେ ଯୋଗଦେବା ପୂର୍ବରୁ ପ୍ରତିନିଧିସ୍ତରୀୟ ଆଲୋଚନା ଅନୁଷ୍ଠିତ ହୋଇଛି।

# ମହାରାଷ୍ଟ୍ରରେ ବର୍ଷା ବିତ୍ପାତ, ୨ ଦିନରେ ୮ ମୃତ

ମୁମ୍ବାଇ, ୧୯।୮

ମହାରାଷ୍ଟ୍ରର ବିଭିନ୍ନ ଜିଲାରେ ବର୍ଷା ବିତ୍ପାତ ଜାରି ରହିଛି। ରାଜ୍ୟରେ ଗତ ୨ ଦିନ ମଧ୍ୟରେ ଲଗାଣ ବର୍ଷାଜନିତ ବିଭିନ୍ନ କାରଣରୁ ୮ ଜଣଙ୍କର ମୃତ୍ୟୁ ଘଟିଥିବା ନେଇ ମହାରାଷ୍ଟ୍ର ବିପର୍ଯ୍ୟୟ ପରିଚାଳନା ବିଭାଗ ସୂଚନା ଦେଇଛି। ମଙ୍ଗଳବାର ସକାଳେ ରାଇଗଡ଼ ଜିଲା ମିଥେକର ଗ୍ରାମରେ ଲଗାଣ ବର୍ଷା ଯୋଗୁ ଭୂସ୍ଖଳନ ଘଟିବାରୁ ଜଣେ ୭୫ ବର୍ଷୀୟା ମହିଳାଙ୍କର ମୃତ୍ୟୁ ଘଟିଛି। ଘଟଣାସ୍ଥଳରେ ସ୍ଥାନୀୟ ତହସିଲଦାର ଓ ଉଦ୍ଧାରକାରୀ କର୍ମୀ ପହଞ୍ଚି ରେସ୍କ୍ୟୁ ଅପରେଶନ ଆରମ୍ଭ କରିଥିଲା। ଗ୍ରାମବାସୀଙ୍କୁ ତୁରନ୍ତ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଥିଲା। ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନବିସ୍ ମଙ୍ଗଳବାର ରାଜ୍ୟରେ ଲଗାଣ ବର୍ଷା ଓ ବନ୍ୟା ସ୍ଥିତି ସମୀକ୍ଷା କରିଛନ୍ତି। ରାଜ୍ୟର ମୁମ୍ବାଇ, ଠାଣେ, ରାୟଗଡ଼, ରତ୍ନଗିରି, ସିନ୍ଧୁଦୁର୍ଗ ଜିଲା ପାଇଁ ଆସନ୍ତା ୪୮ ଘଣ୍ଟା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ସେ କହିଛନ୍ତି। ତେଣୁ ଉକ୍ତ ସମସ୍ତ ଜିଲାରେ ହାଇଆଲର୍ଟ ଜାରି କରାଯାଇଛି। ନାନ୍ଦେଡ଼ ଜିଲାର ତଳି ଅଞ୍ଚଳରେ ପାଣି ଘେର ମଧ୍ୟରୁ ୨୯୦ ଜଣଙ୍କୁ ଉଦ୍ଧାର କରାଯାଇ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ଉଦ୍ଧାରକାର୍ଯ୍ୟରେ ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ବଳ (ଏସ୍‌ଡିଆର୍‌ଏଫ୍), ଜାତୀୟ ବିପର୍ଯ୍ୟୟ ପ୍ରଶମନ ବଳ (ଏନ୍‌ଡିଆର୍‌ଏଫ୍) ଏବଂ ସେନା ନିୟୋଜିତ ଥିବା ନେଇ ଫଡ୍‌ନବିସ୍ ସୂଚନା ଦେଇଛନ୍ତି।

ଅନ୍ୟପକ୍ଷେ, ମୁମ୍ବାଇରେ ଲଗାଣ ବର୍ଷା ମଧ୍ୟରେ ମଙ୍ଗଳବାର ସନ୍ଧ୍ୟାରେ ମୈସୁର କଲୋନି ଏବଂ ଭକ୍ତି ପାର୍କ ଷ୍ଟେଶନ ମଧ୍ୟରେ ଚେମ୍ବୁରଠାରେ ଏକ ଏଲିଭେଟେଡ ମନୋରେଲ୍ ହଠାତ୍ ବନ୍ଦ ହୋଇଯାଇଥିଲା। ଫଳରେ ଏଥିରେ ଯାତାୟାତ କରୁଥିବା ଶତାଧିକ ଯାତ୍ରୀ ଅନେକ ସମୟ ଧରି ଫସି ରହିଥିଲେ।

## ମୁମ୍ବାଇରେ ମନୋରେଲ୍ ସେବା ବାଧାପ୍ରାପ୍ତ



ମୁମ୍ବାଇର ଚେମ୍ବୁରଠାରେ ଅଟକି ରହିଥିବା ମନୋରେଲ୍।

ଲଗାଣ ବର୍ଷା ଯୋଗୁ ବିଦ୍ୟୁତ୍ ଯୋଗାଣ ବନ୍ଦ ହୋଇଯିବା କାରଣରୁ ମନୋରେଲ୍‌ଟି ଅଟକି ଯାଇଥିବା ନେଇ ସ୍ଥାନୀୟ ଅଧିକାରୀ କହିଛନ୍ତି। ଘଟଣାସ୍ଥଳରେ ବ୍ରିହନ୍‌ମୁମ୍ବାଇ ମ୍ୟୁନିସିପାଲ କର୍ପୋରେଶନ (ବିଏମ୍‌ସି) ଏବଂ ଅଗ୍ନିଶମ ବାହିନୀର କର୍ମୀ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। କ୍ରେନ୍ ବ୍ୟବହାର କରାଯାଇ ଉକ୍ତ ମନୋରେଲ୍‌ରେ ଥିବା ଯାତ୍ରୀମାନଙ୍କୁ ରେସ୍କ୍ୟୁ କରାଯାଇଥିଲା।

## ଫୁର୍‌ସତ୍

# ୮ ବର୍ଷ ଧରି ଛାତି ଭିତରେ ଥିଲା ଛୁରି

ଡୋଡୋମା

ଆଫ୍ରିକୀୟ ଦେଶ ତାଞ୍ଜାନିଆରେ ଜଣେ ୪୪ ବର୍ଷୀୟ ବ୍ୟକ୍ତିଙ୍କ ଛାତି ଭିତରେ ୮ ବର୍ଷ ଧରି ଏକ ଛୁରି ଫସି ରହିଥିଲା। ନ୍ୟାଶନାଲ ଲାଇବ୍ରେରି ଅଫ୍ ମେଡିଶିନ ଜର୍ନାଲରେ ପ୍ରକାଶିତ ରିପୋର୍ଟ ଅନୁଯାୟୀ, କିଛିଦିନ ତଳେ ବ୍ୟକ୍ତିଙ୍କ ଛାତିରେ ଯନ୍ତ୍ରଣା ହେବାରୁ ସେ ଡାକ୍ତରଙ୍କର ପରାମର୍ଶ ନେଇଥିଲେ। ୮ ବର୍ଷ ତଳେ ତାଙ୍କର ଜଣେ ବ୍ୟକ୍ତିଙ୍କ ସହ ହିଂସାତ୍ମକ ଝଗଡ଼ା ହୋଇଥିଲା। ସେହି ସମୟରେ ତାଙ୍କ ମୁହଁ, ପିଠି, ଛାତି ଏବଂ ପେଟରେ ଗମ୍ଭୀର ଆଘାତ ଲାଗିଥିଲା। ସେତେବେଳେ ଡାକ୍ତରମାନେ ତାଙ୍କ କ୍ଷତଗୁଡ଼ିକୁ ଠିକ୍ କରିଦେଇଥିଲେ। ଏହାପରଠାରୁ ତାଙ୍କୁ କୌଣସି ଯନ୍ତ୍ରଣା ଅନୁଭୂତ ହୋଇ ନ ଥିଲା। ତେବେ ୧୦ ଦିନ ହେବ ତାଙ୍କ ଛାତି ଯନ୍ତ୍ରଣା ହେବା ଆରମ୍ଭ ହୋଇଛି। ଛାତି ଯନ୍ତ୍ରଣାର ପ୍ରକୃତ କାରଣ ବୁଝି ନ ପାରି ଡାକ୍ତର ପୀଡ଼ିତ ବ୍ୟକ୍ତିଙ୍କର ଏକ୍ସ-ରେ କରାଇଥିଲେ। ତାଙ୍କ ଛାତି ଭିତରେ ଏକ ବିଶାଳ ଛୁରି ରହିଥିବା ଏକ୍ସ-ରେରୁ ଜଣାପଡ଼ିଥିଲା। ୮ ବର୍ଷ ତଳେ ହୋଇଥିବା ଆକ୍ରମଣ ସମୟରେ ଉକ୍ତ ବ୍ଲେଡ୍ ପୀଡ଼ିତ ବ୍ୟକ୍ତିଙ୍କ ଛାତିରେ ରହି ଯାଇଥିଲା। ତେବେ ସେବେଠାରୁ ପ୍ରାୟ ୮ ବର୍ଷ ପର୍ଯ୍ୟନ୍ତ ଉକ୍ତ ବ୍ୟକ୍ତିଙ୍କ ଛାତିରେ କୌଣସି ଯନ୍ତ୍ରଣା ଅନୁଭବ ହୋଇ ନ ଥିଲା, ଯାହା ଡାକ୍ତରଙ୍କୁ ଆଶ୍ଚର୍ଯ୍ୟ କରିଥିଲା। ତାଞ୍ଜାନିଆର ମୁହିମବିଲି ୟୁନିଭର୍ସିଟି ଅଫ୍ ହେଲଥ୍ ଆଣ୍ଡ୍ ଆଲାଏଡ ସାଇନ୍ସେସ୍ ହସ୍ପିଟାଲରେ ପୀଡ଼ିତ ବ୍ୟକ୍ତିଙ୍କର ଅସ୍ତ୍ରୋପଚାର ହୋଇଥିଲା। ଡାକ୍ତର ତାଙ୍କ ଛାତି ଭିତରୁ ଛୁରିଟିକୁ ସଫଳତାପୂର୍ବକ ବାହାର କରିଥିଲେ। ତାଙ୍କୁ ପ୍ରଥମେ ୨୪ ଘଣ୍ଟା ପର୍ଯ୍ୟନ୍ତ ଇଣ୍ଟେନ୍‌ସିଭ୍ କେୟାର ୟୁନିଟ୍(ଆଇସିୟୁ)ରେ ଓ ପରେ ୧୦ ଦିନ ପର୍ଯ୍ୟନ୍ତ ହସ୍ପିଟାଲର ସାଧାରଣ ୱାର୍ଡରେ ଚିକିତ୍ସା କରାଯାଇଥିଲା। ଏହାପରେ ତାଙ୍କୁ ହସ୍ପିଟାଲରୁ ଡିସ୍‌ଚାର୍ଜ କରାଯାଇଥିଲା।



# 'ଥାମା'ରେ ଆୟୁଷ୍ମାନ-ରଶ୍ମିକା ରୋମାନ୍ସ

## ଟିଜର ଆଉଟ

ମୁମ୍ବାଇ

ଚଳିତ ବର୍ଷର ଅନ୍ୟତମ ପ୍ରତୀକ୍ଷିତ ଫିଲ୍ମ 'ଥାମା'ର ଟିଜରକୁ ମଙ୍ଗଳବାର ଜାରି କରାଯାଇଛି। ଆଦିତ୍ୟ ସରପୋତ୍‌ଦାରଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମର ମୁଖ୍ୟ ଭୂମିକାରେ ଅଭିନେତା ଆୟୁଷ୍ମାନ ଖୁରାନା ଓ ଅଭିନେତ୍ରୀ ରଶ୍ମିକା ମନ୍ଦାନା ରହିଛନ୍ତି। ସେହିପରି ଫିଲ୍ମରେ ଅଭିନେତା ପରେଶ ରାୱଲ ଏବଂ ନୱାଜୁଦ୍ଦିନ ସିଦ୍ଦିକୀ ମଧ୍ୟ ନଜରକୁ ଆସିବେ। ସୋସିଆଲ ମିଡିଆରେ 'ଥାମା'ର ଟିଜରକୁ ଦର୍ଶକ ବେଶ୍ ପସନ୍ଦ କରିଛନ୍ତି। ଆୟୁଷ୍ମାନଙ୍କ ଏକ ଇମୋଶ୍‌ନାଲ ଭଏସ୍ ଓଭରରୁ ୧ ମିନିଟ୍ ୪୯ ସେକେଣ୍ଡ ବିଶିଷ୍ଟ ଏହି ଟିଜର ଆରମ୍ଭ ହେଉଛି ଯେଉଁଥିରେ ସେ କହୁଛନ୍ତି, ତୁମେ ମୋ ବିନା ୧୦୦ ବର୍ଷ ବଞ୍ଚିପାରିବ କି। ଏହାର ଉତ୍ତରରେ ରଶ୍ମିକା କହୁଛନ୍ତି, ୧୦୦ ବର୍ଷ କ'ଣ ଗୋଟିଏ କ୍ଷଣ ବି ବଞ୍ଚିପାରିବିନି। ଟିଜରରେ ରଶ୍ମିକା ଓ ଆୟୁଷ୍ମାନ ରୋମାନ୍ସ କରୁଥିବାର ନଜରକୁ ଆସିଛନ୍ତି। ଏଥିରେ ଅନେକ ହରର୍ ଏବଂ ଆକ୍ସନ ଦୃଶ୍ୟ ମଧ୍ୟ ଦେଖିବାକୁ ମିଳିଛି। ଅକ୍ଟୋବର ୨୦ରେ ଦୀପାବଳି ଅବସରରେ 'ଥାମା' ଫିଲ୍ମ ରିଲିଜ୍ ହେବ। ପୂର୍ବରୁ ସୋମବାର ନିର୍ମାତାଙ୍କ ପକ୍ଷରୁ ଫିଲ୍ମରେ ଆୟୁଷ୍ମାନ, ରଶ୍ମିକା, ପରେଶ ଓ ନୱାଜୁଦ୍ଦିନଙ୍କ ଲୁକ୍ ଉପରୁ ପରଦା ଉଠାଯାଇଥିଲା।



ରଶ୍ମିକା ମନ୍ଦାନା

**୧୧୨ ଗ୍ରାମ୍ ବ୍ରାଉନସୁଗାର ଜବତ**

ଜଳେଶ୍ୱର,(ନବୀନ ସାହୁ): ବାଲେଶ୍ୱର ଜିଲା ଜଳେଶ୍ୱର ରେଲୱେ ଷ୍ଟେଶନ ନିକଟରେ ମଙ୍ଗଳବାର ସକାଳ ୮ଟା ବେଳେ ଜଣେ ଯୁବକ ଟ୍ରେନରେ ଯିବା ପାଇଁ ଅପେକ୍ଷା କରିଥିବା ବେଳେ ଜଳେଶ୍ୱର ସାଟେଲାଇଟ ବିଭାଗ ଅଧିକାରୀ ଲକ୍ଷେସାଧବ ପ୍ରଧାନ ସୂଚନା ପାଇ ତାଙ୍କୁ ଧରି ତାଙ୍କ ଠାରୁ ୧୧୨ ଗ୍ରାମ ବ୍ରାଉନସୁଗାର ଜବତ ହୋଇଛି। ଉକ୍ତ ଯୁବକଙ୍କ ଘର ଜଳେଶ୍ୱର ରାଜପୁର ଗ୍ରାମର। ଏ ନେଇ ମାମଲା (ନଂ.୧୦୮/୨୫-୨୬) ରୁଜୁ ହୋଇଛି। ଏହି ଚଢ଼ାଉ ବେଳେ ସାଟେଲାଇଟ ବିଭାଗ ତରଫରୁ ସଞ୍ଜୀବ ମୁଣ୍ଡା, ସଲେଇ ହେମ୍ବ୍ରମ୍, ବରୁଣ କୁମାର ନାହକ, ରାଜେଶ ସୂତାର ଓ ମଧୁସ୍ମିତା ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

# ହତ୍ୟାକରି ଆତ୍ମଗୋପନ କରିଥିବା ଯୁବକଙ୍କୁ ପୋଲିସର ଗୁଳିମାଡ଼

- ଯୁବକଙ୍କୁ ହତ୍ୟାକରି ଲୁଚିଥିଲେ
- ଧରିବାକୁ ଯିବାବେଳେ ପୋଲିସକୁ ଗୁଳି ଚଳାଇଥିଲେ

ସମ୍ବଲପୁର,୧୯।୮
(ପ୍ରମୋଦ ବହିଦାର)


ଭିମ୍‌ସାରରେ ଚିକିତ୍ସାଧୀନ ହତ୍ୟା ଅଭିଯୁକ୍ତ ମହମ୍ମଦ ସାମଦ।

ସମ୍ବଲପୁର ଜିଲା ଧନୁପାଲି ଥାନା ଅନ୍ତର୍ଗତ ମୋତିଝରଣ ଅଞ୍ଚଳରେ ଜଣେ ଯୁବକଙ୍କୁ ହତ୍ୟାକରି ଫେରାର ହେବାକୁ ଉଦ୍ୟମ କରୁଥିବା ଅଭିଯୁକ୍ତ ପୋଲିସ ଗୁଳିରେ ଗୁରୁତର ଆହତ ହୋଇଛନ୍ତି। ତାଙ୍କ ବାମ ଗୋଡ଼ରେ ଗୁଳି ବାଜିଛି। ଗୁରୁତର ଅବସ୍ଥାରେ ତାଙ୍କୁ ଭିମ୍‌ସାରରେ ଭର୍ତ୍ତିକରାଯାଇଛି। ସେ ହେଉଛନ୍ତି ମୋତିଝରଣର ମହମ୍ମଦ ସାମଦ(୪୨)। ତେବେ ହତ୍ୟାକାଣ୍ଡରେ ସମ୍ପୃକ୍ତ ଅନ୍ୟତମ ଅଭିଯୁକ୍ତ ମହମ୍ମଦ ସାମଦଙ୍କ ଭାଇ ମହମ୍ମଦ ୱାସିମ(୩୫) ଫେରାର ହୋଇଯାଇଛନ୍ତି। ଏ ସମ୍ପର୍କରେ ଜିଲା ପୋଲିସ ମୁଖ୍ୟାଳୟରେ ମଙ୍ଗଳବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଶ୍ରୀମନ୍ତ କୁମାର ବାରିକ ସୂଚନା ଦେଇଛନ୍ତି।

ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ବାରିକଙ୍କ ସୂଚନା ଅନୁସାରେ ଗାଡ଼ି ଚାଳକ ଭାବେ କାର୍ଯ୍ୟ କରୁଥିବା ମୋତିଝରଣର ଅସ୍‌ଫାକ ଖାନ୍(୩୦)ଙ୍କୁ ସୋମବାର ରାତିରେ ଧାରୁଆ ଅସ୍ତ୍ରରେ ଆକ୍ରମଣକରି ମହମ୍ମଦ ସାମଦ ଓ ମହମ୍ମଦ ୱାସିମ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଖବର ପାଇ ଧନୁପାଲି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅସ୍‌ଫାକଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଉଦ୍ଧାରକରି ଡାକ୍ତରଖାନା ନେଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତକଙ୍କ ଭାଇ ଜାବିଜ ଖାନଙ୍କ ଅଭିଯୋଗ ଆଧାରରେ ଧନୁପାଲି ଥାନାରେ ଭାରତୀୟ ନ୍ୟାୟ ସଂହିତାର ଦଫା ୧୦୩(୧), ୩(୫)ରେ ଏକ ମାମଲା (ନଂ. ୨୮୦/୨୫) ରୁଜୁକରି ପୋଲିସ ତଦନ୍ତ ଆରମ୍ଭ କରିଥିଲା। ଅଭିଯୁକ୍ତଙ୍କୁ ଧରିବା ପାଇଁ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ପୋଲିସ ତୁରନ୍ତ ଏକ ସ୍ୱତନ୍ତ୍ର ଦଳ ଗଠନକରି ସହରର ବିଭିନ୍ନ ରାସ୍ତା ସିଲ୍‌କରି ରାତିତମାମ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲା। ଗୋଇନ୍ଦା ସୂଚନା ଆଧାରରେ ମଙ୍ଗଳବାର ସକାଳେ ଖଣ୍ଡୁଆଳ ଗ୍ରାମ ନିକଟରେ ଲୁଚିଥିବା ସାମଦଙ୍କୁ ପୋଲିସ ଠାବ କରିଥିଲା। ପୋଲିସ ଆତ୍ମସମର୍ପଣ ପାଇଁ ଆହ୍ୱାନ ଦେଇଥିଲା। ହେଲେ ଅଭିଯୁକ୍ତ ପୋଲିସ ଉପରକୁ ୨ରାଉଣ୍ଡ ଗୁଳିଚାଳନା କରିଥିଲେ। ପୋଲିସ ପାଲଟା ଗୁଳି ଚାଳନା କରିଥିଲା। ସାମଦଙ୍କ ବାମ ଗୋଡ଼ରେ ଗୁଳି ବାଜିବା ପରେ ପୋଲିସ ତାଙ୍କୁ କାବୁକରିଥିଲା। ତାଙ୍କ ନିକଟରୁ ଏକ ୭.୬ ଏମ୍‌ଏମ୍ ପିସ୍ତଲ, ଗୋଟିଏ ଜୀବନ୍ତ ଗୁଳି, ୩ଟି ଖୋକା, ଗୋଟିଏ ମୋବାଇଲ୍ ଫୋନ ଓ ଫେରାର ହେବାକୁ ବ୍ୟବହାର କରିଥିବା ବାଇକ୍‌କୁ ପୋଲିସ ଜବତ କରିଛି। ଅଭିଯୁକ୍ତଙ୍କ ନାମରେ ଧନୁପାଲି ଥାନାରେ ପୃଥକ୍ ଭାବେ ଭାରତୀୟ ନ୍ୟାୟ ସଂହିତା ଦଫା ୧୩୨, ୨୨୪, ୧୦୯(୧) ଓ ୨୫(୧)(ବି)(ଏ), ୨୬ ଅସ୍ତ୍ରଶସ୍ତ୍ର ନିଷେଧ ଆଇନରେ ଆଉ ଏକ ମାମଲା(ନଂ. ୨୮୧/୨୫)ରୁଜୁ ହୋଇଛି। ଫେରାର ଅଭିଯୁକ୍ତଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି କହିଛନ୍ତି ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ବାରିକ। ଅଭିଯୁକ୍ତଙ୍କ ନାମରେ ବିଭିନ୍ନ ଥାନାରେ ୧୫ରୁ ଅଧିକ ଆପରାଧିକ ମାମଲା ରହିଛି। ସାମାନ୍ୟ ବଚସାରୁ ଅଭିଯୁକ୍ତମାନେ ଅସ୍‌ଫାକଙ୍କୁ ହତ୍ୟାକରିଛନ୍ତି ବୋଲି ସେ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ୨ବର୍ଷ ତଳେ ମୋତିଝରଣ ଅଞ୍ଚଳର ଜଣେ ନାବାଳିକାଙ୍କୁ ବଳାତ୍କାର ମାମଲାରେ ୩ ମାସ ତଳେ ସାମଦଙ୍କୁ ପୋଲିସ ଗିରଫ କରିଥିଲା। ଏହି ମାମଲାରେ ସେ ଜାମିନରେ ଆସିଥିବାବେଳେ ସୋମବାର ଜଣେ ଯୁବକଙ୍କୁ ହତ୍ୟା କରିଥିଲେ।

# ଅନରକିଲିଂ ନୁହେଁ, ଆତ୍ମଦାହ କରିଛନ୍ତି ସଙ୍ଗୀତା

## ପଟ୍ଟାମୁଣ୍ଡାଇ ଛାତ୍ରୀ ପୋଡ଼ି ମୃତ୍ୟୁ ଘଟଣା

କେନ୍ଦ୍ରାପଡ଼ା/ ପଟ୍ଟାମୁଣ୍ଡାଇ, ୧୯।୮
(ଜଗନ୍ନାଥ ଧଳ/କଳ୍ପତରୁ ନାୟକ)


ଖବରଦାତା ସମ୍ମିଳନୀରେ ଏସ୍‌ପି ସିଦ୍ଧାର୍ଥ କଟାରିଆ।

କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା କାଠିଆପଡ଼ା ଗ୍ରାମର ଯୁକ୍ତ ୩ ଛାତ୍ରୀ ସଙ୍ଗୀତା ପରିଡ଼ାଙ୍କୁ ଅନର କିଲିଂ କରାଯାଇନାହିଁ ବରଂ ସେ ଆତ୍ମଦାହ କରିଛନ୍ତି ବୋଲି ମଙ୍ଗଳବାର ଏସ୍‌ପି ସିଦ୍ଧାର୍ଥ କଟାରିଆ ସୂଚନା ଦେଇଛନ୍ତି। ଏଥିସହ ଛାତ୍ରୀ ମୃତ୍ୟୁର ପାରିପାର୍ଶ୍ୱିକ କାରଣ ଏବଂ ଏଥିରେ ଅନ୍ୟମାନଙ୍କ ସମ୍ପୃକ୍ତି ନେଇ ଏବେବି ତଦନ୍ତ ଜାରି ରହିଛି ବୋଲି ଏସ୍‌ପି କହିଛନ୍ତି।

ଏକ ଖବରଦାତା ସମ୍ମିଳନୀରେ ଏସ୍‌ପି କଟାରିଆ କହିଛନ୍ତି, ଇତିମଧ୍ୟରେ ସଙ୍ଗୀତାଙ୍କ ବ୍ୟବଚ୍ଛେଦ ରିପୋର୍ଟ, ଭିସେରା ଓ ଏଫ୍‌ଏସ୍‌ଏଲ୍ ରିପୋର୍ଟ ଆସିଛି। ଏଥିରେ ଅଗଷ୍ଟ ୬ତାରିଖ ସକାଳ ୮ରୁ ପୂର୍ବାହ୍ନ ୧୦ଟା ମଧ୍ୟରେ ସଙ୍ଗୀତା ପୋଡ଼ି ଯାଇଥିବା ଉଲ୍ଲେଖ ଅଛି। ମୃତଦେହ ଉଦ୍ଧାର ସମୟରେ ଶରୀର ୯୫ ପ୍ରତିଶତ ପୋଡ଼ି ଯାଇଥିଲା। ସଙ୍ଗୀତାଙ୍କ ବାପା ଶଶିକାନ୍ତ ଓ ମା’ ଦୁହେଁ ସକାଳ ପ୍ରାୟ ୭ଟା ୧୪ରେ ବାହାରକୁ ଯାଇଥିବା ଜବତ ସିସିଟିଭିରୁ ସୂଚନା ମିଳିଛି। ସେହିପରି ପୂର୍ବାହ୍ନ ୧୧ଟାରେ ସେମାନେ ଘରକୁ ଫେରିଛନ୍ତି। ଜବତ ହୋଇଥିବା ଫୋନ କଲ୍ ରେକର୍ଡ ଅନୁଯାୟୀ ସକାଳ ୭ଟା ୪୦ରୁ ୨୩ ମିନିଟ୍ ଧରି ସଙ୍ଗୀତା ଏହି ଥାନା ଅନ୍ତର୍ଗତ କିଳିକଣା ପଞ୍ଚାୟତ ତେରୋହୀ ଗ୍ରାମର ପୁରୁଷ ବନ୍ଧୁ ପ୍ରମୋଦ ବେହେରାଙ୍କ ସହ କଥା ହୋଇଛନ୍ତି। ପୁରୁଷ ବନ୍ଧୁ ପ୍ରମୋଦଙ୍କୁ ଗତ ୧୦ତାରିଖରେ ଗିରଫ କରାଯାଇଛି। ତାଙ୍କ ମୋବାଇଲରୁ ୨୦ଟି ଅଶ୍ଳୀଳ ମୁହୂର୍ତ୍ତର ଭିଡିଓ ବାହାରିଛି। ଏଥିସହିତ ଜୁଲାଇ ୧୭ରେ ଏପରି ଭିଡିଓ ସଙ୍ଗୀତାଙ୍କ ବାପାଙ୍କ ନିକଟକୁ ସେ ପଠାଇଛନ୍ତି। ଏହି ଭିଡିଓ ଅନ୍ୟ କେତେଜଣ ଲୋକଙ୍କୁ ଭାଇରାଲ ପାଇଁ ପଠାଯାଇଛି। ଯାହା ଏବେ ତଦନ୍ତ ପରିସରରେ ଥିବା ଏସ୍‌ପି ମତ ରଖିଛନ୍ତି। ଅପରପକ୍ଷରେ ଛାତ୍ରୀ ସଙ୍ଗୀତାଙ୍କ ମୃତ୍ୟୁ ସମ୍ପର୍କରେ କେତେକ ପ୍ରଶ୍ନ ସାଧାରଣରେ ଆଲୋଚନା ଜାରି ରହିଛି। ମୃତ୍ୟୁ ସମୟରେ ସିଡ଼ାର ବାହାରକୁ ନ ଆସିବା, ସଙ୍ଗୀତା ପେଟ୍ରୋଲ କେଉଁଠୁ ଆଣିଲେ, ପୁରୁଷ ବନ୍ଧୁ ପ୍ରମୋଦଙ୍କ ଫୋନ ସଙ୍ଗୀତାଙ୍କ ମୃତ୍ୟୁର କାରଣ ହେଲା କି ବୋଲି ଚର୍ଚ୍ଚା ହେଉଛି। ସେହିପରି ମୃତଦେହର ପ୍ରତ୍ୟକ୍ଷଦର୍ଶୀଙ୍କ ବୟାନ ଅନୁଯାୟୀ ମାତ୍ର ୨୦ପ୍ରତିଶତ ପୋଡ଼ିଥିବା ଶରୀର ରିପୋର୍ଟରେ ୯୫ ପ୍ରତିଶତ ହେଲା କିପରି, ଶରୀର ବନ୍ଧା ହୋଇଥିଲା କାହିଁକି, କେତେ ଜଣଙ୍କୁ ପ୍ରମୋଦ ଭିଡିଓ ପଠାଇଥିଲେ ଓ ସେମାନଙ୍କ ସମ୍ପର୍କରେ ତଦନ୍ତର ଅଗ୍ରଗତି ଆଦି ନେଇ ପ୍ରଶ୍ନ ଉଠିଛି। ତେବେ ଏ ସମ୍ପର୍କରେ ଏସ୍‌ପି କଟାରିଆ କହିଛନ୍ତି, ଗ୍ରାମୀୟ ଲୋକଙ୍କ ଏହି ବୟାନ ରିପୋର୍ଟ ସହିତ ମେଳ ଖାଉନାହିଁ। ମାମଲାର ତଦନ୍ତ ଜାରି ରହିଛି। ସଙ୍ଗୀତାଙ୍କ ମୃତଦେହ କାଠିଆପଡ଼ାସ୍ଥିତ ବନ୍ଦ ଘର ମଧ୍ୟରୁ ଉଦ୍ଧାର ହୋଇଥିଲା। ମୃତଦେହରେ ନିଆଁ ଲାଗି ପୋଡ଼ି ହୋଇଥିଲା। ଏନେଇ ଗ୍ରାମାଞ୍ଚଳ ଥାନାରେ ବାପା ଶଶିକାନ୍ତ ଏତଲା ଦେଇଥିଲେ। ଏତଲାକୁ ଭିତ୍ତିକରି ଥାନାରେ ନଂ. ୨୮୪/୨୫ରେ ମାମଲା ରୁଜୁ ହୋଇଛି।

# ଜେଲ ଗଲେ ଅଭିଯୁକ୍ତ, କ୍ରାଇମ୍ ସିନ୍ ରିକ୍ରିଏଶନ ହେବ

## ଘରେ ପଶି ମହିଳାଙ୍କୁ ହତ୍ୟା ଘଟଣା

ବ୍ରହ୍ମପୁର,୧୯।୮
(ସୁବାସ ଚନ୍ଦ୍ର ପାତ୍ର)


ଶାନ୍ତନୁ କୁମାର ପାତ୍ର

ନିମଖଣ୍ଡି ଥାନା ଅନ୍ତର୍ଗତ ଶ୍ରୀମା ନଗର ୨ୟ ଲାଇନ୍‌ରେ ଭଡ଼ାଘରେ ସାଧୁଚରଣ ସ୍ୱାଇଁଙ୍କ ସ୍ତ୍ରୀ ଗାୟତ୍ରୀ ସ୍ୱାଇଁ(୩୨)ଙ୍କୁ ଗତ ୧୦ ତାରିଖ ବିଳମ୍ବିତ ରାତିରେ ହତ୍ୟା ଓ ତାଙ୍କ ଝିଅ ନିଲମ(୧୧)ଙ୍କ ମରଣାନ୍ତକ ଆକ୍ରମଣ ହୋଇଥିଲା। ଘଟଣା ପରେ ଫେରାର ଅଭିଯୁକ୍ତଙ୍କୁ ପୋଲିସର ଏକ ଟିମ କର୍ଣ୍ଣାଟକର ଓଡ଼ି ରେଲୱେ ଷ୍ଟେଶନରୁ ରେଲୱାଇ ସୁରକ୍ଷା ବଳ ସହାୟତାରେ ଗିରଫ କରିଥିଲା। ସେ ହେଲେ ବାଲେଶ୍ୱରର ମୂଳ ନିବାସୀ ଶାନ୍ତନୁ କୁମାର ପାତ୍ର(୩୦)। କର୍ଣ୍ଣାଟକରେ ଗ୍ରାମୀୟ କୋର୍ଟରେ ତାଙ୍କୁ ହାଜର କରି ୪ ଦିନିଆ ଟ୍ରାଞ୍ଜିଟ ରିମାଣ୍ଡରେ ବ୍ରହ୍ମପୁର ଅଣାଯାଇଥିଲା। ମଙ୍ଗଳବାର ବ୍ରହ୍ମପୁର ଏସ୍‌ଡିଜେଏମ୍ କୋର୍ଟରେ ହାଜର ପରେ ତାଙ୍କୁ ବ୍ରହ୍ମପୁର ମଣ୍ଡଳ କାରାଗାରକୁ ପଠାଇ ଦିଆଯାଇଛି। ନିମଖଣ୍ଡି ପୋଲିସ ଅଭିଯୁକ୍ତଙ୍କୁ ୪ ଦିନିଆ ରିମାଣ୍ଡରେ ନେବା ପାଇଁ କୋର୍ଟରେ ଆବେଦନ କରିଥିଲା ବୋଲି ଖବରଦାତା ସମ୍ମିଳନୀରେ ବ୍ରହ୍ମପୁର ଏସ୍‌ପି ଡା. ସର୍ବଣା ବିବେକ ଏମ୍ ସୂଚନା ଦେଇଛନ୍ତି। ରିମାଣ୍ଡରେ ଆଣି ପୋଲିସ ଉକ୍ତ ହତ୍ୟା ଘଟଣାର କ୍ରାଇମ ସିନ୍ ରିକ୍ରିଏଶନ କରିବ ବୋଲି ସେ କହିଛନ୍ତି। ଅଭିଯୁକ୍ତଙ୍କଠାରୁ ହତ୍ୟାରେ ବ୍ୟବହୃତ ରକ୍ତଭିଜା ଟେପର ଜବତ ହୋଇଛି।

ପ୍ରାଥମିକ ତଦନ୍ତରୁ ଜଣାପଡିଛି, ବିବାହିତ ଶାନ୍ତନୁ ତାଙ୍କ ସ୍ତ୍ରୀଙ୍କ ଠାରୁ ଅଲଗା ରହୁଥିଲେ। ୨୦୧୯ରେ ନିଜର ୨ ସମ୍ପର୍କୀୟ ନାବାଳିକା ଭଉଣୀଙ୍କୁ ବଳାତ୍କାର କରି ବାଲେଶ୍ୱରରୁ ଫେରାର ହୋଇଯାଇଥିଲେ। ସୋରୋ ଥାନାରେ ତାଙ୍କ ବିରୋଧରେ ବଳାତ୍କାର ମାମଲା ରୁଜୁ ହୋଇଛି। ଶାନ୍ତନୁ ବିଭିନ୍ନ ସ୍ଥାନରେ ନିଜ ନାମ ବଦଳାଇ ରହୁଥିଲେ। ବହୁ ଆପରାଧିକ କାର୍ଯ୍ୟକଳାପରେ ସମ୍ପୃକ୍ତ ଥିଲେ। ୨୦୨୨ରେ ଫେସ୍‌ବୁକ୍‌ରେ ନିଜକୁ ସୁନୀଲ ସ୍ୱାଇଁ ବୋଲି ପରିଚୟ ଦେଇ ଗାୟତ୍ରୀଙ୍କ ସହ ସମ୍ପର୍କ ଯୋଡି ଅନଲାଇନରେ କଥା ହେଉଥିଲେ। ୨୦୨୩ରେ ବ୍ରହ୍ମପୁର ଆସି ବଡବଜାର ଥାନା ଅନ୍ତର୍ଗତ ଓ ବିହାରରେ ରହୁଥିବା ଗାୟତ୍ରୀଙ୍କୁ ଧରି ମୁମ୍ବାଇ ଚାଲିଯାଇଥିଲେ। ଗାୟତ୍ରୀଙ୍କ ନିଖୋଜ ନେଇ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହୋଇଥିଲା। ମୁମ୍ବାଇରେ ସୁନୀଲ(ଶାନ୍ତନୁ)ଙ୍କ ଅତ୍ୟାଚାର ସହି ପାରି ଗାୟତ୍ରୀ ୧୦ ଦିନ ପରେ ତାଙ୍କ ସ୍ୱାମୀଙ୍କ ପାଖକୁ ବ୍ରହ୍ମପୁର ଚାଲି ଆସିଥିଲେ। ସେ ଆଉ ସୁନୀଲଙ୍କ ସହ ସମ୍ପର୍କ ରଖିବାକୁ ଚାହୁଁନଥିଲେ। ସୁନୀଲ ବ୍ରହ୍ମପୁର ଆସି ଶକ୍ତିନଗର ନିକଟ ଶ୍ରୀମା ନଗରରେ ଭଡ଼ାରେ ରହି ଲୋଟରେ ପରିବା ବ୍ୟବସାୟ କରୁଥିଲେ। ଗାୟତ୍ରୀ ତାଙ୍କ ସହ ସମ୍ପର୍କ ରଖୁ ନ ଥିବାରୁ ସେ ପ୍ରତିଶୋଧ ପରାୟଣ ହୋଇଯାଇଥିଲେ। ମୋର ହେବୁନି ତ ଆଉ କାହାର ହୋଇପାରିବୁ ନାହିଁ ଭାବି ଗତ ଜୁଲାଇରୁ ତାଙ୍କୁ ହତ୍ୟା କରିବା ପାଇଁ ସେ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରିଥିଲେ। ଏପରିକି ଘଟଣାର ୧୦ ଦିନ ପୂର୍ବରୁ ଗାୟତ୍ରୀଙ୍କୁ ହତ୍ୟା ପାଇଁ ସେ ଏକ ଟେପର (ଚିକେନ କାଟିବା କାତି) ତିଆରି କରିଥିଲେ। ଗତ ୧୦ତାରିଖ ରାତିରେ ଗାୟତ୍ରୀଙ୍କୁ ସେ ବାରମ୍ବାର ଫୋନ କରିଥିଲେ। ଚିକେନ ଧରି ଗାୟତ୍ରୀଙ୍କ ଘରକୁ ଯାଇଥିଲେ। ସମସ୍ତେ ଖାଇସାରିବା ପରେ ଗାୟତ୍ରୀଙ୍କ ସହ କଥାକଟାକଟି ହୋଇ ପାଖରେ ରଖିଥିବା ଟେପରରେ ତାଙ୍କ ବେକ କାଟି ଦେଇଥିଲେ। ଧରା ପଡ଼ିଯିବା ଭୟରେ ବେଡ୍‌ରୁମରେ ଶୋଇଥିବା ଗାୟତ୍ରୀଙ୍କ ଝିଅ ନିଲମଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ ବୋଲି ଶାନ୍ତନୁ ପୋଲିସ ନିକଟରେ ସ୍ୱୀକାର କରିଛନ୍ତି। ସାଢ଼େ ୧୨ଟାରେ ସେ ଉକ୍ତ ଘରୁ ବାହାରି ଚାଲି ଯାଉଥିବାର ଦୃଶ୍ୟ ଏକ ସିସିଟିଭି ଫୁଟେଜରେ ରହିଛି। ଶାନ୍ତନୁ ଘରକୁ ଆସି ପ୍ୟାଣ୍ଟ ଶାର୍ଟ ବଦଳାଇ ୧୧ ତାରିଖ ସକାଳେ ବ୍ରହ୍ମପୁର ରେଳଷ୍ଟେଶନକୁ ଯାଇ ସେଠାରୁ ଟ୍ରେନରେ ବାହାର ରାଜ୍ୟକୁ ଚାଲିଯାଇଥିଲେ।

# ପୂର୍ବତନ ସହକାରୀ ଯନ୍ତ୍ରୀଙ୍କୁ ୩ ବର୍ଷ ସଶ୍ରମ କାରାଦଣ୍ଡ

## ଠିକାଦାରଙ୍କଠୁ ଲାଞ୍ଚ ନେବା ମାମଲା

ବାଲେଶ୍ୱର, ୧୯।୮ (ବାଞ୍ଛାନିଧି ଦେ)

ଏକ ସେଲୋ କ୍ଲଷ୍ଟର ପ୍ରୋଜେକ୍ଟ କାର୍ଯ୍ୟ ପାଇଁ ଜଣେ ଠିକାଦାରଙ୍କଠାରୁ ଲାଞ୍ଚ ନେବା ମାମଲାର ବିଚାର କରି ବାଲେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟର ବିଚାରପତି ଲଳିତ କୁମାର ଦାଶ ଗଙ୍ଗାଜଳର ପୂର୍ବତନ ସହକାରୀ ଇଞ୍ଜିନିୟର (ଏଗ୍ରିମେକାନିକ) କୁମୁଦ ଚନ୍ଦ୍ର ପ୍ରଧାନଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ତାଙ୍କୁ ୩ବର୍ଷ ସଶ୍ରମ କାରାଦଣ୍ଡ ସହ ୫୦ହଜାର ଟଙ୍କା ଜରିମାନା କରାଯାଇଛି। ଜରିମାନା ଅନାଦାୟ ଅଧିକ ୬ମାସ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରାଯାଇଛି।

ଗତ ୨୦୧୬ରେ ବାଲେଶ୍ୱର ଲିଫ୍ଟ ଇରିଗେସନ ଡିଭିଜନ ଅଫିସରେ କାର୍ଯ୍ୟରତ ସହକାରୀ ଯନ୍ତ୍ରୀ ଅନୁଗୁଳ ଜିଲ୍ଲା ବର୍ଣ୍ଣପାଳ ଥାନା ଅନ୍ତର୍ଗତ ମହିଦାପୁର ଗ୍ରାମର କୁମୁଦ ଚନ୍ଦ୍ର ପ୍ରଧାନ ବାଲେଶ୍ୱର ସଦର ବ୍ଲକ ହିଞ୍ଜିଲା ସେଲୋ କ୍ଲଷ୍ଟର ପ୍ରୋଜେକ୍ଟ କାର୍ଯ୍ୟର ଚୁକ୍ତିପତ୍ର ତ୍ୱରାନ୍ୱିତ କରିବା ସକାଶେ ଟେଣ୍ଡର ନେଇଥିବା ଠିକାଦାର କାର୍ତ୍ତିକ ଚନ୍ଦ୍ର ପୁଷ୍ଟିକଙ୍କଠାରୁ ୧୦ହଜାର ଟଙ୍କା ଦାବି କରିଥିଲେ। ଏ ସମ୍ପର୍କରେ ୨୦୧୬ ଅକ୍ଟୋବର ୩ ତାରିଖରେ ଭିଜିଲାନ୍ସ ଥାନାରେ ଏକ ମାମଲା (ନଂ.୫୭/୨୦୧୬) ରୁଜୁ କରାଯାଇ ତଦନ୍ତ ଜାରି ରହିଥିଲା। ତହିଁପରଦିନ ଠିକାଦାରଙ୍କଠାରୁ ଯନ୍ତ୍ରୀଜଣଙ୍କ ଉକ୍ତ ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସର ଏକ ସ୍ୱତନ୍ତ୍ର ଟିମ୍ ପକ୍ଷରୁ ଚଢ଼ାଉ କରାଯାଇ ଯନ୍ତ୍ରୀଙ୍କଠାରୁ ଲାଞ୍ଚ ଟଙ୍କା ଜବତ ସହ ସେ ଗିରଫ କରାଯାଇଥିଲା। ଏହି ମାମଲାରେ ସମସ୍ତ ସାକ୍ଷୀଙ୍କ ବୟାନ, ଦଲିଲ ଓ ଦସ୍ତାବିଜକୁ ଆଧାର କରି ବିଚାରପତି ଉପରୋକ୍ତ ଦଣ୍ଡରେ ପୂର୍ବତନ ସହକାରୀ ଯନ୍ତ୍ରୀଙ୍କୁ ଦଣ୍ଡିତ କରିଛନ୍ତି। ସରକାରଙ୍କ ପକ୍ଷରୁ ଭିଜିଲାନ୍ସର ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ରାଧାକାନ୍ତ ମହାପାତ୍ର ମକଦ୍ଦମା ପରିଚାଳନା କରୁଥିଲେ।

# ଜଳସେଚନ ବିଭାଜନ ଅଧୀକ୍ଷଣ ଯନ୍ତ୍ରୀ ଗିରଫ

- ଠୁଳ କରିଥିଲେ ୨୦୬ % ଆୟ ବହିର୍ଭୂତ ସମ୍ପତ୍ତି
- ଠାବ ହେଲା ଆଉ ଲକ୍ଷେରୁ ଊର୍ଦ୍ଧ୍ୱ ନଗଦ ଟଙ୍କା

ଭୁବନେଶ୍ୱର,୧୯।୮
(ସତ୍ୟଜିତ୍ ରାଉତ)


ଗିରଫ ସୁରେନ୍ଦ୍ର ବେହେରା।

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଅନୁଗୋଳ ଜଳସେଚନ ବିଭାଜନ ଅଧୀକ୍ଷଣ ଯନ୍ତ୍ରୀ ସୁରେନ୍ଦ୍ର ବେହେରାଙ୍କୁ ଭିଜିଲାନ୍ସ ମଙ୍ଗଳବାର ଗିରଫ କରିଛି। ତାଙ୍କ ପାଖରୁ ଆଉ ନଗଦ ଏକ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ମିଳିଥିବା ବେଳେ ଏହାକୁ ମିଶାଇ ମୋଟ ଜବତ ନଗଦ ଟଙ୍କା ୨.୩୩ ଲକ୍ଷରେ ପହଞ୍ଚିଛି। ଠାବ ହୋଇଥିବା ମୋଟ ସମ୍ପତ୍ତି ସୁରେନ୍ଦ୍ରଙ୍କ ପ୍ରକୃତ ଆୟଠାରୁ ୨୦୬ ପ୍ରତିଶତ ଅଧିକ ବୋଲି ସୂଚନା ଦିଆଯାଇଛି। ତେବେ ଏହି ସମ୍ପତ୍ତି ସଂକ୍ରାନ୍ତରେ ସୁରେନ୍ଦ୍ର ସନ୍ତୋଷଜନକ ଉତ୍ତର ଦେଇ ନ ପାରିବାରୁ ଭିଜିଲାନ୍ସ ପକ୍ଷରୁ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଏ ନେଇ ରାଉରକେଲା ଭିଜିଲାନ୍ସ ଥାନାରେ ଏକ ମାମଲା (ନଂ.୯/୨୦୨୫) ରୁଜୁ କରାଯାଇଛି। ଗିରଫ ପରେ ଅଭିଯୁକ୍ତ ସୁରେନ୍ଦ୍ରଙ୍କୁ ସୁନ୍ଦରଗଡ଼ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନାଯୋଗ୍ୟ, ଭିଜିଲାନ୍ସ ପକ୍ଷରୁ ସୋମବାର ସୁରେନ୍ଦ୍ରଙ୍କ ୮ଟି ସ୍ଥାନରେ ଏକକାଳୀନ ଚଢ଼ାଉ କରାଯାଇଥିଲା। ଏହି ସମୟରେ ତାଙ୍କର ସୁନ୍ଦରଗଡ଼ ଟାଉନରେ ଗୋଟିଏ ଦୁଇମହଲା କୋଠା, ରାଉରକେଲା ଗୋପବନ୍ଧୁ ନଗରରେ ଆଉ ଗୋଟିଏ ଦୁଇ ମହଲା କୋଠା ଓ ଭୁବନେଶ୍ୱର ଘାଟିକିଆରେ ଦୁଇଟି ଫ୍ଲାଟ୍ ଥିବା ଜଣାପଡ଼ିଥିଲା। ଏଥିସହ ସୁରେନ୍ଦ୍ରଙ୍କ ୪ଟି ବହୁମୂଲ୍ୟ ପ୍ଲଟ୍ ଠାବ ହୋଇଥିବାବେଳେ ପୋଷ୍ଟାଲ ଜମା ୫୩ ଲକ୍ଷ ୯୭ ହଜାର ଟଙ୍କା ରହିଥିବା ଜଣାପଡ଼ିଥିଲା। ସେହିପରି ଦୁଇଟି ଦୁଇଚକିଆ ଯାନ ସମେତ ୧୮.୪୧ ଲକ୍ଷ ଟଙ୍କାର ଘରୋଇ ସାମଗ୍ରୀ ମଧ୍ୟ ଠାବ କରାଯାଇଛି।


**ODISHA CONSTRUCTION CORPORATION LIMITED, BHUBANESWAR, ODISHA**
PIN:751012, Tel.No. (0674) 2562020, e-Mail:theoccltd@odishaconstruction.com
GSTIN- 21AAACO2571K2ZM
"e- Procurement Notice No-35/OCCL/2025-26 (Online)
No.CAD-1439: On-line percentage rate tender is invited for the following work.

| Sl. No. | Name of Work | Bid Identification No. | Approx. value of work | Bid Security (in Rs.) | Period of Completion (in Months) | Availability & Submission of tender of Tender (online) |
|---|---|---|---|---|---|---|
| 1 | Development of Hirakud Dam Museum- for "Integrated Master Plan of Hirakud Reservoir" | OCCL_ SMP/13/ 2025-26 | Rs.20.58 Crore | Rs.20,59,000/- | 12 Calendar Months | From 18/08/2025 03.30 Hrs to 08/09/2025, 05.30 Hrs |

Procurement Officer : Managing Director, OCCL
Date of Opening of the Tender: 09.09.2025, 15.30 Hrs. onwards
Further details can be seen from the e-procurement portal: https://www.tendersodisha.gov.in, https://odishaconstruction.com
OIPR-34120/11/0063/2526 Sd./- Managing Director

**OFFICE OF THE REMUNA NAC, BALASORE**
No.1257 Date : 16.08.2025
E-Procurement Notice
Bid Identification No. RN_03_2025-26
No.C-906 : Bid Documents consisting of Work, Estimated Cost, Cost of Tender Paper, EMD, time of completion, Class of contractors and the set of terms and conditions of contract and other necessary documents can be seen in Govt. website i.e. https://tendersodisha.gov.in/nicgep/app
01. Name of the Work : Civil works as mentioned in DTCN
02. No. of works : 48 Nos.
03. Estimated Cost : As per Work List
04. Period of Completion : As per DTCN
05. Date and Time of Bidding : 18.08.2025, 11 AM to 06.09.2025, 5 PM
06. Last date and time for receipt : 06.09.2025 up to 5.00 P.M.
07. Bids received online shall be opened on : 08.09.2025 from 11.00 A.M. onwards
08. Name and address of the Officer Inviting Bid : Executive Officer, Remuna NAC
Further details can be seen from the e-procurement portal i.e.https://tendersodisha.gov.in/nicgep/app.
Sd./- Executive Officer Remuna NSC
OIPR-13204/11/0020/2526

**GOVERNMENT OF ODISHA DEPARTMENT OF WATER RESOURCES**
**OFFICE OF THE SUPERINTENDING ENGINEER MINOR IRRIGATION DIVISION, SAMBALPUR**
Phone No.(0663)-2412791, E-mail:eemisbp@yahoo.co.in
e-Procurement Notice
1st Corrigendum to BID REFERENCE No.SEMIDSBP/02/2025-26
No.A-515: Due to unavoidable circumstances the following changes are made to BID REFERENCE No. SEMIDSBP/02/2025-26.
1. The date & time of availability of Bid document in the portal from dt.22.08.2025 at 11.00 AM to dt.06.09.2025 upto 5.30 PM instead of dt.13.08.2025 at 11.00 AM to dt.29.08.2025 upto 5.30 PM.
2. Period of receipt of bid through online from dt.22.08.2025 at 11.00 AM to dt.06.09.2025 upto 5.30 PM instead of dt.13.08.2025 at 11.00 AM to dt.29.08.2025 upto 5.30 PM.
3. Date of opening of bid documents on dt.08.09.2025 at 10.00 AM onwards. All other terms & conditions remain unaltered.
Sd./- Superintending Engineer M.I.Division, Sambalpur
OIPR-32036/11/0022/2526

**GOVERNMENT OF ODISHA** No.i-282
**BLOCK DEVELOPMENT OFFICER, PANCHAYAT SAMITI, KASHIPUR**
E-mail : ori-kashipur@nic.in
INVITATIONS FOR BIDS (I.F.B.)
e-Procurement Notice
IDENTIFICATION NO. KSP-01/2025-26, DT.20.08.2025
Letter No.2627/2025 Date : 18.08.2025
1) The Block Development Officer, Panchayat Samiti, Kashipur, Dist. : Rayagada on behalf of Govt. of Odisha invites Percentage Rate bid in Single Cover System in ONLINE MODE for the construction of Building works (Civil) as detailed in the Detailed Tender Call Notice (D.T.C.N.) from the eligible class of contractors.
2) No. of works : 13 (Thirteen) Nos.
3) Cost of Tender Paper : Rs.6,000/- (Rupees Six Thousand) only
4) Class of contractor : "D" & "C" Class
1) Date & time of available in website & receipt online : 11:00 Hrs. of 22.08.2025 to 17:00 Hrs. of 08.09.2025
2) Date of opening of Technical Bid : 11:00 Hrs. of 09.09.2025
The Bidders have to participate in ONLINE bidding only. Further details can be seen from the State Govt. Portal website https://tendersodisha.gov.in
5) Any corrigendum / Addendum will be displayed in the website https://tendersodisha.gov.in only.
By order of BDO, KASHIPUR
Sd./- Block Development Officer Panchayat Samiti, Kashipur
OIPR-19448/11/0001/2526

**ODISHA COMPUTER APPLICATION CENTRE**
**REQUEST FOR PROPOSAL**
Enq.No.:-OCAC-SEGP-INFRA-0012-2025-25082
No.U-28: Odisha Computer Application Centre (OCAC) invites Request for Proposal (RFP) for Selection of Agency for Procurement, Supply & Installation of Digital Smart TVs for PMSHRI School, Odisha. For details please visit websites www.ocac.in & www.odisha.gov.in.
The bid shall be submitted in electronic mode only in the portal https://enivida.odisha.gov.in latest by 20.09.2025, by 2:00 PM. OCAC reserves the right to accept or reject any or all tender without assigning any reason thereof.
General Manager(Admin), OCAC, Plot No.-N-1/7-D, Acharya Vihar, P.O.-RRL, Bhubaneswar-751013, Ph.-2567280/ 2567064/ 2567295
OIPR-16003/11/0112/2526

**DIRECTORATE OF TEACHER EDUCATION AND SCERT : ODISHA: BHUBANESWAR**
TENDER CALL NOTICE OF NMMS EXAMINATION FOR THE YEAR 2025-26
NOTICE
No.5079 Date : 18.08.2025
No.n-125 : Tenders are invited from reputed agencies for conduct of Offline OMR based NMMS Examination for the year, 2025-2026. The prospective bidders must meet the qualifying criteria mentioned in the technical qualification of the tender. They should have capacity to prepare question paper, conduct of examination, publication of result and other related works as prescribed in the tender document relating to NMMS Examination, 2025-2026 for the Directorate of TE and SCERT, Odisha.
1. Date of release of Tender : 20.08.2025
2. Last date of submission of Tender : 09.09.2025 (05.00 P.M.)
3. Pre-Bid Meeting : 30.08.2025
After Pre-bid meeting, the corrected RFP shall be published in the SCERT website on 01.09.2025. Objections, if any, may be sent to the Directorate through official e-mail.
Detailed terms, condition, schedules and Tender Documents can be seen/ downloaded from the SCERT website i.e., www.scertodisha.nic.in E-mail ID: tescertodisha@gmail.com.
Sd./- Director, TE and SCERT, Odisha, Bhubaneswar
OIPR-27006/11/0020/2526

**ସର୍ବସାଧାରଣ ନୋଟିସ**
No.XXXIII-19:ଏତଦ୍ୱାରା ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଖୋର୍ଦ୍ଧା ଜଳସେଚନ ବିଭାଗ ଦ୍ୱାରା "Rajua Diversion Weir" ପ୍ରକଳ୍ପ ନିମନ୍ତେ ଭୂ-ଅର୍ଜନ ଉପବିଭାଗ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଖୋର୍ଦ୍ଧାରେ ହୋଇଥିବା ନିମ୍ନଲିଖିତ ଜମି ଅଧିଗ୍ରହଣ ମକଦ୍ଦମାଗୁଡିକୁ ଜିଲ୍ଲାପାଳ, ଖୋର୍ଦ୍ଧାଙ୍କ ନିର୍ଦ୍ଦେଶକ୍ରମେ ବାତିଲ କରାଗଲା ।

| ମୌଜାର ନାମ | ମକଦ୍ଦମା ସଂଖ୍ୟା | ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗର ଜମି ଅଧିଗ୍ରହଣ ଘୋଷଣା ସଂଖ୍ୟା/ତାରିଖ | ସ୍ଥିତି |
|---|---|---|---|
| ନରଣଗଡ଼ | ୧୧/୨୦୦୬ | ୪୭୬୬୮/୦୩.୧୨.୨୦୦୭ | ବାତିଲ |
| ଗ୍ରାମେଶ୍ୱରପୁର | ୦୩/୨୦୦୬ | ୪୧୫୮୨/୧୭.୧୦.୨୦୦୭ | ବାତିଲ |
| ଗ୍ରାମେଶ୍ୱରପୁର | ୧୦/୨୦୦୬ | ୪୭୬୯୮/୦୩.୧୨.୨୦୦୭ | ବାତିଲ |
| ଗ୍ରାମେଶ୍ୱରପୁର | ୧୨/୨୦୦୬ | ୪୭୬୯୨/୦୩.୧୨.୨୦୦୭ | ବାତିଲ |
| ସଢ଼େଇଗଡ଼ | ୦୮/୨୦୦୬ | ୪୭୭୦୪/୦୩.୧୨.୨୦୦୭ | ବାତିଲ |
| ସଢ଼େଇଗଡ଼ | ୦୭/୨୦୦୬ | ୪୭୬୬୨/୦୩.୧୨.୨୦୦୭ | ବାତିଲ |
| ଡିହଖଳା | ୦୫/୨୦୦୭ | ୩୫୯୫୪/୧୯.୦୮.୨୦୦୮ | ବାତିଲ |
| ବ୍ରଜମୋହନପୁର | ୦୪/୨୦୦୬ | ୪୧୫୮୮/୧୭.୧୦.୨୦୦୭ | ବାତିଲ |
| ମେଦିନୀ | ୦୧/୨୦୦୬ | ୪୧୫୭୪/୧୭.୧୦.୨୦୦୭ | ବାତିଲ |
| ଧବଳପୁର | ୦୯/୨୦୦୬ | ୪୭୬୮୬/୦୩.୧୨.୨୦୦୭ | ବାତିଲ |
| ସରଧାପୁର | ୦୨/୨୦୦୬ | ୪୧୫୯୫/୧୭.୧୦.୨୦୦୭ | ବାତିଲ |
| କୁରୁମପଡ଼ା | ୦୬/୨୦୦୬ | ୪୭୬୭୪/୦୩.୧୨.୨୦୦୭ | ବାତିଲ |
| କୁରୁମପଡ଼ା | ୦୫/୨୦୦୬ | ୪୭୬୮୦/୦୩.୧୨.୨୦୦୭ | ବାତିଲ |

ଜିଲ୍ଲାପାଳ ଖୋର୍ଦ୍ଧାଙ୍କ ନିର୍ଦ୍ଦେଶକ୍ରମେ
ସ୍ୱା./-
ଭୂଅର୍ଜନ ଅଧିକାରୀ, ଖୋର୍ଦ୍ଧା
OIPR-24381/14/0008/2526

**ପୌରପାଳିକା, ନବରଙ୍ଗପୁର**
**OFFICE OF THE MUNICIPALITY, NABARANGPUR NABARANGPUR (ODISHA), PIN-764059**
TEL / FAX NO. - 06858-222031, E-mail : municipalityngpr@gmail.com
Quotation Call Notice
No.3489 Date : 18.08.2025
No.C-912 : Nabarangpur Municipality is seeking sealed quotations from reputable suppliers/ dealers/firms for the supply and installation of various materials, **Mahatma Gandhi Statue, Vertical Garden Pots, Plants, Automatic Irrigation system, Acrylic letter,3D acrylic or stainless-steel letters with lights, Wire, Light and Barbed Wire etc..** All details are listed in the quotation document. The quotations must be submitted to the Office of the Executive Officer of Nabarangpur Municipality during office hours on all working days until **29.08.2025 at 1:00 PM** from the date of publication. Any quotations received after the due date will not be considered. The quotations will be opened on **29.08.2025 at 4:00 PM** in the presence of the quoters or their authorized agents. A refundable **Earnest Money Deposit** (EMD) of **Rs. 10,000/-** in the form of a Bank Draft or Banker's Cheque made out to the **Executive Officer, Nabarangpur Municipality** must be submitted along with the quotations. Quotations lacking valid documentation are subject to rejection.
The quotation/tender document contains essential bid Technical and Financial information, along with terms and conditions for the procurement of **Mahatma Gandhi Statue, Vertical Garden Pots, Plants, Automatic Irrigation system, Acrylic letter, 3D acrylic or stainless-steel letters with lights, Wire, Light and Barbed Wire**. All the necessary details are outlined in the quotation document, which will be available for purchase on any working day during office hours (10 AM to 4 PM) from **August 19, 2025 to August 29, 2025**, at Nabarangpur Municipality. The cost of the document is **Rs. 5,000.00**.
The authority reserves the right to accept or reject any or all the Tender without assigning any reason thereof.
Sd./- Executive Officer Nabarangpur Municipality
OIPR-13065/11/0023/2526

No.B-414
**OFFICE OF THE SUPERINTENDING ENGINEER BALASORE (ROADS & BUILDINGS) DIVISION-II**
AT/PO - BHASKARGANJ, BALASORE
CONTACT NO. : 06782-263149, E MAIL ID : eepwdbls2@gmail.com
SHORT TENDER CALL NOTICE
BID INVITATION NO. SE (R AND B) BLS-II-15 / 2025-26
No.5254 dt.16.08.2025

| | | |
|---|---|---|
| 1 | The Superintending Engineer, Balasore (R&B) Division-II, Balasore on behalf of the Governor of Odisha invites percentage rate bids to be received in ONLINE MODE only for Roads & Buildings works. | |
| 2 | No. of Work | 1 No. |
| 3 | Nature of work | Building Work |
| 4 | Class of Contractor | "B" Class of Contractor |
| 5 | Approx. value of work | Rs.87.72 Lakhs |
| 6 | Tender Cost | Rs.10000.00 per work |
| 7 | Availability of Bid Documents in the website | From 10.00 AM of 20.08.2025 to 4.00 PM of 06.09.2025 |
| 8 | Date of Opening of Bid | Dt.06.09.2025 at 4.30 PM |
| 9 | Other details can be seen in the Bidding documents from the website : https://tendersorissa.gov.in. | |

Sd./- Superintending Engineer Balasore (R&B) Division-II
OIPR-34155/11/0025/2526

See Career Appointment on every Wednesday & Saturday

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................

ବୟସ:....................................

ଜନ୍ମ ତାରିଖ: ..............................


ଆଦି
ପରିବାରବର୍ଗ


ପ୍ରଦୀପ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଏଲ୍ଆଇସିର ସ୍ୱତନ୍ତ୍ର ରିହାତି ଅଫର

ଭୁବନେଶ୍ୱର,୧୯।୮(ଅଭୟ ଦାଶ)

ଭାରତୀୟ ଜୀବନ ବୀମା ନିଗମ (ଏଲ୍ଆଇସି)ର ବହୁ ପ୍ରତୀକ୍ଷିତ ତଥା ସ୍ୱତନ୍ତ୍ର ରିହାତି ଅଫର 'ରିଭାଇଭାଲ ଅଫ୍ ଲାପ୍ସଡ ପଲିସିସ୍'ର ଶୁଭାରମ୍ଭ ଘୋଷଣା କରାଯାଇଛି। ଏହି ଅଫର ୨୦୨୫ ଅକ୍ଟୋବର ୧୭ ପର୍ଯ୍ୟନ୍ତ ଉପଲବ୍ଧ ବୋଲି ଏଲ୍ଆଇସି ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି। ଏପରିକି ଏଲ୍ଆଇସି ବନ୍ଦ ହୋଇଥିବା ପଲିସିଗୁଡ଼ିକର ପୁନରୁଦ୍ଧାର ପାଇଁ ଏକ ଆକର୍ଷଣୀୟ ଅଫର ଆଣିଛି। ସେହିଭଳି ବ୍ୟକ୍ତିଗତ ଭାବେ ବନ୍ଦ ହୋଇଥିବା ପଲିସି ପାଇଁ ଏଲ୍ଆଇସି ପକ୍ଷରୁ ସର୍ବଭାରତୀୟସ୍ତରରେ ଏହି ସ୍ୱତନ୍ତ୍ର ପୁନରୁଦ୍ଧାର ଅଭିଯାନ ଆରମ୍ଭ କରାଯାଇଛି। ଏହି ଯୋଜନା ଅଧୀନରେ ପୁନରୁଦ୍ଧାର ପାଇଁ ଯୋଗ୍ୟ ହେଲେ ସମସ୍ତ ନନ୍-ଲିଙ୍କ୍ଡ୍ ବୀମା ଯୋଜନା ପାଇଁ ବିଳମ୍ବ ଶୁଳ୍କରେ ୩୦% ପର୍ଯ୍ୟନ୍ତ ରିହାତି ପ୍ରଦାନ କରାଯାଉଛି। ଏପରିକି ସର୍ବାଧିକ ୫୦୦୦ ଟଙ୍କା ପର୍ଯ୍ୟନ୍ତ ରିହାତି ସୁବିଧା ଉପଲବ୍ଧ।

ଏହି ସ୍ୱତନ୍ତ୍ର ପୁନରୁଦ୍ଧାର ଅଭିଯାନ ଅଧୀନରେ ପଲିସିଗୁଡ଼ିକ ପ୍ରଥମ ଅନାଦେୟ ପ୍ରିମିୟମ ତାରିଖରୁ ୫ବର୍ଷ ମଧ୍ୟରେ ପୁନରୁଦ୍ଧାର କରାଯାଇପାରିବ, ଯଦି ପଲିସିର ନିୟମ ଏବଂ ସର୍ତ୍ତାବଳୀ ପୂରଣ କରାଯାଏ।

ପ୍ରିମିୟମ ପ୍ରଦାନ ଅବଧି ସମୟରେ ଯେଉଁ ପଲିସିଗୁଡିକ ଶେଷ ହୋଇଯାଏ ଏବଂ ପଲିସି ଅବଧି ସମାପ୍ତ ହୋଇ ନ ଥାଏ, ସେମାନେ ଏହି ଅଭିଯାନରେ ପୁନରୁଦ୍ଧାର ପାଇଁ ଯୋଗ୍ୟ ଚିକିତ୍ସା ଆବଶ୍ୟକତା ଉପରେ କୌଣସି ରିହାତି ନାହିଁ।

ସେହିପରି ଏହି ଅଭିଯାନ ପଲିସିଧାରୀଙ୍କ ଲାଭ ପାଇଁ ଆରମ୍ଭ କରାଯାଇଛି। ଯେଉଁମାନେ କୌଣସି ପ୍ରତିକୂଳ ପରିସ୍ଥିତି ଯୋଗୁ ସମୟ ମଧ୍ୟରେ ପ୍ରିମିୟମ ଦେଇପାରି ନ ଥିଲେ। ପୂର୍ଣ୍ଣ ବୀମା ଲାଭ ପାଇବା ପାଇଁ ପଲିସିଗୁଡିକୁ ବଳବତ୍ତର ରଖିବା ଆବଶ୍ୟକ ରହିଛି। ପୁରୁଣା ପଲିସିକୁ ପୁନରୁଦ୍ଧାର ଏବଂ ବୀମା କଭର ପୁନଃ ସ୍ଥାପିତ କରିବା ସର୍ବଦା ପରାମର୍ଶଦାୟକ ହୋଇଥାଏ। ଏଲ୍ଆଇସି ଏହାର ପଲିସିଧାରକ ଏବଂ ସେମାନଙ୍କ ପରିବାର ସଦସ୍ୟଙ୍କ ମଙ୍ଗଳ ପାଇଁ ସୁରକ୍ଷିତ ରହିବାର ଇଚ୍ଛାକୁ ମୂଲ୍ୟ ଦେଇଥାଏ। ଏହି ଅଭିଯାନ ଏଲ୍ଆଇସିର ପଲିସିଧାରକମାନଙ୍କୁ ସେମାନଙ୍କର ପଲିସିଗୁଡିକୁ ପୁନରୁଦ୍ଧାର କରିବା ଏବଂ ସେମାନଙ୍କ ପ୍ରିୟଜନଙ୍କ ପାଇଁ ଆର୍ଥିକ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ଏକ ଭଲ ସୁଯୋଗ ପ୍ରଦାନ କରିଥାଏ।

| ମୋଟ ପ୍ରାପ୍ୟ ପ୍ରିମିୟମ୍ | % ବିଳମ୍ବ ଶୁଳ୍କ ରିହାତି | ସର୍ବାଧିକ ରିହାତି ଅନୁମୋଦିତ |
|---|---|---|
| ୧,୦୦,୦୦୦ ଟଙ୍କା ପର୍ଯ୍ୟନ୍ତ | ୩୦% ଟଙ୍କା | ୩୦୦୦ |
| ୧,୦୦,୦୦୧ ରୁ ୩,୦୦,୦୦୦ | ୩୦% ଟଙ୍କା | ୪୦୦୦ |
| ୩,୦୦,୦୦୧ ରୁ ଅଧିକ | ୩୦% ଟଙ୍କା | ୫୦୦୦ |
| ସୂକ୍ଷ୍ମ ବୀମା ଯୋଜନା | ୧୦୦% | ପୂର୍ଣ୍ଣ |
| ନିୟମ ଏବଂ ସର୍ତ୍ତାବଳୀ ପ୍ରଯୁଜ୍ୟ। | | |

# ଶେୟାର ବଜାର କାରବାରରେ ଉତ୍ସାହ

ମୁମ୍ବାଇ,୧୯।୮

କ୍ରମାଗତ ଚତୁର୍ଥ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ବୃଦ୍ଧି ଘଟିଛି। ଚଳିତ ସପ୍ତାହର ଦ୍ୱିତୀୟ କାର୍ଯ୍ୟଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାର କାରବାରରେ ଉତ୍ସାହ ସହ ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବଢ଼ାଇପାରିଛନ୍ତି। ବିଶେଷକରି ମଙ୍ଗଳବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍ଇ)ର ସେନ୍ସେକ୍ସ ୩୭୧ (୩୭୦.୬୪) ପଏଣ୍ଟ ବୃଦ୍ଧି ଘଟି ୮୧,୬୪୪ (୮୧,୬୪୪.୩୯) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନ୍ଏସ୍ଇ)ର ନିଫ୍ଟି-୫୦ ରେ ମଧ୍ୟ ୧୦୪ (୧୦୩.୭୦) ପଏଣ୍ଟ ବଢ଼ି ୨୪,୯୮୧ (୨୪,୯୮୦.୬୫) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସ୍ଇ ସେନ୍ସେକ୍ସର ମିଡ୍କ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡ଼ିକର ଇଣ୍ଡେକ୍ସ ସହିତ ଏନ୍ଏସ୍ଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଓ ଆଇଟି ଶେୟାରଗୁଡିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି।


## BUSINESS

A running Industry manufacturing Wood-pressed Oil, Flours and Spices for sale at Bhubaneswar. These products has it's own Brand.

If interested Contact
9827504883, 9178032930

### ଦ୍ୱିତୀୟ ଜନ୍ମଦିନ ଶୁଭେଚ୍ଛା



**ସୂର୍ଯ୍ୟାଂଶ (ଆଦି)**
ମାଆ: ସୌମ୍ୟା, ବାପା: ପ୍ରଭାକର
ଆଜି ତୋର ଜନ୍ମଦିନରେ ଶ୍ରୀଜଗନ୍ନାଥ ତୋତେ ଦୀର୍ଘାୟୁ କରିବା ସହିତ ତୋର ଚଲାପଥ କୁସୁମିତ କରନ୍ତୁ।
ଶୁଭେଚ୍ଛା ସହ:
ଜେଜେମା, ଜେଜେବାପା, ବଡ଼ବାପା, ବଡ଼ମା, ମାମୁ, ମାଇଁ, ଆଇ, ବୃକ, ରୋଜି, ଲିକା, ପୂଜା, ଆନି
ଧ-୧୬୯୬

### ବିଶେଷଜ୍ଞ
**ଅର୍ଶ ଭଗନ୍ଦର ମଳକଣ୍ଟକ**
ଦୀର୍ଘ ୩୦ ବର୍ଷର ଅଭିଜ୍ଞତା ଥିବା ବିଶ୍ୱସନୀୟ ଚିକିତ୍ସାଳୟ
**PILES CLINIC**
ADDRESS
DR. R.PRASAD, BAMS
DR. PREM KUMAR, BAMS., LLB (UTKAL)
10 A.M. TO 8 PM.
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, Cuttack Road, BBSR
9861146916
8917362388
VSS Nagar, BBSR
9861917646

### ଜନ୍ମଦିନ ଶୁଭେଚ୍ଛା



**ପ୍ରଦୀପ କୁମାର ନାୟକ**
ଜଗନ୍ନାଥ ବିହାର, ବରମୁଣ୍ଡା, ଭୁବନେଶ୍ୱର
ଆଜି ତୁମର ଜନ୍ମବାର୍ଷିକ ଉତ୍ସବରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ମୋର ପ୍ରାର୍ଥନା ତୁମର ଚଲାପଥ କୁସୁମିତ କରି ତୁମର ଭବିଷ୍ୟତ ଉଜ୍ଜ୍ୱଳ ସହ ତୁମକୁ ଦୀର୍ଘାୟୁ ଓ ଯଶସ୍ୱୀ କରନ୍ତୁ।
ଶୁଭେଚ୍ଛା ସହ:
ସୋନାଲି
ଧ-୧୬୯୭


# ସହଭାଗିତା ମାଧ୍ୟମରେ ଶିଳ୍ପର ଅଭିବୃଦ୍ଧିକୁ ଗୁରୁତ୍ୱ

## ନାଲକୋ ପକ୍ଷରୁ ମିଡିଆ କନେକ୍ଟ

ଭୁବନେଶ୍ୱର,୧୯।୮



ଖବରଦାତା ସମ୍ମିଳନୀରେ ନାଲ୍କୋର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଅଛନ୍ତି।

ନ୍ୟାଶନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ୍ (ନାଲ୍କୋ)ର ବହୁ ପ୍ରତୀକ୍ଷିତ କାର୍ଯ୍ୟକ୍ରମ 'ମିଡିଆ କନେକ୍ଟ ୨୦୨୫' ମଙ୍ଗଳବାର ଭୁବନେଶ୍ୱରଠାରେ ଆୟୋଜିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ରାଜ୍ୟର ପ୍ରମୁଖ ଗଣମାଧ୍ୟମ ଓ ଯୋଗାଯୋଗ ସଂସ୍ଥା ଯୋଗଦେଇଥିଲେ। ସେହିଭଳି ଉକ୍ତ ବୈଠକରେ ନାଲ୍କୋ ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ବ୍ରିଜେନ୍ଦ୍ର ପ୍ରତାପ ସିଂହ ଉପସ୍ଥିତ ରହି ନିଜର ମତ ବିନିମୟ କରିଥିଲେ। ଏଥିସହ ନାଲ୍କୋର ନିର୍ଦ୍ଦେଶକ ମଣ୍ଡଳୀ ନିର୍ଦ୍ଦେଶକ (ଉତ୍ପାଦନ) ପଙ୍କଜ କୁମାର ଶର୍ମା, ନିର୍ଦ୍ଦେଶକ (ପ୍ରକଳ୍ପ ଏବଂ ବୈଷୟିକ) ଜଗଦୀଶ ଆରୋରା, ନିର୍ଦ୍ଦେଶକ (ମାନବ ସମ୍ବଳ) ଡ. ତାପସ କୁମାର ପଟ୍ଟନାୟକ ଏବଂ ନିର୍ଦ୍ଦେଶକ (ଅର୍ଥ) ଅଭୟ କୁମାର ବେହୁରିଆ ପ୍ରମୁଖ ଉପସ୍ଥିତ ଥିଲେ। ସଭା ପ୍ରାରମ୍ଭରେ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ମାନବ ସମ୍ବଳ) ଆଶୁତୋଷ ରଥ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ସ୍ୱାଗତ ଜଣାଇବା ସହ କମ୍ପାନୀର କାର୍ଯ୍ୟକଳାପ ଏବଂ ସଫଳତା ସମ୍ବନ୍ଧରେ ସଂକ୍ଷିପ୍ତ ବିବରଣୀ ପ୍ରଦାନ କରିଥିଲେ।

ସମାବେଶକୁ ସମ୍ବୋଧିତ କରିବା ଅବସରରେ ସିଏମ୍ଡି ସିଂହ ଆଲୁମିନିୟମ ଏବଂ ଧାତୁଶିଳ୍ପର ସାମଗ୍ରିକ ବିକାଶ ପ୍ରତି କମ୍ପାନୀର ପ୍ରତିବଦ୍ଧତା ତଥା ପରିପାର୍ଶ୍ୱିକ ଅଞ୍ଚଳର ବିକାଶରେ କମ୍ପାନୀର ଯୋଗଦାନ ସମ୍ପର୍କରେ ଆଲୋକପାତ କରିଥିଲେ। କମ୍ପାନୀ ପ୍ରତି ରହିଥିବା ଆସ୍ଥା, ବିଶ୍ୱାସ ଓ ସହଯୋଗ ନିମନ୍ତେ ସେ ଖଣି ମନ୍ତ୍ରଣାଳୟ, ଭାରତ ସରକାର, ରାଜ୍ୟ ସରକାର ତଥା ସମସ୍ତ ଅଂଶୀଦାରମାନଙ୍କୁ ଆନ୍ତରିକ କୃତଜ୍ଞତା ଜଣାଇଥିଲେ। ଗଣମାଧ୍ୟମ ଏବଂ କମ୍ପାନୀ ମଧ୍ୟରେ ଦୃଢ଼ ସହଭାଗିତା ମାଧ୍ୟମରେ ଶିଳ୍ପକ୍ଷେତ୍ରରେ ଅଭିବୃଦ୍ଧି ଦିଗରେ କାର୍ଯ୍ୟ କରିବା ନିମନ୍ତେ ସେ ଗୁରୁତ୍ୱାରୋପ କରିଥିଲେ।

ମିଡିଆ କନେକ୍ଟ୨୦୨୫ ଦ୍ୱାରା ଗଣମାଧ୍ୟମ ପ୍ରତିନିଧି ଏବଂ କମ୍ପାନୀର ନେତୃତ୍ୱ ମଣ୍ଡଳୀଙ୍କ ମଧ୍ୟରେ କମ୍ପାନୀର ଦୃଷ୍ଟିକୋଣ, ଅଭିବୃଦ୍ଧି ପଥ, ଆଗାମୀ ପ୍ରକଳ୍ପ ଏବଂ ସିଏସ୍ଆର୍ ପଦକ୍ଷେପ ବିଷୟରେ ଆଲୋଚନା ହୋଇପାରିଛି। ପାରସ୍ପରିକ ସହଯୋଗ ମାଧ୍ୟମରେ ଅଂଶୀଦାରମାନଙ୍କ ସହ ସମ୍ପର୍କକୁ ସୁଦୃଢ଼ କରିବା ଦିଗରେ ନାଲ୍କୋର ଆଭିମୁଖ୍ୟକୁ ଗଣମାଧ୍ୟମ ସମ୍ପ୍ରଦାୟ ଦ୍ୱାରା ପ୍ରଶଂସା କରାଯାଇଥିଲା।

# ଇକ୍ୱିଟି ବଜାରରେ ନୂଆ ରଣନୀତି

ଭୁବନେଶ୍ୱର,୧୯।୮

ଦେଶର ପ୍ରମୁଖ ଘରୋଇ ବୀମା କମ୍ପାନୀ ତଥା ଆଦିତ୍ୟ ବିର୍ଲା ସନ୍ ଲାଇଫ୍ ମ୍ୟୁଚୁଆଲ ଫଣ୍ଡର ନୂତନ ଅଭିଯାନ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷ କରି ଆଜିର ନିରନ୍ତର ବିକଶିତ ଇକ୍ୱିଟି ବଜାର ଦୃଶ୍ୟପଟରେ କମ୍ପାନୀ ତା'ର ଇକ୍ୱିଟି ରଣନୀତିକୁ ଦୁଇଟି କ୍ଷେତ୍ରରେ ବିଭାଜନ କରିଛି। ଏପରିକି ସମୟ-ପରୀକ୍ଷିତ ନିବେଶ କାରକ: ଗତି ଏବଂ ଗୁଣବତ୍ତା ଉପରେ କେନ୍ଦ୍ରିତକରି କମ୍ପାନୀ ଏକ ନିର୍ଣ୍ଣାୟକ ପଦକ୍ଷେପ ନେଇଛି। ଏହି ପଦ୍ଧତି କେବଳ ଏକ କୌଶଳଗତ ପଦକ୍ଷେପ ନୁହେଁ ବରଂ ଐତିହାସିକ ତଥ୍ୟ ଏବଂ ଦୃଢ଼ ବିଶ୍ଳେଷଣ ଦ୍ୱାରା ସମର୍ଥିତ ରହିଛି। ସେହିଭଳି ଏହି ଦୁଇଟି ଶୈଳୀ ଉପରେ ବାଜି ଲଗାଇ ପାଣ୍ଠି ହାଉସ୍ ଅଭିବୃଦ୍ଧି ସମ୍ଭାବନା ଏବଂ ମୌଳିକ ଶକ୍ତି ମଧ୍ୟରେ ସନ୍ତୁଳନ ବଜାୟ ରଖି ବଜାର ଦକ୍ଷତାକୁ ବୃଦ୍ଧି କରିବା ପାଇଁ ନିଜକୁ ପ୍ରସ୍ତୁତ କରୁଛି। ଏପରିକି ମୋମେଣ୍ଟମ୍ ନିବେଶ ଏହି ଆଧାର ଉପରେ ଆଧାରିତ ରହିଛି, ନିକଟ ଅତୀତରେ ଭଲ ପ୍ରଦର୍ଶନ କରିଥିବା ଷ୍ଟକ୍‌ଗୁଡିକ ନିକଟ ଭବିଷ୍ୟତରେ ସେମାନଙ୍କର ଊର୍ଦ୍ଧ୍ୱଗାମୀ ଗତିପଥ ଜାରି ରଖିଛନ୍ତି ଏବଂ ବହୁ ସମୟ ଧରି ବ୍ୟାପକ ବିଏସ୍ଇ ୫୦୦ ଟିଆର୍ଆଇ ତୁଳନାରେ ବିଏସ୍ଇ ୫୦୦ ମୋମେଣ୍ଟମ୍ ୫୦ଟିଆର୍ଆଇର ବିଶ୍ଳେଷଣ ଦର୍ଶାଉଛି। ପରବର୍ତ୍ତୀ ବର୍ଷରେ ଅଧିକ ରିଟର୍ନ ପ୍ରଦାନ କରିବା ପୂର୍ବରୁ ମୋମେଣ୍ଟମ୍ ଇଣ୍ଡେକ୍ସ ପ୍ରାୟତଃ ଅସ୍ଥାୟୀ ଭାବେ କମ୍ ପ୍ରଦର୍ଶନ କରିଥାଏ। ବିଏସ୍ଇ ୫୦୦ ମୋମେଣ୍ଟମ୍ ୫୦ କାର୍ଯ୍ୟଦକ୍ଷତାର ଏକ ଉଲ୍ଲେଖନୀୟ ଢାଞ୍ଚା ଦେଖା ଦେଇଛି, ମୋମେଣ୍ଟମ୍ କମ୍ ପ୍ରଦର୍ଶନର ସମୟାବଧି ପ୍ରାୟତଃ ତଳକୁ ଚିହ୍ନିତ ସହ ଭବିଷ୍ୟତର ଅଧିକ ପ୍ରଦର୍ଶନ ପାଇଁ ସ୍ତର ସ୍ଥାପନ କରିଛି।


# Classified Everyday
0674-2580101, 9692975378


MATRIMONIAL

**GROOM WANTED**

Beautiful Karan girl 1992, 5'2", B.Tech (Electrical) Serving Dy. Manager OPTCL, "SUNASANSAR". 9937512659. D-1673

ବୟସ 29, Primary School Teacher ଭାବେ କାର୍ଯ୍ୟ କରୁଥିବା ସୁନ୍ଦରୀ ବ୍ରାହ୍ମଣ ଝିଅଙ୍କ ପାଇଁ ବରପାତ୍ର ଆବଶ୍ୟକ। 9827160964. D-1663

60 ବୟସ୍କା Govt. Retd. ବିଧବା ମହିଳାଙ୍କୁ anycasteର ବରପାତ୍ର ଆବଶ୍ୟକ। 9040735429. D-1659


REAL ESTATE
**SALE**

**Duplex sale with gated Society near Allms Hospital, Bhubaneswar- 9777433701.** D-1614

କଟକ-ଭୁବନେଶ୍ୱର ମଧ୍ୟଭାଗରେ ନିର୍ମିତ **Sum Hospital-2** ଏବଂ **Grand Bazar (NH-16)** ସମ୍ମୁଖରୁ ଅଳ୍ପ ଦୂରତାରେ ବାସୋପଯୋଗୀ ପ୍ଲଟ୍ କିଣନ୍ତୁ। ଗୃହ ନିର୍ମାଣ କରନ୍ତୁ। **8249422604.** D-1622

ଭୁବନେଶ୍ୱର ପଟିଆ ନିକଟବର୍ତ୍ତୀ **New ODM Global School-2** ଏବଂ **KIIT** କଲେଜରୁ ଅଳ୍ପ ଦୂରତାରେ ବାସୋପଯୋଗୀ ଏବଂ **investment** ପ୍ଲଟ୍ କିଣି ଗୃହ ନିର୍ମାଣ କରନ୍ତୁ। **8249976746, 7978660091.** D-1698

**LOST**

I Asish Kumar Shukla, C/o- Ashok Kumar Shukla, At- Dihasahi, Gopalpur, Cuttack declare that I have lost my B.Tech in I.T. Certificate having Sl. No.- AWHF06009609 has been missed at Pratapnagari on dt. 16.08.2025. If somebody found this same please contact- 9346035973. D-1694

**AFFIDAVIT**

Puna Chand Gouda, S/o- Tabata Gouda, At/P.O.- Panada, PIN-761055 have change my name to Purna Chandra Gouda vide affidavit dated 05.08.25, At- Bhubaneswar. D-1690

By virtue of an affidavit sworn in the Court of Dasarathpur, I Kalandi Behuria, S/o- Gouranga Behuria, At- Chhanchina, P.O.- Khosalpur, P.S.- Dasarathpur, Dist.- Jajpur my Aadhaar Card No.- XXXX XXXX 7567. But correction of Aadhaar Vide No.- xxxx xxxx 6802 of my daughter name was Siprarani Behuria and after correction of my daughter's Aadhaar her name is recorded as Sipra Behuria and all Education Certificates her actual name is mentioned as Siprarani Behuria. So that I further declared that Siprarani Behuria and Sipra Behuria is one and same person in the same locality vide affidavit No.- 2286/13/8/2025. D-1695

I, **Sudha Devi**, W/o- Dhiraj Kumar Daga, resident of Niharika Apartment, Laxmi Sagar, Bhubaneswar, State- Odisha, PIN-751006 declare by this affidavit No.- 763, dtd. 07.08.2025, that now onwards I shall be known as **Sudha Devi Daga** for all future purposes.
Sd- (Sudha Devi Daga) D-1699

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

By virtue of an affidavit sworn before the Executive Magistrate, Boudh, No.- 1157, date 19.08.25, I Jatndra Pradhan, R/o. Village- Tangarpali, P.O.- Birigada, P.S./ Dist.- Boudh, Odisha, PIN- 762026 declare that I have changed my son's name from Pramanand Pradhan to Premananda Pradhan. Henceforth, he shall be known as Premananda Pradhan for all purpose.
Jatndra Pradhan D-1691

I Kiran Kishan, aged about 27years, W/o-Mihir Lakra, Resident of Vill- Bhogra, P.O.-Koronga, P.S.- Kutra, Dist.- Sundargarh, Odisha do hereby solemnly affirm and declare as under, My Aadhaar Card vide No.- XXXX XXXX 9698 in which my name has been wrongly mentioned as Kiran Lakra instead of Kiran Kishan. That Kiran Kishan and Kiran Lakra denotes to one and same person i.e. my self.
Kiran Kishan D-1692

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**LEGAL NOTICE**

IN THE COURT OF THE ADDITIONAL DISTRICT JUDGE ODAGAON
RFA No.- 12/2024
ଛତି@ଛବି ବେହେରା ...ବାଦୀ
ବନାମ
ସୁରେନ୍ଦ୍ର ବେହେରା ଏବଂ ଅନ୍ୟମାନେ ..... ପ୍ରତିବାଦୀ
NOTICE U/O-5, RULE-20(A) C.P.C.

୧) ଟୁନା ବେହେରା, ବୟସ ବ୪୪ର୍ଷ, ପିତା- ମୃତ ଶଙ୍କର ବେହେରା, ୨) ବାଟି@ରାମକୃଷ୍ଣ ବେହେରା, ବୟସ ବ୫୦ର୍ଷ, ପିତା- ମୃତ ଚକ୍ରଧର ବେହେରା ୧ ଓ ୨ର ଠିକଣା ସା- ଜମୁଝୋଲା, ପୋଷ୍ଟ- ଗୋଡିସାହି, ଥାନା- ଶରଣକୁଳ, ଜିଲ୍ଲା-ନୟାଗଡ଼।

ଏହି ନୋଟିସ ଦ୍ୱାରା ଆପଣ ପ୍ରତିବାଦୀ ନଂ.-୨ ଏବଂ ୯- aଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଆପଣଙ୍କ ବିରୁଦ୍ଧରେ ମାନ୍ୟବର ADJ, ଓଡ଼ଗାଁଙ୍କ ଅଦାଲତରେ ଉପରୋକ୍ତ ଅପିଲ ବିଚାରାଧୀନ ଅଛି। ତେଣୁ ଆପଣମାନଙ୍କୁ ଧାର୍ଯ୍ୟ ତାରିଖ ତା୧୦।୦୯।୨୫ରିଖ ସମୟ ୧୦:୩୦ A.M.ରେ ମାନ୍ୟବର ADJ, ଓଡ଼ଗାଁଙ୍କ ଇଜିଲାସରେ ନିଜେ କିମ୍ବା ଆପଣଙ୍କ ଓକିଲ/କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ହାଜରହୋଇ ଅପିଲ ପରିଚାଳନା କରିବେ। ଯଦି ଧାର୍ଯ୍ୟ ତାରିଖରେ ଆପଣ ଅତ୍ର ଅଦାଲତରେ ଉପସ୍ଥିତ ନହେଲେ ଆପଣଙ୍କ ଅନୁପସ୍ଥିତିରେ ଉକ୍ତ ଅପିଲକୁ ଫଇସଲା ନିମନ୍ତେ ବିଚାର କରାଯିବ।
ସ୍ଥାନ: ଓଡ଼ଗାଁ
ତାରିଖ:
ସ୍ୱା./- ADJ, ODAGAON D-1693

**ମନେ ପଡ଼ନ୍ତି**

**ପଞ୍ଚମ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତ ଶ୍ରୀମତୀ ସୌମ୍ୟା ମିଶ୍ର**
ଲକ୍ଷ୍ମୀସାଗର, ଭୁବନେଶ୍ୱର
ଆବିର୍ଭାବ: ୧୧।୦୮।୧୯୭୫
ତିରୋଧାନ: ୨୦।୦୮।୨୦୨୦
ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ: ମାତା: ଶ୍ରୀମତୀ ଗାୟତ୍ରୀ ମିଶ୍ର ଏବଂ ଶ୍ରୀମତୀ ଶାନ୍ତା ମିଶ୍ର।
ଧ-୧୬୮୮

**ଧରିତ୍ରୀ DHARITRI**
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।


# ଇନ୍‌ଫିନିକ୍ସର ଲାଇଭ ସେଲ୍

ଭୁବନେଶ୍ୱର,୧୯।୮

ଇନ୍‌ଫିନିକ୍ସର ବହୁ ପ୍ରତୀକ୍ଷିତ ଅଫର ତଥା ଲାଇଭ ସେଲ୍‌ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ବିଶେଷକରି ୨୦,୦୦୦ ଟଙ୍କାରୁ କମ୍ ମୂଲ୍ୟ ବର୍ଗରେ ପ୍ରତିଯୋଗିତାପୂର୍ଣ୍ଣ ଗେମିଂ ସ୍ମାର୍ଟଫୋନ୍ ଇନ୍‌ଫିନିକ୍ସ ଜିଟି ୩୦ ୫ଜି+ ଫ୍ଲିପ୍‌କାର୍ଟରେ ଉପଲବ୍ଧ ରହିଛି। ଏହି ସେଲ୍ ଲାଇଭ ରହିଥିବାବେଳେ ଏହାର ଷ୍ଟକ୍ ଶେଷ ହେବା ପର୍ଯ୍ୟନ୍ତ ସୀମିତ ଅବଧି ପାଇଁ ସମସ୍ତ ଲଞ୍ଚ ଅଫର ସହ ୧୭,୯୯୯ ଟଙ୍କାର ଏକ ସ୍ୱତନ୍ତ୍ର ମୂଲ୍ୟରେ ସୀମିତ ୟୁନିଟ୍ ସହ ଉପଲବ୍ଧ। ଜିଟି ୩୦ ୫ଜି+ ସାଇବର ମେକା ୨.୦ ଡିଜାଇନ ସହ ସ୍ପଷ୍ଟ ଜିଓମେଟ୍ରିକ୍ ଲାଇନଗୁଡିକୁ ଏକତ୍ରିତ କରିଛି ଏବଂ ସାଇବର ଗ୍ରୀନ୍, ପଲ୍ସ ବ୍ଲୁ ଓ ବ୍ଲେଡ୍ ହ୍ୱାଇଟ କଲରରେ ଏହା ଉପଲବ୍ଧ। ଏହାର ବ୍ୟାକ୍ ପ୍ୟାନେଲରେ ପ୍ରୋଗ୍ରାମେବୁଲ ହ୍ୱାଇଟ ଏଲ୍ଇଡି ଲାଇଟିଂ ରହିଛି, ଯାହା ଚାର୍ଜିଂ, ମ୍ୟୁଜିକ ଓ ନୋଟିଫିକେଶନଗୁଡିକୁ ଚମତ୍କାର ଭାବେ ପ୍ରତିକ୍ରିୟା ଦେଇଥାଏ। ଏହି ଫୋନ୍‌ରେ ୪୫ ୱାଟ ଫାଷ୍ଟ ଚାର୍ଜିଂ ସହ ୫୫୦୦ଏମ୍ଏଏଚ୍ ବ୍ୟାଟେରି, ଗେମ୍‌ପ୍ଲେ ସମୟରେ ଉତ୍ତାପ ହ୍ରାସ କରିବା ପାଇଁ ବାଇପାସ୍ ଚାର୍ଜିଂ ଏବଂ ଯାତ୍ରା ସମୟରେ ଅନ୍ୟ ଡିଭାଇସ୍‌ଗୁଡିକୁ ଚାର୍ଜ କରିବା ପାଇଁ ୱାୟାରଡ ରିଭର୍ସ ଚାର୍ଜିଂ ଭଳି ଫିଚର ରହିଛି।

# ବଜାରରେ ରେଡ୍‌ମି ୧୫

ଭୁବନେଶ୍ୱର,୧୯।୮

ସାଓମି ଇଣ୍ଡିଆର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ 'ରେଡ୍‌ମି ୧୫ ୫ଜି'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରିକି ରେଡ୍‌ମି ୧୫ ୫ଜି ଏକ ସେଗମେଣ୍ଟ-ପ୍ରଥମ ୭୦୦୦ ଏମ୍ଏଏଚ୍ ଇଭି-ଗ୍ରେଡ୍ ସିଲିକନ-କାର୍ବନ ବ୍ୟାଟେରିର ଉନ୍ମୋଚନ କରିଛି, ଏହା ୩୩ ୱାଟ ଫାଷ୍ଟ ଚାର୍ଜିଂ ଓ ୧୮ୱାଟ ରିଭର୍ସ ଚାର୍ଜିଂ ସହିତ ୪୮ଘଣ୍ଟାର ପାୱାର ପ୍ରଦାନ କରୁଛି। ଏଥିରେ ଏକ ୬.୯ ଇଞ୍ଚ ଏଫ୍ଏଚ୍ଡି+ ଆଡାପ୍ଟିଭ ସିଙ୍କ ଡିସ୍‌ପ୍ଲେ ସହ ୧୪୪ଏଚ୍‌ଜେଡ୍ ପର୍ଯ୍ୟନ୍ତ ରିଫ୍ରେଶ ରେଟ, ଟିୟୁଭି ରେନଲ୍ୟାଣ୍ଡ ଟ୍ରିପଲ ସାର୍ଟିଫିକେଶନ ଏବଂ ନିମଜ୍ଜିତ ମନୋରଞ୍ଜନ ପାଇଁ ଡଲ୍‌ବି-ସାର୍ଟିଫାଏଡ ସ୍ପିକର ରହିଛି। ଏହି ଫୋନ ମାତ୍ର ୧୪,୯୯୯ ଟଙ୍କାର ପ୍ରାରମ୍ଭିକ ମୂଲ୍ୟରେ ଫ୍ରଷ୍ଟେଡ ହ୍ୱାଇଟ, ମିଡ୍‌ନାଇଟ ବ୍ଲାକ ଓ ସ୍ୟାଣ୍ଡି ପର୍ପଲରେ ଉପଲବ୍ଧ ହେବାକୁ ଯାଉଛି।

# ନଳିତା ଶଢ଼ାଇବା ପ୍ରଣାଳୀ



ଗଛଗୁଡ଼ିକୁ ପାଣିରେ ୧୦-୧୨ଦିନ ପର୍ଯ୍ୟନ୍ତ ଶଢ଼ାନ୍ତୁ। ନଳିତା ଶଢ଼ାଇବା ପାଇଁ ପରିଷ୍କାର ଓ ସ୍ୱଚ୍ଛ ପାଣି ବ୍ୟବହାର କରନ୍ତୁ। ଏହା ଉତ୍ପାଦିତ ତନ୍ତୁର ପୋକ ଓ ରଙ୍ଗକୁ ନଷ୍ଟହେବାକୁ ଦିଏନାହିଁ। ସ୍ଥିରପାଣି ଅପେକ୍ଷା ଧୀରେ ଧୀରେ ବହିଯାଉଥିବା ପରିଷ୍କାର ପାଣି ନଳିତା ଶଢ଼ାଇବା ପାଇଁ ଅଧିକ ଉପଯୋଗୀ। ବିଡ଼ାଗୁଡ଼ିକୁ ୬୦ସେ.ମି. ପାଣି ଥିବା ସ୍ଥାନରେ ୨-୩ ଦିନ ଠିଆକରି ରଖାଯିବା ଆବଶ୍ୟକ । ତା'ପରେ ଗଛର ମୂଳ ଅଂଶକୁ ସାମାନ୍ୟ ବାଡ଼େଇ ୫-୧୦ଭାଗ ୟୁରିଆ ଦ୍ରବଣରେ ୧ ମିନିଟ୍ ପର୍ଯ୍ୟନ୍ତ ବୁଡ଼ାଇ ରଖନ୍ତୁ। ତା' ପରେ ବିଡ଼ାଗୁଡ଼ିକୁ ସମ୍ପୂର୍ଣ୍ଣ ଭାବେ ପାଣିରେ ବୁଡ଼ାଇ ଦିଅନ୍ତୁ। ଭେଳାର ତଳଅଂଶ ମାଟିରେ ଲାଗିବାକୁ ଦିଅନ୍ତୁ ନାହିଁ। ନଳିତା ଶଢ଼ିବା ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ କବକ କଲ୍ଚର ବ୍ୟବହାର କରନ୍ତୁ। ନଳିତାରେ ଘୋଡ଼ାପୋକ ଏବଂ କାଣ୍ଡବିନ୍ଧା ପୋକର ଦମନ ପାଇଁ ପ୍ରତି ଲିଟର ପାଣିରେ ୨ ମି.ଲି. ହିସାବରେ ଏଣ୍ଡୋସଲ୍ଫାନ୍ କିମ୍ବା ଫୋସାଲୋନ୍ ମିଶାଇ ସିଞ୍ଚନ କରନ୍ତୁ। ଜମିରେ ଅଧିକ ପାଣି ଜମି ରହିଗଲେ ବୟସ୍କ ଗଛରେ କାଣ୍ଡଶଢ଼ା ରୋଗ ଦେଖାଯାଇଥାଏ। ଏହାଦ୍ୱାରା ପତ୍ର ଝଡ଼ିଯାଏ ଏବଂ କାଣ୍ଡ କଳା ପଡ଼ି ପଚିଯାଏ। ଆକ୍ରାନ୍ତ ପତ୍ର ଓ କାଣ୍ଡରେ କଳାଦାଗ ଦେଖାଯାଏ। ଏହାର ଦମନ ପାଇଁ ପ୍ରତି ଲିଟର ପାଣିରେ ୧ଗ୍ରାମ୍ କାର୍ବେଣ୍ଡାଜିମ୍ ସହ ମାଙ୍କୋଜେବ୍ କିମ୍ବା ୩.୫ଗ୍ରାମ୍ ମାଙ୍କୋଜେବ୍ ମିଶାଇ ପତ୍ର ସିଞ୍ଚନ କଲେ ରୋଗ ନିୟନ୍ତ୍ରଣ ହୋଇଥାଏ।

# ଖରିଫ ଘାସ ଚାଷ

"ବର୍ଷାଦିନରେ ଚାଷକରାଯାଉଥିବା ଘାସ ମଧ୍ୟରେ ଶସ୍ୟ ଜାତୀୟ ମକା, ଏମ୍ପି ଚେରୀ, ଜୁଆର, ବାଜରା, ମକ୍ଚେରି, ମିଠାସୁଦାନ ଓ ଛୁଇଁ ଜାତୀୟ ଘାସ ମଧ୍ୟରେ ବରଗୁଡ଼ି, ଗୁଆଁର, ବିଲଶିମ୍ବ ଓ ଡଙ୍ଗରରାଣୀ ପ୍ରଧାନ । ସବୁ ଚାଷ ପରି ଏହି ଚାଷ ପାଇଁ ମଧ୍ୟ ହଳକରି ଏକର ପ୍ରତି ୧୦ ଶଗଡ଼ ଶଢ଼ା ଗୋବରଖତ, ୫୦ କିଲୋଗ୍ରାମ ସିଙ୍ଗଲ ସୁପର ଫସ୍ଫେଟ୍ କିମ୍ବା ୪୦ କିଲୋ ଗ୍ରାମ୍ ଡିଏପି ଓ ୧୦ କିଲୋ ଗ୍ରାମ ପଟାସ ଆବଶ୍ୟକ । ଗଛ ଉଠିବାର ୧୬ରୁ ୨୧ ଦିନ ମଧ୍ୟରେ ଏକର ପ୍ରତି ୨୦ରୁ ୩୦ କିଲୋଗ୍ରାମ ୟୁରିଆ ସାର ପ୍ରୟୋଗକଲେ ଆଶାନୁରୂପ ଅମଳ ମିଳିଥାଏ । ସମସ୍ତ ଶସ୍ୟ ଜାତୀୟ ଘାସ ପାଇଁ ୧୫ରୁ ୨୦ କିଲୋଗ୍ରାମ ମଞ୍ଜି ଓ ଛୁଇଁ ଜାତୀୟ ଘାସ ପାଇଁ ୧୦ରୁ ୧୫ କିଲୋଗ୍ରାମ ମଞ୍ଜି ଆବଶ୍ୟକ ହୋଇଥାଏ । ମାତ୍ର ବାଜରାର ମଞ୍ଜି ଛୋଟ ହୋଇଥିବାରୁ ଏହାର ୪ରୁ ୫ କିଲୋଗ୍ରାମ ମଞ୍ଜି ଏକର ପାଇଁ ଯଥେଷ୍ଟ ହୋଇଥାଏ ।"



କେଶବ କୁମାର ମହାପାତ୍ର

ଆମ ରାଜ୍ୟରେ ମୌସୁମୀ ବର୍ଷା ସାଧାରଣତଃ ଜୁନ୍ ୧୫ରୁ ଆରମ୍ଭ ହୋଇ ଅକ୍ଟୋବର ୧୫ ପର୍ଯ୍ୟନ୍ତ ରହିଥାଏ । ସେ ସମୟରେ ଗୋଚର, ଅନାବାଦୀ ପଡ଼ିଆ ଇତ୍ୟାଦିରେ ସବୁଜ ଘାସ କଅଁଳେ । ମାତ୍ର ଦିନକୁ ଦିନ ଗୋରୁ, ମଇଁଷି, ଛେଳି, ମେଣ୍ଢା ଇତ୍ୟାଦି ଗୃହପାଳିତ ପଶୁଙ୍କ ସଂଖ୍ୟା ବଢ଼ିଗଲାଣି । ତେଣୁ ପ୍ରାକୃତିକ ଉପାୟରେ ମିଳୁଥିବା ଘାସ ସେମାନଙ୍କ ପାଇଁ ଯଥେଷ୍ଟ ହେଉନାହିଁ ଓ ସେ ସବୁରେ ମଧ୍ୟ ଖାଦ୍ୟସାରର ପରିମାଣ କମ୍, ତେଣୁ ବର୍ଷାଦିନରେ ଉନ୍ନତ ଘାସ ଚାଷକରି ଗୋରୁ ପ୍ରଭୃତି ସୁଷମ ଖାଦ୍ୟ ପାଇବା ସହ କମ୍ ଖର୍ଚ୍ଚରେ ପଶୁପାଳନ କରି ଚାଷୀ ଲାଭବାନ୍ ହୋଇଥାନ୍ତି । ବର୍ଷାଦିନରେ ବିଭିନ୍ନ ଋତୁକାଳୀନ ଘାସଚାଷ ହେବା ସହ ସବୁଦିନିଆ ଘାସ ମଧ୍ୟ ଲଗାଯାଇପାରିବ ଓ ଗୋଚର ଉନ୍ନୟନ ପାଇଁ ମଧ୍ୟ ଏହି ସମୟ ଉପଯୁକ୍ତ ।

**ଋତୁକାଳୀନ ଘାସ :** ବର୍ଷାଦିନରେ ଚାଷକରାଯାଉଥିବା ଘାସ ମଧ୍ୟରେ ଶସ୍ୟ ଜାତୀୟ ମକା, ଏମ୍ପି ଚେରୀ, ଜୁଆର, ବାଜରା, ମକ୍ଚେରି, ମିଠାସୁଦାନ ଓ ଛୁଇଁ ଜାତୀୟ ଘାସ ମଧ୍ୟରେ ବରଗୁଡ଼ି, ଗୁଆଁର, ବିଲଶିମ୍ବ ଓ ଡଙ୍ଗରରାଣୀ ପ୍ରଧାନ । ସବୁ ଚାଷ ପରି ଏହି ଚାଷ ପାଇଁ ମଧ୍ୟ ହଳକରି ଏକର ପ୍ରତି ୧୦ ଶଗଡ଼ ଶଢ଼ା ଗୋବରଖତ, ୫୦ କିଲୋଗ୍ରାମ ସିଙ୍ଗଲ ସୁପର ଫସ୍ଫେଟ୍ କିମ୍ବା ୪୦ କିଲୋଗ୍ରାମ ଡିଏପି ଓ ୧୦ କିଲୋଗ୍ରାମ ପଟାସ ଆବଶ୍ୟକ । ଗଛ ଉଠିବାର ୧୬ରୁ ୨୧ ଦିନ ମଧ୍ୟରେ ଏକର ପ୍ରତି ୨୦ରୁ ୩୦ କିଲୋଗ୍ରାମ ୟୁରିଆ ସାର ପ୍ରୟୋଗକଲେ ଆଶାନୁରୂପ ଅମଳ ମିଳିଥାଏ । ସମସ୍ତ ଶସ୍ୟଜାତୀୟ ଘାସ ପାଇଁ ୧୫ରୁ ୨୦ କିଲୋଗ୍ରାମ ମଞ୍ଜି ଓ ଛୁଇଁ ଜାତୀୟ ଘାସ ପାଇଁ ୧୦ରୁ ୧୫ କିଲୋଗ୍ରାମ ମଞ୍ଜି ଆବଶ୍ୟକ ହୋଇଥାଏ । ମାତ୍ର ବାଜରାର ମଞ୍ଜି ଛୋଟ ହୋଇଥିବାରୁ ଏହାର ୪ ରୁ ୫ କିଲୋଗ୍ରାମ ମଞ୍ଜି ଏକର ପାଇଁ ଯଥେଷ୍ଟ ହୋଇଥାଏ । ଏମ୍ପି ଚେରି, ବାଜରା ଓ ଜୁଆର ଇତ୍ୟାଦି ଫୁଲ ଉଠାଇଲା ବେଳେ ମକା ମଞ୍ଜିରେ କ୍ଷୀର ହେଲେ ଓ ବରଗୁଡ଼ି, ଗୁଆଁର ଇତ୍ୟାଦିରେ ଫୁଲ ଫୁଟି ଛୁଇଁ ଧରିଲେ ଘାସ ଅମଳ କରାଯାଇଥାଏ । ଶସ୍ୟ ଜାତୀୟ ଘାସରୁ ୧୦୦ରୁ ୧୫୦ କୁଇଣ୍ଟାଲ ଏବଂ ଛୁଇଁ ଜାତୀୟ ଘାସରୁ ୭୦ରୁ ୧୦୦ କୁଇଣ୍ଟାଲ ପର୍ଯ୍ୟନ୍ତ ଏକର ପ୍ରତି ଅମଳ ମିଳିଥାଏ ।

**ସବୁଦିନିଆ ଘାସ :** ବର୍ଷାଦିନେ ମଧ୍ୟ ସବୁଦିନିଆ ଘାସରୋପଣ କରିବାର ଉପଯୁକ୍ତ ସମୟ । ଜମି ପ୍ରସ୍ତୁତକରି ଏକର ପ୍ରତି ୧୦ ଶଗଡ଼ ଶଢ଼ା ଗୋବରଖତ, ୧୦୦ କିଲୋଗ୍ରାମ ସୁପର ଫସ୍ଫେଟ୍ ସାର କିମ୍ବା ୫୦ କିଲୋ ଗ୍ରାମ ଡିଏପି ଓ ୧୫ କିଲୋଗ୍ରାମ ପଟାସ ସାର ଦେଇ ଜମି ପ୍ରସ୍ତୁତ କରାଯାଏ । ସବୁଦିନିଆ ତୃଣ ଜାତୀୟ ଘାସର ମୂଳ ବା କାଣ୍ଡ ରୋପଣ କରାଯାଏ। ଲଗାଇବାର ୩ ସପ୍ତାହ ପରେ ୟୁରିଆ ସାର ଦେବାକୁ ହୋଇଥାଏ । ସଙ୍କର ହାତିଆ, ଗିନି ଓ କଙ୍ଗୋ ସିଗ୍ନାଲ ଇତ୍ୟାଦି ଏକର ପ୍ରତି ଯଥାକ୍ରମେ ୫୦୦୦, ୬୦୦୦ ଓ ୮୦୦୦ ଜୁଦା ଲଗାଯାଇଥାଏ । ବରସସିମ୍ ଜମିରେ ପାରା ଘାସ ୧୫ରୁ ୨୦ ହଜାର ଖଣ୍ଡ ରୋପଣ କରିବାକୁ ହୋଇଥାଏ ।

**ଗୋଚର ଉନ୍ନୟନ :** ବର୍ଷାଦିନ ମଧ୍ୟ ଗୋଚର ଉନ୍ନୟନ ପାଇଁ ଉପଯୁକ୍ତ ସମୟ । ଗୋଚର ଜମିରେ ଅଧିକ ଘାସ ଉତ୍ପାଦନ ପାଇଁ ଦୀନାନାଥ, ରୋଡସ୍, ସଦାବାହାର, ଅଞ୍ଜନ ଆଦି ତୃଣଜାତୀୟ ଘାସ ସହ ଷ୍ଟାଇଲୋ ଇତ୍ୟାଦି ଛୁଇଁ ଜାତୀୟ ଘାସ ରୋପଣ କରାଯାଇଥାଏ । ଗୋଖାଦ୍ୟ ବୃକ୍ଷଭାବରେ ସୁବାବୁଲ, ଅଗସ୍ତି,ଚାକୁଣ୍ଡା, ଡିମିରି, ଶିରିଶ ଇତ୍ୟାଦି ରୋପଣକଲେ ତାଳପତ୍ର ଆକାରରେ କିଛି ଅଧିକ ସବୁଜ ଗୋଖାଦ୍ୟ ମିଳିପାରିବ ।

ବର୍ଷର ଅନ୍ୟ ସମୟରେ ଜଳସେଚନର ଅଭାବ ଓ ବୁଲା ଗୋରୁଙ୍କ ପ୍ରାଦୁର୍ଭାବ ପାଇଁ ଅଧିକ ଘାସଚାଷ କରାଯାଇପାରେ ନାହିଁ । ତେଣୁ ବର୍ଷାଦିନରେ ଅଧିକ ଘାସଚାଷ କରି ଘାସ ଆଚାର ଓ ଘାସ ଶୁଖୁଆ ଭାବରେ ସାଇତି ରଖିପାରିଲେ ନିଅଣ୍ଟିଆ ସମୟରେ ଗୋରୁଙ୍କୁ ତାହା ଖୁଆଇ କମ୍ ଖର୍ଚ୍ଚରେ ଗୋପାଳନ କରିହେବ ।

–ମଧୁବାବୁ କଲୋନୀ, ଖଣ୍ଟପଡ଼ା, ବାଲେଶ୍ୱର
ମୋ : ୯୪୩୭୧୧୭୪୦୬



# ତଳିଘରା ପ୍ରସ୍ତୁତି କରୁଥିଲେ...

ଅନୁମୋଦିତ ପ୍ରଣାଳୀରେ ତଳିଘରା ପ୍ରସ୍ତୁତ କରନ୍ତୁ। ଏକ ହେକ୍ଟର ଜମି ପାଇଁ ୨୫ ଡେସିମିଲି ଜମିରେ ତଳି ପକାନ୍ତୁ। ତଳି କିଆରିକୁ ଭଲ ଭାବରେ ଚାଷକରି ସେଥିରେ ୪୦ ଝୁଡ଼ି ଖତ ଦେଇ ୧ ମିଟର ଓସାର ଏବଂ ୧୫ ସେ.ମି. ଉଚ୍ଚ ପଟାଳି କରନ୍ତୁ। ପଟାଳିଗୁଡ଼ିକ ଲମ୍ବା ସୁବିଧା ଅନୁଯାୟୀ କରନ୍ତୁ । ଦୁଇ ପଟାଳି ମଝିରେ ୩୦ ସେ.ମି. ଓସାର ନାଳ ଛାଡ଼ିବେ, କାରଣ ସେହି ନାଳଦେଇ ବେଶି ବର୍ଷା ହେଲେ ପାଣି ନିଗିଡ଼ିଯିବ ଏବଂ ଯିବା ଆସିବା ମଧ୍ୟ କରିହେବ। ତଳିଘରାରେ ୫ କି.ଗ୍ରା. ଫସ୍ଫରସ୍ ଓ ୫ କି.ଗ୍ରା. ପଟାସ୍ ଖାଦ୍ୟସାରକୁ ଭଲ ଭାବରେ ପଟାଳିଗୁଡ଼ିକରେ ମିଶାଇ ସେଥିରେ ୫ ସେ.ମି. ବ୍ୟବଧାନରେ ଧାଡ଼ି ଧାଡ଼ି କରି ବିହନ ବୁଣି ଘୋଡ଼ାଇ ଦିଅନ୍ତୁ। ବର୍ଷା ନ ହେଲେ ପଟାଳିରେ ପାଣି ସିଞ୍ଚିବେ। ବିହନକୁ ଫିମ୍ପିନାଶକରେ ବିଶୋଧନକରି ପଟାଳିରେ ବୁଣନ୍ତୁ । ସହଳ କିସମର ଧାନତଳି ୨୦-୨୨ ଦିନର ଓ ବିଳମ୍ବ କିସମ ଧାନତଳି ୨୫-୩୦ ଦିନର ହେଲେ ରୋଇଦିଅନ୍ତୁ । ବୁଣାଧାନ ୩୦-୪୫ ଦିନ ହୋଇଥିଲେ ବେଉଷଣ କାମ ଶୀଘ୍ର ସାରି ଦିଅନ୍ତୁ ଓ ଅନୁମୋଦିତ ସାର ପ୍ରୟୋଗ କରନ୍ତୁ । ଜମିରେ ୫ ସେ.ମି. ପାଣି ରଖି ଗୋଜି ଲଙ୍ଗଳ ଦ୍ୱାରା ବେଉଷଣ କରନ୍ତୁ । ଗଛ ସଂଖ୍ୟା ଅଧିକ ଥିଲେ ସଘନ ବେଉଷଣ କରନ୍ତୁ । ବେଉଷଣ ସମୟରେ ସମସ୍ତ ଅନୁମୋଦିତ ଫସ୍ଫରସ୍ ଓ ପଟାସ୍ ଖାଦ୍ୟସାର ସହ ଅର୍ଦ୍ଧେକ ଯବକ୍ଷାରଜାନ ପ୍ରୟୋଗ କରନ୍ତ। ଜମି କାଦୁଅ ପାଇଁ ଟ୍ରାକ୍ଟରଚାଳିତ ପଡଲର ବ୍ୟବହାର କରନ୍ତୁ ଏବଂ ଟ୍ରାକ୍ଟରଚାଳିତ ଧାନରୁଆ ଯନ୍ତ୍ର ସାହାଯ୍ୟରେ ଧାନ ରୋଇଲେ ଶ୍ରମଜନିତ ଖର୍ଚ୍ଚ କମାଇପାରବେ। ଧାନରୁଆ ଯନ୍ତ୍ର ପାଇଁ ପଲିଥିନ୍‌ରେ ମ୍ୟାଟ୍ ତଳିଘରା କରି ତଳି ଉତାରନ୍ତୁ। ସଘନ ଧାନଚାଷ (ଶ୍ରୀ ପ୍ରଣାଳୀ) ପାଇଁ ଖାଦ୍ୟସାର ପରିପୂର୍ଣ୍ଣ (ଜୈବିକ ଖତ) ତଳିଘରା କରି ତଳି ଉତାରନ୍ତୁ। ଆବଶ୍ୟକ ସ୍ଥଳେ ଡ୍ରମ୍ ସିଡର ବ୍ୟବହାରକରି କାଦୁଅ ଜମିରେ ଗଜା ହୋଇଥିବା ଧାନ ବୁଣନ୍ତୁ ।

# ପନିପରିବା ତଳି ପଟାଳିରେ ସାର ପ୍ରୟୋଗ



ପନିପରିବା ତଳି ପଟାଳିରେ ସାର ପ୍ରୟୋଗ ପୂର୍ବରୁ ତଳିପଟିକୁ ସ୍ୱଚ୍ଛ ଜରି ଢାଙ୍କି ଚତୁଃପାର୍ଶ୍ୱ ନିବୁଜକରି ୨ ଦିନ ଛାଡ଼ିଦେଲେ ସୂର୍ଯ୍ୟାଲୋକ ଦ୍ୱାରା ଏହା ବିଶୋଧିତ ହୋଇଯାଏ। ତଳି ପଟାଳିକୁ କାର୍ବେଣ୍ଡାଜିମ୍ ୨ଗ୍ରାମ୍‌କୁ ୧ ଲିଟର ଦ୍ରବଣରେ ବିଶୋଧନ କରିଦେବା ଭଲ କିମ୍ବା ୩-୫ ପ୍ରତିଶତ ଫର୍ମାଲିନ୍ ଦ୍ରବଣ ସିଞ୍ଚନକରି ସ୍ୱଚ୍ଛ ଜରିରେ ଘୋଡ଼ାଇବାର ୪-୫ ଦିନ ପରେ ବିହନ ବୁଣନ୍ତୁ। ଏହା ପରିବର୍ତ୍ତେ ତଳି ପଟାଳି ଉପରେ ଶୁଖିଲା ଘାସ ରଖି ପୋଡ଼ିଦେଲେ ମଧ୍ୟ ମାଟି ବିଶୋଧନ ହୋଇଥାଏ । ତଳିଘରାରୁ ପାଣି ନିଗିଡ଼ି ଯିବା ପାଇଁ ପଟାଳି ମଝିରେ ନାଳୀର ବ୍ୟବସ୍ଥା କରନ୍ତୁ । ତଳିଘରା ପ୍ରସ୍ତୁତ ହୋଇଗଲା ପରେ ମାଟିରେ ୨ ଇଞ୍ଚ ବ୍ୟବଧାନରେ ଗାର ଟାଣି ମଞ୍ଜିକୁ ଗୋଟି ଗୋଟି କରି ଧାଡ଼ିରେ ବୁଣନ୍ତୁ । ତା' ଉପରେ ଶୁଖିଲା ଗୁଣ୍ଡମାଟି ଘୋଡ଼ାଇ ଦିଅନ୍ତୁ ଓ ନଡ଼ା କିମ୍ବା ଶୁଖିଲା ପାଳ ଘୋଡ଼ାଇଦେଲେ ଚଞ୍ଚଳ ଗଜା ହୋଇଥାଏ । ମଞ୍ଜିଗୁଡ଼ିକ ଲଗାଇବା ପୂର୍ବରୁ କିଲୋପ୍ରତି ୨ ଗ୍ରାମ୍ ବାଭିଷ୍ଟିନ୍ ବା ୩ ଗ୍ରାମ୍ ଥିରାମ୍ ମିଶାଇ ବିଶୋଧନକରି ଲଗାନ୍ତୁ । ଝରାରେ ପାଣି ଦିଅନ୍ତୁ । ଟାଣଖରା ଓ ବର୍ଷାଦାଉରୁ ଛୋଟ ଚାରାକୁ ରକ୍ଷାକରିବା ପାଇଁ ପଟାଳିକୁ ଜରି ଘର ମଧ୍ୟରେ କରନ୍ତୁ। ବାଇଗଣ, ବିଲାତି ବାଇଗଣ, ଲଙ୍କା ଇତ୍ୟାଦି ଫସଲର ଚାରା ଉତାରି ଲଗାଯାଉଥିବା ବେଳେ କଖାରୁ ଜାତୀୟ ଫସଲଗୁଡ଼ିକ ସିଧାସଳଖ ମୂଳ ଜମିରେ ଲଗାଯାଇଥାଏ ।

# ସଘନ ମାଛଚାଷ

ମାଛଚାଷ ପାଇଁ ପୋଖରୀ ଠିକ୍ ଭାବେ ପ୍ରସ୍ତୁତ ହେଲାପରେ ସଘନ ମାଛଚାଷ ପାଇଁ ବିଭିନ୍ନ ପ୍ରକାର ଯାଆଁଳ ନିର୍ଦ୍ଦିଷ୍ଟ ପରିମାଣ ଓ ଅନୁପାତରେ ଛଡ଼ାଯାଏ । ଜାତିଆ ମାଛ ଯଥା- ରୋହି, ଭାକୁର, ମିରିକାଳି ଏବଂ ବିଦେଶୀମାଛ ରୂପାପେଟୀ (ସିଲ୍‌ଭର କାର୍ପ), ଜଳଖାଇ (ଗ୍ରାସ୍‌କାର୍ପ), ବିଲାତି ରୋହିକୁ ଏକା ସାଙ୍ଗରେ ଚାଷ କରାଯାଏ । କାରଣ ବିଭିନ୍ନ ପ୍ରକାର ମାଛ ଜଳର ବିଭିନ୍ନ ସ୍ତରରୁ ବିଭିନ୍ନ ପ୍ରକାର ଖାଦ୍ୟ ଆହରଣ କରିଥାନ୍ତି। ଭାକୁର ଓ ସିଲ୍‌ଭର କାର୍ପ ଜଳର ଉପର ସ୍ତରରୁ, ରୋହି ଓ ଗ୍ରାସ୍‌କାର୍ପ ମଝି ସ୍ତରରୁ ଏବଂ ମିରିକାଳି ଓ ବିଲାତି ରୋହି ଜଳର ତଳସ୍ତରରୁ ସେମାନଙ୍କ ଖାଦ୍ୟ ସଂଗ୍ରହ କରିଥାନ୍ତି । ଫଳରେ ସେମାନେ ପରସ୍ପରର କ୍ଷତି ନ କରି ପୋଖରୀର ସମସ୍ତ ସ୍ତର ଉପଯୋଗକରି ସୁଚାରୁ ରୂପେ ବଢ଼ିଥାନ୍ତି। ଏଣୁ ପୋଖରୀରେ ମିଳୁଥିବା ଖାଦ୍ୟ ଓ ସ୍ଥାନର ପୂର୍ଣ୍ଣ ବିନିଯୋଗ ହୋଇଥାଏ। ଏହି ପ୍ରଣାଳୀରେ ହେଉଥିବା ମାଛଚାଷକୁ ସଘନ ମାଛଚାଷ କୁହାଯାଏ । କିନ୍ତୁ ଗୋଟିଏ ପ୍ରଜାତିର ମାଛ ଛାଡ଼ିଲେ କେବଳ ଗୋଟିଏ ନିର୍ଦ୍ଦିଷ୍ଟ ସ୍ତରର ଖାଦ୍ୟ ବ୍ୟବହାର ହେବ ଏବଂ ଅନ୍ୟ ଦୁଇ ସ୍ତରର ଖାଦ୍ୟ ବ୍ୟବହାର ହୋଇପାରିବ ନାହିଁ। ଫଳରେ ମାଛ ଉତ୍ପାଦନ କମିଯିବ। ତେଣୁ ସର୍ବଦା ସଘନ ପ୍ରଣାଳୀରେ ୩ଟି, ୪ଟି କିମ୍ବା ଆବଶ୍ୟକତା ଅନୁସାରେ ସମସ୍ତ ୬ଟି ପ୍ରଜାତିର (୩ଟି ଜାତୀୟ ଏବଂ ୩ଟି ବିଦେଶୀ) ମାଛଚାଷ କଲେ ଅଧିକ ଉତ୍ପାଦନ ମିଳିପାରିବ। ସଘନ ମାଛଚାଷ ପାଇଁ ୧ ଏକର ବିଶିଷ୍ଟ ପୋଖରୀରେ ପ୍ରାୟ ୪୦୦୦ ଗୋଟି ମିଶ୍ରିତ ଯାଆଁଳ (୨୧-୪୦ ମି.ମି.) କିମ୍ବା ୨୦୦୦ ଗୋଟି ମିଶ୍ରିତ ବଡ଼ ଯାଆଁଳ (୪୧-୬୦ ମି.ମି.) ଛଡ଼ାଯାଏ। କେବଳ ତିନୋଟି ପ୍ରଜାତିର ମାଛଚାଷ କରିବାକୁ ଚାହୁଁଥିଲେ ଭାକୁର ୩୦ ଭାଗ, ରୋହି ୪୦ ଭାଗ ଏବଂ ମିରିକାଳି ୩୦ ଭାଗ ହିସାବରେ ଏକର ପିଛା ୧୨୦୦ଟି ଭାକୁର, ୧୬୦୦ ଟି ରୋହି ଏବଂ ୧୨୦୦ ଟି ମିରିକାଳି (୨୧ ରୁ ୪୦ ମି.ମି.) ଛାଡ଼ିବାକୁ ହେବ। ଚାରୋଟି ପ୍ରଜାତିର ମାଛଚାଷ କରିବା ପାଇଁ ହେଲେ ଭାକୁର ୩୦ ଭାଗ, ରୋହି ୪୦ ଭାଗ, ମିରିକାଳି ୨୦ ଭାଗ ଏବଂ ବିଲାତି ରୋହି ୧୦ ଭାଗ ହିସାବରେ ଏକର ପିଛା ଭାକୁର ୧୨୦୦ଟି, ରୋହି ୧୬୦୦ଟି, ମିରିକାଳି ୮୦୦ଟି ଏବଂ ବିଲାତି ରୋହି ୪୦୦ଟି (୨୧-୪୦ ମି.ମି.) ଛାଡ଼ିବାକୁ ହେବ। ଛଅ ପ୍ରକାର ମାଛ ଚାଷ ପାଇଁ ସାଧାରଣତଃ ଏକର ପିଛା ୮୦୦ ଗୋଟି ଭାକୁର ଓ ୪୦୦ ଗୋଟି ସିଲ୍‌ଭର କାର୍ପ, ୧୨୦୦ ଗୋଟି ରୋହି ଓ ୪୦୦ ଗୋଟି ଗ୍ରାସ୍ କାର୍ପ ଓ ୮୦୦ ଗୋଟି ମିରିକାଳି ଓ ୪୦୦ ଗୋଟି ବିଲାତି ରୋହି ଛଡ଼ାଯାଇଥାଏ। ଯାଆଁଳ ସକାଳ ବା ସନ୍ଧ୍ୟା ସମୟରେ ଛଡ଼ାଯାଏ। ଯାଆଁଳ ଛାଡ଼ିବା ପୂର୍ବରୁ ଯାଆଁଳ ମୁଣାକୁ କିଛି ସମୟ ପାଇଁ ପୋଖରୀ ପାଣିରେ ଭସାଇ ରଖିବା ଉଚିତ। ଏହାଦ୍ୱାରା ମୁଣା ଭିତରେ ଓ ବାହାରର ଉତ୍ତାପ ସମାନ ସ୍ତରକୁ ଆସିଥାଏ। ତା'ପରେ ମୁଣାଟିର ମୁହଁ ଖୋଲି ଧୀରେ ଧୀରେ ପୋଖରୀ ପାଣି ଭର୍ତ୍ତିକରନ୍ତୁ ଓ ମୁଣାଟିକୁ ତଳ ପାଖରୁ ଟେକି ଯାଆଁଳଗୁଡ଼ିକୁ ପୋଖରୀରେ ଛାଡ଼ନ୍ତୁ।



## ଚାଷୀଙ୍କ ପାଇଁ..



ବାଇଗଣ, ଲଙ୍କାମରିଚ ଫସଲ ତଳି ପକାନ୍ତୁ । ଜଳ ନିଷ୍କାସିତ ଉଚ୍ଚ ନିଗିଡ଼ା ଜମିରେ ତଳି ପ୍ରସ୍ତୁତ କରିବେ। ଏଥିପାଇଁ ୩ ଫୁଟ ଚଉଡ଼ା, ୧୦ ଫୁଟ ଲମ୍ବ ଓ ୬ ଇଞ୍ଚ ଉଚ୍ଚର ପଟି ତିଆରି କରନ୍ତୁ । ଦୁଇ ପଟି ମଧ୍ୟରେ ଯିବା ଆସିବା ଓ ପାଣି ନିଗିଡ଼ିବା ପାଇଁ ଜାଗା ଛାଡ଼ନ୍ତୁ। ପଟିର ଚାରିପଟୁ ମାଟି ନେଇ ପଟି ଉପରେ ପକାଇଲେ ତାହା ବିଲଠାରୁ ଉଚ୍ଚ (୬ ଇଞ୍ଚ) ହୋଇଯିବ । ପ୍ରତି ପଟିରେ ୨-୩ ଝୁଡ଼ି ଗୁଣ୍ଡଖତ ଦେଇ ମାଟିରେ ମିଶାନ୍ତୁ । ତା' ପରେ ପ୍ରତି ପଟିରେ ପ୍ରାୟ ୭୫ ଗ୍ରାମ୍ ୟୁରିଆ, ୧୦୦ ଗ୍ରାମ୍ ସିଙ୍ଗଲ ସୁପର ଫସ୍‌ଫେଟ୍ ଓ ୨୫ ଗ୍ରାମ୍ ମ୍ୟୁରେଟ୍ ଅଫ୍ ପଟାସ୍ ଦେଇ ଭଲ ଭାବରେ ମାଟିରେ ମିଶାଇ ଦିଅନ୍ତୁ। ତଳି ପଟିରେ ମଞ୍ଜିଗୁଡ଼ିକୁ ଅଧ ଇଞ୍ଚ ଗହୀରରେ ଧାଡ଼ି ଧାଡ଼ି କରି ବୁଣନ୍ତୁ । ଏହି ମଞ୍ଜିକୁ ପ୍ରାୟ ଦେଢ଼ ଗ୍ରାମ୍ ଫିମ୍ପିନାଶକରେ (ଟେବୁକୋନାଜୋଲ୍ ଏସ୍‌ଡିସି ୨ ଗ୍ରାମ୍ x ୧ କି.ଗ୍ରା. ମଞ୍ଜି ପ୍ରତି) ବିଶୋଧନକରି ବୁଣନ୍ତୁ। ମଞ୍ଜି ବୁଣିବା ପରେ ଛଣ ବା ନଡ଼ା କିମ୍ବା ପଲିଥିନ୍ ଦ୍ୱାରା ପତଳା ଭାବେ ଘୋଡ଼ାଇ ତା' ଉପରେ ଅଳ୍ପ ପାଣି ସିଞ୍ଚି ଦିଅନ୍ତୁ । ତଳିପଟି ଚାରିପଟେ କ୍ଲୋର୍‌ପାଇରିଫସ୍ ଗୁଣ୍ଡ ପକାଇଲେ ପିମ୍ପୁଡ଼ି ମଞ୍ଜିକୁ ନଷ୍ଟ କରିପାରିବେନାହିଁ। ଦିନ ପରେ ମଞ୍ଜି ଗଜା ହେଲେ ପଲିଥିନ୍ ବା ନଡ଼ାଗୁଡ଼ିକୁ କାଢ଼ି ଦିଅନ୍ତୁ।

## ବର୍ଷାଋତୁରେ ପ୍ରାଣୀଙ୍କ ଯତ୍ନ



ଗୁହାଳର ଭିତର ଓ ବାହାର ପରିଷ୍କାର ରଖନ୍ତୁ। ଫାଟୁଆ, ପ୍ଳୀହା ଜ୍ୱର, ବଜବଜିଆ, ସାହାଣା ଆଦି ରୋଗ ନ ହେବା ପାଇଁ ପ୍ରାଣୀ ଚିକିତ୍ସକଙ୍କ ପରାମର୍ଶ ନେଇ ବର୍ଷା ପୂର୍ବରୁ ଟିକା ଦିଅନ୍ତୁ । ଗୋରୁଙ୍କର ଝାଡ଼ା ପରୀକ୍ଷା କରି କୃମି ଔଷଧ ଦିଅନ୍ତୁ । ଗୁହାଳର କାନ୍ଥ, ଫାଙ୍କ ଓ କୋଣ ଜାଗାରେ କୀଟନାଶକ ସିଞ୍ଚନ କରନ୍ତୁ। ଗୁହାଳରୁ ବର୍ଜ୍ୟବସ୍ତୁ ଏବଂ ଜଳ ନିଷ୍କାସନର ଉଚିତ ବ୍ୟବସ୍ଥା କରନ୍ତୁ। ଗୁହାଳ ଚତୁଃପାର୍ଶ୍ୱରେ ଜଳ ଜମାହେବା ପାଇଁ ଦିଅନ୍ତୁ ନାହିଁ। କୁକୁଡ଼ାଘର ଭିତରକୁ ଶୁଖିଲା ରଖନ୍ତୁ । ପ୍ରତି ୧୦୦ ବର୍ଗଫୁଟରେ ୮ କି.ଗ୍ରା. ଚୂର୍ଣ୍ଣ ପକାଇ ଦିଅନ୍ତୁ। କକ୍‌ସିଡିଆ ପ୍ରତିଷେଧକ ଔଷଧ ଦାନା କିମ୍ବା ପାଣିରେ ମିଶାଇ ଖାଇବାକୁ ଦିଅନ୍ତୁ। ରାଣୀକ୍ଷେତ, ଆଇବିଡି ରୋଗର ଟିକା ଯଥାକ୍ରମେ ୫ରୁ ୭ ଦିନ ଓ ୧୨ ରୁ ୧୪ଦିନ ବୟସର ବ୍ରଏଲର କୁକୁଡ଼ାମାନଙ୍କୁ ଦିଅନ୍ତୁ।

## ଆଭ୍ୟନ୍ତରୀଣ ଜିଲାରେ ଡାଲିଚାଷ



ଆଭ୍ୟନ୍ତରୀଣ ଜିଲାରେ ନିଗିଡ଼ା ଜମିରେ ସଅଳ କିସମ ମୁଗ (ଧଉଳି, ଦୁର୍ଗା, କାମଦେବ, ଆଇପିଏମ୍ ୦୨-୩, ଆଇପିଏମ୍ ୦୨-୧୪), ବିରି (ସାରଳା, ପ୍ରସାଦ, ଉଜାଲା, ମାହୁରି, କାଶୀ), ହରଡ଼ (ଉପାସ, ଆଶା, ଲକ୍ଷ୍ମୀ), ବରଗୁଡ଼ି (ଉତ୍କଳ ମାଣିକ, କାଶୀ କାଞ୍ଚନ) ଆଦି ଶୀଘ୍ର ଧାଡ଼ିରେ ବୁଣି ଦିଅନ୍ତୁ। ବିହନକୁ ଫିମ୍ପିନାଶକ ଓ ଜୀବାଣୁ କଲ୍‌ଚର ଉପଚାରକରି ବୁଣନ୍ତୁ । ୧୦ କି.ଗ୍ରା. ମଞ୍ଜିକୁ ପ୍ରତି ୨୦୦ ଗ୍ରାମ୍ ରାଇଜୋବିୟମ୍ ଓ ୨୫୦ ଗ୍ରାମ୍ ଫସ୍‌ଫରସ୍ ଜୀବାଣୁସାର (ପିଏସ୍‌ବି) ସହ ଗୋଳାଇ ବୁଣନ୍ତୁ। ଘାସମରା ବିଷ ପେଣ୍ଡିମେଥାଲିନ୍ ହେକ୍ଟର ପ୍ରତି ୦.୭୫ କି.ଗ୍ରା. କିମ୍ବା ଅକ୍ସିଫ୍ଲୋରୋଫେନ୍ ୦.୦୩ କି.ଗ୍ରା. ମଞ୍ଜି ବୁଣିବା ପରଦିନ ଜମିରେ ପ୍ରୟୋଗ କରନ୍ତୁ। ଘାସମରା ବିଷ ପ୍ରୟୋଗକରି ନ ଥିଲେ ବୁଣିବାର ୩ ସପ୍ତାହ ପରେ କୋଡ଼ା ଖୋସା କରି ଘାସ ବାଛି ଦିଅନ୍ତୁ।



# ଶ୍ରାବଣୀ, ପ୍ରଜ୍ଞା, ଅମିୟ, ଅନିମେଶଙ୍କ ଉପରେ ନଜର

**ଭୁବନେଶ୍ୱର, ୧୯।୮ (ତପନ ସ୍ୱାଇଁ)**

ଜାତୀୟ ଆନ୍ତଃ ରାଜ୍ୟ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ ବୁଧବାରଠାରୁ ଚେନ୍ନାଇର ଜବାହରଲାଲ ନେହେରୁ ଷ୍ଟାଡିୟମରେ ଆରମ୍ଭ ହେବ। ୫ ଦିନ ବିଶିଷ୍ଟ ଏହି ପ୍ରତିଯୋଗିତା ୨୪ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ ମୋଟ ୪୫ଟି ଇଭେଣ୍ଟ ଆୟୋଜନ ହେବ। ଓଡ଼ିଶାରୁ ମୋଟ ୨୩ ପ୍ରତିଯୋଗୀ ଏଥିରେ ପ୍ରତିନିଧିତ୍ୱ କରିବେ। ପ୍ରଥମ ଦିବସରେ ୭ଟି ଇଭେଣ୍ଟର ଫାଇନାଲ ଅନୁଷ୍ଠିତ ହେବ। ଏହା ମଧ୍ୟରେ ପ୍ରତିଯୋଗିତାର ଗ୍ଲାମର ଇଭେଣ୍ଟ ମହିଳା ଓ ପୁରୁଷ ୧୦୦ ମିଟର ରେସ୍ ସାମିଲ। ଏଥିରେ ଓଡ଼ିଶାର ତାରକା ଆଥ୍‌ଲେଟ୍ ତଥା ପୂର୍ବତନ ଜାତୀୟ ରେକର୍ଡଧାରୀ ଅମିୟ ମଲିକ ଏବଂ ଶ୍ରାବଣୀ ନନ୍ଦଙ୍କୁ ଆକ୍ସନରେ ଦେଖିବାକୁ ମିଳିବ। ଅମିୟ ୪x୧୦୦ ମିଟର ରିଲେରେ ମଧ୍ୟ ଭାଗନେବେ। ସେହିପରି ଶ୍ରାବଣୀ ୧୦୦ ମିଟର ବ୍ୟତୀତ ୨୦୦ ଓ ୪x୧୦୦ ମିଟର ରିଲେରେ ଅଂଶଗ୍ରହଣ କରିବେ। ପ୍ରଥମ ଦିବସରେ ଶେଷ ହେବାକୁଥିବା ଅନ୍ୟ ୫ଟି ଇଭେଣ୍ଟ ହେଲା ପୁରୁଷ ୧୦,୦୦୦ ମିଟର, ପୋଲ ଭଲ୍ଟ, ମହିଳା ହାମର ଥ୍ରୋ, ଟ୍ରିପଲ ଜମ୍ପ୍ ଓ ୫୦୦୦ ମିଟର ରେସ୍।




ପ୍ରଜ୍ଞା ପ୍ରଶାନ୍ତି ସାହୁ



ଶ୍ରାବଣୀ ନନ୍ଦ



ଅମିୟ ମଲିକ



ଅନିମେଶ କୁଜୁର

## ଆଜିଠୁ ଆନ୍ତଃ ରାଜ୍ୟ ଆଥ୍‌ଲେଟିକ୍ସ
## ପ୍ରଥମ ଦିବସରେ ୭ ଫାଇନାଲ

ରାଜ୍ୟ ପକ୍ଷରୁ ପ୍ରତିନିଧିତ୍ୱ କରିବାକୁ ଯାଉଥିବା ଅନ୍ୟ ମହିଳା ଆଥଲେଟ୍‌ଙ୍କ ମଧ୍ୟରେ ବନିତା ବେହେରା ୧୦୦ ମିଟର, ୪x୧୦୦ ମିଟର ରିଲେ, ବରଗଡ଼ର ମୌସୁମୀ ରାୟ ୧୦୦ ମିଟର, ୪x୧୦୦ ମିଟର ରିଲେ, ଓଡ଼ିଶା ପୋଲିସର ବୋନିତା ଲାକ୍ରା ୪x୧୦୦ ମିଟର ରିଲେ, ଭୁବନେଶ୍ୱରର ଲକ୍ଷ୍ମୀପ୍ରିୟା କିସାନ ୪୦୦, ୮୦୦ ମିଟର, ସବିତା ଟପ୍ପୋ ୪x୧୦୦ ମିଟର ରିଲେ, ପାରାଦୀପ ପୋର୍ଟର ଦିବ୍ୟା ସାଣ୍ଡିଲ୍ୟ ହାମର ଥ୍ରୋ, କେନ୍ଦୁଝରର ମନୀଷା ମେରେଲ ଲଙ୍ଗଜମ୍ପ୍ ଏବଂ ବାଲେଶ୍ୱରର ପ୍ରଜ୍ଞା ପ୍ରଶାନ୍ତି ସାହୁ ୧୦୦ ମିଟର ହର୍ଡଲ୍ସ, ୪x୧୦୦ ମିଟର ରିଲେ ଇଭେଣ୍ଟରେ ଭାଗନେବେ। ପ୍ରଜ୍ଞା ନିକଟରେ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ୱାର୍ଲ୍ଡ ଆଥ୍‌ଲେଟିକ୍ସ କଣ୍ଟିନେଣ୍ଟାଲ ଟୁର୍ (ବ୍ରୋଞ୍ଜ ଲେଭଲ)ରେ ପ୍ରଥମ ସ୍ଥାନ ଅଧିକାର କରିଥିବାରୁ ତାଙ୍କ ଉପରେ ନଜର ରହିବ। ସେହିପରି ଅନ୍ୟ ପୁରୁଷ ଆଥ୍‌ଲେଟଙ୍କ ମଧ୍ୟରେ ଓଡ଼ିଶା ଏଚ୍‌ପିସିର ଅନିମେଶ କୁଜୁର ୨୦୦ ମିଟର ଓ ୪x୧୦୦ ମିଟରରେ ଭାଗନେବେ। ସମ୍ପ୍ରତି ଅନିମେଶ ଚମତ୍କାର ଫର୍ମରେ ଥିବାରୁ ତାଙ୍କ ଉପରେ ମଧ୍ୟ ନଜର ରହିବ। କଳାହାଣ୍ଡିର ଡି. ଜୟରାମ ୧୦୦, ୨୦୦ ମିଟର ଓ ୪x୧୦୦ ମିଟର ରିଲେ, ଲାଲୁ ପ୍ରସାଦ ଭୋଇ ୪x୧୦୦ ମିଟର ରିଲେ, କଳାହାଣ୍ଡିର ସରୁନ ପାୟାସିଂ ୧୦୦ ମିଟର, ଲଙ୍ଗଜମ୍ପ୍, ୪x୧୦୦ ମିଟର ରିଲେ, ବରଗଡ଼ର ପ୍ରତୀକ ମହାରଣା ୧୦୦ ମିଟର(ୱାଇଲ୍ଡ କାର୍ଡ), ୨୦୦ ମିଟର, ୪x୧୦୦ ମିଟର ରିଲେ, ସୋନପୁରର ଦୟାନିଧି ମୁଣ୍ଡା ୮୦୦, ୧୫୦୦ ମିଟର, ୪x୪୦୦ ମିଟର ରିଲେ, କିଟ୍‌ର ବିକ୍ରାନ୍ତ ମଲିକ ଜାଭେଲିନ୍ ଥ୍ରୋ, କଟକର ଆସ୍ତିକ ପ୍ରଧାନ ୪୦୦ ମିଟର, ୪x୪୦୦ ମିଟର ରିଲେ, ବରଗଡ଼ର ମଳୟ ବାରିକ ୪x୪୦୦ ମିଟର ରିଲେ, ଯାଜପୁରର ଭୀମା ସର୍ଦ୍ଦାର ୪x୪୦୦ ମିଟର ରିଲେ, ଭଦ୍ରକର ହରିଶଙ୍କର ପାଣିଗ୍ରାହୀ ୪x୪୦୦ ମିଟର ରିଲେ, ଅନୁଗୋଳର ସ୍ୱାଧୀନ କୁମାର ମାଝୀ ହାଇଜମ୍ପ୍, ସୁନ୍ଦରଗଡ଼ର ଅଭିନାଶ ସାହୁ ୧୦୦ ମିଟର (ୱାଇଲ୍ଡ କାର୍ଡ) ଇଭେଣ୍ଟରେ ଅଂଶଗ୍ରହଣ କରିବେ।

# ଗିଲ୍ ଉପଅଧିନାୟକ, ବୁମ୍‌ରା ସାମିଲ

## ଏସିଆ କପ୍ ଲାଗି ଭାରତୀୟ ଦଳ ଘୋଷଣା

**ମୁମ୍ବାଇ,୧୯।୮(ପି.ଟି.)**

ଆସନ୍ତା ୯ ତାରିଖରୁ ୟୁଏଇରେ ହେବାକୁଥିବା ଏସିଆ କପ୍ ଲାଗି ମଙ୍ଗଳବାର ୧୫ ଜଣିଆ ଭାରତୀୟ ଦଳ ଘୋଷଣା କରାଯାଇଛି। ଟେଷ୍ଟ ଅଧିନାୟକ ଶୁବମନ ଗିଲ୍‌ଙ୍କୁ ଦଳର ଉପଅଧିନାୟକ ନିଯୁକ୍ତ କରାଯାଇଥିବା ବେଳେ ପ୍ରିମିୟର ପେସର ଯଶପ୍ରୀତ ବୁମ୍‌ରାଙ୍କୁ ଦଳରେ ସାମିଲ କରାଯାଇଛି। ଗିଲ୍ ଅନ୍ତିମଥର ୨୦୨୪ରେ ପାଲେକେଲଠାରେ ଶ୍ରୀଲଙ୍କା ବିପକ୍ଷରେ ଭାରତ ପାଇଁ ଟି୨୦ ମ୍ୟାଚ୍ ଖେଳିଥିଲେ। ସେ ଏବେ ଉପଅଧିନାୟକ ଭାବେ ଅକ୍ଷର ପଟେଲଙ୍କ ସ୍ଥାନ ନେଇଛନ୍ତି। ଇଂଲଣ୍ଡରେ ଗିଲ୍‌ଙ୍କଠାରୁ ଯେଉଁ ପ୍ରଦର୍ଶନ ଆଶା କରାଯାଉଥିଲା, ତାହା ସେ କରି ଦେଖାଇଥିଲେ। ଏଭଳି ଫର୍ମ ଯୋଗୁ ତାଙ୍କୁ ଦଳରେ ସାମିଲ କରାଯାଇଛି ବୋଲି ମୁଖ୍ୟ ଚୟନକର୍ତ୍ତା ଅଜିତ୍ ଅଗରକର ଦଳ ଘୋଷଣା ବେଳେ କହିଛନ୍ତି।

ଅକ୍ଟୋବରରେ ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ଟେଷ୍ଟ ସିରିଜ୍ ଖେଳାଯିବାକୁ ଥିବାରୁ ବୁମ୍‌ରାଙ୍କୁ ଏସିଆ କପ୍‌ରୁ ବିଶ୍ରାମ ଦିଆଯିବ ବୋଲି ଆଶା କରାଯାଉଥିଲା। ହେଲେ ଚୟନକର୍ତ୍ତା ତାଙ୍କୁ ଦଳରେ ନେଇଛନ୍ତି। ଗତବର୍ଷ ଭାରତୀୟ ଦଳ ଟି୨୦ ବିଶ୍ୱକପ୍ ଜିତିବା ପରେ ଏହା ବୁମ୍‌ରାଙ୍କର ପ୍ରଥମ ଟି୨୦ ଟୁର୍ଣ୍ଣାମେଣ୍ଟ ହେବ। ରିଷ୍ଟ ସ୍ପିନର କୁଲଦୀପ ଯାଦବ ଓ ବ୍ୟାକ୍-ଅପ୍ ଉଇକେଟ୍‌କିପର ଭାବେ ଜିତେଶ ଶର୍ମାଙ୍କୁ ଦଳରେ ସାମିଲ କରାଯାଇଛି। ଭାରତ ଗ୍ରୁପ୍-ଏ'ରେ ଚିରପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ, ଓମାନ୍ ଓ ୟୁଏଇ ସହ ସ୍ଥାନ ପାଇଛି।

**ଭାରତୀୟ ଦଳ:** ସୂର୍ଯ୍ୟକୁମାର ଯାଦବ (ଅଧିନାୟକ), ଶୁବମନ ଗିଲ୍(ଉପଅଧିନାୟକ), ଅଭିଷେକ ଶର୍ମା, ହାର୍ଦ୍ଦିକ ପାଣ୍ଡ୍ୟା, ଅକ୍ଷର ପଟେଲ, ଯଶପ୍ରୀତ ବୁମ୍‌ରା, ଜିତେଶ ଶର୍ମା, ଶିବମ ଦୁବେ, ଅର୍ଶଦୀପ ସିଂ, ସଞ୍ଜୁ ସାମ୍‌ସନ, ହର୍ଷିତ ରାଣା, ତିଲକ ବର୍ମା, ରିଙ୍କୁ ସିଂ, ବରୁନ ଚକ୍ରବର୍ତ୍ତୀ, କୁଲଦୀପ ଯାଦବ।




# ଭାରତୀୟ ଦଳରେ ଓଡ଼ିଶାର ୫




ଇଣ୍ଡୋନେସିଆ ଯିବା ପୂର୍ବରୁ ଭାରତୀୟ ଗେଟ୍‌ବଲ ଦଳର ଓଡ଼ିଆ ସଦସ୍ୟଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଉଛି।

## ଇଣ୍ଡୋନେସିଆ ଓପନ ଗେଟ୍‌ବଲ୍

**ଭୁବନେଶ୍ୱର, ୧୯।୮ (ତପନ ସ୍ୱାଇଁ)**

ଜାଭାଠାରେ ଇଣ୍ଡୋନେସିଆ ଓପନ ଅନ୍ତର୍ଜାତୀୟ ଗେଟ୍‌ବଲ ଟୁର୍ଣ୍ଣାମେଣ୍ଟ ଚଳିତ ମାସ ୨୧ରୁ ୨୪ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିରେ ଭାଗ ନେବାପାଇଁ ଭାରତୀୟ ଦଳ ମଙ୍ଗଳବାର ଭୁବନେଶ୍ୱରରୁ ଜାକର୍ତ୍ତା ଅଭିମୁଖେ ଯାତ୍ରା କରିଛି। ଭାରତୀୟ ଦଳରେ ଓଡ଼ିଶାର ୫ଜଣ ଯାକ ପ୍ରତିଯୋଗୀ ରହିଛନ୍ତି। ସେମାନେ ହେଲେ ଦୈପାୟନ ପଟ୍ଟନାୟକ (ଅଧିନାୟକ), ସର୍ବେଶ୍ୱର ମହାପାତ୍ର, ଶରତ କୁମାର ପାତ୍ର, ବିଷ୍ଣୁ ସାହୁ ଓ ରଞ୍ଜିତାରାଣୀ ବେହେରା। ସଞ୍ଜୀବ କୁମାର ପରିଡ଼ା ଦଳର ମ୍ୟାନେଜର ରହିଛନ୍ତି। ପ୍ରତିଯୋଗିତାରେ ଡବଲ୍ସ, ଟ୍ରିପଲ୍ସ ଏବଂ ୫ ଖେଳାଳିଙ୍କୁ ନେଇ ଇଭେଣ୍ଟ ଆୟୋଜନ ହେବ। ଭୁବନେଶ୍ୱର ଛାଡ଼ିବା ପୂର୍ବରୁ ଭାରତୀୟ ଦଳର ଖେଳାଳିମାନଙ୍କୁ ଇଣ୍ଡିଆନ ଗେଟ୍‌ବଲ ୟୁନିୟନ (ଆଇଜିୟୁ) ସଭାପତି ଉମାକାନ୍ତ ପାଣି, ରଞ୍ଜନ କୁମାର ପାତ୍ର, ଦିଲୀପ ଷଡ଼ଙ୍ଗୀ, ଗିରିଜା ନାୟକ, ତନ୍ମୟ ଜେନା, ଅଭିଜିତ ପଣ୍ଡା, ନିଖିଳ ପଲାଇ ଓ ଅନ୍ୟ କର୍ମକର୍ତ୍ତାମାନେ ବିଦାୟୀ ଶୁଭେଚ୍ଛା ଜଣାଇଛନ୍ତି।

# ଆଇନରେ ପରିଣତ ହେଲା ଜାତୀୟ କ୍ରୀଡ଼ା ଶାସନ ବିଲ୍

**ନୂଆଦିଲ୍ଲୀ,୧୯।୮(ପି.ଟି.)**

ଭାରତୀୟ କ୍ରୀଡ଼ା ପ୍ରଶାସନରେ ବ୍ୟାପକ ସଂସ୍କାର ଆଣିବା ଉଦ୍ଦେଶ୍ୟ ସହିତ ପ୍ରସ୍ତୁତ ଜାତୀୟ କ୍ରୀଡ଼ା ଶାସନ ବିଲ୍ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ମଞ୍ଜୁରୀ ପରେ ଆଇନରେ ପରିଣତ ହୋଇଛି। ରାଷ୍ଟ୍ରପତିଙ୍କ ଅନୁମୋଦନ ସୋମବାର ମିଳିଥିବା ନେଇ କେନ୍ଦ୍ର ସରକାରଙ୍କ ପକ୍ଷରୁ ଏକ ଗେଜେଟ ନୋଟିଫିକେଶନ ଜରିଆରେ ସୂଚନା ଦିଆଯାଇଛି। ଗତ ଏକ ବର୍ଷ ଧରି ବିଭିନ୍ନ ଅଂଶୀଦାରଙ୍କ ସହ ଆଲୋଚନା ମାଧ୍ୟମରେ ପ୍ରସ୍ତୁତ କରାଯାଇଥିବା ଏହି କ୍ରୀଡ଼ା ବିଲ୍‌କୁ ଦୀର୍ଘ ଦଶନ୍ଧି ହେଲା ଅପେକ୍ଷା କରାଯାଉଥିଲା। ଗତ ଜୁଲାଇ ୨୩ରେ ଏହାକୁ ଲୋକ ସଭାରେ ଆଗତ କରାଯାଇଥିଲା। ଅଗଷ୍ଟ ୧୧ରେ ଲୋକ ସଭାରେ ଏହା ପାରିତ ହେବାର ଦିନକ ପରେ ବିସ୍ତୃତ ଆଲୋଚନା ମାଧ୍ୟମରେ ରାଜ୍ୟ ସଭାରେ ପାରିତ ହୋଇଥିଲା।

# କାନମୋ ଶୃଙ୍ଗ ଆରୋହଣକୁ ସ୍ମରଣୀୟ କଲେ ଗଣେଶ

**ଭୁବନେଶ୍ୱର, ୧୯।୮ (ତପନ ସ୍ୱାଇଁ)**

ଓଡ଼ିଶାର ଏଭରେଷ୍ଟ ଆରୋହି ଗଣେଶ ଚନ୍ଦ୍ର ଜେନା ହିମାଚଳ ପ୍ରଦେଶର କାନୋମା ଗିରିଶୃଙ୍ଗ (୫୯୫୩ ମିଟର) ଆରୋହଣ କରି ପର୍ବତାରୋହଣ କ୍ଷେତ୍ରରେ ଆଉ ଏକ ମାଇଲଖୁଣ୍ଟ ସ୍ପର୍ଶ କରିଛନ୍ତି। ଆସୋସିଏଶନ ଫର ଆଡ୍‌ଭେଞ୍ଚର ଆଣ୍ଡ ସୋସିଆଲ ଆକ୍ଟିଭିଟିଜ୍ (ଆଶା) ଏବଂ ଜାତୀୟ ଦୁଃସାହାସିକ ଅନୁଷ୍ଠାନ ଚଣ୍ଡିଗଡର ମିଳିତ ଆନୁକୂଲ୍ୟରେ ମାଉଣ୍ଟ କାନାମୋ ଅଭିଯାନ ଅନୁଷ୍ଠିତ ହୋଇଥିଲା ଏଥିରେ ଆଶାର ସମ୍ପାଦକ ଗଣେଶ ଚନ୍ଦ୍ର ଜେନା ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଚଣ୍ଡିଗଡର ରାକେଶ କୁମାର ଏବଂ ଓଡ଼ିଶାର ମହିଳା ପର୍ବତାରୋହି ପ୍ରଭାସିନୀ ବେହେରା, ଅଜିତ ପାଢ଼ୀ, ଉତ୍ତର ପ୍ରଦେଶର ରଜନୀ ସ', ହରିୟାଣାର ସୁମିତ କୁମାର, ହିମାଚଳ ପ୍ରଦେଶର ସନ୍ଦୀପ ଠାକୁର ପ୍ରମୁଖ ଏହି ଅଭିଯାନରେ ସାମିଲ ହୋଇଥିଲେ। ଗଣେଶ, ପ୍ରଭାସିନୀ, ସୁମିତ କୁମାର ଓ ସନ୍ଦୀପ ୭୯ ଫୁଟର ଜାତୀୟ ପତକାକୁ କାନମୋ ଶିଖରରେ ଉଡାଇଥିଲେ।

# ସ୍ୱସ୍ତିକଙ୍କ ଶତକ, ପୋଦ୍ଦାର, ସମ୍ବିତ୍‌ଙ୍କ ଦୃଢ଼ ବ୍ୟାଟିଂ

**ଭୁବନେଶ୍ୱର, ୧୯।୮ (ତପନ ସ୍ୱାଇଁ)**

ଚେନ୍ନାଇରେ ଚାଲିଥିବା ବୁଚିବାବୁ ଆମନ୍ତ୍ରଣୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟର ବରୋଦା ବିପକ୍ଷ ୩ଦିନିଆ ମ୍ୟାଚରେ ଓଡ଼ିଶାର ସ୍ୱସ୍ତିକ ସାମଲ ଶତକ ହାସଲ କରିଛନ୍ତି। ପ୍ରଥମ ଦିବସରେ ବରୋଦା ୩୮୧/୬ରେ ପ୍ରଥମ ଇନିଂସ ଘୋଷଣା କରିଥିବାବେଳେ ମଙ୍ଗଳବାର ଦ୍ୱିତୀୟ ଦିବସରେ ଓଡ଼ିଶା ୮୯.୫ ଓଭରରେ ୩୫୨ ରନକରି ଅଲ୍‌ଆଉଟ ହୋଇଛି। ଦଳ ପକ୍ଷରୁ ସ୍ୱସ୍ତିକ ସର୍ବାଧିକ ୧୧୪ ରନ କରିଥିବାବେଳେ ଗୋବିନ୍ଦ ପୋଦ୍ଦାର (୭୧) ଓ ସମ୍ବିତ ବରାଳ (୫୯) ଦୃଢ଼ ବ୍ୟାଟିଂ କରିଛନ୍ତି। ବିପକ୍ଷ ଦଳର ପ୍ରଦୀପ ଯାଦବ ୫ ଉଇକେଟ ସଫଳତା ପାଇଛନ୍ତି। ଦ୍ୱିତୀୟ ଦିବସ ଖେଳ ଶେଷ ବେଳକୁ ଓଡ଼ିଶା ୨୯ ରନରେ ପଛୁଆ ରହିଛି। ମ୍ୟାଚର ନିୟମ ଅନୁସାରେ ପ୍ରଥମ ଇନିଂସରେ ଉଭୟ ଦଳ ୯୦ ଓଭର ଲେଖାଏ ଏବଂ ଦ୍ୱିତୀୟ ଇନିଂସରେ ୪୫ ଓଭର ଲେଖାଏ ଖେଳିବେ। ବୁଧବାର ମ୍ୟାଚର ଶେଷ ଦିବସ।

## ମହିଳା ଦିନିକିଆ ବିଶ୍ୱକପ୍

# ଭାରତୀୟ ଦଳ ଘୋଷଣା

**ମୁମ୍ବାଇ,୧୯।୮(ପି.ଟି.):** ଆସନ୍ତା ସେପ୍ଟେମ୍ବର ୩୦ରୁ ଆରମ୍ଭ ହେବାକୁଥିବା ଆଇସିସି ମହିଳା ଦିନିକିଆ ବିଶ୍ୱକପ୍ ଲାଗି ମଙ୍ଗଳବାର ଭାରତୀୟ ଦଳ ଘୋଷଣା କରାଯାଇଛି। ଆହତ ସମସ୍ୟାରୁ ପ୍ରତ୍ୟାବର୍ତ୍ତନ କରିଥିବା ରେଣୁକା ସିଂ ଠାକୁର ଓ ପ୍ରତିକା ରାୱଲ ଦଳକୁ ଫେରିଥିବା ବେଳେ ବିସ୍ଫୋରକ ବ୍ୟାଟର ଶେଫାଳୀ ବର୍ମା ବାଦ୍ ପଡ଼ିଛନ୍ତି। ହରମନପ୍ରୀତ କୌର ଦଳର ନେତୃତ୍ୱ ନେବାକୁ ଥିବା ବେଳେ ସ୍ମୃତି ମନ୍ଧାନାଙ୍କୁ ତାଙ୍କ ଡେପୁଟି ନିଯୁକ୍ତ କରାଯାଇଛି। ମଙ୍ଗଳବାର ବିସିସିଆଇ କାର୍ଯ୍ୟାଳୟରେ ବସିଥିବା ଚୟନ ବୈଠକରେ ଦୁହେଁ ଯୋଗ ଦେଇଥିଲେ। ଚୟନକର୍ତ୍ତା ବିଶ୍ୱକପ୍ ପୂର୍ବରୁ ହେବାକୁଥିବା ଅଷ୍ଟ୍ରେଲିଆ ବିପକ୍ଷ ୩ ମ୍ୟାଚ୍‌ବିଶିଷ୍ଟ ସିରିଜ୍ ଲାଗି ମଧ୍ୟ ଭାରତୀୟ ଦଳ ଘୋଷଣା କରିଛନ୍ତି। ଏହି ଦଳରେ କେବଳ ଗୋଟିଏ ପରିବର୍ତ୍ତନ କରାଯାଇଛି। ଏହି ସିରିଜ୍ ସେପ୍ଟେମ୍ବର ୧୪ରୁ ଆରମ୍ଭ ହେବ।

ଅଲ୍‌ରାଉଣ୍ଡର ଅମନ୍‌ଜୋତ କୌରଙ୍କୁ ରିକଭର ହେବା ପାଇଁ ଅତିରିକ୍ତ ସମୟ ଦିଆଯାଇଛି। ସେ ଏବେ ସେଣ୍ଟର ଅଫ୍ ଏକ୍ସିଲେନ୍ସରେ ଅଛନ୍ତି। ତାଙ୍କ ସ୍ଥାନରେ ସୟାଲି ସାତ୍‌ଘରେଙ୍କୁ ସାମିଲ କରାଯାଇଛି। ବିଶ୍ୱକପ୍ ଓ ଅଷ୍ଟ୍ରେଲିଆ ବିପକ୍ଷ ସିରିଜ୍ ଲାଗି ଘୋଷଣା କରାଯାଇଥିବା ଦଳରେ ସେ ହିଁ ଏକମାତ୍ର ପରିବର୍ତ୍ତନ।

**ମହିଳା ବିଶ୍ୱକପ୍ ଲାଗି ଭାରତୀୟ ଦଳ:** ହରମନ୍‌ପ୍ରୀତ କୌର (ଅଧିନାୟିକା), ସ୍ମୃତି ମନ୍ଧାନା (ଉପଅଧିନାୟିକା), ପ୍ରତିକା ରାୱଲ, ହର୍ଲିନ ଦେଓଲ, ଦୀପ୍ତି ଶର୍ମା, ଜେମିମା ରୋଡ୍ରିଗୁଏଜ୍, ରେଣୁକା ସିଂ ଠାକୁର, ଅରୁନ୍ଧତୀ ରେଡ୍ଡୀ, ରିଚା ଘୋଷ୍ (ଉଇକେଟ୍‌କିପର), କ୍ରାନ୍ତି ଗୌଡ଼, ଅମନ୍‌ଜୋତ କୌର, ରାଧା ଯାଦବ, ଶ୍ରୀ ଚରନୀ, ୟସ୍ତିକା ଭାଟିଆ(ଉଇକେଟ୍‌କିପର) ଓ ସ୍ନେହ ରାଣା।

**ଅଷ୍ଟ୍ରେଲିଆ ବିପକ୍ଷ ସିରିଜ୍ ପାଇଁ ଭାରତୀୟ ଦଳ:** ହରମନ୍‌ପ୍ରୀତ କୌର (ଅଧିନାୟିକା), ସ୍ମୃତି ମନ୍ଧାନା(ଉପଅଧିନାୟିକା), ପ୍ରତିକା ରାୱଲ, ହର୍ଲିନଦେଓଲ, ଦୀପ୍ତିଶର୍ମା, ଜେମିମାରୋଡ୍ରିଗୁଏଜ୍, ରେଣୁକା ସିଂ ଠାକୁର, ଅରୁନ୍ଧତୀ ରେଡ୍ଡୀ, ରିଚା ଘୋଷ୍(ଉଇକେଟ୍‌କିପର), କ୍ରାନ୍ତି ଗୌଡ଼, ସୟାଲୀ ସାତ୍‌ଘରେ, ରାଧା ଯାଦବ, ଶ୍ରୀ ଚରନୀ, ୟସ୍ତିକା ଭାଟିଆ (ଉଇକେଟ୍‌କିପର) ଓ ସ୍ନେହ ରାଣା।




4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ